# ଧରିତ୍ରୀ DHARITRI

ଭୁବନେଶ୍ୱର, ରବିବାର, ଜାନୁୟାରୀ ୨୨/୨୦୨୩ (୧୮ ପୃଷ୍ଠା+ଛୁଟିଦିନ) Bhubaneswar, Sunday, January 22/2023 Page 18 ₹ 7.00

୪୯ଶ ଭାଗ ୬୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 60 ମୂଲ୍ୟ₹୭/-




**ଶାମିଙ୍କ ପ୍ରଭାବୀ ବୋଲିଂ**

ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରେ ପ୍ରଭାବୀ ବୋଲିଂ କରି ମହମ୍ମଦ ଶାମି ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି।

୧୮

୦୨

**କ୍ରିସ୍ ହିପ୍‌କିନ୍ସ ହେବେ ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ**

ଜେସିଣ୍ଡା ଆର୍ଡେର୍ନଙ୍କ ଇସ୍ତଫା ପରେ ନ୍ୟୁଜିଲାଣ୍ଡର ଶିକ୍ଷାମନ୍ତ୍ରୀ କ୍ରିସ୍ ହିପ୍‌କିନ୍ସ ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବାକୁ ଯାଉଛନ୍ତି।





ତାମିଲନାଡୁର ଧରମପୁରୀରେ ଶନିବାର ଆୟୋଜିତ ପାରମ୍ପରିକ କ୍ରୀଡ଼ା 'ଜାଲିକାଟ୍ଟୁ'ରେ ଭାଗନେଇଥିବା ଏକ ଷଣ୍ଢକୁ ନିୟନ୍ତ୍ରଣ କରିବାକୁ ଲୋକେ ଉଦ୍ୟମ କରୁଛନ୍ତି।

# ଅନୁଦାନପ୍ରାପ୍ତ କଲେଜ ଶିକ୍ଷକଙ୍କ ଦରମା ବଢ଼ିଲା

## କ୍ୟାବିନେଟ୍‌ରେ ୧୨ ପ୍ରସ୍ତାବକୁ ମୋହର

- ସପ୍ତମ ବେତନ କମିଶନ ହାରରେ ମିଳିବ ଦରମା
- ଉପକୃତ ହେବେ ୧୫,୭୭୧ କର୍ମଚାରୀ
- ୨୦୨୨ ଜାନୁୟାରୀ ପହିଲାରୁ ଲାଗୁ ହେବ
- ବାର୍ଷିକ ଖର୍ଚ୍ଚ ହେବ ୨୯୦ କୋଟି

ଭୁବନେଶ୍ୱର,୨୧।୧(ବ୍ୟୁରୋ)

ରାଜ୍ୟର ଅନୁଦାନପ୍ରାପ୍ତ ବେସରକାରୀ କଲେଜ, ମାଧ୍ୟମିକ ସ୍କୁଲ ଶିକ୍ଷକ ଓ କର୍ମଚାରୀଙ୍କ ପାଇଁ ରାଜ୍ୟ ସରକାର ସଂଶୋଧିତ ସପ୍ତମ ବେତନ କମିଶନ ହାରରେ ଅନୁଦାନ ବ୍ୟବସ୍ଥା ଲାଗୁ କରିଛନ୍ତି। ଶିକ୍ଷକ ଓ କର୍ମଚାରୀମାନେ ସଂଶୋଧିତ ହାରରେ ଦରମା ପାଇବେ। ୨୦୨୨ ଜାନୁୟାରୀ ପହିଲାରୁ ଏହାକୁ ପିଛିଲା ଭାବେ ଲାଗୁ କରାଯାଇଛି। ଏଥିରେ ରାଜ୍ୟର ୧୫,୭୭୧ ଜଣ ଶିକ୍ଷକ ଓ କର୍ମଚାରୀ ଉପକୃତ ହେବେ। ଏଥିପାଇଁ ସରକାର ବାର୍ଷିକ ୨୯୦ କୋଟି ଟଙ୍କା ବ୍ୟୟ କରିବେ। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ଶନିବାର ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅନୁମୋଦନ କରାଯାଇଛି।

ଅନୁଦାନପ୍ରାପ୍ତ ବେସରକାରୀ କଲେଜ, କନିଷ୍ଠ ମହାବିଦ୍ୟାଳୟ ଓ ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ଓ କର୍ମଚାରୀମାନେ ଓଡ଼ିଶା ସହାୟକ ଅନୁଦାନ ଆଦେଶ -୨୦୧୭ ଜରିଆରେ ଓଡ଼ିଶା ସଂଶୋଧିତ ବେତନ ହାର ନିୟମ-୨୦୦୮ ଅନୁଯାୟୀ ଅନୁଦାନ ପାଇଆସୁଥିଲେ। ସେମାନଙ୍କ ପାଇଁ ୨୦୧୮ ଜାନୁୟାରୀ ପହିଲାରୁ ଅନୁଦାନ (ସଂଶୋଧନ) ନୀତି-୨୦୨୨ ଦ୍ୱାରା ଓଡ଼ିଶା ସଂଶୋଧିତ ବେତନ ହାର ନିୟମ-୨୦୧୭କୁ ଲାଗୁ କରାଯାଇଥିଲା। ମାତ୍ର ଉକ୍ତ ଶିକ୍ଷକ ଓ କର୍ମଚାରୀମାନେ ୨୦୨୨ ଜାନୁୟାରୀ ପହିଲାରୁ ସଂଶୋଧିତ ହାରରେ ଦରମା ପାଉଥିଲେ। ଏହାଦ୍ୱାରା ୬୬୨ ବର୍ଗ କଲେଜ କର୍ମଚାରୀ ଓ ୪୮ ବର୍ଗ କଲେଜ ଅଧ୍ୟାପକ ଓ କର୍ମଚାରୀ କ୍ଷତିଗ୍ରସ୍ତ ହେଉଥିଲେ। ଏହାକୁ ନେଇ କର୍ମଚାରୀ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଓଡ଼ିଶା ସଂଶୋଧିତ ବେତନ ହାର ନିୟମ-୨୦୧୭କୁ ଆଧାର କରି ୨୦୧୮ ଜାନୁୟାରୀ ପହିଲା ପରିବର୍ତ୍ତେ ୨୦୨୨ ଜାନୁୟାରୀ ପହିଲାରୁ ସଂଶୋଧିତ ହାରରେ ବେତନ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ୨୦୧୮ ପରିବର୍ତ୍ତେ ପ୍ରକୃତ ବର୍ଦ୍ଧିତ ହାର ୨୦୨୨ ଜାନୁୟାରୀ ପହିଲାରୁ ଲାଗୁ କରାଯାଇଛି। ଏହି ସଂଶୋଧିତ ନୀତି ଲାଗୁ ହେବା ପରେ ପୂର୍ବରୁ କ୍ୟାବିନେଟରେ ନିଆଯାଇଥିବା ଓଡ଼ିଶା ଅନୁଦାନ(ସଂଶୋଧନ) ନୀତି-୨୦୨୨କୁ ବାତିଲ କରାଯାଇଛି। ଏଥିସହିତ ଶନିବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ମୋଟ ୧୨ଟି ପ୍ରସ୍ତାବ ଉପରେ ମୋହର ଲାଗିଛି।

## ୩ ଜିଲାରେ ହେବ ୯ ମେଗା ପାନୀୟ ଜଳ ପ୍ରକଳ୍ପ

- ଖର୍ଚ୍ଚ ହେବ ୧୩୪୧.୮୫ କୋଟି
- ୭ ଲକ୍ଷ ୫୪ ହଜାର ଲୋକଙ୍କୁ ମିଳିବ ବିଶୁଦ୍ଧ ପାନୀୟ ଜଳ
- ୨ ବର୍ଷରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ

ଭୁବନେଶ୍ୱର,୨୧।୧(ବ୍ୟୁରୋ)

ଜଳ ଜୀବନ ମିଶନ (ଜେଜେଏମ୍) ଯୋଜନାରେ ରାଜ୍ୟର ଗ୍ରାମାଞ୍ଚଳରେ ବାସ କରୁଥିବା ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି। ରାଜ୍ୟର ଯାଜପୁର, ମାଲକାନଗିରି ଓ ନୟାଗଡ଼ ଜିଲାରେ ୯ଟି ବୃହତ୍ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ହେବ। ଏଥିପାଇଁ ରାଜ୍ୟ ସରକାର ୧୩୪୧.୮୫ କୋଟି ଟଙ୍କା ଖର୍ଚ୍ଚ କରିବେ। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ୩ ଜିଲାର ୯ ବ୍ଲକ ଅଧୀନ ୧୩୨୨ ଗ୍ରାମର ୭ ଲକ୍ଷ ୫୪ ହଜାର ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ମିଳିବ। ପ୍ରକଳ୍ପଗୁଡ଼ିକ ୨ ବର୍ଷ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ☞ପୃଷ୍ଠା-୪

## ଏସ୍‌ଇବିସିରେ ସାମିଲ ହେବେ ୨୨ ଜାତି

ଓବିସି କମିଶନ ଆଇନରେ ସଂଶୋଧନ ପାଇଁ ଆସିଥିବା ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ମଞ୍ଜୁରୀ ମିଳିଛି। ଏହାଦ୍ୱାରା ରାଜ୍ୟର ୨୨ ଜାତିକୁ ସାମାଜିକ ଓ ଅର୍ଥନୈତିକ ପଛୁଆ ବର୍ଗ(ଏସ୍‌ଇବିସି) ତାଲିକାରେ ଅନ୍ତର୍ଭୁକ୍ତ କରାଯାଇପାରିବ। ବର୍ତ୍ତମାନ ଓଡ଼ିଶାରେ ୨୨ଟି ଜାତି କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଜ୍ଞପ୍ତି ମାଧ୍ୟମରେ ଓଡ଼ିଶା ପାଇଁ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ତାଲିକାଭୁକ୍ତ ହୋଇଥିଲେ ମଧ୍ୟ ରାଜ୍ୟର ସାମାଜିକ ଓ ଅର୍ଥନୈତିକ ପଛୁଆ ବର୍ଗ(ଏସ୍‌ଇବିସି) ତାଲିକାରେ ଅନ୍ତର୍ଭୁକ୍ତ ହୋଇପାରିନାହାନ୍ତି। ଏସ୍‌ଇବିସିରେ ଉକ୍ତ ଜାତିଗୁଡ଼ିକୁ ସାମିଲ କରିବା ପାଇଁ ଓଡ଼ିଶା ପଛୁଆ ବର୍ଗ ଆୟୋଗ ଅଧିନିୟମ-୧୯୯୩ର ଧାରା-କ ଅଧୀନରେ ଥିବା ଉପଧାରା-୩କୁ ସଂଶୋଧନ କରାଯିବ।

# ଆଜି ଭାରତ-ନ୍ୟୁଜିଲାଣ୍ଡ କ୍ରସ୍ ଓଭର

**ହକି ବିଶ୍ୱକପ୍**




ଭୁବନେଶ୍ୱର, ୨୧।୧ (କ୍ରୀଡ଼ା ପ୍ରତିନିଧି)

ଚଳିତ ହକି ବିଶ୍ୱକପ୍‌ର ଗ୍ରୁପ୍ ପର୍ଯ୍ୟାୟ ଶେଷ ହୋଇଛି। ୪ଟି ଗ୍ରୁପ୍‌ରେ ଶୀର୍ଷସ୍ଥାନରେ ରହି ଅଷ୍ଟ୍ରେଲିଆ, ବେଲ୍‌ଜିୟମ, ନେଦରଲାଣ୍ଡସ୍ ଓ ଇଂଲଣ୍ଡ ସିଧାସଳଖ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ନିୟମ ଅନୁସାରେ ଅନ୍ୟ ୪ଟି ସ୍ଥାନ କ୍ରସ୍ ଓଭର ମ୍ୟାଚରୁ ପୂରଣ ହେବ। ଏହି ପର୍ଯ୍ୟାୟର ମ୍ୟାଚ ରବିବାର ଓ ସୋମବାର ଅନୁଷ୍ଠିତ ହେବ। ପୁଲ୍ 'ଡି'ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାରୁ ଭାରତ ସିଧାସଳଖ କ୍ୱାର୍ଟର ଫାଇନାଲ ଯୋଗ୍ୟତା ପାଇନାହିଁ। ତେଣୁ ରବିବାର ଘରୋଇ ଦଳକୁ କ୍ରସ୍ ଓଭର ମ୍ୟାଚରେ ପୁଲ୍ 'ସି'ର ତୃତୀୟ ସ୍ଥାନୀୟ ଦଳ ନ୍ୟୁଜିଲାଣ୍ଡ ସହ ମୁକାବିଲା କରିବାକୁ ପଡ଼ିବ। ନ୍ୟୁଜିଲାଣ୍ଡକୁ ହରାଇ ପାରିଲେ ଭାରତ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବ। ସୋମବାର ଅନ୍ୟ ଏକ କ୍ରସ୍ ଓଭର ମ୍ୟାଚ ପୁଲ୍ 'ସି'ର ଦ୍ୱିତୀୟ ମାଲେସିଆ ଓ ପୁଲ୍ 'ଡି'ର ତୃତୀୟ ଦଳ ସ୍ପେନ୍ ମଧ୍ୟରେ ଅନୁଷ୍ଠିତ ହେବ। ଏହି ମ୍ୟାଚର ବିଜେତା ମଧ୍ୟ କ୍ୱାର୍ଟର ଫାଇନାଲ ଯୋଗ୍ୟତା ପାଇବ।

ଗ୍ରୁପ୍ ପର୍ଯ୍ୟାୟରେ ଧିମା ଖେଳ ଭାରତର ଅଗ୍ରଗତିକୁ ଜଟିଳ କରିଛି। ବିଶେଷ କରି ଗୋଲ ସ୍କୋରିଂରେ ବିଫଳତା ଦଳକୁ ବ୍ୟାକ୍‌ଫୁଟ୍‌ରେ ରଖିଛି। ସ୍ପେନ୍ ବିପକ୍ଷରେ ୨-୦ ଗୋଲରେ ବିଜୟ ସହ ଭାରତ ଅଭିଯାନ ଆରମ୍ଭ କରିଥିଲା। ଅନେକ ସୁଯୋଗ ପାଇ ମଧ୍ୟ ଦଳ ଏହାର ସଦୁପଯୋଗ କରିପାରି ☞ପୃଷ୍ଠା-୪

# ହାତରେ ଲାଗିଲା ଗୋଡ଼ ଆଙ୍ଗୁଠି

**ଏସ୍‌ସିବି ମେଡିକାଲରେ ବିରଳ ଅସ୍ତ୍ରୋପଚାର**

କଟକ ଅଫିସ,୨୧।୧

କଟକ ଏସ୍‌ସିବି ମେଡିକାଲରେ ଏକ ବିରଳ ଅସ୍ତ୍ରୋପଚାର କରାଯାଇଛି। ଡାହାଣ ହାତର ବୁଢ଼ା ଆଙ୍ଗୁଠି ହରାଇଥିବା ଜଣେ ଯୁବକଙ୍କର ପ୍ଲାଷ୍ଟିକ ସର୍ଜରି ମାଧ୍ୟମରେ ଗୋଡ଼ ଆଙ୍ଗୁଠି ରୋପଣ କରାଯାଇଛି। ଯୁବକ ଜଣକ ହେଲେ ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବାଲିମେଦ ପଞ୍ଚାୟତ ଅଧୀନ ପାଇକସାହି ଗ୍ରାମର ପୁରୁଷୋତ୍ତମ ବାରିକଙ୍କ ପୁତ୍ର ସୀତାକାନ୍ତ ବାରିକ(୨୬)। ଏସ୍‌ସିବି ମେଡିକାଲର ପ୍ଲାଷ୍ଟିକ ସର୍ଜରି ବିଭାଗରେ ଏଭଳି ବିରଳ ଅସ୍ତ୍ରୋପଚାର ମାଗଣା କରାଯାଇଛି। ଯାହାକି ଘରୋଇ ଭାବେ କରାଗଲେ ୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇପାରେ ବୋଲି ଜଣାଯାଇଛି। ଗତ ୧୨ ତାରିଖରେ ଏହି ଅସ୍ତ୍ରୋପଚାର ହୋଇଥିବାବେଳେ ୬ ସପ୍ତାହ ପରେ ଏହାର କାର୍ଯ୍ୟକାରିତା ଜଣାଯିବ ବୋଲି ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ବିଭୂତି ଭୂଷଣ ନାୟକ ଶନିବାର ଏସ୍‌ସିବି ମେଡିକାଲ ପରିସରରେ ଆୟୋଜିତ ☞ପୃଷ୍ଠା-୪



ସୀତାକାନ୍ତ ବାରିକ

# ଡାକ୍ତରୀମାଇନା ପାଇଁ ୧୨ ଘଣ୍ଟା ଅପେକ୍ଷା

**ମହିଳାଙ୍କୁ ଗଣବଳାତ୍କାର ମାମଲା**

କେନ୍ଦୁଝର,୨୧।୧(ସ୍ୱ.ପ୍ର.)

କେନ୍ଦୁଝର ଆନନ୍ଦପୁର ଉପଖଣ୍ଡ ଅନ୍ତର୍ଗତ ସୋସୋ ଥାନା ଅଞ୍ଚଳରେ ମହିଳାଙ୍କୁ ଗଣବଳାତ୍କାର ଘଟଣାରେ ଡାକ୍ତରୀମାଇନା ପାଇଁ ପୀଡ଼ିତାଙ୍କୁ ୧୨ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥିଲା। ଡାକ୍ତରଖାନାର ସୀମା ବିବାଦକୁ ନେଇ ସେ ପୋଲିସ ଭ୍ୟାନ୍‌ରେ ଦିନ ସାରା ବସି ରହିବାକୁ ନେଇ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଏଭଳି ଘଟଣାକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ପ୍ରକାଶଯୋଗ୍ୟ, ଗତ ୧୯ ତାରିଖ (ଗୁରୁବାର) ସକାଳେ ପୀଡ଼ିତାଙ୍କୁ ଧରି ପୋଲିସର ଏକ ଟିମ୍ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ଡାକ୍ତରୀ ମାଇନା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଖାଲି ଡ୍ରାମା**

# ୧.୨୫ ଲକ୍ଷ କୋଟିର ଜିଏସ୍‌ଟି ଜାଲିଆତି ଅଭିଯୋଗ

- ଟ୍ୟାକ୍ସ ବ୍ୟବସ୍ଥାର ଭବିଷ୍ୟତକୁ ନେଇ ଚିନ୍ତାବ୍ୟକ୍ତ କଲେ ଅର୍ଥନୀତିଜ୍ଞ
- ମାତ୍ରାଧିକ ବିଜ୍ଞପ୍ତି ଜିଏସ୍‌ଟି ଜାଲିଆତି ମାମଲାକୁ ଜଟିଳ କରିଛି

କୋଲକାତା,୨୧।୧

ଦ୍ରବ୍ୟ ଏବଂ ସେବା ଟିକସ (ଜିଏସ୍‌ଟି) କାର୍ଯ୍ୟକାରୀ ହେବାଠାରୁ ଏପର୍ଯ୍ୟନ୍ତ ୧.୨୫ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଜାଲିଆତି ହୋଇଥିବା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ଉପଦେଷ୍ଟା ଅର୍ଥନୀତିଜ୍ଞ ଅମିତ୍ ମିତ୍ର ଅଭିଯୋଗ କରିଛନ୍ତି। କୋଲକାତାସ୍ଥିତ ପଶ୍ଚିମବଙ୍ଗ ନ୍ୟାଶନାଲ ୟୁନିଭର୍ସିଟି ଅଫ୍ ଜୁରିଡିକାଲ ସାଇନ୍ସ (ଡବ୍ଲୁବିଏନ୍‌ୟୁଜେଏସ୍)ରେ ଆୟୋଜିତ ଜାତୀୟ ସମ୍ମିଳନୀକୁ ଉଦ୍‌ବୋଧନ ଦେବାବେଳେ ମିତ୍ର ଜିଏସ୍‌ଟି ସଫଳତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ୟୁଆଇଡିଏଆଇର ପୂର୍ବତନ ଅଧ୍ୟକ୍ଷ ନନ୍ଦନ ନିଲେକାନିଙ୍କ ସୂଚନାକୁ ଆଧାର କରି ସେ କହିଥିଲେ, ୨୦୨୦ ସୁଦ୍ଧା ୭୦ ହଜାର କୋଟି ଟଙ୍କା ଜିଏସ୍‌ଟି ଜାଲିଆତି ହୋଇଥିଲା। ୨୦୨୦ ପରେ ୫୫ ହଜାର କୋଟି ଟଙ୍କାର ଜାଲିଆତି ହୋଇଥିବା ଜଣାପଡ଼ିଛି। ୨୦୨୦ ପର୍ଯ୍ୟନ୍ତ ହୋଇଥିବା ଜାଲିଆତିରୁ ୩୮,୭୭୧ କୋଟି ଟଙ୍କା ଇନ୍‌ପୁଟ୍ ଟ୍ୟାକ୍ସ କ୍ରେଡିଟ୍ ଜାଲିଆତି ହୋଇଥିବାବେଳେ ଅବଶିଷ୍ଟ ଜାଲିଆତି ମାମଲା ଅଘୋଷିତ ରହିଛି। ଟ୍ୟାକ୍ସ କ୍ରେଡିଟ୍ ଜାଲିଆତିକୁ ନେଇ ୪୨,୦୦୦ ମାମଲା ରହିଥିବାବେଳେ ଅଘୋଷିତ ମାମଲା ସଂଖ୍ୟା ୨୨,୩୦୦। ଜିଏସ୍‌ଟିରେ ଅନେକ ବିଜ୍ଞପ୍ତି ଏହି ମାମଲାଗୁଡ଼ିକୁ ଜଟିଳ କରିଥିବା ମିତ୍ର କହିଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଏସ୍‌ଟିକୁ ନେଇ ୭୪୧ ବିଜ୍ଞପ୍ତି ଜାରି ହୋଇଛି। ସେଥିରୁ ୩୯୫ଟି କେନ୍ଦ୍ରୀୟ ଟିକସ ବିଜ୍ଞପ୍ତି। ବାରମ୍ବାର ଟିକସ ହାରରେ ପରିବର୍ତ୍ତନ ଏବଂ ଏକାଧିକ ଫର୍ମ ମଧ୍ୟ ଟ୍ୟାକ୍ସ ବ୍ୟବସ୍ଥାକୁ ଜଟିଳ କରିଦେଇଛି। ଜିଏସ୍‌ଟି ପାଇଁ ମୋଟ ୧୭୮ ପ୍ରକାର ଫର୍ମ ରହିଛି। ଏମ୍‌ଏସ୍‌ଏମ୍‌ଇ ସେକ୍ଟର ଭାରତୀୟ ଅର୍ଥନୀତିର ଅନ୍ୟତମ ମେରୁଦଣ୍ଡ ହୋଇଥିବାବେଳେ ଅନେକ ଏମ୍‌ଏସ୍‌ଏମ୍‌ଇ ସେକ୍ଟର ପଞ୍ଜୀକରଣରୁ ବାଦ୍ ପଡ଼ିବା ଆଶ୍ଚର୍ଯ୍ୟ କରିଛି। ଜିଏସ୍‌ଟି କାଉନ୍‌ସିଲ ଏକ ସଂଘୀୟ ବ୍ୟବସ୍ଥା ଦ୍ୱାରା ପରିଚାଳିତ ହେବା ଉଚିତ ବୋଲି ପଶ୍ଚିମବଙ୍ଗର ପୂର୍ବତନ ଅର୍ଥମନ୍ତ୍ରୀ ମିତ୍ର ମତ ଦେଇଛନ୍ତି। ଏବେ ସେଠାରେ ବହୁମତ ଦୃଷ୍ଟିକୋଣ ରହିଛି, ଯାହା ଭବିଷ୍ୟତରେ ବିଷମୟ ଏବଂ ଉଗ୍ର ହୋଇପାରେ ବୋଲି ମିତ୍ର ଆଶଙ୍କା ବ୍ୟକ୍ତ କରିଛନ୍ତି। ୨୦୧୭ରେ ନୂଆ ଟିକସ ବ୍ୟବସ୍ଥା ଜିଏସ୍‌ଟି ଆରମ୍ଭ ହୋଇଥିଲା। ୫ ବର୍ଷରେ ଜିଏସ୍‌ଟି କାଉନସିଲ୍‌ର କାର୍ଯ୍ୟ ପରିବର୍ତ୍ତନ ହୋଇଗଲା। ଏବେ ଜିଏସ୍‌ଟି କାଉନସିଲ୍ ଦେଶର ଏକମାତ୍ର ସଂସ୍ଥା ଯାହା ସମ୍ପୂର୍ଣ୍ଣ ସଂଘୀୟ, ଯେଉଁଥିରେ କେନ୍ଦ୍ର ଅର୍ଥମନ୍ତ୍ରୀ ଅଧ୍ୟକ୍ଷ ଥିବାବେଳେ ୩୧ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମନ୍ତ୍ରୀ ସଦସ୍ୟ ରହିଛନ୍ତି। ଅନ୍ୟ ସଂଘୀୟ ସଂସ୍ଥାଗୁଡ଼ିକ ଅବକ୍ଷୟ ଚିନ୍ତାଜନକ ବୋଲି ମିତ୍ର କହିଛନ୍ତି।




## ପୁରୁଣା ପାର୍ଲାମେଣ୍ଟ ବିଲ୍ଡିଂରେ ଉଦ୍‌ବୋଧନ ଦେବେ ରାଷ୍ଟ୍ରପତି

ପାର୍ଲାମେଣ୍ଟର ବଜେଟ ଅଧିବେଶନ ଜାନୁୟାରୀ ୩୧ରୁ ହେବାକୁ ଯାଉଥିବାବେଳେ ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଭୟ ଗୃହର ମିଳିତ ଅଧିବେଶନକୁ ସମ୍ବୋଧିତ କରିବେ। ଏହା ପୁରୁଣା ପାର୍ଲାମେଣ୍ଟ ଭବନରେ ହେବ ବୋଲି ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ସୂଚନା ଦେଇଛନ୍ତି। ଅବଶିଷ୍ଟ ଅଧିବେଶନ ନୂଆ ବିଲ୍ଡିଂରେ ହେବ କି ନାହିଁ ତାହା ସେ ସ୍ପଷ୍ଟ କରିନାହାନ୍ତି। ନୂଆ ପାର୍ଲାମେଣ୍ଟ ବିଲ୍ଡିଂ ଏବେ ନିର୍ମାଣାଧୀନ ଥିବା ବିର୍ଲା ଟୁଇଟ୍ କରିଛନ୍ତି।

**ସଂକ୍ଷେପରେ**

## ଜମ୍ମୁରେ ବିସ୍ଫୋରଣ: ୯ ଆହତ

**ନରୱାଲ,୨୧।୧:** ଜମ୍ମୁ-କଶ୍ମୀରର ନରୱାଲରେ ଶନିବାର ଲଗାତର ୨ଟି ବିସ୍ଫୋରଣ ଘଟି ୯ ଜଣ ଆହତ ହୋଇଛନ୍ତି। ସକାଳ ପ୍ରାୟ ୧୧ଟା ସମୟରେ ପ୍ରଥମ ବିସ୍ଫୋରଣ ହୋଇଥିବାବେଳେ ଏହାର ଅଧଘଣ୍ଟା ପରେ ଆଉ ଏକ ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣ ପଛରେ ଆତଙ୍କୀ ସଙ୍ଗଠନ ଲଶ୍କର-ଇ-ତୋଇବାର ହାତ ଥିବା ପୋଲିସ ସନ୍ଦେହ କରୁଛି। ପ୍ରତି ଆହତଙ୍କୁ ୫୦,୦୦୦ ଟଙ୍କାର ସହାୟତା ରାଶି ପ୍ରଦାନ କରାଯିବା ନେଇ ସରକାର ଘୋଷଣା କରିଛନ୍ତି। ତେବେ ବିସ୍ଫୋରଣ ଭିଆଇଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଉପରାଜ୍ୟପାଳ ମନୋଜ ସିହ୍ନା କହିଛନ୍ତି।

## ବୋମା ଭୟ: ଉଜ୍‌ବେକିସ୍ତାନ ଗଲା ମସ୍କୋ-ଗୋଆ ବିମାନ

**ନୂଆଦିଲ୍ଲୀ,୨୧।୧:** ରୁଷିଆ ରାଜଧାନୀ ମସ୍କୋରୁ ୨୪୦ ଯାତ୍ରୀଙ୍କୁ ନେଇ ଗୋଆ ଅଭିମୁଖେ ଆସୁଥିବା ଏକ ବିମାନରେ ବୋମା ରହିଥିବା ଇ-ମେଲ୍‌ରେ ସୂଚନା ମିଳିବା ପରେ ଏହାକୁ ଶନିବାର ଭୋର ସମୟରେ ଉଜ୍‌ବେକିସ୍ତାନକୁ ନିଆଯାଇଥିଲା। ଦକ୍ଷିଣ ଗୋଆର ଡାବୋଲିମ୍ ବିମାନବନ୍ଦରରେ ଆଜୁର ଏୟାରର ଉକ୍ତ ବିମାନ ଭୋର ୪ଟା ୧୫ ମିନିଟ ସମୟରେ ଅବତରଣ କରିଥାନ୍ତା। ରାତି ୧୨ଟା ୩୦ ମିନିଟ ସମୟରେ ବିମାନ ବନ୍ଦର ନିର୍ଦ୍ଦେଶକଙ୍କ ପାଖକୁ ଏକ ଇ-ମେଲ୍ ଆସିଥିଲା। ବିମାନରେ ବୋମା ଖଞ୍ଜାଯାଇଥିବା ଏଥିରେ ଉଲ୍ଲେଖ ଥିଲା। ଏହି ଖବର ପାଇବା ପରେ ବିମାନଟି ଭାରତୀୟ ବାୟୁସୀମାରେ ପ୍ରବେଶ କରିବା ପୂର୍ବରୁ ଏହାର ଦିଗ ବଦଳାଇ ଉଜ୍‌ବେକିସ୍ତାନ ନିଆଯାଇଥିଲା। ଏହାର ଦୁଇ ସପ୍ତାହ ପୂର୍ବରୁ ବୋମା ଭୟ ଯୋଗୁ ଅନ୍ୟ ଏକ ମସ୍କୋ-ଗୋଆ ବିମାନ ଗୁଜରାଟର ଜାମନଗର ବିମାନବନ୍ଦରରେ ଅବତରଣ କରାଯାଇଥିଲା।

## ସାଧାରଣତନ୍ତ୍ର ଦିବସରେ ଆକ୍ରମଣ ଧମକ ଦେଲେ ଖଲିସ୍ତାନୀ

**ନୂଆଦିଲ୍ଲୀ, ୨୧।୧:** ୭୬ତମ ସାଧାରଣତନ୍ତ୍ର ଦିବସ ଅବସରରେ ଖଲିସ୍ତାନୀ ଦଳ ଶିଖ୍ ଫର ଜଷ୍ଟିସ୍ (ଏସ୍‌ଜେଏଫ୍) ଆକ୍ରମଣ ଧମକ ଦେଇଛି। ଏ ନେଇ ଆତଙ୍କବାଦୀ ଗୁରୁପତୱନ୍ତ ସିଂ ପନ୍ନୁ ସୋସିଆଲ ମିଡିଆରେ ଏକ ଭିଡିଓ ଶେୟାର କରିଛନ୍ତି। ୦୨୩ରେ ପଞ୍ଜାବକୁ ଭାରତରୁ ମୁକ୍ତ କରିବା ନେଇ ସେ ଦାବି କରିଛନ୍ତି। ଖଲିସ୍ତାନୀଙ୍କ ଟାର୍ଗେଟ୍‌ରେ ଦିଲ୍ଲୀ ଥିବାବେଳେ ସାଧାରଣ ନାଗରିକ ଘର ଭିତରେ ରୁହନ୍ତୁ। ଜାନୁୟାରୀ ୨୬ରେ ଲାଲକିଲ୍ଲାରେ ଯେଉଁବ୍ୟକ୍ତି ଖଲିସ୍ତାନୀ ପତାକା ଉଡ଼ାଇପାରିବେ ତାଙ୍କୁ ୫,୦୦,୦୦୦ ଡଲାର ଦିଆଯିବ। ଏ ନେଇ ଆଇନଜୀବୀ ବିନୀଥ୍ ଜିନ୍ଦଲ ଏସ୍‌ଜେଏଫ୍ ଏବଂ ପନ୍ନୁଙ୍କ ବିରୋଧରେ ସୁପ୍ରିମକୋର୍ଟରେ ଅଭିଯୋଗ କରିଛନ୍ତି।

## ୟୁକ୍ରେନ୍‌ରେ ଆମେରିକା ସିଲ୍‌ର ପୂର୍ବତନ ସଦସ୍ୟ ନିହତ


ଡାନିଏଲ୍ ଡବ୍ଲ୍ୟୁ. ସ୍ୱିଫ୍ଟ

**ୱାଶିଂଟନ,୨୧।୧:** ଆମେରିକାର ସ୍ୱତନ୍ତ୍ର ବାହିନୀ ନେଭି ସିଲ୍‌ର ପୂର୍ବତନ ସଦସ୍ୟ ଡାନିଏଲ୍ ଡବ୍ଲ୍ୟୁ. ସ୍ୱିଫ୍ଟ ୟୁକ୍ରେନ୍‌ରେ ନିହତ ହୋଇଛନ୍ତି। ସେ ସେଠାରେ ଆନୁଷ୍ଠାନିକ ଭାବେ ଯୁଦ୍ଧ ଲଢୁ ନ ଥିଲେ ବୋଲି ଜଣେ ଆମେରିକୀୟ ଅଧିକାରୀ କହିଛନ୍ତି। ୨୦୧୯ ମାର୍ଚ୍ଚରୁ ଆମେରିକା ସୈନ୍ୟବାହିନୀ ରେକର୍ଡରେ ସ୍ୱିଫ୍ଟଙ୍କ ସମ୍ପର୍କରେ କିଛି ସୂଚନା ନ ଥିଲା। ତେବେ ସେ କ'ଣ ପାଇଁ ୟୁକ୍ରେନ୍‌ରେ ଥିଲେ ତାହା ଜଣା ନାହିଁ ବୋଲି ଅଧିକାରୀ ଜଣକ କହିଛନ୍ତି। ସ୍ୱିଫ୍ଟଙ୍କୁ ଗତ ବୁଧବାର ହତ୍ୟା କରାଯାଇଛି। ଯୁଦ୍ଧ ବେଳେ ସ୍ୱିଫ୍ଟଙ୍କ ବ୍ୟତୀତ ୟୁକ୍ରେନ୍‌ରେ ଅନ୍ୟ ୫ ଜଣ ଆମେରିକୀୟଙ୍କ ମୃତ୍ୟୁ ଘଟିଲାଣି ବୋଲି ପରରାଷ୍ଟ୍ର ବିଭାଗ ପକ୍ଷରୁ କୁହାଯାଇଛି।

# କ୍ରିସ୍ ହିପ୍‌କିନ୍ସ ନ୍ୟୁଜିଲାଣ୍ଡର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ

**ୱେଲିଂଟନ୍,୨୧।୧**



ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେବା ଲାଗି ଜେସିଣ୍ଡା ଆର୍ଡେର୍ନ ଘୋଷଣା କରିବା ପରେ ଦେଶର ଶିକ୍ଷାମନ୍ତ୍ରୀ କ୍ରିସ୍ ହିପ୍‌କିନ୍ସ ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବାକୁ ଯାଉଛନ୍ତି। ପ୍ରଧାନମନ୍ତ୍ରୀ ପଦ ପାଇଁ ସେ ଏକମାତ୍ର ପ୍ରାର୍ଥୀ ଭାବେ ଦୌଡ଼ରେ ପ୍ରବେଶ କରିଛନ୍ତି। ତଥାପି ୪୪ ବର୍ଷୀୟ ହିପ୍‌କିନ୍ସଙ୍କୁ ରବିବାର ପାର୍ଲାମେଣ୍ଟରେ ଲେବର ପାର୍ଟି ସଦସ୍ୟମାନଙ୍କ ସମର୍ଥନ ହାସଲ କରିବାକୁ ହେବ, ଯାହାକି ଏବେ ଏକ ଔପଚାରିକତା। ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ପଦରେ ୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ରହିବା ପରେ ଆର୍ଡେର୍ନ ଗୁରୁବାର ଇସ୍ତଫା ଘୋଷଣା କରି ସମସ୍ତଙ୍କୁ ସ୍ତବ୍ଧ କରିଦେଇଥିଲେ। ସେ ଏବେ ଦେଶର ନେତୃତ୍ୱ ନେବା ଲାଗି ସମର୍ଥ ନୁହନ୍ତି ବୋଲି କହିଥିଲେ। ପ୍ରଧାନମନ୍ତ୍ରୀ ପଦ ପାଇଁ ଅନ୍ୟ କେହି ପ୍ରାର୍ଥୀ ହୋଇ ନ ଥିବାରୁ ଲେବର ପାର୍ଟି ସଦସ୍ୟମାନେ ହିପ୍‌କିନ୍ସଙ୍କୁ ସମର୍ଥନ ଦେବା ସୂଚନା ମିଳୁଛି। ଦେଶରେ ସାଧାରଣ ନିର୍ବାଚନ ପୂର୍ବରୁ ହିପ୍‌କିନ୍ସ ପ୍ରଧାନମନ୍ତ୍ରୀ ପଦରେ ୮ ମାସରୁ କମ୍ ସମୟ ରହିବେ। ଲେବର ପାର୍ଟି ମୁଖ୍ୟ ବିରୋଧୀ ଦଳ ନ୍ୟାଶନାଲ ପାର୍ଟିକୁ ପରାସ୍ତ କରିବ ବୋଲି ଜନମତ ସର୍ଭେରୁ ସୂଚନା ମିଳିଛି।


ସାଧାରଣତନ୍ତ୍ର ଦିବସ ପୂର୍ବରୁ ଜମ୍ମୁକଶ୍ମୀରର କିଷ୍ଟୱାରା ଜିଲାର ବରଫାବୃତ୍ତ ଚାତ୍ରୁ ଅଞ୍ଚଳରେ ଯବାନମାନେ ଶନିବାର ପାଟ୍ରୋଲିଂ କରୁଛନ୍ତି।

**ବିବିସି ଡକ୍ୟୁମେଣ୍ଟାରି ଶେୟାର**

# ଟୁଇଟ୍, ୟୁଟ୍ୟୁବ୍ ଭିଡିଓ ବ୍ଲକ୍ କଲା କେନ୍ଦ୍ର

**ନୂଆଦିଲ୍ଲୀ,୨୧।୧(ପି.ଟି.)**




୨୦୦୨ ଗୁଜରାଟ ଦଙ୍ଗା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ବିବିସି ପ୍ରସ୍ତୁତ କରିଥିବା ଡକ୍ୟୁମେଣ୍ଟାରି 'ଇଣ୍ଡିଆ: ଦି ମୋଦି କୋଶ୍ଚିନ୍' ଲିଙ୍କ୍‌ର ୟୁଟ୍ୟୁବ୍ ଭିଡିଓ ଏବଂ ଟୁଇଟର ପୋଷ୍ଟ ବ୍ଲକ୍ କରିବାକୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ପ୍ରଯୁକ୍ତି ନିୟମାବଳୀ, ୨୦୨୧ରେ ଦିଆଯାଇଥିବା ଜରୁରୀ କ୍ଷମତା ଅନୁଯାୟୀ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସଚିବ ଅପୂର୍ବ ଚନ୍ଦ୍ରା ଶୁକ୍ରବାର ୫୦ଟି ଟୁଇଟ୍‌କୁ ବ୍ଲକ କରିବା ଲାଗି ନିର୍ଦ୍ଦେଶନାମା ଜାରି କରିଛନ୍ତି। ବିବିସିର ଉକ୍ତ ବିବାଦୀୟ ଡକ୍ୟୁମେଣ୍ଟାରିକୁ ଭାରତ ସମାଲୋଚନା କରିବା ପରେ ବ୍ରିଟିଶ ପ୍ରଧାନମନ୍ତ୍ରୀ ଋଷି ସୁନକ ନିଜକୁ ଏଥିରୁ ଦୂରେଇ ରଖିଥିଲେ। ତେବେ ଉକ୍ତ ଡକ୍ୟୁମେଣ୍ଟାରିକୁ ଅନେକ ଟୁଇଟ୍ କରିବା ସହ ୟୁଟ୍ୟୁବ୍ ଭିଡିଓ ଶେୟାର କରିଥିଲେ। ସେମାନଙ୍କ ମଧ୍ୟରେ ତୃଣମୂଳ କଂଗ୍ରେସ ଏମ୍‌ପି ଡେରେକ୍ ଓ'ବ୍ରିଏନ୍ ଏବଂ କେତେଜଣ ବିରୋଧୀ ଦଳ ନେତା ରହିଛନ୍ତି। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ପରେ ସେହି ଟୁଇଟ୍ ଏବଂ ୟୁଟ୍ୟୁବ୍ ଭିଡିଓଗୁଡ଼ିକୁ ହଟାଇ ଦିଆଯାଇଛି।

**ବିଭେଦର ମଞ୍ଜି ବୁଣିବା ପାଇଁ ଉଦ୍ୟମ: ସରକାର**

ବହିର୍ବ୍ୟାପାର, ସ୍ୱରାଷ୍ଟ୍ର ଏବଂ ସୂଚନା ପ୍ରସାରଣ ସମେତ ବିଭିନ୍ନ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ବିବିସି ଡକ୍ୟୁମେଣ୍ଟାରିକୁ ଅନୁଧ୍ୟାନ କରିବା ପରେ ଏହା ସରକାରଙ୍କ ସଚ୍ଚୋଟତା ଏବଂ ସୁପ୍ରିମକୋର୍ଟଙ୍କ ବିଶ୍ୱସନୀୟତା ଉପରେ ଆକ୍ଷେପ ଏବଂ ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ବିଭେଦର ମଞ୍ଜି ବୁଣିବା ପାଇଁ ଉଦ୍ୟମ ବୋଲି ଜାଣିବାକୁ ପାଇଛନ୍ତି। ଭାରତରେ ବିଦେଶୀ ସରକାରଙ୍କ କାର୍ଯ୍ୟ ନିରାଧାର ଅଭିଯୋଗ ଆଣିଥିବା ସେମାନେ ମତ ଦେଇଛନ୍ତି। ଉକ୍ତ ଡକ୍ୟୁମେଣ୍ଟାରୀ ଭାରତର ସାର୍ବଭୌମତ୍ୱ ଏବଂ ସଂହତିକୁ ଅବମାନନା କରିବା ସହ ବିଦେଶୀ ରାଷ୍ଟ୍ର ସହିତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କକୁ ପ୍ରଭାବିତ କରିବା ପାଇଁ ଉଦ୍ଦିଷ୍ଟ ବୋଲି ସେମାନେ ଅଭିଯୋଗ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କ ଉପରେ ବିବିସିର ଡକ୍ୟୁମେଣ୍ଟାରିକୁ ୩୦୨ ଜଣ ପୂର୍ବତନ ବିଚାରପତି, ପୂର୍ବତନ ପ୍ରଶାସନିକ ଅଧିକାରୀ ଏବଂ ବରିଷ୍ଠ ନାଗରିକ ନିନ୍ଦା କରିଛନ୍ତି। ଏହା ଆମ ନେତାଙ୍କ ବିରୋଧରେ ଏକ ଅଭିପ୍ରେରିତ ଅଭିଯୋଗ ଫର୍ଦ୍ଦ ବୋଲି ସେମାନେ କହିଛନ୍ତି।

## ଚାଇନା ଜନସଂଖ୍ୟାର ୮୦% କୋଭିଡ୍ ସଂକ୍ରମିତ

**ବେଜିଂ,୨୧।୧(ପି.ଟି.)**

ଚାଇନାରେ ପୂର୍ବରୁ ଜିରୋ କୋଭିଡ୍ କଟକଣା ଯୋଗୁ ଲୋକେ ସେମାନଙ୍କ ପରିବାର ସଦସ୍ୟ ଓ ସମ୍ପର୍କୀୟମାନଙ୍କୁ ଭେଟିପାରୁ ନ ଥିଲେ। କଟକଣା ହଟିବା ପରେ ଲୁନାର ନୂଆବର୍ଷ ଲାଗି ଲକ୍ଷ ଲକ୍ଷ ଚାଇନିଜ୍ ସେମାନଙ୍କ ପରିବାର ସଦସ୍ୟଙ୍କୁ ଭେଟିବା ଲାଗି ବିଭିନ୍ନ ଅଞ୍ଚଳକୁ ଗସ୍ତ କରୁଛନ୍ତି। ତେଣୁ ଗ୍ରାମାଞ୍ଚଳରେ ସଂକ୍ରମଣ ଅତ୍ୟଧିକ ବଢ଼ିବା ଆଶଙ୍କା ସୃଷ୍ଟି ହୋଇଛି। ଜନସଂଖ୍ୟାର ୮୦% କୋଭିଡ୍‌ରେ ସଂକ୍ରମିତ ହୋଇଥିବା ଜଣେ ବୈଜ୍ଞାନିକ ଶନିବାର କହିଛନ୍ତି। ତେବେ ନିକଟରେ କୋଭିଡ୍‌ର ଆଉ ଏକ ଲହର ଆସିବା ସମ୍ଭାବନା ନ ଥିବା ଚାଇନା ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନଶନର ମୁଖ୍ୟ ମହାମାରୀ ବିଜ୍ଞାନୀ ୟୁ ଜୁନ୍ୟୁ କହିଛନ୍ତି।


କୋଲକାତାର ଏସ୍‌ପ୍ଲାନେଡ୍‌ଠାରେ ପୋଲିସ ଉପରକୁ ଆଇଏସ୍‌ଏଫ୍ କର୍ମୀ ଟେକା ଫିଙ୍ଗୁଛନ୍ତି।

# ପୋଲିସ-ଆଇଏସ୍‌ଏଫ୍ କର୍ମୀ ସଂଘର୍ଷ

**ଅନେକେ ଆହତ, ୧୭ ଗିରଫ**

**କୋଲକାତା,୨୧।୧**

କେନ୍ଦ୍ରୀୟ କୋଲକାତାରେ ଇଣ୍ଡିଆନ୍ ସେକ୍ୟୁଲାର ଫ୍ରଣ୍ଟ (ଆଇଏସ୍‌ଏଫ୍) କର୍ମୀ ଏବଂ ସିଟି ପୋଲିସ ମଧ୍ୟରେ ଶନିବାର ଅପରାହ୍ନରେ ସଂଘର୍ଷ ଘଟି ଉଭୟ ପକ୍ଷରୁ ଅନେକେ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ୩ ବରିଷ୍ଠ ଆଇପିଏସ୍ ଅଫିସରଙ୍କ ସମେତ ୧୯ ପୋଲିସ କର୍ମଚାରୀ ଅଛନ୍ତି। ଏହି ଘଟଣା ପରେ ଆଇଏସ୍‌ଏଫ୍ ବିଧାୟକ ନୌଶାଦ ସିଦ୍ଦିକିଙ୍କ ସମେତ ୧୭ ଜଣଙ୍କୁ ପୋଲିସ ଗିରଫ କରିଛି। ଉତ୍ତ୍ୟକ୍ତ ଆଇଏସ୍‌ଏଫ୍ କର୍ମୀଙ୍କୁ ଘଉଡ଼ାଇବା ପାଇଁ ପୋଲିସ ଲାଠିଚାର୍ଜ କରିବା ସହ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା।

ପୂର୍ବ କୋଲକାତାର ଭାଙ୍ଗୋରଠାରେ ଦଳୀୟ ପତାକା ଉତ୍ତୋଳନକୁ ନେଇ ଆଇଏସ୍‌ଏଫ୍ ଏବଂ ଶାସକ ତୃଣମୂଳ କଂଗ୍ରେସ କର୍ମୀଙ୍କ ମଧ୍ୟରେ ପ୍ରଥମେ ସଂଘର୍ଷ ଘଟିଥିଲା। ରାଲିରେ ଯାଉଥିବା ଆଇଏସ୍‌ଏଫ୍ କର୍ମୀଙ୍କ ଉପରେ ଶାସକ ଦଳର କର୍ମୀ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଆକ୍ରମଣ ପାଇଁ ଦାୟୀ ଟିଏମ୍‌ସି ନେତା ଓ କର୍ମୀଙ୍କୁ ଗିରଫ କରିବା ଦାବିରେ ଅପରାହ୍ନରେ ଆଇଏସ୍‌ଏଫ୍ କର୍ମୀ ଏସ୍‌ପ୍ଲାନେଡଠାରେ ରାସ୍ତା ଅବରୋଧ କରିଥିବାବେଳେ ପୋଲିସ ସେମାନଙ୍କୁ ହଟାଇବାକୁ ଯାଇ ଲାଠିଚାଳନା କରିବାରୁ ଉତ୍ତେଜନା ଦେଖାଦେଇଥିଲା। ଆଇଏସ୍‌ଏଫ୍ କର୍ମୀମାନେ ପୋଲିସ ଉପରକୁ ଟେକାମାଡ଼ କରିଥିଲେ।

## ହସ୍ପିଟାଲରେ ମୃତଦେହରୁ ଆଖି ଗାଏବ

**ଭୋପାଳ,୨୧।୧**

ମଧ୍ୟପ୍ରଦେଶର ସାଗର ଜିଲାର ଡିଷ୍ଟ୍ରିକ୍ଟ ହସ୍ପିଟାଲର ଶବଗୃହରେ ଥିବା ୨ଟି ମୃତଦେହର ଗୋଟିଏ ଲେଖା ଆଖି ଗାଏବ ହୋଇଯାଇଛି। ମୂଷାମାନେ ଏପରି କରିଥିବା କୁହାଯାଉଛି। ଜାନୁୟାରୀ ୪ ତାରିଖରେ ଏ ନେଇ ପ୍ରଥମ ଘଟଣା ସାମ୍ନାକୁ ଆସିଥିବାବେଳେ ଗତ ୧୯ ତାରିଖରେ ସମାନ ଅଭିଯୋଗ ଆସିଥିଲା। ୩୨ ବର୍ଷୀୟ ମୋତିଲାଲଙ୍କୁ ଚିକିତ୍ସା ପାଇଁ ତାଙ୍କ ଘରଲୋକେ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଡାକ୍ତରଖାନାରେ ପହଞ୍ଚିଲାବେଳକୁ ତାଙ୍କ ମୃତ୍ୟୁ ଘଟିସାରିଥିଲା। ମୋତିଲାଲଙ୍କ ପୋଷ୍ଟମର୍ଟମ୍ କରିବା ସମୟରେ ତାଙ୍କର ଗୋଟିଏ ଆଖି ନ ଥିବା ଡାକ୍ତର ଦେଖିବାକୁ ପାଇଥିଲେ। ସେହିପରି ୨୫ ବର୍ଷୀୟ ରମେଶ ଅହିୱାର ଜାନୁୟାରୀ ୧୬ରେ ଡାକ୍ତରଖାନାରେ ଆଡ୍‌ମିଟ୍ ହୋଇଥିଲେ। ତା' ପରଦିନ ତାଙ୍କ ମୃତ୍ୟୁ ଘଟିଥିଲା। ଫ୍ରିଜର ଭିତରୁ ଯେତେବେଳେ ରମେଶଙ୍କ ମୃତଦେହ କଢ଼ାଯାଇଥିଲା ସେତେବେଳେ ତାଙ୍କର ଗୋଟିଏ ଆଖି ନ ଥିଲା। ଏ ନେଇ ରେସିଡେଣ୍ଟ ମେଡିକାଲ ଅଫିସର ଡା. ଅଭିଷେକ ଠାକୁର କହିଛନ୍ତି, ମୂଷା ଏପରି କରିଥାଇପାରେ ବୋଲି ସନ୍ଦେହ କରାଯାଉଥିବାବେଳେ ଘଟଣାର ଯାଞ୍ଚ ଚାଲିଛି।

# ପାକିସ୍ତାନକୁ ବିଦେଶ ଜାହାଜ ସେବା ବନ୍ଦ ହୋଇପାରେ

**ଇସ୍‌ଲାମାବାଦ,୨୧।୧(ପି.ଟି.)**

ପାକିସ୍ତାନ ସରକାର ଗୁରୁତର ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିବାବେଳେ ଡଲାର ଅଭାବରୁ ବ୍ୟାଙ୍କଗୁଡ଼ିକ ଭଡ଼ା ଅର୍ଥ ପଠାଇବାକୁ ମନା କରିଦେଲେଣି। ତେଣୁ ଇସ୍‌ଲାମାବାଦକୁ ଜାହାଜ ସେବା ବନ୍ଦ କରିବା ଲାଗି ବିଦେଶୀ ଜାହାଜ ଚଳାଚଳ ସଂସ୍ଥାଗୁଡ଼ିକ ଚେତାବନୀ ଦେଇଛନ୍ତି। ଫଳରେ ସେଠାକୁ ସମସ୍ତ ରପ୍ତାନି ବନ୍ଦ ହେବାକୁ ଯାଉଥିବା ଏକ ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି। ସୀମାବର୍ତ୍ତୀ ଦେଶଗୁଡ଼ିକ ବ୍ୟତୀତ ପାକିସ୍ତାନରୁ ସମସ୍ତ ଅନ୍ତର୍ଜାତୀୟ ଲଜିଷ୍ଟିକ୍ସ ସମୁଦ୍ର ପଥ ଦେଇ ହୋଇଥାଏ। ଏଥିରେ ପ୍ରତିବନ୍ଧକ ହେଲେ ଦେଶର ଅନ୍ତର୍ଜାତୀୟ ବାଣିଜ୍ୟ ପାଇଁ ଗୁରୁତର ପ୍ରସଙ୍ଗ ସୃଷ୍ଟି ହୋଇପାରେ ବୋଲି ପାକିସ୍ତାନ ଶିପ୍‌ସ ଏଜେଣ୍ଟସ ଆସୋସିଏଶନ (ପିଏସ୍‌ଏଏ)ର ଅଧ୍ୟକ୍ଷ ଅବଦୁଲ ରୌଫ୍ ପତ୍ର ଲେଖି ଅର୍ଥମନ୍ତ୍ରୀ ଇଶାକ ଦର୍‌ଙ୍କୁ ଜଣାଇଛନ୍ତି। ଯଦି ଅନ୍ତର୍ଜାତୀୟ ବାଣିଜ୍ୟ ବନ୍ଦ ହୋଇଯାଏ, ତେବେ ପାକିସ୍ତାନର ଆର୍ଥିକ ସ୍ଥିତି ଆହୁରି ଗମ୍ଭୀର ହୋଇଯିବ ବୋଲି ଆସୋସିଏଶନ ସତର୍କ କରାଇଦେଇଛି। ମାଲ୍ ପରିବହନ କମୁଥିବାରୁ ବିଦେଶୀ ଜାହାଜ ଚଳାଚଳ ସଂସ୍ଥାଗୁଡ଼ିକ ସେବା ବନ୍ଦ କରିବାକୁ ମନସ୍ଥ କରିସାରିଲେଣି। ପିଏସ୍‌ଏଏ ଅଧ୍ୟକ୍ଷ ଷ୍ଟେଟ୍ ବ୍ୟାଙ୍କ ଅଫ୍ ପାକିସ୍ତାନର ଗଭର୍ନର ଜମିଲ ଅହମଦ, ବାଣିଜ୍ୟ ମନ୍ତ୍ରୀ ସୟେଦ ନାଭିଦ ନମାର ଏବଂ ସମୁଦ୍ର ବ୍ୟାପାର ମନ୍ତ୍ରୀ ଫୈଜଲ ସବଜ୍ୱାରିଙ୍କୁ ପତ୍ର ଲେଖି ସେମାନଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି।



# ୨୫୬ ଡାଇନୋସର ଅଣ୍ଡା ଜୀବାଶ୍ମ ଠାବ

**ଇନ୍ଦୋର,୨୧।୧**



ମଧ୍ୟପ୍ରଦେଶର ଧରରୁ ବୈଜ୍ଞାନିକମାନେ ୨୫୬ଟି ଟାଇଟାନୋସର (ଉଦ୍ଭିଦ ଖାଉଥିବା ଡାଇନୋସର)ର ଜୀବାଶ୍ମ ଅଣ୍ଡା ଠାବ କରିଛନ୍ତି। ପାଖାପାଖି ୯୨ଟି ସ୍ଥାନରୁ ଏହି ଅଣ୍ଡା ମିଳିଛି। ଡାଇନୋସର ବିଶାଳ ଆକାରର ହୋଇଥିବାବେଳେ ବସବାସ କରୁଥିବା ସ୍ଥାନଠାରୁ ଦୂରରେ ଏମାନେ ଅଣ୍ଡା ଦେଇଥାନ୍ତି। ୧୦୦.୫ରୁ ୬୬ ନିୟୁତ ବର୍ଷ ପୂର୍ବେ ଏହି ଉଭୟଚର ପ୍ରାଣୀ ଦେଖିବାକୁ ମିଳୁଥିଲେ। ଉକ୍ତ ସ୍ଥାନର ସିଟିସ୍କାନ କରିବା ଲାଗି ବୈଜ୍ଞାନିକମାନଙ୍କ ପକ୍ଷରୁ ଯୋଜନା କରାଯାଉଛି। ଡାଇନୋସରଙ୍କ ଅଣ୍ଡାର ଆକୃତି କୁମ୍ଭୀର ଓ ଚଢ଼େଇଙ୍କ ଅଣ୍ଡା ସଦୃଶ ହୋଇଥିବା ଦିଲ୍ଲୀ ୟୁନିଭର୍ସିଟି ପ୍ରଫେସର ହର୍ଷ ଧିମାନ କହିଛନ୍ତି। କୁମ୍ଭୀର ଅଣ୍ଡ ଦେଇସାରି ତାକୁ ପୋତି ଦେଉଥିବାବେଳେ ଡାଇନୋସର ମଧ୍ୟ ଏ ପରି କରୁଥିବା ଦେଖାଯାଇଛି। ତେବେ ଡାଇନୋସର ଶରୀର କୌଣସି ଅଙ୍ଗ ବା ହାଡ଼ ମିଳି ନ ଥିବାବେଳେ ବୈଜ୍ଞାନିକମାନେ ଏହାର ସନ୍ଧାନ ଚଳାଇଛନ୍ତି।

**ଆର୍‌ଏସ୍‌ଏସ୍‌ର ନେତାଜୀ ଜୟନ୍ତୀ ପାଳନ ଯୋଜନା**

# ଲିଗାସି ଫାଇଦା ଉଠାଇବାକୁ ଉଦ୍ୟମ

**କୋଲକାତା,୨୧।୧(ପି.ଟି.)**


ଅନୀତା ବୋଷ-ଫାଫ୍

- ଝିଅ ଅନୀତା ବୋଷଙ୍କ ଅଭିଯୋଗ
- ନେତାଜୀଙ୍କ ନୀତି ଭାଜପା, ଆର୍‌ଏସ୍‌ଏସ୍ ବିଚାରଧାରାରେ ପ୍ରତିଫଳିତ ହେଉନାହିଁ

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ୨୩ ତାରିଖରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମବାର୍ଷିକୀ ଧୁମ୍‌ଧାମରେ ପାଳନ କରିବା ଲାଗି ଯୋଜନା କରିଥିବାବେଳେ ତାଙ୍କ ଝିଅ ଅନୀତା ବୋଷ-ଫାଫ୍ ଏହାକୁ ସମାଲୋଚନା କରିଛନ୍ତି। ତାଙ୍କ ବାପାଙ୍କ ଲିଗାସିରୁ ଫାଇଦା ଉଠାଇବା ପାଇଁ ଆର୍‌ଏସ୍‌ଏସ୍ ଏଭଳି ଯୋଜନା କରିଥିବା ଅନୀତା କହିଛନ୍ତି। ଆର୍‌ଏସ୍‌ଏସ୍‌ର ବିଚାରଧାରା ଏବଂ ଜାତୀୟତାବାଦୀ ନେତା ସୁଭାଷ ବୋଷଙ୍କ ଧର୍ମନିରପେକ୍ଷ ଏବଂ ସମାବେଶୀ ଚିନ୍ତାଧାରା ମଧ୍ୟରେ ଆକାଶ ପାତାଳ ତଫାତ୍। ଦୁଇ ସମ୍ପୂର୍ଣ୍ଣ ଭିନ୍ନ ବିଚାରଧାରା କେବେ ଏକାଠି ରହିପାରିବ ନାହିଁ। ନେତାଜୀଙ୍କ ଚିନ୍ତାଧାରା ଏବଂ କଂଗ୍ରେସର ବିଚାରଧାରା ମଧ୍ୟରେ ସାମଞ୍ଜସ୍ୟ ରହିଛି, ଯାହା ଅନ୍ୟ ଦଳରେ ବିଶେଷ ଦେଖାଯାଇ ନ ଥାଏ ବୋଲି ଅନୀତା ମତ ଦେଇଛନ୍ତି।

କୋଲକାତାର ଶହୀଦ ମିନାର ପଡ଼ିଆରେ ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତ ନେତାଜୀଙ୍କୁ ତାଙ୍କ ଜନ୍ମବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଦେବା ସହ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେବା କାର୍ଯ୍ୟକ୍ରମ ରହିଛି। ନେତାଜୀ ଧର୍ମନିଷ୍ଠ ହିନ୍ଦୁ ଥିଲେ ମଧ୍ୟ ସେ ସବୁ ଧର୍ମକୁ ସମ୍ମାନ ଦେଉଥିଲେ, ଯାହା ଭାଜପା ଏବଂ ଆର୍‌ଏସ୍‌ଏସ୍‌ର ବିଚାରଧାରାରେ ପ୍ରତିଫଳିତ ହେଉନାହିଁ। ବିଭିନ୍ନ ଧର୍ମାବଲମ୍ବୀଙ୍କ ମଧ୍ୟରେ ଫଳପ୍ରଦ ସହଯୋଗ ସପକ୍ଷରେ ନେତାଜୀ ଥିଲେ। ନେତାଜୀ ବାମପନ୍ଥୀ ବିଚାରଧାରାର ହୋଇଥିବାବେଳେ ଆର୍‌ଏସ୍‌ଏସ୍ ଏବଂ ଭାଜପା ଦକ୍ଷିଣପନ୍ଥୀ ବୋଲି ଜର୍ମାନୀରୁ ଅନୀତା ଫୋନ୍ ଯୋଗେ ଏକ ଗଣମାଧ୍ୟମକୁ କହିଛନ୍ତି।

ନେତାଜୀଙ୍କ ଜନ୍ମବାର୍ଷିକୀକୁ ବିଭିନ୍ନ ସଙ୍ଗଠନ ଭିନ୍ନ ଭିନ୍ନ ଉପାୟରେ ପାଳନ କରିବାକୁ ଚାହୁଁଥିବାବେଳେ ସେମାନେ ତାଙ୍କ ବିଚାରଧାରା ସହ ସହମତ ହେବା ଆବଶ୍ୟକ। ତାଙ୍କ ବାପାଙ୍କ ଜନ୍ମବାର୍ଷିକୀକୁ ପାଳନ ଲାଗି ହେଉଥିବା ଜୋର୍‌ଦାର ପ୍ରଚାର ତାଙ୍କ ଲିଗାସୀକୁ ଉପଯୋଗ କରିବା ଲାଗି ଉଦ୍ଦିଷ୍ଟ ବୋଲି ଅନୀତା କହିଛନ୍ତି।

## ଶ୍ୟାମାଭକ୍ତ ମିଶ୍ର ଓପିଏସ୍‌ସି ସଦସ୍ୟ ନିଯୁକ୍ତ

ଭୁବନେଶ୍ୱର,୨୧।୧(ବ୍ୟୁରୋ): ରାଜ୍ୟ ସରକାର ବରିଷ୍ଠ ଓଏଏସ୍ ଅଫିସର ତଥା ବୟନିକାର ପରିଚାଳନା ନିର୍ଦ୍ଦେଶକ ଏବଂ ହସ୍ତତନ୍ତ ନିର୍ଦ୍ଦେଶକ ଦାୟିତ୍ୱରେ ଥିବା ଶ୍ୟାମାଭକ୍ତ ମିଶ୍ରଙ୍କୁ ଓଡ଼ିଶା ପବ୍ଲିକ ସର୍ଭିସ କମିଶନ(ଓପିଏସ୍‌ସି) ସଦସ୍ୟ ଭାବେ ନିଯୁକ୍ତ କରିଛନ୍ତି। ଶନିବାର ଏ ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ସେ ଏହି ପଦବୀରେ ୬ ବର୍ଷ କିମ୍ବା ସର୍ବାଧିକ ୬୨ ବର୍ଷ ପର୍ଯ୍ୟନ୍ତ ରହିପାରିବେ।

# ବୁଝାମଣା ପାଇଁ ରାଜି ଅଛୁ: ଶ୍ରୀୟା

**ହ୍ୟୁମାନ ସାଗରଙ୍କ ଘରୋଇ କଳି ପ୍ରସଙ୍ଗ**

**ମଙ୍ଗଳବାର ମହିଳା ଥାନାରେ ହାଜର ହେବେ**




କଟକ ଅଫିସ,୨୧।୧

ଓଲିଉଡ୍ କଣ୍ଠଶିଳ୍ପୀ ହ୍ୟୁମାନ ସାଗର ଓ ତାଙ୍କ ସ୍ତ୍ରୀ ଶ୍ରୀୟା ମିଶ୍ରଙ୍କ ଘରୋଇ କଳି ପ୍ରସଙ୍ଗ ପୁଣିଥରେ ରୋଚକ ହୋଇଛି। ଶୁକ୍ରବାର ହ୍ୟୁମାନ ଓ ତାଙ୍କ ମା' ଶେଫାଳୀ ସୁନା ଗଣମାଧ୍ୟମରେ ବୟାନ ଦେଇ ଶ୍ରୀୟାଙ୍କୁ ଫେରାଇ ଆଣିବାକୁ ଚାହୁଁଛୁ ବୋଲି କହିଥିବାବେଳେ ଶନିବାର ଶ୍ରୀୟା ଗଣମାଧ୍ୟମରେ ମୁହଁ ଖୋଲିଛନ୍ତି। ସେ ବି କମ୍ପ୍ରମାଇଜ ବା ବୁଝାମଣା କରିବାକୁ ରାଜି ଅଛନ୍ତି କହିବା ସହ ସେପଟୁ (ହ୍ୟୁମାନଙ୍କ ପଟୁ) ସେତିକି ହାତ ବଢ଼ିବା ଦରକାର ବୋଲି କହିଛନ୍ତି। ଅପରପକ୍ଷରେ ୨ ଦିନର ମହଲତ ପରେ କଟକ ମହିଳା ଥାନାରେ ଉଭୟେ ହାଜର ହେବାକୁ ନିଷ୍ପତ୍ତି ହୋଇଥିବାରୁ ରବିବାର ସେମାନେ ହାଜର ହୋଇଥାନ୍ତେ। ହେଲେ ରବିବାର ସାପ୍ତାହିକ ଛୁଟିଦିନ ଓ ସୋମବାର ନେତାଜୀ ଜୟନ୍ତୀ ପାଇଁ ମୁଖ୍ୟମନ୍ତ୍ରୀ କଟକ ଆସୁଥିବାରୁ ପୋଲିସ ପକ୍ଷରୁ ମଙ୍ଗଳବାରକୁ ଏହି ମାମଲା ରଖାଯାଇଥିବା ସୂଚନା ମିଳିଛି।

ଶ୍ରୀୟାଙ୍କୁ ମନାଇବା ଲାଗି ହ୍ୟୁମାନ ଓ ତାଙ୍କ ମା' ଶେଫାଳୀ ଶୁକ୍ରବାର ଗଣମାଧ୍ୟମରେ ଯେଉଁ ବୟାନ ଦେଇଥିଲେ, ତାହାକୁ ଶ୍ରୀୟା ପୁଣି ଥରେ ଖଣ୍ଡନ କରିଛନ୍ତି। କମ୍ପ୍ରମାଇଜ୍ ପାଇଁ ରାଜି ଅଛୁ କହିଥିଲେ ବି ତାଙ୍କର ମନର କଥାକୁ ନିଃସଙ୍କୋଚରେ ପ୍ରକାଶ କରିବାକୁ କୁଣ୍ଠାବୋଧ କରିନାହାନ୍ତି। ହ୍ୟୁମାନ ଖ୍ରୀଷ୍ଟିଆନ ହୋଇଥିବାବେଳେ ଶ୍ରୀୟା ହିନ୍ଦୁ ବ୍ରାହ୍ମଣ ପରିବାରର କନ୍ୟା। ଶ୍ରୀୟାଙ୍କ କହିବାନୁସାରେ ସେ ସିନ୍ଦୂର, ଅଳତା ପିନ୍ଧିବାକୁ ଚାହୁଁଥିବାବେଳେ ତାଙ୍କୁ ପିନ୍ଧିବାକୁ ଦିଆଯାଉ ନ ଥିଲା। ଜଗନ୍ନାଥଙ୍କୁ ପୂଜା କରିବା ଓ ଅବଢ଼ା ଖାଇବାକୁ ଚାହୁଁଥିବାବେଳେ ଶାଶୁଘରେ ମନା କରନ୍ତି। ଧର୍ମ ପରିବର୍ତ୍ତନ କରିବାକୁ ଶାଶୁଘର ଲୋକ ବାଧ୍ୟ କରନ୍ତି। ଶ୍ରୀୟାଙ୍କ କନ୍ୟାସନ୍ତାନକୁ ନେଇ ଶାଶୁଘର ଲୋକ ଖୁସି ନ ଥିବା ସେ କହିଛନ୍ତି। ଝିଅ ହେବାରୁ ଶାଶୁଙ୍କର ବହୁତ ଅବସୋସ ହୋଇଥିଲା। ହ୍ୟୁମାନ ବି ଖୁସି ନ ଥିଲେ। ଯେଉଁଥିପାଇଁ ସେ ଝିଅ ସହ ଭଲ ସମ୍ପର୍କ ରଖନ୍ତି ନାହିଁ ଓ ମାଡ଼ ମାରନ୍ତି। ଏହାବାଦ ଆମ ଦୁହିଁଙ୍କ ମଧ୍ୟରେ ତୃତୀୟ ଲୋକ ବି ଅଛନ୍ତି। ତୃତୀୟ ଲୋକଙ୍କ ସହ ତାଙ୍କ ସମ୍ପର୍କର ପ୍ରତ୍ୟକ୍ଷଦର୍ଶୀ ମୁଁ ନିଜେ। ହ୍ୟୁମାନ ଓ ତାଙ୍କ ମା' ଉଭୟେ ନିର୍ଯାତନା ଦିଅନ୍ତି। ମୋ ସ୍ୱାମୀ ଜଣେ ସେଲିବ୍ରିଟି। ସେ ଏବେ ବଡ଼ ଗାୟକ, ତାଙ୍କ ନାଁରେ ଏତେବଡ଼ ଅଭିଯୋଗ ଆଣିବି। ମୁଁ ଚାହୁଁ ନ ଥିଲି ତାଙ୍କ ନାଁ ପଡୁ ବୋଲି। କିନ୍ତୁ ନିର୍ଯାତନା ଅସହ୍ୟ ହେବାରୁ ଥାନାକୁ ଗଲି। ସେଦିନ ବି ମହିଳା ଥାନାରେ କାଉନ୍‌ସେଲିଂକୁ ଯାଇଥିବାବେଳେ ସାଙ୍ଗରେ ଏଫ୍‌ଆଇଆର୍ ନେଇଥିଲି। ମାତ୍ର ସେଠାରେ ଏସିପି ସାର୍ ବୁଝାଇବା ପରେ ଫେରାଇ ଆଣିଛି। ହ୍ୟୁମାନ ମୋତେ ସ୍ତ୍ରୀର ମାନ୍ୟତା ଦେଇ ଫେରାଇ ନେଲେ ମୁଁ ନିଶ୍ଚିତ ତାଙ୍କ ପାଖକୁ ଯିବି ବୋଲି ଶ୍ରୀୟା କହିଛନ୍ତି।




# ୨୮ରେ ଅଭିଭାବକ-ଶିକ୍ଷକ ବୈଠକ

ଭୁବନେଶ୍ୱର, ୨୧।୧(ବ୍ୟୁରୋ)

ରାଜ୍ୟରେ ଆସନ୍ତା ୨୮ତାରିଖରେ ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ସ୍କୁଲରେ ଅଭିଭାବକ-ଶିକ୍ଷକ ବୈଠକ ଅନୁଷ୍ଠିତ ହେବ। ଏ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ସଚିବ ଅଶ୍ୱଥୀ ଏସ୍. ଶନିବାର ସମସ୍ତ ଜିଲା ଶିକ୍ଷାଧିକାରୀ ଏବଂ ଉଚ୍ଚ ମାଧ୍ୟମିକ ସ୍କୁଲ ଅଧ୍ୟକ୍ଷଙ୍କୁ ଚିଠି ଲେଖି ଜଣାଇଛନ୍ତି। ତେବେ ଏହି ବୈଠକକୁ କିପରି ସୁରୁଖୁରୁରେ ଆୟୋଜନ କରାଯିବ ସେ ନେଇ ମଧ୍ୟ ଚିଠିରେ ଉଲ୍ଲେଖ କରାଯାଇଛି। ଅଭିଭାବକ-ଶିକ୍ଷକ ବୈଠକ(ପିଟିଏମ୍) ପୂର୍ବରୁ ଏହାର ସୁପରିଚାଳନା ପାଇଁ ଶିକ୍ଷାନୁଷ୍ଠାନ କର୍ମଚାରୀ ଓ ଗଭର୍ଣ୍ଣିଂ ବଡି ପ୍ରସ୍ତୁତି ବୈଠକ କରିବେ। ପିଟିଏମ୍ ୨ଘଣ୍ଟା ଧରି ଫିଜିକାଲ ମୋଡ୍‌ରେ ହେବ। କିନ୍ତୁ ଯେତେ ସମ୍ଭବ ହେବ ସେଠାରେ ଅଭିଭାବକଙ୍କୁ ଭର୍ଚୁଆଲରେ ଅଂଶଗ୍ରହଣ କରିବା ପାଇଁ ଏକ ଲିଙ୍କ୍ ପଠାଇପାରିବେ। ସମସ୍ତ ଉଚ୍ଚ ମାଧ୍ୟମିକ ସ୍କୁଲ ଏହି ବୈଠକ ପାଇଁ ଏକ ବ୍ୟାନର କରିବେ। ପିଟିଏମ୍‌ର ଉପସ୍ଥାନ ଓ ପ୍ରୋସିଡିଙ୍ଗ ଆଦି ରେଜିଷ୍ଟରରେ ରହିବ। ଆର୍‌ଡିଇ, ଡିଇଓ, ଏଡିଇଓ, ଡିପିଓ ଏବଂ ବିଇଓ ପିଟିଏମ୍‌କୁ ମନିଟରିଂ କରିବେ। ବିଇଓମାନେ ଅଧ୍ୟକ୍ଷଙ୍କଠାରୁ ଅପରାହ୍ନ ୩ଟାସୁଦ୍ଧା ଉଚ୍ଚ ମାଧ୍ୟମିକ ସ୍କୁଲ ସ୍ତରର ରିପୋର୍ଟ ଡିଇଓଙ୍କୁ ପ୍ରଦାନ କରିବେ ଏବଂ ଡିଇଓମାନେ ରାଜ୍ୟକୁ ୪ଟା ସୁଦ୍ଧା ପଠାଇବେ। ଜିଲାସ୍ତରୀୟ ମନିଟରିଂ ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ଓପେପା ଓ ସିଏଚ୍‌ଏସ୍‌ଇକୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଏ ସମସ୍ତ ନିର୍ଦ୍ଦେଶାବଳୀକୁ ପାଳନ କରି ଅଭିଭାବକ-ଶିକ୍ଷକ ବୈଠକକୁ ସୁରୁଖୁରରେ କରିବା ପାଇଁ ବିଭାଗ ପକ୍ଷରୁ କୁହାଯାଇଛି।

# ଇଟାଭାଟିରେ ନାବାଳକଙ୍କ ଉପରେ ଚଢ଼ିଗଲା ଟ୍ରାକ୍ଟର

- **ହତ୍ୟା ଅଭିଯୋଗ ଆଣିଲେ ମା'ବାପା**
- **ଉତ୍ତେଜନା, ପୋଲିସ ମୁତୟନ**

ଜଳେଶର, ୨୧।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ତହସିଲ ଅଧୀନରେ ଗଢି ଉଠିଥିବା ବେଆଇନ ଇଟାଭାଟି ଅଞ୍ଚଳରେ ଶନିବାର ଖେଳୁଥିବା ବେଳେ ଏକ ୮ବର୍ଷର ବାଳକଙ୍କ ଉପରେ ଟ୍ରାକ୍ଟର ମାଡ଼ିଯାଇଥିଲା। ଏହି ଘଟଣାକୁ ନାବାଳକଙ୍କ ମା' ବାପା ସହଜରେ ଗ୍ରହଣ କରିପାରି ନ ଥିଲେ। ତାଙ୍କ ଉପରେ ଟ୍ରାକ୍ଟର ମଡାଇ ହତ୍ୟା କରାଯାଇଥିବା ଅଭିଯୋଗ କରି ଉତ୍ତେଜନା ସୃଷ୍ଟି କରିଥିଲେ। ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ଏହାସହ ଟ୍ରାକ୍ଟର ଜବତ କରାଯାଇ ଘଟଣାସ୍ଥଳରେ ପୋଲିସ ମୁତୟନ ହୋଇଛନ୍ତି।

ଜଳେଶ୍ୱର ଥାନା ଶିଖରପୁରଠାରେ ଥିବା ଉକ୍ତ ଇଟାଭାଟିରେ ନାବାଳକଙ୍କ ମା' ବାପା ଶ୍ରମିକ ଭାବେ କାମ କରୁଥିଲେ। ଏମାନଙ୍କ ଘର ଝାଡ଼ଖଣ୍ଡରେ। ସକାଳ ପ୍ରାୟ ସାଢେ ୮ଟା ବେଳେ ପରମଜିତ ଓ ତାଙ୍କ ସ୍ତ୍ରୀ ଇଟାଭାଟିରେ କାମ ବ୍ୟସ୍ତ ଥିବା ବେଳେ ତାଙ୍କ ପୁଅ ଶୀବମ ପାଖରେ ଖେଳୁଥିଲେ। ଏହି ସମୟରେ ଏକ ମାଟି ବୋଝେଇ ଟ୍ରାକ୍ଟର ଚଢିଯାଇଥିଲା। ଘଟଣାସ୍ଥଳରେ ନାବାଳକଙ୍କ ମୃତ୍ୟୁ ହୋଇଯାଇଥିଲା।










**କ୍ୟାବିନେଟ ନିଷ୍ପତ୍ତିକୁ ସମନ୍ୱୟ ସମିତିର ସ୍ୱାଗତ**

ଭୁବନେଶ୍ୱର,୨୧ା୧(ବ୍ୟୁରୋ): ଅନୁଦାନପ୍ରାପ୍ତ ବେସରକାରୀ କଲେଜ ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ୨୦୨୨ ଜାନୁୟାରୀ ପହିଲାରୁ ସଂଶୋଧିତ ସପ୍ତମ ବେତନ କମିଶନ ହାରରେ ଦରମା ଦେବାକୁ ଶନିବାର ରାଜ୍ୟ କ୍ୟାବିନେଟରେ ନିଷ୍ପତ୍ତି ନିଆଯାଇଛି । ଏହାଦ୍ୱାରା ୧୫ ହଜାରରୁ ଉର୍ଦ୍ଧ୍ୱ ଶିକ୍ଷକ ଓ କର୍ମଚାରୀ ଉପକୃତ ହେବେ। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତିକୁ ଅଧ୍ୟାପକ, କର୍ମଚାରୀ ସମନ୍ୱୟ ସମିତି ସଭାପତି ପବିତ୍ର ମହଲା ସ୍ୱାଗତ କରିଛନ୍ତି। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ଉଚ୍ଚଶିକ୍ଷା ପ୍ରମୁଖ ସଚିବଙ୍କୁ ସମିତି ପକ୍ଷରୁ ଧନ୍ୟବାଦ ଦେବା ସହ କୃତଜ୍ଞତା ଜ୍ଞାପନ କରିଛନ୍ତି ।

**ଆଜିର ମନ୍ତବ୍ୟ**

"ରାଇଟ୍ ବ୍ରଦର୍ସଙ୍କ ଉଡ଼ାଜାହାଜ ଉଦ୍ଭାବନ, ଆଇଜାକ୍ ନ୍ୟୁଟନ୍‌ଙ୍କ ମାଧ୍ୟାକର୍ଷଣ ନିୟମ ଏବଂ ଜନ୍ ଡାଲଟନ୍‌ଙ୍କ ଆଣବିକ ତତ୍ତ୍ୱ ଆବିଷ୍କାରର ଅନେକ ବର୍ଷ ପୂର୍ବରୁ ଭାରତ ବିଜ୍ଞାନରେ ଅଗ୍ରଗତି କରିଥିଲା ।

–ଶିବରାଜ ସିଂ ଚୌହାନ, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉଦୟ ବେଳେ ଅସ୍ତ ନାହିଁ**
**କି ଅସ୍ତ ବେଳେ ଉଦୟ ନାହିଁ।**

ସମୟ ଓ ପରିସ୍ଥିତି କେତେବେଳେ କାହାକୁ ନେଇ କେଉଁଠି ପହଞ୍ଚାଇ ଦେଇଥାଏ ତାହା କହି ହୋଇ ନ ଥାଏ। ସମୃଦ୍ଧି ବେଳେ ପତନ ଓ ପତନ ବେଳେ ସମୃଦ୍ଧିର ଅଭାବ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଉଡ଼ିଗଲେ ଗେଣ୍ଡାଳିଆ।**
**ଝାଡ଼ିଦେଲେ ପର**
**ତୁ ଛାଡ଼ିଲୁ ବାପ, ଭାଇ**
**ମୁଁ ଛାଡ଼ିଲି ଘର।**

କୁହାଯାଏ ପ୍ରେମ ଦୁଇ ମନର ପବିତ୍ର ମିଳନ। ଏହା ମାନେନା ଆକଟ, ବାଧା କିମ୍ବା ବନ୍ଧନ। ପାରିବାରିକ ସ୍ୱୀକୃତି ଥାଉ ବା ନ ଥାଉ ଦୁଇ ପ୍ରେମୀ ମୁକ୍ତ ବିହଙ୍ଗ ହୋଇ ଉଡ଼ିବାକୁ ହୋଇ ଉଠନ୍ତି ବ୍ୟାକୁଳ। ସମସ୍ତ ସୀମା ସରହଦ ଡେଇଁ ଦୁଇ ପ୍ରେମୀ ପରସ୍ପର ସାନ୍ନିଧ୍ୟ ପାଇଁ ବ୍ୟାକୁଳ ହୋଇ ଉଠୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# କ୍ୟାନ୍ସର ରୋଗୀ ରହଣି ପାଇଁ ୨ ଏକର ମାଗଣା ଜମି

ଭୁବନେଶ୍ୱର,୨୧ା୧(ବ୍ୟୁରୋ)

କ୍ୟାନ୍ସର ରୋଗୀଙ୍କ ରହଣି ପାଇଁ ରାଜ୍ୟ ସରକାର ବାଗ୍‌ଚୀ ଶ୍ରୀଶଙ୍କର କ୍ୟାନ୍ସର କେୟାର ସେଣ୍ଟର ଓ ଗବେଷଣା ଅନୁଷ୍ଠାନକୁ ଖୋର୍ଦ୍ଧା ଜିଲା ଜଟଣୀ ତହସିଲ ଅନ୍ତର୍ଗତ ଚାନ୍ଦିହାତ ମୌଜାରେ ୨ ଏକର ଜମି ମାଗଣାରେ ଯୋଗାଇଦେବେ। ଚିକିତ୍ସା ବେଳେ ରୋଗୀ ରହିବା ପାଇଁ ଏହି ଜମିରେ ଘର ନିର୍ମାଣ କରାଯିବ। ଏହାଦ୍ୱାରା ରୋଗୀମାନେ କମ୍ ମୂଲ୍ୟରେ ଅଧିକ ଦିନ ରହି ଚିକିତ୍ସିତ ହୋଇପାରିବେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ଶନିବାର ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ଅନୁମୋଦନ କରାଯାଇଛି। ଅନ୍ୟପକ୍ଷରେ ବାଲେଶ୍ୱର ଜିଲାର ଜଳେଶ୍ୱର ସୁବର୍ଣ୍ଣରେଖା ନଦୀର ଗୋବରୀ ଘାଟଠାରେ ଏକ ସେତୁ ନିର୍ମାଣ ହେବ। ଏଥିପାଇଁ ଆହ୍ୱାନ କରାଯାଇଥିବା ୧୦୧ କୋଟି ୬୬ ଲକ୍ଷ ୩୪ ହଜାର ଟଙ୍କାର ଟେଣ୍ଡରକୁ କ୍ୟାବିନେଟ୍ ବୈଠକରେ ଅନୁମୋଦନ କରାଯାଇଛି।

■ ଜଳେଶ୍ୱର ସୁବର୍ଣ୍ଣରେଖା ନଦୀରେ ହେବ ସେତୁ
■ ୧୦୧.୬୬ କୋଟିର ଟେଣ୍ଡରକୁ ଅନୁମୋଦନ
■ ୪ ଅଧିନିୟମ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ

ଏହାଦ୍ୱାରା ବାଲେଶ୍ୱର ଜିଲାର ଜଳେଶ୍ୱର ମ୍ୟୁନିସିପାଲିଟିଠାରୁ ଜଳେଶ୍ୱର ବ୍ଲକର ରାଇବଣିଆ ଏବଂ ମୟୂରଭଞ୍ଜ ଜିଲାର ରାସଗୋବିନ୍ଦପୁର ବ୍ଲକ ମଧ୍ୟରେ ଯାତାୟାତ ସୁବିଧା ହୋଇପାରିବ।

ସେହିପରି ଓଡ଼ିଶା ଗ୍ରୁପ୍-ବି କର୍ମଚାରୀ ନିଯୁକ୍ତି ଓ ସେବା ସର୍ତ୍ତରେ ସଂଶୋଧନ, ବାଣିଜ୍ୟ କର ଓ ଜିଏସ୍‌ଟି କମିଶନର ଏବଂ ଏହା ଅଧୀନରେ ଥିବା କାର୍ଯ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ଡାଟାଏଣ୍ଟ୍ରି ଅପରେଟରର ନିଯୁକ୍ତି ଅଧିନିୟମରେ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ ଲାଭ କରିଛି। ହାଇକୋର୍ଟଙ୍କ ନିର୍ଦ୍ଦେଶାନୁସାରେ ରାଜ୍ୟ ସରକାର ଓଡ଼ିଶା ଡାଟାଏଣ୍ଟ୍ରି ଅପରେଟର୍ସ( ବାଣିଜ୍ୟ କର ତଥା ଦ୍ରବ୍ୟ ଓ ସେବା ଟିକସ ସଂଗଠନ) ସେବା ସର୍ତ୍ତ ନିୟମାବଳୀ-୨୦୨୩ କାର୍ଯ୍ୟକାରୀ କରିଛନ୍ତି। ଏହି ଅନୁଯାୟୀ ଡାଟାଏଣ୍ଟ୍ରି ଅପରେଟର୍ସ(ଡିଇଓ)ମାନଙ୍କର ସର୍ଭିସ ବାଣିଜ୍ୟ କର ଓ ଜିଏସ୍‌ଟି କମିଶନର କଟକଙ୍କ ନିୟନ୍ତ୍ରଣରେ ରହିବ। ଏହାଦ୍ୱାରା ଡିଇଓମାନେ ଏଣିକି ଅନ୍ୟ କାର୍ଯ୍ୟାଳୟକୁ ବଦଳି ହୋଇପାରିବେ। ଓଡ଼ିଶା ଖାଦ୍ୟ ପରୀକ୍ଷଣ ବିଜ୍ଞାନାଗାର(ନିଯୁକ୍ତି ପଦ୍ଧତି ଏବଂ ସେବା ସର୍ତ୍ତାବଳୀ) ସଂଶୋଧନ-୨୦୨୨କୁ କ୍ୟାବିନେଟ ମଞ୍ଜୁରୀ ମିଳିଛି। ପୂର୍ବରୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଓଡ଼ିଶା ଖାଦ୍ୟ ବିଜ୍ଞାନାଗାର କ୍ୟାଡର ନିୟମ -୨୦୨୧ ଅନୁଯାୟୀ କନିଷ୍ଠ ଲାବୋରେଟୋରି ସହାୟକ ପଦବୀଗୁଡ଼ିକ ଓଡ଼ିଶା ଅଧସ୍ତନ ଚୟନ ଆୟୋଗ ମାଧ୍ୟମରେ ନିଯୁକ୍ତି ଦେବାର ବ୍ୟବସ୍ଥା ରହିଥିଲା। ଏହି ସଂଶୋଧନ ପରେ ଓଡ଼ିଶା କର୍ମଚାରୀ ଚୟନ ପ୍ରବେଶ ଆୟୋଗ ମାଧ୍ୟମରେ ନିଯୁକ୍ତି କରାଯିବ। ଓଡ଼ିଶା ସଂଶୋଧନ ନିୟୋଜନ ସେବା, ବର୍ଗ-୨ ନିୟମ (ନିଯୁକ୍ତି ଏବଂ ସେବା ସର୍ତ୍ତାବଳୀ)-୧୯୯୦ ସଂଶୋଧନ ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟ ମଞ୍ଜୁରୀ ମିଳିଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଓଡ଼ିଶା ସୁପ୍ରିମୋ ଜୁଡିସିଆଲ ସର୍ଭିସ୍ ଏବଂ ଓଡ଼ିଶା ଜୁଡିସିଆଲ ସର୍ଭିସ ନିୟମ-୨୦୦୭ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ ମିଳିଛି। ଅଧିନିୟମରେ ସଂଶୋଧନ ଏବଂ ଖଣି, ଭୂତତ୍ତ୍ୱ ସେବା ନିର୍ଦ୍ଦେଶାଳୟର ୫ଟି କ୍ୟାଡର ନିଯୁକ୍ତିରେ ସଂଶୋଧନ ସମ୍ପର୍କିତ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି।

# କ୍ୟାବିନେଟ୍ ନିଷ୍ପତ୍ତିକୁ ୬୬୨ ବର୍ଗ କଲେଜ ସଂଘର ବିରୋଧ

ଭୁବନେଶ୍ୱର,୨୧ା୧(ବ୍ୟୁରୋ)

■ କଳାବ୍ୟାଜ୍ ପିନ୍ଧିଲେ, ୩ରୁ ଆମରଣ ଅନଶନ
■ ଯୁକ୍ତ୨, ଯୁକ୍ତ୩ ପରୀକ୍ଷାରେ ଅସହଯୋଗ, ମୂଲ୍ୟାୟନ ବର୍ଜନ ଚେତାବନୀ

ରାଜ୍ୟ କ୍ୟାବିନେଟ୍ ବୈଠକରେ ଅଧ୍ୟାପକ ଓ କର୍ମଚାରୀଙ୍କ ପାଇଁ ସ୍ଥିରୀକୃତ ପଦ୍ଧତିକୁ ନିଖିଳ ଓଡ଼ିଶା ୬୬୨ ବର୍ଗ ବେସରକାରୀ କଲେଜ ଅଧ୍ୟାପକ କର୍ମଚାରୀ ସଂଘ ତୀବ୍ର ବିରୋଧ କରିଛି। ୬୬୨ ବର୍ଗର ଅଧ୍ୟାପକ ଓ କର୍ମଚାରୀଙ୍କୁ ଉପେକ୍ଷା କରାଯାଇଥିବା ଅଭିଯୋଗ ଆଣି ଏହି କ୍ୟାବିନେଟ୍ ନିଷ୍ପତ୍ତିର ପୁନର୍ବିଚାର କରିବାକୁ ସଂଘ ଦାବି କରିଛି। ଏହା ବିରୋଧରେ ସଂଘ ବ୍ୟାପକ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନେଇଛି। ଅଧ୍ୟାପକ ଓ କର୍ମଚାରୀମାନେ ଶନିବାରଠାରୁ କଳାବ୍ୟାଜ ପିନ୍ଧି କଲେଜରେ କାର୍ଯ୍ୟ କରୁଛନ୍ତି। ୨୫ ତାରିଖରେ ଜିଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯିବ। ଫେବୃୟାରୀ ୩ରେ ମହାସମାବେଶ ଓ ଆମରଣ ଅନଶନ ଆରମ୍ଭ ହେବ। ଆବଶ୍ୟକସ୍ଥଳେ ଯୁକ୍ତ୨ ଓ ଯୁକ୍ତ୩ ପରୀକ୍ଷାରେ ଅସହଯୋଗ ଓ ମୂଲ୍ୟାୟନ ବର୍ଜନ କରାଯିବ ବୋଲି ସଂଘ ଚେତାଇ ଦେଇଛି। ସଂଘ ପକ୍ଷରୁ କୁହାଯାଇଛି, ପୂର୍ବରୁ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଅବିକଳ ୭ମ କମିଶନ ବେତନ ଆଧାରରେ ଦରମା ପ୍ରଦାନ ପାଇଁ ନିଷ୍ପତ୍ତି ହୋଇଥିଲା। ଏହାକୁ ଭିତ୍ତି କରି ଉଚ୍ଚଶିକ୍ଷା ବିଭାଗ ବିଜ୍ଞପ୍ତି ପ୍ରକାଶ କରିଥିଲା। ଦୀର୍ଘ ୧ ବର୍ଷ ଧରି ସମାନ ହାରରେ ଅଧ୍ୟାପକଙ୍କୁ ସମାନ ଦରମା ଦେଉଥିଲେ। ଶନିବାରର କ୍ୟାବିନେଟ୍ ନିଷ୍ପତ୍ତିରେ କିଛି କର୍ମଚାରୀ ଓ ଅଧ୍ୟାପକଙ୍କୁ ଅହେତୁକ ଅନୁକମ୍ପା ଦେଖାଇ ପ୍ରାୟ ୧୦ହଜାର ଟଙ୍କାର ଦରମା ତାରତମ୍ୟ ଘୋଷଣା କରାଯାଇଛି। ୪୨୦୦ ଗ୍ରେଡ୍ ପେ' ପାଉଥିବା ୪୮୮ ବର୍ଗର ପିଇଟି, ଲାଇବ୍ରେରିଆନ୍ ଓ ଡେମୋନଷ୍ଟ୍ରେଟରଙ୍କଠାରୁ ୪୬୦୦ ଗ୍ରେଡ୍ ପେ' ପାଉଥିବା ୬୬୨ କଲେଜ ବର୍ଗର ଅଧ୍ୟାପକଙ୍କୁ କମ୍ ଦରମା ଦିଆଯିବ। ମୁଖ୍ୟମନ୍ତ୍ରୀ ଏହା ଉପରେ ହସ୍ତକ୍ଷେପ କରନ୍ତୁ ବୋଲି ସଂଘ ସଭାପତି ଗୋଲକ ନାୟକ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି।

# ବ୍ୟାଙ୍କରେ ହାତ କାଟି ମହିଳା କର୍ମଚାରୀଙ୍କ ଆତ୍ମହତ୍ୟା ଉଦ୍ୟମ

ଖୋର୍ଦ୍ଧା ଅଫିସ,୨୧ା୧

■ ୩ ଅଧିକାରୀଙ୍କ ବିରୋଧରେ ଆଣିଲେ ଅଭିଯୋଗ
■ ବାରମ୍ବାର ବଦଳି ନେଇ ଚାପରେ ଥିଲେ

ବ୍ୟାଙ୍କ ଭିତରେ ଶନିବାର ଜଣେ ମହିଳା ବ୍ୟାଙ୍କ କର୍ମଚାରୀ ହାତକାଟି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେ ହେଲେ ରାଜଶ୍ରୀ ଭାରତୀ। ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ(କେସିସିବି) ଅଧୀନ ଏକ ମହିଳା ବ୍ୟାଙ୍କରେ ଏଭଳି ଅଭାବନୀୟ ଘଟଣା ଘଟିଛି। ରାଜଶ୍ରୀଙ୍କୁ ଭୁବନେଶ୍ୱରରୁ ବାଲିଅନ୍ତା ବଦଳି କରାଯାଇଥିବା ଜାଣିବା ପରେ ସେ ଏହାକୁ ବିରୋଧ କରିଥିଲେ। ତାଙ୍କୁ ଜାଣିଶୁଣି ଅନ୍ୟତ୍ର ବଦଳି କରାଯାଉଥିବା ଅଭିଯୋଗ ଆଣି ବ୍ୟାଙ୍କ ପରିସରରେ ହାତ କାଟିଦେଇଥିଲେ। ଟାଉନ ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରିବା ସହ ଚିକିତ୍ସା ପରେ ଥାନାକୁ ଆଣି ପଚରାଉଚୁରା କରିଥିଲା। ଅନ୍ୟପଟେ କେସିସିବିର ୨ଜଣ ବରିଷ୍ଠ ଅଧିକାରୀ ଏବଂ ମହିଳା ବ୍ୟାଙ୍କ ମ୍ୟାନେଜର ତାଙ୍କୁ ମାନସିକ ନିର୍ଯାତନା ଦେଉଥିବା ନେଇ ରାଜଶ୍ରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ, ଉକ୍ତ ବ୍ୟାଙ୍କରେ ରାଜଶ୍ରୀ ବ୍ୟାଙ୍କିଙ୍ଗ ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟରତ ଅଛନ୍ତି। ଉପରୋକ୍ତ ୩ ଅଧିକାରୀ ତାଙ୍କୁ ଗତ ଦୁଇ ବର୍ଷ ଧରି ମାନସିକ ନିର୍ଯାତନା ଦେଉଛନ୍ତି। ଭୁବନେଶ୍ୱରରେ ଦୀର୍ଘ ବର୍ଷ ହେବ କାର୍ଯ୍ୟ କରୁଥିବା କେତେଜଣ କର୍ମଚାରୀଙ୍କୁ ବଦଳି କରାଯାଉନାହିଁ। ହେଲେ ଦୁଇ ବର୍ଷରେ ତାଙ୍କୁ ଦୁଇ ଥର ବଦଳି କରାଯାଇଛି। ଉଦ୍ଦେଶ୍ୟମୂଳକ ଭାବେ ହଇରାଣ କରାଯାଉଛି। ମୋର ଜୀବନ ପ୍ରତି ବିପଦ ରହିଛି। କୌଣସି ଅସୁବିଧା ହେଲେ ଉକ୍ତ ୩ ଅଧିକାରୀ ଦାୟୀ ରହିବେ ବୋଲି ରାଜଶ୍ରୀ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏଥିସହ ଅଧିକାରୀମାନେ ତାଙ୍କ ଝିଅକୁ ମେସେଜ ପଠାଉଛନ୍ତି। ସାଇବର ଥାନା ଜରିଆରେ ଘଟଣାର ଅନୁସନ୍ଧାନ କରିବା ଲାଗି ସେ ଦାବି କରିଛନ୍ତି। ମୋର ଅସୁବିଧା ସମ୍ପର୍କରେ ବ୍ୟାଙ୍କ ସଭାପତି ଏବଂ ସମ୍ପାଦକଙ୍କୁ ଜଣାଇଛି ବୋଲି ରାଜଶ୍ରୀ କହିଛନ୍ତି। ଅନ୍ୟପକ୍ଷରେ ଏନେଇ କେସିସିବି ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବନଶ୍ରୀ ମଲ୍ଲିକ କହିଛନ୍ତି, ଦୁଇ ବର୍ଷ ହେବ ଏଠାକୁ ଆସିଛି। ରାଜଶ୍ରୀଙ୍କ ଅଭିଯୋଗ ଉପରେ ମୋ ପାଖରେ କୌଣସି ତଥ୍ୟ ନାହିଁ। ପୂର୍ବରୁ ସେ ନିଜ ବଦଳି ଲାଗି କହିଥିଲେ। ଶୁକ୍ରବାର ବଦଳି ଆଦେଶ ବାହାରିଛି। ଏବେ ଯିବାକୁ ଅରାଜି ହେଉଛନ୍ତି। ତୁରନ୍ତ କୌଣସି ବଦଳି ଆଦେଶକୁ ରଦ୍ଦ କରାଯାଇପାରିବ ନାହିଁ। ଯୋଗଦାନ କରିବାକୁ କହିଥିଲି, କିନ୍ତୁ ସେ ରାଜି ହୋଇ ନ ଥିଲେ। ତାଙ୍କୁ ବହୁତ ବୁଝାଇବା ପରେ ମଧ୍ୟ ସେ ବୁଝି ନ ଥିଲେ ବୋଲି ମଲ୍ଲିକ କହିଛନ୍ତି।

# ହସ୍ତଶିଳ୍ପ ଦୈନନ୍ଦିନ ଜୀବନର ଅଙ୍ଗ: ଅନୁପମ ଖେର୍




ସମ୍ମେଳନରେ ମଞ୍ଚାସୀନ ଅଭିନେତା ଅନୁପମ ଖେର୍, ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା ଏବଂ ଅନ୍ୟ ଅତିଥିମାନେ।

**ଅନ୍ତର୍ଜାତୀୟ ହସ୍ତଶିଳ୍ପ ସମ୍ମେଳନ**

କଳିଙ୍ଗନଗର,୨୧ା୧(ଡି.ଏନ୍.ଏ.)

ଭାରତ ତଥା ଓଡ଼ିଶାର ବିଭିନ୍ନ ବୟନ ଗ୍ରାମରେ ମହିଳାଙ୍କୁ ହସ୍ତଶିଳ୍ପ ସ୍ୱାବଲମ୍ବୀ କରିଛି। ଏହାରି ଉପରେ ଅନେକ ପରିବାର ପ୍ରତିପୋଷଣ ହେଉଥିବା ବେଳେ କଞ୍ଚାମାଲର ଅଭାବ ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ଏହି ଦିଗରେ ମୁଦ୍ରିତ ଗଣମାଧ୍ୟମ ଲୋକଲୋଚନକୁ ଆଣି ଏହାକୁ ଦୃଢ଼ୀଭୂତ କରନ୍ତୁ ବୋଲି ଅନ୍ତର୍ଜାତୀୟ ହସ୍ତଶିଳ୍ପ ସମ୍ମେଳନରେ ଶନିବାର ମତପ୍ରକାଶ ପାଇଛି। ଯାଜପୁର ଜିଲା ବ୍ୟାସନଗରର ଚାନ୍ଦମା ପଡ଼ିଆରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଏହି ସମ୍ମେଳନରେ ଶନିବାର ୫ଟି ସେସନରେ ହସ୍ତଶିଳ୍ପର ପ୍ରଚାର ଏବଂ ପ୍ରସାର ଉପରେ ମଞ୍ଚାସୀନ ଅତିଥିମାନେ ମତପୋଷଣ କରିଥିଲେ। ଅତିଥି ଭାବେ ବିଶିଷ୍ଟ ବଲିଉଡ୍ ଅଭିନେତା ଅନୁପମ୍ ଖେର୍ ଏବଂ ରାଜ୍ୟ ସରକାରଙ୍କ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା ଉପସ୍ଥିତ ଥିଲେ। ଅନୁପମ ଖେର୍‌ଙ୍କର ପ୍ରତିଟି କଥାରେ ହାସ୍ୟରୋଳ ସୃଷ୍ଟି ହୋଇଥିଲା। ସେ ହସାଇ ହସାଇ ସମସ୍ତଙ୍କୁ ବେଦମ କରିବା ସହିତ ହସ୍ତଶିଳ୍ପ ଆମ ଦୈନନ୍ଦିନ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ବୋଲି କହିଥିଲେ। କିଛି ପରିବର୍ତ୍ତନ ନିମନ୍ତେ କିଛି ସମୟର ଆବଶ୍ୟକତା ରହିଥିବା ଖେର୍ କହିବା ସହ ସେ ପିଲାବେଳେ ସମ୍ପୂର୍ଣ୍ଣ ଦେଶୀ ଜୀବନଯାପନ କରୁଥିବା ନେଇ ଜଣାଇଥିଲେ। ପ୍ରତ୍ୟେକ ବ୍ୟକ୍ତି ନିଜର କାର୍ଯ୍ୟଦକ୍ଷତା ବିଷୟରେ ଯତ୍ନବାନ ହୋଇପାରିଲେ ସବୁ କାର୍ଯ୍ୟ ସମ୍ଭବ ହୋଇପାରିବ ବୋଲି ସେ କହିଥିଲେ।

ସ୍ଥାନୀୟ ଅଞ୍ଚଳରେ ଲୋକେ ଦୈନନ୍ଦିନ ବ୍ୟବହାରରେ ହସ୍ତଶିଳ୍ପର ବ୍ୟବହାର କଲେ ହସ୍ତଶିଳ୍ପର ପ୍ରଚାର ପ୍ରସାର ହେବା ସହିତ ଏହାର ଚାହିଦା ବଢ଼ିପାରିବ ବୋଲି ଅତିଥିମାନେ କହିଥିଲେ । ଟସର ଶିଳ୍ପ ଉପରେ ଗବେଷଣା ଜରୁରୀ ଥିବା ବେଳେ ହ୍ୟାଣ୍ଡଲୁମ୍ ଏବଂ ହ୍ୟାଣ୍ଡିକ୍ରାଫ୍ଟ ଉପରେ ପ୍ରଶାସନ ସ୍ୱତନ୍ତ୍ର ଧ୍ୟାନ ଦେବା ଜରୁରୀ। ବୟନଗ୍ରାମରେ ରହିଥିବା ଶିଳ୍ପୀଙ୍କ ଉତ୍ପାଦିତ ସାମଗ୍ରୀ ବିକ୍ରୟ ନିମନ୍ତେ ହସ୍ତଶିଳ୍ପୀଙ୍କ ପାଇଁ ସବୁଠାରୁ ବଡ଼ ଆହ୍ୱାନ ଭାବେ ଛିଡା ହୋଇଛି। ସେହିପରି ଶିଳ୍ପକୁ ବଞ୍ଚାଇ ରଖିବା ନିମନ୍ତେ ଦୀର୍ଘମିଆଦୀ ଯୋଜନାମାନ ପ୍ରଣୟନ କରାଯିବା ଜରୁରୀ। ଅନ୍ୟପକ୍ଷରେ ହସ୍ତଶିଳ୍ପରେ ବର୍ଜ୍ୟବସ୍ତୁ ପରିଚାଳନା ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ପ୍ୟାକିଂ ପଦାର୍ଥ ଯଥା ଥର୍ମୋକୁଲ ଏବଂ କାର୍ଡବୋର୍ଡକୁ ପୁନଃ ବ୍ୟବହାର କରାଯାଇପାରିବ। ତେଣୁ ଏହାକୁ ଅଳିଆ ଭାବେ ନ ଫିଙ୍ଗି ବ୍ୟବସ୍ଥିତ ଢଙ୍ଗରେ ଉପଯୋଗ କରିବା ଉଚିତ ବୋଲି ମତପ୍ରକାଶ ପାଇଥିଲା।

ଉନ୍ନୟନ କମିଶନର ଜେନା କହିଥିଲେ ଯେ, ଯାଜପୁର ଜିଲା ପ୍ରଥମଥର ପାଇଁ ଏଭଳି ଏକ କାର୍ଯ୍ୟକ୍ରମ ଆରମ୍ଭ କରିଛି ଏବଂ ଏଠି ଉପସ୍ଥିତ ବ୍ୟକ୍ତିବିଶେଷ ହସ୍ତଶିଳ୍ପ କ୍ଷେତ୍ରରେ ନିପୁଣତା ରଖିଛନ୍ତି । ଆମେ ସେମାନଙ୍କଠାରୁ ଅନେକ କିଛି ଶିକ୍ଷା କରିଛୁ । ପୂର୍ବ ସମୟରେ ରାଜା ମହାରାଜା ହସ୍ତଶିଳ୍ପର ବିକାଶ ଦିଗରେ କାର୍ଯ୍ୟ କରୁଥିବାବେଳେ ବର୍ତ୍ତମାନ ସରକାର ସେ ଦିଗରେ କାର୍ଯ୍ୟ କରିବାକୁ ଆଗଭର ହୋଇଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ୩ ଜିଲାରେ ହେବ ୯ ...

ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅନୁମୋଦନ କରାଯାଇଛି। କ୍ୟାବିନେଟ ବୈଠକ ଶେଷରେ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା ସୂଚନା ଦେଇ କହିଛନ୍ତି ଯେ ଯାଜପୁର ଜିଲାରେ ୨ଟି ବୃହତ୍ ପାନୀୟ ଜଳ ପ୍ରକଳ୍ପ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଫଳରେ ଜିଲାର ବରୀ ବ୍ଲକ ୨୬ଟି ପଞ୍ଚାୟତ ଅନ୍ତର୍ଗତ ୯୧ ଗ୍ରାମର ୧,୪୦,୮୯୪ ଓ କୋରେଇ ବ୍ଲକ ୨୩ ପଞ୍ଚାୟତର ୧୫୯ ଗ୍ରାମର ପ୍ରାୟ ୧,୦୯,୦୯୩ ଲୋକ ପାନୀୟ ଜଳ ପ୍ରକଳ୍ପ ଦ୍ୱାରା ଉପକୃତ ହେବେ। ଉକ୍ତ ପ୍ରକଳ୍ପ କାର୍ଯ୍ୟ ବର୍ଷକ ମଧ୍ୟରେ ଶେଷ ହେବ। ଏଥିପାଇଁ ଆହ୍ୱାନ କରାଯାଇଥିବା ୨୫୪ କୋଟି ୬୬ ଲକ୍ଷ ୨୦ ହଜାର ୫୪୨ ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ କରିଛି।

ସେହିପରି ଜଳ ଜୀବନ ମିଶନରେ ମାଲକାନଗିରି ଜିଲାରେ ୪ଟି ବୃହତ୍ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେବ। ସେଥିରୁ ଖଇରପୁଟ ବ୍ଲକର ୮୭ ଗ୍ରାମର ୪୫,୯୭୫, ମାଲକାନଗିରି ବ୍ଲକର ୧୫ ପଞ୍ଚାୟତର ୧୦୬ ଗ୍ରାମର ୭୬,୯୬୮, ମାଥିଲି ବ୍ଲକର ୧୪୧ ଗ୍ରାମର ୯୪,୬୫୩ ଏବଂ କାଲିମେଳା ବ୍ଲକର ୧୧୯ ଗ୍ରାମର ୯୭,୦୨୪ ଜଣଙ୍କୁ ପାନୀୟ ଜଳ ଯୋଗାଇ ଦିଆଯିବ। ଉକ୍ତ ୪ ପ୍ରକଳ୍ପ ପାଇଁ ଡକାଯାଇଥିବା ୬୩୯ କୋଟି ୨୬ ଲକ୍ଷ ୯୦ ହଜାର ୨୨୦ ଟଙ୍କାର ଟେଣ୍ଡରକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ଉକ୍ତ ପ୍ରକଳ୍ପଗୁଡ଼ିକ ୨ ବର୍ଷ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି।

ସେହିପରି ନୟାଗଡ଼ ଜିଲାରେ ୩ଟି ବୃହତ୍ ପାନୀୟ ଜଳ ପ୍ରକଳ୍ପକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଉକ୍ତ ଜିଲାର ୩ ବ୍ଲକ ଅଧୀନରେ ଥିବା ୪୨ ପଞ୍ଚାୟତର ୬୧୯ ଗ୍ରାମରେ ବାସ କରୁଥିବା ୧,୯୪,୭୩୨ ଜଣଙ୍କୁ ବିଶୁଦ୍ଧ ପାନୀୟ ଜଳ ମିଳିବ। ସେଥିରୁ ଗଣିଆ ବ୍ଲକ ଅଧୀନରେ ଥିବା ୯୨ ଗ୍ରାମର ୩୮,୫୦୬, ଦଶପଲ୍ଲା ବ୍ଲକର ୩୬୯ ଗ୍ରାମର ପ୍ରାୟ ୯୭,୦୦୨ ଓ ନୂଆଗାଁ ବ୍ଲକର ୧୫୮ ଗ୍ରାମର ପ୍ରାୟ ୫୯, ୨୨୪ ଲୋକ ଏହି ପାନୀୟ ଜଳ ପ୍ରକଳ୍ପ ଦ୍ୱାରା ଉପକୃତ ହୋଇପାରିବେ। ଉକ୍ତ ପ୍ରକଳ୍ପ ପାଇଁ ଆହ୍ୱାନ କରାଯାଇଥିବା ୩୯୩ କୋଟି ୯୩ ଲକ୍ଷ ୧୮ ହଜାର ୬୯୧ ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ କରିଛି। ଉକ୍ତ ପ୍ରକଳ୍ପ ୨୪ ମାସ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି।

### ଡାକ୍ତରୀମାଇନା ପାଇଁ ...

ପାଇଁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ପରୀକ୍ଷା କରିବାକୁ ମନା କରିଦେଇଥିଲେ। ଘଟଣାଟି ହାଟଡ଼ିହୀ ବ୍ଲକ୍ ଶାଳନିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଞ୍ଚଳରେ ଘଟିଥିବାରୁ ସେଠାରେ ପରୀକ୍ଷା କରିବାକୁ କହି ଆନନ୍ଦପୁର ଡାକ୍ତର ପଠାଇ ଦେଇଥିଲେ। ପରେ ପୋଲିସ ଟିମ୍ ପୀଡ଼ିତାଙ୍କୁ ଧରି ସେଠାରୁ ପ୍ରାୟ ୨୫ କି.ମି. ଦୂର ଶାଳନିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ତେବେ ସେଠାରେ ମହିଳା ଡାକ୍ତର ନ ଥିବା କହି ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ଫେରାଇ ଦେଇଥିଲେ। ଫଳରେ ପୀଡ଼ିତାଙ୍କୁ ଦୀର୍ଘ ୧୨ ଘଣ୍ଟା ଧରି ପୋଲିସ ଭ୍ୟାନ୍‌ରେ ଅପେକ୍ଷା କରିବାକୁ ପଡ଼ିଥିଲା। ପରେ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ରାତି ହୋଇଯିବାରୁ ପୀଡ଼ିତାଙ୍କ ପ୍ରାଥମିକ ଡାକ୍ତରୀ ଯାଞ୍ଚ କରାଯାଇଥିଲା। ସମ୍ପୂର୍ଣ୍ଣ ପରୀକ୍ଷା ପାଇଁ ଶୁକ୍ରବାର ଆଉଥରେ ଆସିବାକୁ ଡାକ୍ତର କହିଥିଲେ। ସେହି ଅନୁସାରେ ଶୁକ୍ରବାର ପୀଡ଼ିତାଙ୍କ ସମ୍ପୂର୍ଣ୍ଣ ଡାକ୍ତରୀ ପରୀକ୍ଷା କରାଯାଇଥିଲା। ଏନେଇ ସୋସୋ ଥାନା ଅଧିକାରୀ ପ୍ରଦୀପ ସେଠୀ କହିଛନ୍ତି, ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନା ଡାକ୍ତର ଘଟଣା ଘଟିଥିବା ଅଞ୍ଚଳରେ ଥିବା ଶାଳନିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ପୁଣି ଡାକ୍ତର ଆନନ୍ଦପୁରକୁ ପଠାଇଦେଇଥିଲେ। ଡାକ୍ତରଖାନାର ବିଧି ବ୍ୟବସ୍ଥା ଯୋଗୁ ବିଳମ୍ବ ହୋଇଥିଲା ବୋଲି ସେଠୀ କହିଥିଲେ। ଅନ୍ୟପକ୍ଷରେ ଆନନ୍ଦପୁର ଉପଖଣ୍ଡ ମେଡିକାଲ ଅଧିକାରୀ ଡାକ୍ତର ଧନେଶ୍ୱର ସେଠୀ କହିଛନ୍ତି, ତାଙ୍କ ପାଖକୁ କେହି ଆସି ନ ଥିଲେ। ସନ୍ଧ୍ୟାରେ ଆସିବା ପରେ ତୁରନ୍ତ ଡାକ୍ତରୀମାଇନା କରାଯାଇଛି। ନାବାଳିକା ବ୍ୟତୀତ ଅନ୍ୟ କେସ୍‌ରେ ଉଭୟ ପୁରୁଷ ଓ ମହିଳା ଡାକ୍ତର ପରୀକ୍ଷା କରିପାରିବେ। ଯେହେତୁ ଶାଳନିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଅଭିଜ୍ଞ ଡାକ୍ତର ଅଛନ୍ତି ତେଣୁ ନିୟମାନୁଯାୟୀ ପ୍ରଥମେ ସେଠାରେ ପରୀକ୍ଷା କରାଯିବା ଉଚିତ। ନ ହେଲେ ସେଠାରୁ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ପଠାଯାଇଥାଏ ବୋଲି ସେ କହିଥିଲେ। ଏନେଇ ଏସ୍‌ଡିପିଓ ଅନୀଲ ବେଉରିଆ କହିଛନ୍ତି, ଘଟଣାକୁ ଅନୁଧ୍ୟାନ କରିବେ। ରବିବାର ଉକ୍ତ ଥାନାକୁ ଯାଇ ଘଟଣା ବୁଝିବା ପରେ କହିବେ ବୋଲି କହିଥିଲେ।

### ଆଜି ଭାରତ-ନ୍ୟୁଜିଲାଣ୍ଡ ...

ନ ଥିଲା। ଦ୍ୱିତୀୟ ମ୍ୟାଚରେ ଗୋଟିଏ ହେଲେ ଗୋଲ ଦେଇ ନ ପାରି ଇଂଲଣ୍ଡ ବିପକ୍ଷ ମ୍ୟାଚକୁ ଡ୍ର ରଖିଥିଲା। କଥା ଏତିକିରେ ସରି ନ ଥିଲା। ଅପେକ୍ଷାକୃତ ଦୁର୍ବଳ ୱେଲ୍ସ ବିପକ୍ଷରେ ଘରୋଇ ଦଳ ବଡ଼ ବ୍ୟବଧାନରେ ଜିତିବ ବୋଲି ଆଶା କରାଯାଉଥିଲା। ମାତ୍ର ତାହା ହୋଇପାରି ନ ଥିଲା। ଦଳ ମାତ୍ର ୪ଟି ଗୋଲ ଦେଇ ପାରିଥିବାବେଳେ ୨ଟି ଗୋଲ ବରଣ କରିଥିଲା। ତେଣୁ କେବଳ ଆକ୍ରମଣାତ୍ମକ କ୍ଷେତ୍ରରେ ନୁହେଁ ରକ୍ଷଣଭାଗର ବିଫଳତା ମଧ୍ୟ ପଦାରେ ପଡ଼ିଥିଲା। ଏହା ଭାରତୀୟ ଦଳ ପାଇଁ ଚେତାବନୀ ସଦୃଶ ହୋଇଛି। ନ୍ୟୁଜିଲାଣ୍ଡ ଦଳକୁ କୌଣସି ପରିସ୍ଥିତିରେ ହାଲୁକା ଭାବେ ନେଇହେବନାହିଁ। ନିକଟ ଅତୀତରେ ଏହି ଦଳ ଉତ୍ସାହୀ ପ୍ରଦର୍ଶନ କରି ଆସିଛି। ୨୦୨୨ ଅକ୍ଟୋବରରେ ଅନୁଷ୍ଠିତ ପ୍ରୋ-ଲିଗ୍ ମ୍ୟାଚରେ ଏହି ଦଳ ଭାରତକୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲା। ତେଣୁ ସବୁ ବିଭାଗରେ ଭଲ ପ୍ରଦର୍ଶନ ହିଁ ଭାରତକୁ କ୍ୱାର୍ଟର ଫାଇନାଲ ପର୍ଯ୍ୟାୟକୁ ନେଇପାରିବ। ନ୍ୟୁଜିଲାଣ୍ଡକୁ ହରାଇଲେ ଭାରତ କ୍ୱାର୍ଟର ଫାଇନାଲରେ ଗତଥରର ଚାମ୍ପିୟନ ବେଲ୍‌ଜିୟମକୁ ଭେଟିବ। ତେଣୁ କୋଚ୍ ଗ୍ରାହାମ ରିଡ୍ ଓ ଅଧିନାୟକ ହରମନପ୍ରୀତ ସିଂଙ୍କୁ ଏବେଠାରୁ ସ୍ୱତନ୍ତ୍ର ରଣନୀତିରେ ଖେଳିବାକୁ ହେବ।

### ହାତରେ ଲାଗିଲା ...

ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସୀତାକାନ୍ତ ତାମିଲନାଡୁର ଏକ ସୂତାକଳରେ କାମ କରୁଥିବାବେଳେ ମେଶିନରେ ଡାହାଣ ହାତର ବୁଢ଼ା ଆଙ୍ଗୁଠି କଟିଯାଇଥିଲା। ୩ ମାସ ତଳେ ସେ ଆଙ୍ଗୁଠି ହରାଇଥିବାବେଳେ ନିଜର ଦୈନନ୍ଦିନ କାର୍ଯ୍ୟ କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏମିତି କି ମୋବାଇଲ ଚଲାଇବା, କିଛି ଗୋଟାଏ ଜିନିଷ ଉଠାଇବା, ଲେଖିବା ଆଦି କାର୍ଯ୍ୟ କରିବାକୁ ଭାରି ଅସୁବିଧା ହେଉଥିଲା। ସୀତାକାନ୍ତ ଏସ୍‌ସିବି ମେଡିକାଲର ପ୍ଲାଷ୍ଟିକ ସର୍ଜରି ବିଭାଗରେ ଦେଖାଇବା ପରେ ତାଙ୍କୁ ଗୋଡ଼ ଆଙ୍ଗୁଠି କାଟି ହାତର ବୁଢ଼ା ଆଙ୍ଗୁଠି ସ୍ଥାନରେ ଲଗାଯିବା ପାଇଁ କୁହାଯାଇଥିଲା। ସେ ତାଙ୍କ ପରିବାର ଲୋକଙ୍କ ସହ ଆଲୋଚନା କରି ଏନେଇ ସମ୍ମତି ଜଣାଇଥିଲେ। ପରେ ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ନାୟକଙ୍କ ତତ୍ତ୍ୱାବଧାନରେ ସର୍ଜରି କରିବାକୁ ଯୋଜନା କରାଯାଇଥିଲା। ବିଭାଗର ପ୍ଲାଷ୍ଟିକ୍ ଆଣ୍ଡ୍ ରି-କନଷ୍ଟ୍ରକଟିଭ ସର୍ଜରି ଶାଖା ଅଧୀନରେ ଯୁବକଙ୍କ ବାମ ଗୋଡ଼ ଦ୍ୱିତୀୟ ଆଙ୍ଗୁଠିର ରକ୍ତ ନଳୀ, ସ୍ନାୟୁ ଓ ହାଡ଼କୁ ଅଲଗା କରାଯାଇ ଡାହାଣ ହାତର ବୁଢ଼ା ଆଙ୍ଗୁଠିରେ ରୋପଣ କରାଯାଇଥିଲା। ବିଭାଗୀୟ ମୁଖ୍ୟ ଡା. ନାୟକ ଏହି ସର୍ଜରି ପାଇଁ ଦୁଇଟି ଡାକ୍ତରୀ ଦଳର ସହାୟତା ନେଇଥିଲେ। ଡା. ପ୍ରଶାନ୍ତ, ଡା. ଆଶିଷ, ଡା. ରୋଜାଲିନ, ଡା. ବିଷ୍ଣୁ, ଡା. ଆସ୍‌ଫାକ୍, ଡା. ଦୀପକ, ଡା. ଶ୍ୟାମ, ଡା. ଅମିତାଭ, ଡା. ନୃସିଂହ, ଡା. ଈଶାନ୍, ଡା. ସୂର୍ଯ୍ୟ ସାମିଲ ହୋଇଥିଲେ। ନିଶ୍ଚେତକ ବିଭାଗର ଡା. ଅଭିଜିତ, ଡା. ନିମିଷା ମଧ୍ୟ ଏଥିରେ ସହଯୋଗ କରିଥିଲେ। ଓଡ଼ିଶାରେ ଏଭଳି ବିରଳ ଅସ୍ତ୍ରୋପଚାର ପ୍ରଥମଥର ପାଇଁ କରାଯାଇଥିବା ଡା. ନାୟକ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
କର୍ମ ସ୍ଥାନରେ ତିନୋଟି ଗ୍ରହ ହେତୁ ସାମାନ୍ୟ ଭୁଲ୍‌ରୁ କାମ ବିଶୃଙ୍ଖଳିତ ହୋଇଯାଇପାରେ। ଆର୍ଥିକ ସ୍ୱଚ୍ଛଳତା ରହିଥିଲେ ମଧ୍ୟ ପରକଥା ଶୁଣି ମାନସିକ ଶାନ୍ତି ବ୍ୟାହତ ହୋଇପାରେ। କେତେକଙ୍କ କ୍ଷେତ୍ରରେ ମାନସିକ ଚାପ ଓ ପାରିବାରିକ ଅସହଯୋଗରୁ ଚିନ୍ତିତ ରହିବାକୁ ପଡ଼ିବ। ସାମାଜିକ ସ୍ତରରେ ସମସ୍ୟାକୁ ସରଳ ଭାବେ ସମାଧାନ କରିପାରିବେ।

**ବୃଷ**
ଶୁକ୍ରଙ୍କ ଶୁଭ ପ୍ରଭାବରୁ ଆଜିର କାମ ପାଇଁ କୌଣସି ଅସୁବିଧା ହେବନାହିଁ। ଆନୁଷ୍ଠାନିକ କ୍ଷେତ୍ରରେ, ବନ୍ଧୁତ୍ୱ ସ୍ଥାପନରେ, ଲେଖାପଢ଼ାରେ ଆଳସ୍ୟ ଓ ଅବହେଳା ପ୍ରଦର୍ଶନ କରି ସମାଲୋଚିତ ହେବେ। ବାଣିଜ୍ୟ ଓ ପରିବହନାଦି ଦିଗରୁ ସମସ୍ୟାମୁକ୍ତ ରହିପାରନ୍ତି। ବିବାଦୀୟ ସ୍ଥିତିରେ ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ ଭୁଲ୍ କରିପାରନ୍ତି।

**ମିଥୁନ**
ଚନ୍ଦ୍ରଙ୍କ ଶୁଭଦୃଷ୍ଟିରୁ ବିଭିନ୍ନ ଦିଗରୁ ଅର୍ଥାଗମର ଦ୍ୱାର ଉନ୍ମୁକ୍ତ ହୋଇଯିବ। କିନ୍ତୁ ଘରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ। ଅଫିସ୍‌ରେ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି। ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇବାରେ ଜଣେ ଅଜଣା ବନ୍ଧୁଙ୍କ ଅବଦାନ ରହିବ। ଆଇନ ମାମଲାରେ ଫଳ ଉତ୍ତମ।

**କର୍କଟ**
ଆଜିର କର୍ମକ୍ଷେତ୍ରରେ କୌଣସି ବିବାଦୀୟ ମନ୍ତବ୍ୟ ଦେବା ଠିକ୍ ହେବ ନାହିଁ। ନିଜର ପ୍ରତ୍ୟୁତ୍ପନ୍ନମତିତା କାରଣରୁ ପ୍ରତ୍ୟେକ ଅସଜଡ଼ା ପରିସ୍ଥିତିର ମୁକାବିଲା କରିବାରେ ସମର୍ଥ ହେବେ। ବନ୍ଧୁଙ୍କ ପ୍ରହେଳିକାପୂର୍ଣ୍ଣ କଥା ଶୁଣି ମରୀଚିକା ପଛରେ ଦୌଡ଼ିପାରନ୍ତି। ବାଣିଜ୍ୟ, ବ୍ୟବସାୟ, ନିର୍ମାଣ କାର୍ଯ୍ୟକୁ ସଙ୍କୁଚିତ କରିନେଇପାରନ୍ତି।

**ସିଂହ**
କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରି ସଫଳତା ପାଇବେ। ନିଜ ଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। କର୍ମକ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ପରିବାରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**କନ୍ୟା**
ଆଜି ସକାଳୁ ହଠାତ୍ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ସାହିତ୍ୟ, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସିତ ହବେ। ଭାବପ୍ରବଣବଶତଃ ବନ୍ଧୁଙ୍କ ସହ ଓଲଟା କଥା କହି ଅପଦସ୍ଥ ହୋଇପାରନ୍ତି। ସହକର୍ମୀମାନଙ୍କ ସହ ଆଜିର ଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହୋଇପାରେ। ଦୂର ସମ୍ପର୍କୀୟଙ୍କ ବନ୍ଧୁଙ୍କ ଆଗମନ ଉଜ୍ଜ୍ୱଳ।

**ତୁଳା**
ଚାପଗ୍ରସ୍ତ ହୋଇ କେତେକ କ୍ଷେତ୍ରରେ ଇଚ୍ଛା ବିରୋଧରେ କାମ କରି ଅନୁତାପ କରିବାକୁ ପଡ଼ିପାରେ। ଈର୍ଷାପରାୟଣ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସା ଭିନ୍ନାର୍ଥରେ ଗ୍ରହଣ କରିପାରନ୍ତି। ଅଭାବ ନ ଥିଲେ ମଧ୍ୟ ଯାହା ଚାହୁଁଛନ୍ତି ତାହା ନପାଇ ଅବସାଦ ଲାଗି ରହିବ। ଯାନ୍ତ୍ରିକ ତ୍ରୁଟିରୁ ଯାତ୍ରାରେ ବିଳମ୍ବ ଘଟିପାରେ, କିନ୍ତୁ ଲକ୍ଷ୍ୟ ହାସଲ କରିବେ।

**ବିଛା**
ଅଯଥା ତର୍କ ନ କରି ଆଲୋଚନା ଜାରି ରଖିଲେ ସମସ୍ୟାର ସମାଧାନ ହୋଇଯିବ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ, ପ୍ରକାଶନ, ଆନୁଷ୍ଠାନିକ କାମରେ ପ୍ରତିବନ୍ଧକ ଦୂରେଇଯିବ। ବ୍ୟବସାୟ, ପରିବହନ ଓ ନିର୍ମାଣ, ମାଲିମକଦ୍ଦମା ଓ ଚୁକ୍ତିପତ୍ର ପାଇଁ ଦିନଟି ଭଲ। ବନ୍ଧୁଙ୍କ ପରାମର୍ଶକୁ ଗ୍ରହଣକରି ଋଣ ପରିଶୋଧ ପାଇଁ ନୂତନ ଯୋଜନା କରିପାରନ୍ତି।

**ଧନୁ**
ଆଜି ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ରାଜନୀତି, ପ୍ରକାଶନ କିମ୍ବା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବାରେ ଧୈର୍ଯ୍ୟଶୀଳତା କାମକୁ ଆସିପାରେ। କୌଣସି କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ହୁଅନ୍ତୁ ନାହିଁ, ଯାହାକି ସମସ୍ୟାର କାରଣ ହୋଇପାରେ। ଅର୍ଥ ସମ୍ପର୍କକୁ ନେଇ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ।

**ମକର**
ପ୍ରତ୍ୟେକ କ୍ଷେତ୍ରରେ ସହନଶୀଳତା ଆଚରଣ କଲେ ସମସ୍ୟା ଦୂରେଇଯିବ। ଗଠନମୂଳକ ପ୍ରସ୍ତାବ ଦେଇ କର୍ମକ୍ଷେତ୍ରରେ, ରାଜନୀତିରେ, ସାଂସ୍କୃତିକ କାମରେ ପ୍ରଶଂସିତ ହେବେ। ଅଫିସରେ ଏକାଧିକ କାମ ହାତକୁ ନେଇ ବିବ୍ରତ ହୋଇପାରନ୍ତି। କର୍ମାରମ୍ଭ, ଯାନବାହନ, ଲୋକସମ୍ପର୍କ, ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତା କରିବେ।

**କୁମ୍ଭ**
ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ। ଆଦୌ ଭଲ ସମ୍ପର୍କ ନଥିବା କୌଣସି ବ୍ୟକ୍ତି ବିଶେଷଙ୍କ କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ। ସମ୍ପର୍କୀୟ କିମ୍ବା ଆତ୍ମୀୟଙ୍କ ପକ୍ଷପାତିତାକୁ ନାପସନ୍ଦ କରିପାରନ୍ତି। ଆବଶ୍ୟକତା ପୂରଣ ସକାଶେ ଜଣେ ସମ୍ପର୍କୀୟ ବନ୍ଧୁ ଅର୍ଥ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ମୀନ**
ବହୁ ଆକାଂକ୍ଷିତ ଅପୂରଣୀୟ ଅଭିଳାଷ ନେଇ ନୈରାଶ୍ୟଜନକ ଦୁଃଖ ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଖୁସି ହେବେ। ନିଜ ଚତୁଃପାର୍ଶ୍ୱରେ ରହୁଥିବା ବ୍ୟକ୍ତିମାନଙ୍କ ଶୁଣା କଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ପୂର୍ବଭାଦ୍ରବ ନକ୍ଷତ୍ର ଯେତେ ଭଲ ମନେହେଲେ ମଧ୍ୟ ଘର ଭିତରୁ ଆଦର ପାଇବେ ନାହିଁ।

ଆଜି ମାଘ ଶୁକ୍ଳ ପ୍ରତିପଦା ରବିବାର, ଜାନୁୟାରୀ ୨୨ ତାରିଖ, ରାଶି ନକ୍ଷତ୍ର-ଶ୍ରବଣା/ମକର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୨୭ ଗତେ ଘ.୧୦।୦୮ ମଧ୍ୟେ, ଘ.୦୧।୨୦ ଗତେ ଘ.୦୧।୪୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୦୫ ଗତେ ଘ.୦୫।୨୮ ମଧ୍ୟେ ରାହୁକାଳ।

**ମହିଳା ମାଓବାଦୀଙ୍କ ଆତ୍ମସମର୍ପଣ** ମାଲକାନଗିରି,୨୧।୧(ଡି.ଏନ.ଏ.): ମାଲକାନଗିରି ଜିଲା ସୀମାନ୍ତ ସୁକ୍‌ମା ପୋଲିସ ନିକଟରେ ଶନିବାର ଜଣେ ମହିଳା ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ତାଙ୍କ ନାମ ବେଢି ମାର୍କାଂ। ସେ ଛତିଶଗଡ଼ର ସୁକ୍‌ମା ଏସ୍‌ପି ସୁନୀଲ ଶର୍ମା, ଏସ୍‌ଟିଏଫ୍ ଓ କୋବ୍ରା ୨୦୮ ବାଟାଲିୟନର ଅଧିକାରୀଙ୍କ ନିକଟରେ ଆତ୍ମ ସମର୍ପଣ କରିଥିବା ଜଣାପଡ଼ିଛି। ବେଢିଙ୍କ ନାମରେ ଛତିଶଗଡ଼ ସରକାର ପୂର୍ବରୁ ୮ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରିଥିଲେ। ସେ ମାଓବାଦୀ ସଙ୍ଗଠନର ବାଟାଲିୟନ ସଦସ୍ୟ ଭାବେ କାର୍ଯ୍ୟ କରୁଥିଲେ। ଓଡ଼ିଶା ସୀମାନ୍ତ ସମେତ ବିଭିନ୍ନ ସ୍ଥାନରେ ଅନେକ ବଡ ବଡ ହିଂସାକାଣ୍ଡରେ ବେଢି ଜଡିତ ଥିଲେ। ଏବେ ମାଓବାଦୀ ସଙ୍ଗଠନ ନିଜର ସ୍ଥିତି ହରାଉଥିବା ଏବଂ ବରିଷ୍ଠ ମାଓବାଦୀ କ୍ୟାଡରଙ୍କ ଅତ୍ୟାଚାର ଯୋଗୁ ସେ ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବା କହିଛନ୍ତି।

# 'ପ୍ରତି ମାସରେ ଯୋଜନାଗୁଡ଼ିକର ସମୀକ୍ଷା କର'

## କୃଷି, ମତ୍ସ୍ୟ ବିଭାଗର ମିଳିତ ବୈଠକରେ ମନ୍ତ୍ରୀଙ୍କ ନିର୍ଦ୍ଦେଶ

- ଏମ୍‌କେୟୁଓ୍ୱାଇରେ ୫୮୧ ଉଦ୍ୟୋଗୀଙ୍କୁ ୪୪ କୋଟି ସବ୍‌ସିଡି
- ୨୬ ସୁଦ୍ଧା ଫଳଚାରା, ପରିବା ମିନିକିଟ୍ ବଣ୍ଟନ ସାରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୧।୧(ବ୍ୟୁରୋ)

କୃଷି ଓ କୃଷକ ସଶକ୍ତୀକରଣ ଏବଂ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ, ନିର୍ଦ୍ଦେଶକ ଏବଂ ଜିଲାସ୍ତରୀୟ ଅଧିକାରୀଙ୍କ ମିଳିତ ବୈଠକ ଶନିବାର କୃଷି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରି କହିଲେ, ବିଭାଗ ଦ୍ୱାରା ଚାଷୀଙ୍କୁ ସର୍ବାଧିକ ଲାଭ ଦେବା ଉଦ୍ଦେଶ୍ୟରେ ଅନେକଗୁଡ଼ିଏ ଯୋଜନା ଏକତ୍ର କାର୍ଯ୍ୟକାରୀ କରାଯାଉଛି। ତେଣୁ ମାସକୁ ଅନ୍ତତଃପକ୍ଷେ ଥରେ ଏହି ଦୁଇ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ସମେତ ବିଭାଗ ଅଧୀନରେ ଥିବା ନିର୍ଦ୍ଦେଶାଳୟ ଏବଂ ଜିଲାସ୍ତରୀୟ ଅଧିକାରୀଙ୍କ ମିଳିତ ବୈଠକ ବସି ଯୋଜନାଗୁଡ଼ିକର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯିବା ଆବଶ୍ୟକ। ଏହାଦ୍ୱାରା କୃଷି ଉତ୍ପାଦନ ବୃଦ୍ଧି ହେବା ସହିତ ମତ୍ସ୍ୟ ଓ କୁକୁଡ଼ା ଚାଷ, ଗୋପାଳନ ଆଦି କ୍ଷେତ୍ରରେ ବିକାଶ ସାଧିତ ହୋଇପାରିବ ବୋଲି କହିଥିଲେ। ଚଳିତ ୨୦୨୨-୨୩ ବର୍ଷରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ୫୮୧ ଜଣ ଉଦ୍ୟୋଗୀଙ୍କୁ ମୋଟ ୪୪ କୋଟି ୭୯ ଲକ୍ଷ ଟଙ୍କା ସବ୍‌ସିଡି ଆକାରରେ ପ୍ରଦାନ କରାଯାଇଛି। ଘରଦୁଆରେ ପୁଷ୍ଟି ଯୋଜନାରେ ହିତାଧିକାରୀଙ୍କୁ ଫଳଚାରା ଓ ପରିବା ମିନିକିଟ୍ ବଣ୍ଟନ କାର୍ଯ୍ୟ ଆସନ୍ତା ୨୬ ତାରିଖ ସୁଦ୍ଧା ଶେଷ କରିବା ପାଇଁ ମନ୍ତ୍ରୀ କ୍ଷେତ୍ର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ କୃଷି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ସଞ୍ଜୀବ କୁମାର ଚଢ଼ାଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଦ୍ୱାରା ପ୍ରସ୍ତୁତ 'କୃଷକଙ୍କ ଆୟବୃଦ୍ଧି, ଓଡ଼ିଶା ରୋଡ୍‌ମ୍ୟାପ୍ ୨୦୩୦' ପୁସ୍ତିକାକୁ ମନ୍ତ୍ରୀ ଉନ୍ମୋଚନ କରିଥିଲେ।

କୃଷି ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନାର ଅଗ୍ରଗତି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ତଥା ଆପିକଲର ପରିଚାଳନା ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା, ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡ. ୟେଦୁଲ୍ଲା ବିଜୟ, ମତ୍ସ୍ୟ ନିର୍ଦ୍ଦେଶକ ସ୍ମୃତି ରଞ୍ଜନ ପ୍ରଧାନ, ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶକ ହେମନ୍ତ କୁମାର ପଣ୍ଡା ଉପସ୍ଥିତ ଥିଲେ। ଏଥିସହ ସମସ୍ତ ଜିଲା ମୁଖ୍ୟ କୃଷି ଅଧିକାରୀ, ସିଡିଭିଓ, ଜିଲା ମତ୍ସ୍ୟ ଅଧିକାରୀ, ଉଦ୍ୟାନ ବିଭାଗର ଉପନିର୍ଦ୍ଦେଶକ, ସହକାରୀ ଉପନିର୍ଦ୍ଦେଶକ ଏବଂ ଆପିକଲ ଡିଷ୍ଟ୍ରିକ୍ଟ ମ୍ୟାନେଜର ପ୍ରମୁଖ ଯୋଗଦେଇଥିଲେ।

# ଅସ୍ପୃଶ୍ୟତା ଦୂର ପାଇଁ ସ୍ୱର ଉଠାଇଥିଲେ ବଳରାମ ଦାସ



ଭୁବନେଶ୍ୱର,୨୧।୧(ବ୍ୟୁରୋ)

ପଞ୍ଚସଖା ଯୁଗର ଅନ୍ୟତମ ସାଧକ ସନ୍ଥ ବଳରାମ ଦାସଙ୍କ ମହାପ୍ରୟାଣ ଦିବସ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଶନିବାର ପାଳିତ ହୋଇଯାଇଛି। ବିଭାଗର ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ସ୍ଥାନୀୟ ଭଞ୍ଜକଳା ମଣ୍ଡପ ସମ୍ମୁଖରେ ଥିବା ତାଙ୍କ ପ୍ରତିମୂର୍ତ୍ତିସ୍ଥଳୀରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ ଯୋଗଦେଇ ସନ୍ଥଙ୍କ ସ୍ମୃତିଚାରଣ କରିଥିଲେ। ବଳରାମ ଦାସ ଲକ୍ଷ୍ମୀପୁରାଣ ମାଧ୍ୟମରେ ଓଡ଼ିଶାରେ ଅସ୍ପୃଶ୍ୟତା ଦୂର ପାଇଁ ଲେଖନୀ ମାଧ୍ୟମରେ ସ୍ୱର ଉଠାଇଥିଲେ। ସେ ଥିଲେ ବିଶ୍ୱର ପ୍ରଥମ ବାଲୁକା ଶିଳ୍ପୀ, ଯାହାଙ୍କ ଭକ୍ତିରେ ସ୍ୱୟଂ ମହାପ୍ରଭୁ ଜଗନ୍ନାଥ ନନ୍ଦିଘୋଷ ଛାଡି ତାଙ୍କ ବାଲି ରଥରେ ଉପବେଶନ କରିଥିଲେ। ତାଙ୍କ ଦାଣ୍ଡି ରାମାୟଣ ଚିରଦିନ ପାଇଁ ଓଡିଆମାନେ ପାଠ କରିଆସୁଛନ୍ତି ବୋଲି ଅତିଥିମାନେ କହିଥିଲେ। ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ ବନ୍ଦନା ଗାନ କରିବା ପରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ବିଧାୟକ ପ୍ରଫୁଲ୍ଲ ସାମଲ, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଡ. ରଙ୍ଗାଧର ସାହୁ, ଦୁର୍ଯ୍ୟୋଧନ ପରିଡା, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ସନ୍ଥ ବଳରାମ ଦାସ ସ୍ମୃତି ପରିଷଦ ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ମହାନ୍ତି ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ପ୍ରଦୀପ୍ତ କୁମାର ମହାନ୍ତି, କ୍ରୀଡ଼ାବିତ ସବିତା ସିଂହ, ଲଲାଟେନ୍ଦୁ ପଣ୍ଡା, ବି. ପହଲି, ମନୋଜ କୁମାର ସାହୁ, ମନୋରମା ପରିଡା, ସବିତା ସିଂହଙ୍କୁ 'ସନ୍ଥ ବଳରାମ ଦାସ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଭୁବନେଶ୍ୱରରେ ଥିବା ଜାମୁକୋଳି ଗୋଶାଳା ପରିଦର୍ଶନ କରି ବାଛୁରୀର ନାମକରଣ କରୁଛନ୍ତି।

# ବାଛୁରୀ ନାମ 'କ୍ରିଷ୍ଣା' ରଖିଲେ ମୁଖ୍ୟମନ୍ତ୍ରୀ

## ଜାମୁକୋଳି ଗୋଶାଳା ପରିଦର୍ଶନ

ଭୁବନେଶ୍ୱର, ୨୧।୧ (ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଭୁବନେଶ୍ୱର ମହାନଗର ନିଗମ ଅଧୀନରେ ଥିବା ଜାମୁକୋଳି ଗୋଶାଳା ପରିଦର୍ଶନ କରିଥିଲେ। ସେଠାରେ ଗୋରୁଙ୍କ ରକ୍ଷଣାବେକ୍ଷଣ, ଯତ୍ନ ଓ ସେମାନଙ୍କ ପାଇଁ ଥିବା ବ୍ୟବସ୍ଥା ସମ୍ପର୍କରେ ପ୍ରତ୍ୟକ୍ଷ ଅନୁଧ୍ୟାନ କରିଥିଲେ। ଗୋରୁମାନଙ୍କୁ କ'ଣ ଖାଇବାକୁ ଦିଆଯାଉଛି ଓ କ'ଣ ସବୁ ବ୍ୟବସ୍ଥା ରହିଛି, ସେସବୁ ବୁଲି ଦେଖିବା ସହ କିଛି ଗୋରୁଙ୍କୁ ଫଳ ଓ ପନିପରିବା ଖାଇବାକୁ ଦେଇଥିଲେ। ଏଥିସହ ଗୋରୁମାନଙ୍କର ଉପଯୁକ୍ତ ଯତ୍ନ ନେବା ପାଇଁ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଏକ ନବଜନ୍ମିତ ବାଛୁରୀକୁ ଦେଖି ମୁଖ୍ୟମନ୍ତ୍ରୀ ଏହାର ନାମ ପଚାରିଥିଲେ। ବାଛୁରୀଟିର ନାମ ଦିଆଯାଇ ନ ଥିବା ଜାଣିବା ପରେ ମୁଖ୍ୟମନ୍ତ୍ରୀ ତା'ର ନାମ 'କ୍ରିଷ୍ଣା' ରଖିଥିଲେ।

୨୦୧୮ରେ ବିଏମ୍‌ସି ପକ୍ଷରୁ ଜାମୁକୋଳିଠାରେ ୫.୫ ଏକର ପରିମିତ ଜମିରେ ଏହି ଗୋଶାଳା ସ୍ଥାପନ କରାଯାଇଛି। ଏଠାରେ ବର୍ତ୍ତମାନ ୯୦୬ଟି ଗୋରୁ ରହିଛନ୍ତି। ଏହି ଗୋଶାଳାକୁ ୨୦.୫ ଏକର ପରିମିତ ଅଞ୍ଚଳକୁ ସମ୍ପ୍ରସାରିତ କରିବାକୁ ପ୍ରସ୍ତାବ ରହିଛି। ଏନେଇ ସମସ୍ତ ପ୍ରାରମ୍ଭିକ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଯଥାଶୀଘ୍ର ସମ୍ପ୍ରସାରଣ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ୫-ଟି ସଚିବ ଭି.କେ. ପାଣ୍ଡିଆନ, ମେୟର ସୁଲୋଚନା ଦାସ, ଉତ୍ତର ବିଧାୟକ ସୁଶାନ୍ତ ରାଉତ, ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ପ୍ରମୁଖ ଉପସ୍ଥିତ ଥିଲେ।

# ସବିଶେଷ ରିପୋର୍ଟ ମାଗିଲେ ଏନ୍‌ଏଚ୍‌ଆର୍‌ସି

## ମହିଳା ଡାକ୍ତରଙ୍କ ମୃତ୍ୟୁ ଘଟଣା

କେନ୍ଦୁଝର,୨୧।୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ ବନେଇକଳାରେ ଥିବା ସହର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟ କରୁଥିବା ଡାକ୍ତର ଶୁଭଶ୍ରୀ କରଙ୍କ ମୃତ୍ୟୁ ଘଟଣାରେ ସବିଶେଷ ରିପୋର୍ଟ ମାଗିଛନ୍ତି ଜାତୀୟ ମାନବାଧିକାର କମିଶନ। ଘଟଣାକୁ ନେଇ କମିଶନ କେସ ନମ୍ବର ୪୫ରେ ଏହି ଆଦେଶ କରିଛନ୍ତି। ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକଙ୍କ ଅଭିଯୋଗକ୍ରମେ ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ କେନ୍ଦୁଝର ଏସ୍‌ପିଙ୍କୁ ଚିଠି କରିଥିବା ଜଣାପଡ଼ିଛି। ପ୍ରକାଶ ଯୋଗ୍ୟ, ଗତ ୩୧ ତାରିଖ ରାତିରେ ନିଜ ସହକର୍ମୀଙ୍କ ସହ ନାଚଗୀତ କରି ଜିରୋ ନାଇଟ ସେଲିବ୍ରେସନ କରିଥିଲେ ଡାକ୍ତର ଶୁଭଶ୍ରୀ କର। ପରଦିନ ଅର୍ଥାତ ନୂଆବର୍ଷ ଦିନ ନିଜ ବାସଭବନରୁ ବନ୍ଦ ରୁମରୁ ତାଙ୍କ ମୃତଦେହ ପୋଲିସ ଉଦ୍ଧାର କରିଥିଲା।

# ମାର୍ଚ୍ଚ ୫ରୁ ପ୍ରଦର୍ଶିତ ହେବ ଡାକୋଟା

ଭୁବନେଶ୍ୱର, ୨୧।୧(ବ୍ୟୁରୋ)

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଐତିହାସିକ 'ଡାକୋଟା ବିମାନ' ମାର୍ଚ୍ଚ ୫ରୁ ସର୍ବସାଧାରଣଙ୍କ ନିମନ୍ତେ ପ୍ରଦର୍ଶିତ ହେବ। ବିଜୁ ଜୟନ୍ତୀ ତଥା ପଞ୍ଚାୟତିରାଜ ଦିବସରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଏହି ପ୍ରଦର୍ଶନୀର ଶୁଭାରମ୍ଭ ହେବ। ବିମାନର ମରାମତି ଓ ସ୍ଥାପନ ପାଇଁ ଏରୋସ୍ପେସ୍ ରିସର୍ଚ୍ଚ ଆଣ୍ଡ୍ ଡେଭଲପ୍‌ମେଣ୍ଟ ସେଣ୍ଟର(ଏଆର୍‌ଡିସି) ୩ କୋଟି ଟଙ୍କାର ଚୁକ୍ତି କରିଛି। ଏଥିପାଇଁ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇସାରିଥିବା ସୂଚନା ମିଳିଛି। ଏ ସମ୍ପର୍କରେ ଭୁବନେଶ୍ୱର ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ କହିଛନ୍ତି, ବିମାନର ମରାମତି କାର୍ଯ୍ୟ ବିମାନବନ୍ଦରରେ ଥିବା ରାଜ୍ୟ ସରକାରଙ୍କ ହ୍ୟାଙ୍ଗରରେ ଚାଲିଛି। ମରାମତି ପରେ ବିମାନବନ୍ଦରରେ ଆବଣ୍ଟିତ ହୋଇଥିବା ସ୍ଥାନକୁ ସ୍ଥାନାନ୍ତର କରାଯିବ।

ସୂଚନାଯୋଗ୍ୟ, ଡାକୋଟା ବିମାନଟି କୋଲକାତାରୁ ୩ଟି ଲରିରେ ଆସି ଗତ ବୁଧବାର ସନ୍ଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିଥିଲା। ଏଠାରେ ଡାକୋଟାକୁ ଭବ୍ୟ ସ୍ୱାଗତ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜେ ଭୁବନେଶ୍ୱର ବିମାନବନ୍ଦରରେ ଫୁଲ ପକାଇ ସ୍ୱାଗତ କରିଥିଲେ।

# ଜଳ ପରିମଳ ବିଭାଗ ପୂର୍ବତନ ପରାମର୍ଶଦାତାଙ୍କୁ ୪ ବର୍ଷ ଜେଲ

ଫୁଲବାଣୀ ଅଫିସ, ୨୧।୧

ଏକ ଲାଞ୍ଚ କାରବାର ମାମଲାର ବିଚାର କରି ଫୁଲବାଣୀ ଭିଜିଲାନ୍ସ ଜଜ୍ ସମର ବିଳାସ ବେହେରା ଅଭିଯୁକ୍ତଙ୍କୁ ୪ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଏହା ଅନାଦେୟ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ବୌଦ୍ଧ ଜିଲା ଜଳ ପରିମଳ ବିଭାଗ (ଆରଡବ୍ଲ୍ୟୁଏସ୍‌ଏସ୍)ର ପୂର୍ବତନ ପରାମର୍ଶଦାତା (କନ୍‌ସଲ୍‌ଟାଣ୍ଟ) ଉତ୍କଳ କେଶରୀ ବହିଁଆ। ସୂଚନା ଅନୁସାରେ, ୨୦୧୫ରେ ସ୍ୱଚ୍ଛ ଭାରତ ଗ୍ରାମୀଣ ଯୋଜନାରେ ଏକ ପାଇଖାନା ନିର୍ମାଣ ପାଇଁ ଜଣେ ବ୍ୟକ୍ତି ତାଙ୍କ ପୁଅଙ୍କ ନାମରେ ଆବେଦନ କରିଥିଲେ। ଏହାର ତଦାରଖ କରିବା ସହ କାର୍ଯ୍ୟାଦେଶ ଦେବା ପାଇଁ ସମ୍ପୃକ୍ତ ପରାମର୍ଶଦାତାଙ୍କୁ ଯୋଗାଯୋଗ କରିଥିଲେ। ହେଲେ ଏଥିପାଇଁ ୧୦୦୦ ଟଙ୍କା ଦେବାକୁ ସେ ଦାବି କରିଥିଲେ। ଫଳରେ ଆବେଦନକାରୀ ଏ ନେଇ ବ୍ରହ୍ମପୁର ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଭିଜିଲାନ୍ସ ବିଭାଗ ପକ୍ଷରୁ ଘଟଣାର ତଦନ୍ତ ହୋଇଥିଲା। ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ପୂର୍ବତନ ଇନ୍ସପେକ୍ଟର ତଦନ୍ତ କରି କୋର୍ଟଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ବିଚାରପତି ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଅଭିଯୁକ୍ତଙ୍କୁ ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଭିଭି ରାମଦାସ ମାମଲା ପରିଚାଳନା କରୁଥିଲେ।

# ଯୁକ୍ତ୨ ପ୍ରାକ୍ଟିକାଲ: ୨୯ ସୁଦ୍ଧା କେନ୍ଦ୍ରରେ ପହଞ୍ଚିବ ପରୀକ୍ଷା ଉପକରଣ

ଭୁବନେଶ୍ୱର, ୨୧।୧(ବ୍ୟୁରୋ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷା ଆସନ୍ତା ମାର୍ଚ୍ଚ ୧ରୁ ଆରମ୍ଭ ହୋଇ ଏପ୍ରିଲ ୫ରେ ଶେଷ ହେବ। ସେହିପରି ପ୍ରାକ୍ଟିକାଲ ପରୀକ୍ଷା ଫେବୃୟାରୀ ୧ରୁ ଆରମ୍ଭ ହୋଇ ୧୦ ତାରିଖ ଯାଏ ଚାଲିବ। ପରୀକ୍ଷା ପାଇଁ ସବୁ ପ୍ରକାର ପ୍ରସ୍ତୁତି ଆରମ୍ଭ କରିଦେଇଛି ପରିଷଦ। ତେଣୁ ପ୍ରାକ୍ଟିକାଲ ପରୀକ୍ଷା ସମ୍ବନ୍ଧୀୟ ସମସ୍ତ ମାଟେରିଆଲ୍ସ ବା ଉପକରଣ (ପ୍ରଶ୍ନପତ୍ର, ଖାଲି ଉତ୍ତର ଖାତା ଓ ଅନ୍ୟାନ୍ୟ) ଆସନ୍ତା ୨୪ ତାରିଖ ସକାଳୁ ସିଏଚ୍‌ଏସ୍‌ଇ କାର୍ଯ୍ୟାଳୟରୁ ଯୋଗାଣ ଆରମ୍ଭ ହେବ। ୨୯ତାରିଖ ସୁଦ୍ଧା ସମସ୍ତ ପରୀକ୍ଷା କେନ୍ଦ୍ରରେ ଏହା ପହଞ୍ଚିବ। ଏ ନେଇ ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ଅଶୋକ କୁମାର ନାୟକ ସମସ୍ତ ମାଧ୍ୟମିକ ସ୍କୁଲ ଅଧ୍ୟକ୍ଷ ଏବଂ ପରୀକ୍ଷା କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଚିଠି ଲେଖି ଜଣାଇଛନ୍ତି। ସିଏଚ୍‌ଏସ୍‌ଇ ଅଧିକାରୀମାନେ ଅଫିସ ସମୟ ପରେ ମଧ୍ୟ ଶିକ୍ଷାନୁଷ୍ଠାନରେ ପହଞ୍ଚିପାରନ୍ତି। ତେଣୁ ୨୪ରୁ ୨୯ତାରିଖ ମଧ୍ୟରେ ଅଧ୍ୟକ୍ଷମାନେ ପରୀକ୍ଷା ସମ୍ବନ୍ଧୀୟ ସମସ୍ତ ମାଟେରିଆଲ୍ସକୁ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ରହିବେ। ସେହିପରି ସମସ୍ତ ମାଟେରିଆଲ୍ସକୁ ଠିକ୍ ଭାବେ ତଦାରଖ ଏବଂ ଗଣିକରି ଅଧ୍ୟକ୍ଷମାନେ ରଖିବେ। କମ୍ ଥିଲେ ତୁରନ୍ତ ପରୀକ୍ଷା ନିୟନ୍ତ୍ରକଙ୍କୁ ଜଣାଇବେ। ସମସ୍ତ ପ୍ରଶ୍ନପତ୍ର ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ଏବଂ ଅଧ୍ୟକ୍ଷଙ୍କ ସୁପରଭିଜନରେ ସିସିଟିଭି ନଜରରେ ଥିବା ଷ୍ଟ୍ରଙ୍ଗରୁମ୍‌ରେ ରଖାଯିବ। ସେପଟେ ଆସନ୍ତା ୩୧ ତାରିଖ ସୁଦ୍ଧା କ୍ୱାର୍ଟର ଏଣ୍ଡ୍ ପରୀକ୍ଷାର ମାର୍କ ସାମ୍ସ ପୋର୍ଟାଲରେ ଅପ୍‌ଲୋଡ୍ କରିବା ପାଇଁ ସିଏଚ୍‌ଏସ୍‌ଇ ଶନିବାର ସମସ୍ତ ଉଚ୍ଚ ମାଧ୍ୟମିକ ଶିକ୍ଷା ସ୍କୁଲ ଅଧ୍ୟକ୍ଷଙ୍କୁ ଜଣାଇଛି। ଶେଷ ତାରିଖ ପର୍ଯ୍ୟନ୍ତ ଅପେକ୍ଷା ନ କରି ଓ କୌଣସି ବୈଷୟିକ ସମସ୍ୟାର ସମ୍ମୁଖୀନ ନ ହେବା ପାଇଁ ମାର୍କ ଅପ୍‌ଲୋଡ୍ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଚିଠିରେ କୁହାଯାଇଛି।

# ସ୍କୁଲ ବ୍ୟାଗ୍‌ରେ ଗଞ୍ଜେଇ ଚାଲାଣ, ୪ ଗିରଫ

କୋରାପୁଟ,୨୧।୧(ସ୍ୱ.ପ୍ର.)

କୋରାପୁଟ ଜିଲାର ଆନ୍ଧ୍ର ସୀମାନ୍ତ ଅଞ୍ଚଳରେ ବ୍ୟାପକ ଭାବେ ଗଞ୍ଜେଇ ଚାଷ ହୋଇଥାଏ। ଏହାକୁ ବାହାର ରାଜ୍ୟକୁ ଚାଲାଣ ପାଇଁ ଚାଲାଣକାରୀମାନେ ବିଭିନ୍ନ ଉପାୟ ଅବଲମ୍ବନ କରୁଛନ୍ତି। ସ୍କୁଲ ବ୍ୟାଗରେ ଗଞ୍ଜେଇ ଚାଲାଣ କରୁଥିବା ୪ ଜଣଙ୍କୁ ଶନିବାର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଭୋର ସମୟରେ ମାଛକୁଣ୍ଡ ଓ ଲମତାପୁଟ ପୋଲିସ ଲମତାପୁଟର ମାଲେଗାଁ ଛକ ନିକଟରେ ଚଢାଉ କରି ସ୍କୁଲ ବ୍ୟାଗରେ ଚାଲାଣ ହେଉଥିବା ୨୦ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଛି। ଏହି ଗଞ୍ଜେଇ ଆନ୍ଧ୍ର ସୀମାନ୍ତ ଅଞ୍ଚଳରୁ ଚାଲାଣ ହେଉଥିବା ସୂଚନା ପାଇ ନନ୍ଦପୁର ଏସ୍‌ଡିପିଓ ସଞ୍ଜୟ ମହାପାତ୍ର ଏହାକୁ ଧରିବା ପାଇଁ ମାଛକୁଣ୍ଡ ଓ ଲମତାପୁଟ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ।

# ଶ୍ରୀକ୍ଷେତ୍ରରେ ପହଞ୍ଚିଲା ପ୍ରଥମ ପର୍ଯ୍ୟାୟ ରଥକାଠ

## ନୟାଗଡ଼ରୁ ୩ ଟ୍ରକ୍‌ରେ ୧୦୪ ଖଣ୍ଡ ଅସନ ଓ ଧଉରା କାଠ ଆସିଲା



ପୁରୀ ଅଫିସ/ନୟାଗଡ଼ ଅଫିସ/ ଦଶପଲ୍ଲା,୨୧।୧(ଡି.ଏନ.ଏ.)

ବିଶ୍ୱନିୟନ୍ତା ଦାରୁବିଗ୍ରହଙ୍କ ଚଳିତବର୍ଷ ରଥଯାତ୍ରା ଜୁନ୍ ୨୦ରେ ଅନୁଷ୍ଠିତ ହେବ। ଏଥିପାଇଁ ଶ୍ରୀପଞ୍ଚମୀ ତିଥି ସରସ୍ୱତୀ ପୂଜା ଅବସରରେ ରଥଖଳାରେ ରଥକାଠ ଅନୁକୂଳ ବା ପୂଜାର୍ଚ୍ଚନା ହେବ। ତେବେ ଶ୍ରୀପଞ୍ଚମୀ ୨୬ ତାରିଖ ଗୁରୁବାର ପଡୁଥିବାବେଳେ ଏହାର କିଛି ଦିନ ପୂର୍ବରୁ ପ୍ରଥମ ପର୍ଯ୍ୟାୟ ରଥକାଠ ପୁରୀରେ ପହଞ୍ଚିଛି। ନୟାଗଡ଼ ବନଖଣ୍ଡ ଅଧୀନ ଦଶପଲ୍ଲା ରେଞ୍ଜର ପୋଖରୀ ଗୋଛା ଓ ଚଢ଼େୟାପଲ୍ଲୀରୁ ୩ଟି ଟ୍ରକ ଯୋଗେ ରଥ କାଠ ଶନିବାର ପୁରୀରେ ପହଞ୍ଚିଛି। ପ୍ରଥମ ପର୍ଯ୍ୟାୟରେ ମୋଟ ୧୦୪ ଖଣ୍ଡ କାଠ ଆସିଛି।

ଶୁକ୍ରବାର ସନ୍ଧ୍ୟାରେ ନୟାଗଡ଼ ଦଶପଲ୍ଲା ମହାବୀର ମନ୍ଦିରରେ ପ୍ରଥମେ ରଥକାଠକୁ ପୂଜାର୍ଚ୍ଚନା କରାଯାଇଥିଲା। ପୂଜା ସମୟରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ନୟାଗଡ଼ ଏସିଏଫ୍ ଶ୍ୱେତଲିନା ସାହୁ, ଦଶପଲ୍ଲା ରେଞ୍ଜର ଅଖିଳେଶ ମଲ୍ଲିକ ପ୍ରମୁଖ ଥିଲେ। ପରେ ୩ଟି ଟ୍ରକ୍ ନୟାଗଡ ପୁରୁଣା ସହରସ୍ଥିତ ଜଗନ୍ନାଥ ମନ୍ଦିରରେ ପହଞ୍ଚିବା ପରେ ସେଠାରେ ପୁଣି ପୂଜା କରାଯାଇଥିଲା। ନୟାଗଡ଼ ଡିଏଫ୍‌ଓ କ୍ଷମା ଷଡ଼ଙ୍ଗୀ, ଏସିଏଫ୍ ଶ୍ୱେତଲିନା ସାହୁ, ଏସିଏଫ୍ ହିମାଂଶୁ ମୁଦୁଲି ଉପସ୍ଥିତ ଥିଲେ। ତେବେ ରଥ କାଠ ବୋଝେଇ ଟ୍ରକ ଶନିବାର ସନ୍ଧ୍ୟାରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ପହଞ୍ଚିଥିଲା। ପ୍ରଥମ ପର୍ଯ୍ୟାୟରେ ପହଞ୍ଚିଥିବା ୧୦୪ଟି କାଠ ମଧ୍ୟରେ ଅସନ ଓ ଧଉରା କାଠ ରହିଛି। ୧୨ ଫୁଟିଆ ଅସନ କାଠ ୩୪ ଖଣ୍ଡ ଏବଂ ଧଉରା କାଠ ୨୯ ଖଣ୍ଡ ରହିଛି। ସେଥିମଧ୍ୟରେ ୧୨ ଫୁଟିଆ ଅସନ ଓ ଧଉରା ରହିଥିବା ସହ ୨୦ ଫୁଟିଆ ଧଉରା ଓ ଅସନ କାଠ ରହିଛି। ଆସିଥିବା ୧୦୪ ଖଣ୍ଡ ରଥକାଠ ମଧ୍ୟରେ ୩୩ ଖଣ୍ଡ ଅସନ ଏବଂ ୭୧ ଖଣ୍ଡ ଧଉରା କାଠ ରହିଛି। ସେଥିମଧ୍ୟରୁ ୧୨ଫୁଟିଆ ଅସନ କାଠ ୧୮ଟି, ୨୦ ଫୁଟିଆ ଅସନ କାଠ ୧୫ଟି ରହିଥିବା ବେଳେ ୧୨ଫୁଟିଆ ୪୪ ଖଣ୍ଡ ଧଉରା ଓ ୨୦ ଫୁଟର ଧଉରା କାଠ ୨୭ଟି ରହିଛି। ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ୮୬୫ ଖଣ୍ଡ ଅସନ, ଧଉରା, ଫାସୀ ସହ ବିଭିନ୍ନ ପ୍ରକାର କାଠ ଆବଶ୍ୟକ ହୋଇଥାଏ। ତେବେ ଗତବର୍ଷ ୧୧୮ ଖଣ୍ଡ କାଠ ବଳକା ରହିଛି। ତେଣୁ ଚଳିତବର୍ଷ ରଥ ନିର୍ମାଣ ପାଇଁ ୭୪୭ ଖଣ୍ଡ କାଠ ଆବଶ୍ୟକ ରହିଛି। ପ୍ରଥମ ପର୍ଯ୍ୟାୟରେ ୧୦୪ ଖଣ୍ଡ କାଠ ପୁରୀରେ ପହଞ୍ଚିଥିବା ବେଳେ ପର୍ଯ୍ୟାୟକ୍ରମେ ବାକି ରଥ କାଠ ପହଞ୍ଚିବ ବୋଲି ରଥ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ ସୂଚନା ଦେଇଛନ୍ତି। ଚଳିତବର୍ଷ ମୋଟ ୭୪୭ କାଠ ମଧ୍ୟରୁ ସ' ମିଲକୁ ୪୦୬ ଓ ରଥଖଳାକୁ ୩୪୧ ଖଣ୍ଡ କାଠ ଯିବାର ରହିଛି। ଶନିବାର ପୁରୀରେ ପହଞ୍ଚିଥିବା କାଠ ମଧ୍ୟରୁ ରଥ ସଂହିତା ଅନୁଯାୟୀ, ସରସ୍ୱତୀ ପୂଜା ଦିନ ୩ଟି ୧୨ ଫୁଟିଆ ଧଉରା କାଠକୁ ଶ୍ରୀନହର ସମ୍ମୁଖ ରଥଖଳାରେ ପୂଜା କରାଯିବ। ପରେ ରଥ ନିର୍ମାଣ ସମୟରେ ଉକ୍ତ ୩ଟି କାଠରେ ଗୁଜ ଅନୁକୂଳ କରାଯାଇ ଗୁଜ ନିର୍ମାଣ କରାଯିବ। ସେହିପରି ରାମ ନବମୀ ତିଥିରେ କଟକ ଖପୁରିଆସ୍ଥିତ କରତକଳରେ କାଠ ଚିରା ଅନୁକୂଳ ହେବ ଓ ଅକ୍ଷୟ ତୃତୀୟା ଦିନ ରଥ ନିର୍ମାଣ କାର୍ଯ୍ୟ ଅନୁକୂଳ ହେବ।

COLLEGE OF PHARMACEUTICAL SCIENCES, BERHAMPUR
At/P.O.: Mohuda (GM) - 760002 (Orissa)
Estd.: 1979
(Approved by AICTE, PCI & UGC and affiliated to BPUT, BU & OSBP)
www.cpsmohuda.org, Mobile No.: 7894824133, 9439868992
WALK-IN-INTERVIEW FOR PHARMACY FACULTY
POST: LECTURER / ASST. PROFESSOR
Specialization : Pharmacognosy, Pharmacy Practice, Pharmacology, Pharmaceutical Chemistry & Pharmaceutics
Eligibility : As per AICTE norms
Pay : AICTE Scale of pay plus allowance as admissible
Date of Interview: 29th January, 2023 (Sunday) by 10.00 A.M.
Venue : Administrative Office, GPCDA, Kamalavari Street, Near Big Bazar, Berhampur - 760002
Please send your C.V. by E-mail "placementcellcps@gmail.com, within seven days and attend Interview in Offline mode with Complete CV, Original Certificates as well as photocopies of all Certificates.
PRINCIPAL
N.B.: No TA/DA will be given for attending the Interview.



ମଣିଷକୁ ତା'ର ପରିବେଶ ପରିସ୍ଥିତି ଉପରେ କର୍ତ୍ତୃତ୍ୱ ଆଣିବାକୁ ହେବ ନିଶ୍ଚୟ। କିନ୍ତୁ ତା'ସହିତ ତାକୁ ମଧ୍ୟ ବିଶ୍ୱ-ଐକ୍ୟ ଓ ବିଶ୍ୱ-ସଙ୍ଗତି ଆଣିବା ଦିଗରେ ତତ୍ପର ହେବାକୁ ପଡିବ। ମଣିଷ ତା'ର ନିଜର ସ୍ୱତନ୍ତ୍ର ବ୍ୟକ୍ତିତ୍ୱକୁ ନିଶ୍ଚୟ ଉପଲବ୍ଧି କରିବ। କିନ୍ତୁ ତା'ସଙ୍ଗେ ସଙ୍ଗେ ତାକୁ ତା'ର ଅହଂ ସତ୍ତାକୁ ବିଶ୍ୱାତ୍ମା ସହିତ ଏକ ହେବା ଲାଗି ବଢାଇ ବଢାଇ ଚାଲିବାକୁ ହେବ। ତା'ର ଅସ୍ତିତ୍ୱରୁ ସେ ପାଇବ ଏକ ବିଶ୍ୱଜନୀନ ଓ ଆଧ୍ୟାତ୍ମିକ ଆନନ୍ଦ। –ଶ୍ରୀଅରବିନ୍ଦ

# ଖାଲି ଡ୍ରାମା



ଆକାର ପଟେଲ

ଶାସନ ହେଉଛି ଏକ ବ୍ୟବସ୍ଥା। ଏହା ଏକ ପ୍ରକାର ପ୍ରକ୍ରିୟା ଯେଉଁଥିରେ ଏହାର ଲୋକ ଉତ୍ତରଦାୟୀ ରହନ୍ତି। ଶାସନର ତତ୍ତ୍ୱ କହିଲେ ନୀତି, ଜଟିଳ ସ୍ଥିତିର ପରିଚାଳନା, ଅନୁପାଳନ ଏବଂ ପ୍ରଶାସନକୁ ବୁଝାଏ। 'ଉତ୍ତମ ଶାସନ'ର ୮ଟି ବିଶେଷତା ହେଉଛି ଭାଗୀଦାରି, ସହମତି କୈନ୍ଦ୍ରିକ, ଉତ୍ତରଦାୟୀ, ସ୍ୱଚ୍ଛତା, ଦାୟିତ୍ୱବୋଧ, ପ୍ରଭାବଶାଳୀ ଓ ଦକ୍ଷ, ସମନତା ଓ ସମାବେଶୀ ଏବଂ ଆଇନର ଶାସନ। ନୀତି ନିର୍ଦ୍ଧାରଣରେ ଦୁର୍ନୀତି ହ୍ରାସ କରିବା ଏବଂ ସଂଖ୍ୟାଲଘୁଙ୍କ ଦୃଷ୍ଟିକୋଣକୁ ବିଚାରକୁ ନେବା ଓ ସବୁଠୁ ବିପଜ୍ଜନକ ସ୍ଥିତିରେ ଥିବା ସମାଜର ସ୍ୱର ଶୁଣିବା ପାଇଁ ଏହା ଭରସା ଦିଏ। ସରକାରଙ୍କର ସବୁଠୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେଉଛି ଶାସନ।

ଶିକ୍ଷା ଉପରେ ୨୦୦୫ ପରଠାରୁ ଏଏସ୍ଇଆର୍ ସର୍ଭେ କରାଯାଉଛି। ଚଳିତ ବର୍ଷ ଏଏସ୍ଇଆର୍ ଦ୍ୱାରା କରାଯାଇଥିବା ସର୍ଭେରେ ୬୧୬ଟି ଜିଲା(ଦେଶର ମୋଟ ଜିଲାର ୮୫%) ର ୩ରୁ ୧୬ ବର୍ଷ ବୟସର ୬.୯ ଲକ୍ଷ ପିଲାଙ୍କୁ ସାମିଲ କରିଥିଲା। ଏଥିରେ ସ୍କୁଲରେ ନାମଲେଖା, ପଢ଼ା ଦକ୍ଷତା ଏବଂ ଗଣିତ ଜ୍ଞାନ ବିଷୟରେ ଅନୁଧ୍ୟାନ କରାଯାଇଛି। ପିଲାଙ୍କୁ ୪ଟି ସ୍ତରରେ ଅର୍ଥାତ୍ ପ୍ରଥମରେ ଅକ୍ଷର ଲେଖା, ଦ୍ୱିତୀୟରେ ସାଧାରଣ ଶବ୍ଦ ଲେଖିବା, ତୃତୀୟରେ ୪ଟି ସରଳ ବାକ୍ୟକୁ ନେଇ ଏକ ପାରା ଲିଖନ ଏବଂ ଚତୁର୍ଥରେ ସାମାନ୍ୟ ଜଟିଳ ଶବ୍ଦାବଳୀକୁ ନେଇ ଏକ ଦୀର୍ଘ ଲେଖା ପ୍ରସ୍ତୁତ କରିବାକୁ ନେଇ ପରୀକ୍ଷା କରାଯାଇଥିଲା। ସର୍ଭେରୁ ଜଣାପଡ଼ିଛି ଯେ,ତୃତୀୟ ଶ୍ରେଣୀର ୨୦% ପିଲା ଦ୍ୱିତୀୟ ଶ୍ରେଣୀ ବହି ପଢ଼ିପାରୁଛନ୍ତି। ଏଥିରୁ ବୁଝାପଡୁଛି, ୫ ଜଣରୁ ୪ ଜଣ ପିଲା ବହି ପଢ଼ିପାରୁନାହାନ୍ତି। ୨୦୧୮ରେ ଏହା ୨୭% ଓ ୨୦୧୪ରେ ଥିଲା ୨୩% ; ଅର୍ଥାତ୍ ଏକ ଦଶନ୍ଧି ପୂର୍ବ ତୁଳନାରେ ଏବେ ପିଲାଙ୍କ ପଢ଼ିବା ସ୍ତର ଖରାପ ଅଛି। ଏଭଳି ହ୍ରାସ ସବୁଆଡ଼େ ଘରୋଇ ଓ ସରକାରୀ ବିଦ୍ୟାଳୟଗୁଡ଼ିକରେ ଦେଖିବାକୁ ମିଳିଛି। ୨୦୧୪ରେ ୪୮% ପଞ୍ଚମ ପିଲା ଦ୍ୱିତୀୟ ଶ୍ରେଣୀ ବହି ପଢ଼ିପାରୁଥିଲେ। ୨୦୧୮ରେ ଏହା ଥିଲା ୫୦% ଏବଂ ଏବେ ଅଛି ୪୨%। ୨୦୧୪ରେ ୨୫% (୪ ଜଣରେ ୩ ଜଣ )ତୃତୀୟ ଶ୍ରେଣୀ ପିଲା ବିୟୋଗ କରିପାରୁଥିଲେ। ୨୦୧୮ରେ ଏହା ଥିଲା ୨୮% ଏବଂ ଏବେ ୨୫%କୁ ଖସିଛି। ସେହିପରି ୨୦୧୪ରେ ୫ମ ଶ୍ରେଣୀ ପିଲାଙ୍କ ମଧ୍ୟରୁ ୨୬% ସରଳ ଭାଗକ୍ରିୟା କରିପାରୁଥିଲେ, ୨୦୧୮ରେ ଏହା ଥିଲା ୨୮% ଏହା ପୁନର୍ବାର ତଳକୁ ଖସି ବର୍ତ୍ତମାନ ୨୫% ରେ ପହଞ୍ଚିଛି। ଯଦି ଆମ ପିଲା ପଢି ପାରିବେ ନାହିଁ କିମ୍ବା ସରଳ ଗଣିତ କରି ପାରିବେନି ସେମାନେ ବଡ଼ ହେଲେ କି ପ୍ରକାର କୌଶଳ ହାସଲ କରିବେ ? ବେଙ୍ଗାଲୁରୁ ଇନ୍‌ଫୋଟେକ୍ କମ୍ପାନୀଗୁଡ଼ିକ ପ୍ରାୟ ୧୫ ଲକ୍ଷ କର୍ମଚାରୀଙ୍କୁ ନିଯୁକ୍ତ କରିଛନ୍ତି। ଚାକିରି ପାଇଁ ଆବେଦନ କରୁଥିବା ୧୦ ଜଣରେ ୯ ଜଣ ଇଞ୍ଜିନିୟରଙ୍କୁ ଅସ୍ୱୀକାର କରାଯାଉଛି। ପଦବୀ ପୂରଣ ହୋଇଛି ବୋଲି ଏମିତି କରାଯାଇଛି ତାହା ନୁହେଁ, ବରଂ ସେମାନଙ୍କର ଦକ୍ଷତା ନ ଥିବା କାରଣରୁ ଏହା ହୋଇଛି। ଦେଶର ସ୍କୁଲ ପିଲା ପାଠରେ ପଛୁଆ ରହିବା ଏବଂ ଇଞ୍ଜିନିୟରମାନେ ନାମକୁ ମାତ୍ର ଶିକ୍ଷିତ ହେବାକୁ ନେଇ ଆମେ ଆଶ୍ଚର୍ଯ୍ୟ ହେବା ଉଚିତ ନୁହେଁ। କାରଣ ଏହା ସେମାନଙ୍କର ଦୋଷ ନୁହେଁ।

ଏହି ସମସ୍ୟା ଖରାପ ଦେବାରେ ଲାଗିଛି ଓ ଆମେ ୧୦ ବର୍ଷ ପୂର୍ବାବସ୍ଥାକୁ ଚାଲିଯାଇଛୁ। ଅବଶ୍ୟ କୋଭିଡ୍ ସମସ୍ୟାକୁ ବଢ଼ାଇ ଦେଇଛି। କିଛି ମାସ ପୂର୍ବେ କରାଯାଇଥିବା ଏକ ସର୍ଭେରୁ ସ୍ପଷ୍ଟ ହୋଇଛି , ମହାମାରୀ ସମୟରେ କେବଳ ୮% ଗ୍ରାମୀଣ ପିଲା ଅନ୍‌ଲାଇନ୍‌ରେ ପଢୁଥିଲେ। ଅଧିକାଂଶ ପିଲା ବେଳେବେଳେ ପଢୁଥିଲେ ଏବଂ ୩ ଜଣରେ ଜଣେ ଆଦୌ ପଢୁ ନ ଥିଲେ। ଏଏସ୍ଇଆର୍ ସର୍ଭେ ଆଉ ମଧ୍ୟ ଦର୍ଶାଇଛି ଯେ, ପ୍ରଥମ ଥର ପାଇଁ ଦେଶରେ ସରକାରୀ ସ୍କୁଲଗୁଡ଼ିକରେ ନାମ ଲେଖା ସଂଖ୍ୟା ବୃଦ୍ଧି ପାଇଛି। ୨୦୦୬ରେ ଏହି ସଂଖ୍ୟା ୭୩%ରୁ ହ୍ରାସ ପାଇ ୨୦୧୮ସୁଦ୍ଧା ଥିଲା ୬୫% ଏବଂ ଏବେ ତାହା ପୁନର୍ବାର ବୃଦ୍ଧି ପାଇ ୭୨% ପହଞ୍ଚିଛି। ତେବେ ସରକାରୀ ସ୍କୁଲଗୁଡ଼ିକ ହଠାତ୍ ଘରୋଇ ସ୍କୁଲଗୁଡ଼ିକଠାରୁ ଅଧିକ ଆକର୍ଷଣୀୟ ହୋଇଯାଇଛି କି ? ନା, ଅନେକ କୋଟି ଭାରତୀୟ ପରିବାର ଦାରିଦ୍ର୍ୟ ମଧ୍ୟକୁ ଠେଲି ହୋଇଯାଇଥିବାରୁ ସେମାନେ ପିଲାମାନଙ୍କୁ ଘରୋଇ ବିଦ୍ୟାଳୟରେ ପଢ଼ାଇବାକୁ ସକ୍ଷମ ହୋଇପାରି ନାହାନ୍ତି। ତେବେ ଆମର ସମସ୍ୟାକୁ ସ୍ୱୀକାର କେଲେ ହିଁ ଆମେ ତାହାକୁ ସମାଧାନ କରିପାରିବା। ଗଙ୍ଗାର କ୍ରୁସି(ଜାହାଜ) ଏବଂ ଚିତାବାଘ ବ୍ୟତୀତ ଆମ ପ୍ରାଥମିକ ଶିକ୍ଷାର ବିପର୍ଯ୍ୟୟ ବିଷୟରେ ସରକାର କେବେ କହିଥିବାର କେହି ଶୁଣିଛନ୍ତି କି? କେନ୍ଦ୍ର ସରକାର ଗତ ବଜେଟରେ ୮୮,୦୦୦ କୋଟି ଟଙ୍କା ଶିକ୍ଷା ଉପରେ ଖର୍ଚ୍ଚ କରିଥିଲେ। ଏହା ବୁଲେଟ୍ ଟ୍ରେନ୍ ପାଇଁ ବରାଦ ଅର୍ଥଠାରୁ କମ୍। ଆମ ଶାସନରେ ଏମିତିକା ଘଟଣା ଅନ୍ୟ କ୍ଷେତ୍ରରେ ବି ଘଟୁଛି। ବିଶ୍ୱବ୍ୟାଙ୍କ ତଥ୍ୟ ଅନୁଯାୟୀ, ୨୦୧୩ରେ ସ୍ୱାସ୍ଥ୍ୟ ଉପରେ ଭାରତର ବ୍ୟୟ ଜିଡିପିର ୩.୭% ଥିବାବେଳେ ଏବେ ତାହା ୩%ରେ ରହିଛି।

ବିଶ୍ୱରେ ଅନ୍ୟ ଦେଶଗୁଡ଼ିକ ସମସ୍ୟାକୁ ସ୍ୱୀକାର କରିବା ପରେ ସମାଧାନ ପାଇଁ କାର୍ଯ୍ୟ ଆରମ୍ଭ କରୁଛନ୍ତି। କିନ୍ତୁ ଏଠାରେ ସରକାର ସମସ୍ୟାକୁ ଅସ୍ୱୀକାର କରୁଛନ୍ତି। ସରକାର ଜାଣନ୍ତି କିମ୍ବା ଭଲ ଭାବେ ଅବଗତ ଯେ, ଶିକ୍ଷା ଓ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ କରିପାରିବେ ନାହିଁ ଏବଂ କିପରି ସମାଧାନ କରାଯିବ ସେ ସମ୍ପର୍କରେ ତାଙ୍କର କୌଣସି ଧାରଣା ବି ନାହିଁ। ସମସ୍ୟା ସମାଧାନ କରିବା ଲାଗି ଦୃଢ ଶାସନ ଦରକାର। କେବଳ ଉଦ୍‌ଘାଟନ, ଫ୍ୟାନ୍ସି ଡ୍ରେସ୍ ଏବଂ ଭାଷଣରେ ସବୁ ସମସ୍ୟା ସମାଧାନ ହେବ ନାହିଁ। ଡିସେମ୍ବରରେ ସହରୀ ବେରୋଜଗାର ୧୦% ଥିଲା। କିଛି ବର୍ଷ ତଳେ ଯାହା ଥିଲା ତା'ଠାରୁ ଏହା ପ୍ରାୟ ୩ଗୁଣ ଅଧିକ। ବିଗତ ଦଶନ୍ଧିଗୁଡ଼ିକରେ କୃଷିଭିତ୍ତିକ ନିଯୁକ୍ତି ବି ହ୍ରାସ ପାଇଆସିଛି। ଏହା ହିଁ ଆମ ବାସ୍ତବତା ଓ ସରକାରୀ ତଥ୍ୟରୁ ଏହା ସ୍ପଷ୍ଟ ହୋଇଛି। ଅନ୍ୟ ଏକ ବିଷୟ ହେଉଛି, ସରକାର ତାଙ୍କ କାମ ପାଇଁ ଉତ୍ତରଦାୟୀ ହେଉନାହାନ୍ତି। ଏକ ପୂର୍ଣ୍ଣାଙ୍ଗ ଜୀବନ ଜିଇବା ଏବଂ ବିଶ୍ୱରେ ଅନ୍ୟ ପିଲାମାନଙ୍କ ସହ ପ୍ରତିଯୋଗିତା କଲା ଭଳି ଆମ ପିଲାମାନଙ୍କୁ ଉପଯୁକ୍ତ ଶିକ୍ଷା ଦେବା ହେଉଛି ଉତ୍ତମ ଶାସନ। ଏହା ବାଦ୍ ଆଉ ଯାହା କରାଯାଉଛି ତାହା ସବୁ ଖାଲି ଡ୍ରାମା।

Email:aakar.patel@gmail.com

# ନ୍ୟାୟପାଳିକାକୁ କରାୟତ୍ତ କରିବାର ଷଡ଼ଯନ୍ତ୍ର



କେଦାର ମିଶ୍ର

ଗତ ୬ ଜାନୁୟାରୀରେ ଭାରତର ଆଇନ ମନ୍ତ୍ରୀ କିରଣ ରିଜିଜୁ ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତିଙ୍କୁ ଚିଠି ଲେଖି ଦାବି କରିଛନ୍ତି ଯେ, ଦେଶର ସୁପ୍ରିମକୋର୍ଟ ଏବଂ ହାଇକୋର୍ଟ ପାଇଁ ବିଚାରପତି ନିଯୁକ୍ତି ପାଇଁ ରହିଥିବା କଲେଜିୟମରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରତିନିଧିଙ୍କୁ ସାମିଲ କରାଯାଉ। ଗତ କିଛି ମାସ ଧରି ମୋଦି ସରକାର ସୁପ୍ରିମକୋର୍ଟ ଉପରେ ଚାପ ପ୍ରୟୋଗ କରିବାର ଯେଉଁ ପ୍ରକ୍ରିୟା ଜାରି ରଖିଛନ୍ତି, ଏହି ଚିଠି ସେହି ପ୍ରକ୍ରିୟାର ଏକ ଅଂଶବିଶେଷ ମାତ୍ର। ମୋଦି ସରକାର ଚାହାନ୍ତି ସୁପ୍ରିମକୋର୍ଟ ତାଙ୍କ ଚାପରେ ପ୍ରଭାବିତ ହୋଇ ରୁହନ୍ତୁ। କଲେଜିୟମ ବ୍ୟବସ୍ଥାକୁ ସମାଲୋଚନା କରିବା ଆଳରେ ସରକାର ଓ ସରକାରୀ ଦଳ ସୁପ୍ରିମକୋର୍ଟଙ୍କୁ ବିଭିନ୍ନ ବାଗରେ ନିନ୍ଦିତ କରିଚାଲିଛନ୍ତି। ସ୍ୱାଧୀନ ଭାରତର ଇତିହାସରେ କୌଣସି ସରକାର ନ୍ୟାୟପାଳିକା ଉପରେ ଏ ପ୍ରକାର ଆକ୍ରମଣ କରିବାର ସାହସ କେବେ କରି ନ ଥିଲେ। ଏପରିକି ଜରୁରିକାଳୀନ ପରିସ୍ଥିତି ସମୟରେ ମଧ୍ୟ ଇନ୍ଦିରା ଗାନ୍ଧୀ ସରକାର ସୁପ୍ରିମକୋର୍ଟ ବିରୋଧରେ ବକ୍ତବ୍ୟ ରଖିବାର ସାହସ କରି ନ ଥିଲେ।

ତେବେ ମୋଦି ସରକାର ହଠାତ୍ କଲେଜିୟମ ବ୍ୟବସ୍ଥାକୁ ନେଇ ଅକସ୍ମାତ୍ ଏତେ ଚିନ୍ତିତ ହେବାର କାରଣ କ'ଣ? ଅକ୍ଟୋବର ୨୦୧୫ରେ ଯେତେବେଳେ ସୁପ୍ରିମକୋର୍ଟ ଭାରତୀୟ ସଂସଦରେ ଗୃହୀତ ଜାତୀୟ ନ୍ୟାୟପାଳିକା ନିଯୁକ୍ତି କମିଶନ ଆଇନକୁ ଅସାମ୍ବିଧାନିକ ଘୋଷଣା କଲେ, ତାକୁ ନେଇ ସେତେବେଳେ ଭାଜପା ସରକାର ଆପାତତଃ ଚୁପ ରହିଥିଲେ। ତତ୍କାଳୀନ ଆଇନମନ୍ତ୍ରୀ ସୁପ୍ରିମକୋର୍ଟଙ୍କ ରାୟକୁ ସୋସିଆଲ ମିଡିଆରେ ସମାଲୋଚନା କରିଥିଲେ ମଧ୍ୟ ଏହି ରାୟର ସମୀକ୍ଷା ପାଇଁ ଅପିଲ କରି ନ ଥିଲେ କିମ୍ବା ସଂସଦରେ ଏହାର ପୁନଃ ଆଲୋଚନା ହୋଇ ନ ଥିଲା। ହଠାତ ସାତ ବର୍ଷ ପରେ ମୋଦି ସରକାର ସୁପ୍ରିମକୋର୍ଟଙ୍କୁ ନେଇ ଏତେ ଅସୁରକ୍ଷିତ ହେବାର କାରଣ କ'ଣ ? କଲେଜିୟମ ବ୍ୟବସ୍ଥା ବିରୋଧରେ ଏବେ ସରକାର, ଉପ ରାଷ୍ଟ୍ରପତି ଏବଂ ଭାଜପା ସିଧା ସିଧା ଆକ୍ରମଣ କରିବାର ଉଦ୍ଦେଶ୍ୟ କ'ଣ ?

ଏବେ ଭାଜପା ତରଫରୁ ଗୋଟେ ପ୍ରଶ୍ନ ସବୁଠି ରଖାଯାଉଛି, ବିଚାରପତିମାନେ ନିଜେ ବିଚାରପତି ନିଯୁକ୍ତ କରିବେ କେମିତି ? ଏହାର ଉତ୍ତରରେ କୁହାଯାଇପାରିବ ଯେ ନ୍ୟାୟପାଳିକା ସମ୍ପର୍କରେ ବିଚାରପତିମାନଙ୍କର ଯେଉଁ ଅଭିଜ୍ଞତା ଓ ଅନୁଭବ ରହିଛି, ସେହି ଆଧାରରେ ଓ ନ୍ୟାୟପାଳିକା ଏକ ସ୍ୱାଧୀନ ବ୍ୟବସ୍ଥା ଭାବରେ ବିଚାରପତି ନିଯୁକ୍ତି ପାଇଁ ଯୋଗ୍ୟତାର ଅଧିକାରୀ। ସମ୍ବିଧାନର ଧାରା ୧୨୪ ଅତି ସ୍ପଷ୍ଟ ଭାବରେ ଉଲ୍ଲେଖ କରିଛି ଯେ, ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତିଙ୍କ ପରାମର୍ଶକ୍ରମେ ରାଷ୍ଟ୍ରପତି ହାଇକୋର୍ଟ ଏବଂ ସୁପ୍ରିମକୋର୍ଟ ବିଚାରପତିଙ୍କୁ ନିଯୁକ୍ତି ଦେବେ। ମୂଳରୁ ସୁପ୍ରିମକୋର୍ଟ ଏକ ସ୍ୱାଧୀନ ଅନୁଷ୍ଠାନ ଭାବରେ ନ୍ୟାୟପାଳିକାର ନିଯୁକ୍ତି ପ୍ରକ୍ରିୟା ପାଇଁ ଅଧିକାରପ୍ରାପ୍ତ। ଏଥିରେ ମାତ୍ରାଧିକ ସରକାରୀ ହସ୍ତକ୍ଷେପକୁ ଆଡେଇବାକୁ ଯାଇ ୧୯୯୩ରେ ସୁପ୍ରିମକୋର୍ଟଙ୍କର ଏକ ଖଣ୍ଡପୀଠ ବିଚାରପତିଙ୍କ ବଦଳି ଓ ନିଯୁକ୍ତି ପ୍ରକ୍ରିୟାକୁ ଅଧିକ ଶକ୍ତିଶାଳୀ କରିବା ଉଦ୍ଦେଶ୍ୟରେ କଲେଜିୟମ ବ୍ୟବସ୍ଥା ପାଇଁ ନିର୍ଦ୍ଦେଶ ଦେଇଥିଲେ। ୨୦୧୫ରେ କଲେଜିୟମ ବ୍ୟବସ୍ଥାକୁ ବଦଳାଇ ଯେତେବେଳେ ଏକ ଜୁଡିସିଆଲ ନିଯୁକ୍ତି କମିଶନ କଥା ଉଠିଲା, ତାକୁ ବ୍ୟାପକ ପରୀକ୍ଷା ନିରୀକ୍ଷା ପରେ ସୁପ୍ରିମକୋର୍ଟ ଅସାମ୍ବିଧାନିକ ବୋଲି ରଦ୍ଦ କରି ଦେଇଥିଲେ।

ବର୍ତ୍ତମାନ ସମୟରେ ସୋସିଆଲ ମିଡିଆ ଏବଂ ସରକାର ସମର୍ଥିତ ମିଡିଆ ଜରିଆରେ ପ୍ରଚାର କରାଯାଉଛି ଯେ, କଲେଜିୟମ ବ୍ୟବସ୍ଥା ବଦଳାଇ ଏକ ସରକାରୀ ନିୟନ୍ତ୍ରିତ ବ୍ୟବସ୍ଥା ଅଣାଯାଉ। ଯଦିଓ ଆଜିର କଲେଜିୟମ ବ୍ୟବସ୍ଥାରେ ସରକାରଙ୍କର ପ୍ରଭାବ କିଛି କମ୍ ନୁହେଁ, ତଥାପି ସରକାର ନିଯୁକ୍ତି ଓ ବଦଳି



ପ୍ରକ୍ରିୟାରେ ନିଜର ପୂର୍ଣ୍ଣ ନିୟନ୍ତ୍ରଣ ଚାହୁଁଛନ୍ତି। ଆଜିର ବ୍ୟବସ୍ଥାରେ ହାଇକୋର୍ଟ ବିଚାରପତି ନିଯୁକ୍ତି ପ୍ରକ୍ରିୟାରେ ହାଇକୋର୍ଟର କଲେଜିୟମ ବିଚାରପତି ପ୍ରାର୍ଥୀଙ୍କ ନାମକୁ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ଏବଂ କେନ୍ଦ୍ର ଆଇନ ମନ୍ତ୍ରଣାଳୟକୁ ପଠାଇଥାନ୍ତି। ସେଠୁ ଅନୁମୋଦନ ପାଇଲା ପରେ ସୁପ୍ରିମକୋର୍ଟ କଲେଜିୟମ ଏହି ନାମକୁ ପୁଣିଥରେ କେନ୍ଦ୍ର ସରକାରଙ୍କ ପାଖକୁ ପଠାନ୍ତି। ସରକାର ହଁ କଲା ପରେ ଯାଇ ବିଚାରପତିଙ୍କୁ ରାଷ୍ଟ୍ରପତି ନିଯୁକ୍ତି ଦିଅନ୍ତି। ଏବେ ଦେଖାଯାଉଛି ଏତେସବୁ ବ୍ୟବସ୍ଥା ସତ୍ତ୍ୱେ ମଧ୍ୟ କେନ୍ଦ୍ର ସରକାର ନିଯୁକ୍ତି ପ୍ରକ୍ରିୟାକୁ ବର୍ଷ ବର୍ଷ ଧରି ଝୁଲେଇ ରଖୁଛନ୍ତି। ଏହାସହିତ ବିଚାରପତିମାନଙ୍କୁ ବରଖାସ୍ତ କରିବାର କ୍ଷମତା ଆଜି ମଧ୍ୟ ସଂସଦ ହାତରେ ରହିଛି। ଏତେ ସବୁ ସରକାରୀ ନିୟନ୍ତ୍ରଣ ସତ୍ତ୍ୱେ ମଧ୍ୟ ମୋଦି ସରକାର ସୁପ୍ରିମ କୋର୍ଟ ଓ ହାଇକୋର୍ଟଙ୍କୁ ନିଜ ହାତମୁଠାରେ ନଚାଇବାକୁ ସ୍ପଷ୍ଟ ଭାବରେ ଚାହୁଁଛନ୍ତି।

କେଉଁ ଦକ୍ଷତା, କ୍ଷମତା ଏବଂ ଅଭିଜ୍ଞତା ବଳରେ ଜଣେ ସରକାରୀ ପ୍ରତିନିଧି କଲେଜିୟମରେ ରହିବେ? ଏଭଳି ଦାବି ଆଇନମନ୍ତ୍ରୀଙ୍କର ବେଆଇନ ନୁହେଁ କି? ସମ୍ବିଧାନର ଧାରା ୫୦ ଅତି ସ୍ପଷ୍ଟ ଭାବରେ ସରକାର ଓ ନ୍ୟାୟପାଳିକାର ଅଧିକାରକୁ ଅଲଗା ରଖିବାକୁ କହିଛି। ତା' ସତ୍ତ୍ୱେ ବିଚାରପତିଙ୍କ ନିଯୁକ୍ତି ଓ ବଦଳିରେ ହସ୍ତକ୍ଷେପ କରିବା ପାଇଁ ଦାବି କରିବାର ଅର୍ଥ ହେଉଛି, ସମ୍ବିଧାନ ଓ ଅଦାଲତର ଅବମାନନା। ଏ ସରକାର ସ୍ପଷ୍ଟତଃ ସମ୍ବିଧାନ ବିରୋଧରେ କାମ କରୁଛନ୍ତି।

ସରକାରୀ ଦଳ ଓ ତାଙ୍କର କର୍ମକର୍ତ୍ତାମାନେ ନିର୍ବୋଧ ଭାବରେ ପଚାରୁଛନ୍ତି – ବିଚାରପତିମାନେ ନିଜେ ବିଚାରପତି ନିଯୁକ୍ତ କରିବେ କେମିତି? ସେମାନେ ଜାଣନ୍ତି ନାହିଁ ଯେ ଏ ଦେଶର ଅଦାଲତଗୁଡ଼ିକରେ ସବୁଠୁ ଅଧିକ ମାମଲା କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ବିରୋଧରେ ରହିଥାଏ। ସେହି ଦୃଷ୍ଟିରୁ ସବୁଠୁ ବଡ଼ ମାମଲାବାଜ ହାତକୁ ବିଚାରପତି ନିଯୁକ୍ତି ଓ ବଦଳି କ୍ଷମତା ଦିଆଯିବ କେମିତି? ନ୍ୟାୟାଳୟକୁ ଅକ୍ତିଆର କରି ଦେଶରେ ଗଣତନ୍ତ୍ର ଓ ସମ୍ବିଧାନର ଶାସନ ଧ୍ୱଂସ କରିବାକୁ ଏହା ଭାଜପାର ଏକ ପରୋକ୍ଷ ଷଡ଼ଯନ୍ତ୍ର ବୋଲି କହିବା ହୁଏତ ଭୁଲ୍ ହେବନି।

kedarsikha@gmail.com

# ତେଜସ୍ୱିନୀ ରାଷ୍ଟ୍ରନାୟିକା

ବ୍ୟକ୍ତିତ୍ୱ



ଓଲେନା ଜେଲେନ୍‌ସ୍କା

ବିଶ୍ୱରେ ଏମିତି କୌଣସି ସମସ୍ୟା ନାହିଁ, ଯାହା ମାନବଜାତି ଚାହିଁଲେ ସମାଧାନ କରିପାରିବ ନାହିଁ। ଯଦି ସମସ୍ତେ ଯୋଡ଼ି ହୋଇଯିବା ବିଶ୍ୱରେ ଶାନ୍ତି ବିରାଜମାନ କରିବ। ସୁଇଜରଲାଣ୍ଡର ଡାଭୋସ୍‌ଠାରେ ବିଶ୍ୱ ଅର୍ଥନୈତିକ ଫୋରମ୍ (ଡବ୍ଲୁଇଏଫ୍)ର ବାର୍ଷିକ ସମ୍ମିଳନୀର ୧୭ ଜାନୁୟାରୀରେ ୟୁକ୍ରେନ୍‌ର ପ୍ରଥମ ମହିଳା ନାଗରିକ ତଥା ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ସହଧର୍ମିଣୀ ଓଲେନା ଜେଲେନ୍‌ସ୍କା ଏଭଳି ଉଦ୍‌ବୋଧନ ଦେବା ପରେ ଅନ୍ତର୍ଜାତୀୟସ୍ତରରେ ସମବେଦନାର ଏକ ବିଦ୍ୟୁତ୍ ପ୍ରବାହିତ ହୋଇଯାଇଛି। ସ୍ୱାମୀଙ୍କ ଅଦମ୍ୟ ସାହସ ସହ କାନ୍ଧମିଳାଇ ଜେଲେନ୍‌ସ୍କା ଯେଉଁଭଳି ବିଶ୍ୱବାସୀଙ୍କୁ ଯୁଦ୍ଧ ଯୋଗୁ ମାନବ ସମାଜ ଉପରେ ପଡ଼ିଥିବା ଚଡ଼କ ବିଷୟ ଉଲ୍ଲେଖ କରିଛନ୍ତି, ତାହା ଡବ୍ଲୁଇଏଫ୍ ସଭାପତି ବର୍ଜେ ବ୍ରେଣ୍ଡେଙ୍କ ସମେତ ୧୨୬ ଦେଶରୁ ଯାଇଥିବା ବିଶେଷଜ୍ଞ ଓ ପ୍ରାୟ ୨,୭୦୦ ନେତାଙ୍କୁ ଅଭିଭୂତ କରିଦେଇଛି। କେବଳ ଏକତା ହିଁ ଶାନ୍ତି ଫେରାଇ ଆଣିବ। ଏଭଳି ସଙ୍କଟ ସମୟରେ ବିଶ୍ୱ ସମୁଦାୟ ରୁଷିଆ ବିରୋଧରେ ସ୍ୱର ଉତ୍ତୋଳନ କରିବାର ସମୟ ଆସିଛି ବୋଲି ଓଲେନା ଆହ୍ୱାନ ଦେଇଛନ୍ତି। ରୁଷିଆର ଆକ୍ରମଣ ଯୋଗୁ ଅନେକ ହଜାର ସାମରିକ ଓ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଥିବା ବେଳେ ୮୦ ଲକ୍ଷ ୟୁକ୍ରେନୀୟ ବିଭିନ୍ନ ଦେଶରେ ଶରଣାର୍ଥୀ ପାଲଟିଛନ୍ତି। ଏବେ ୟୁକ୍ରେନ୍ ଭୂମିରେ ରୁଷିଆର ବାରୁଦ ଥିବା ଭୟରେ କୃଷକ କ୍ଷେତକୁ ଯାଉନାହିଁ। ପ୍ରାୟ ସବୁ ଲୋକ ପ୍ରତି ମୁହୂର୍ତ୍ତରେ ମୃତ୍ୟୁ ଭୟରେ ଜର୍ଜରିତ। ବିଶ୍ୱ ଖାଦ୍ୟ ଓ ଶକ୍ତି ସଙ୍କଟ ସହ ଜଳବାୟୁ ସମସ୍ୟା ବଢ଼ିଯାଇଛି। ୟୁକ୍ରେନ୍‌ର ସମସ୍ତ ସହର ରୁଷିଆ ବୋମାମାଡ଼ରେ ଜଳୁଥିବା ବେଳେ ବିଶ୍ୱବାସୀ ନିରପେକ୍ଷ ଜଳବାୟୁ ବିଷୟ ଭାବିବା ସ୍ୱପ୍ନ। ଡାଭୋସ୍‌ଠାରେ ଏଭଳି ଓଜସ୍ୱିନୀ ଭାଷଣ ଦେଇଥିବା ଓଲେନାଙ୍କ ମାନବବାଦୀ ଚିନ୍ତାଧାରା ଓ ପଦକ୍ଷେପ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବା ସ୍ୱାଭାବିକ।

ୟୁକ୍ରେନ୍‌ର କ୍ରାଇଭି ରି'ଠାରେ ୬ ଫେବୃୟାରୀ ୧୯୭୮ ମସିହାରେ ଓଲେନା ଜନ୍ମଗ୍ରହଣ କରିଥିଲେ। ୨୦୦୦ ମସିହାରେ କ୍ରାଇଭି ରି' ଟେକ୍ନିକାଲ ୟୁନିଭର୍ସିଟିରୁ 'ଅର୍ବାନ ଆଣ୍ଡ୍ କନ୍‌ଷ୍ଟ୍ରକ୍ସନ ମ୍ୟାନେଜମେଣ୍ଟ'ରେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ସେ ମଧ୍ୟ ଏକ ସଙ୍ଗୀତ ବିଦ୍ୟାଳୟରୁ ଶିକ୍ଷା ଗ୍ରହଣ କରି ପିଆନୋ ବାଦନରେ ପାରଦର୍ଶୀ ହୋଇଥିଲେ। କ୍ରାଇଭ୍ ରି' ଜିମ୍ନାସିୟମ୍ ନଂ.୯୫ରେ ପଢୁଥିବାବେଳେ ଜେଲେନ୍‌ସ୍କିଙ୍କୁ ଭେଟିଥିଲେ। ୨୦୦୩ରେ ସେମାନଙ୍କ ପ୍ରେମ ବିବାହରେ ପରିଣତ ହୋଇଥିଲା। ସେମାନଙ୍କଠାରୁ ୨୦୦୪ରେ ଝିଅ ଓଲେକ୍‌ସାନ୍ଦ୍ରା ଓ ୨୦୧୩ରେ ପୁଅ କ୍ରିଏଲୋ ଜନ୍ମ ନେଇଥିଲେ। ପରିବାର ଏବେ କିଭ୍‌ରେ ରହୁଛନ୍ତି। ଓଲେନାଙ୍କ ବ୍ୟକ୍ତିଗତ ରୁଚି କ୍ରୀଡ଼ା ଉପଭୋଗ, ପଢ଼ିବାରେ ଆନନ୍ଦ ଓ ସିନେମାଟୋଗ୍ରାଫିର ମୁଗ୍ଧ ପ୍ରଶଂସକ ଭାବେ ରହିଆସିଛି।

ସ୍ୱାମୀଙ୍କ କ୍ୟାରିୟର ହାସ୍ୟ ଅଭିନେତାରୁ ଆରମ୍ଭ ହୋଇଥିବାରୁ ଓଲେନା ମଧ୍ୟ ମନୋରଞ୍ଜନ କ୍ଷେତ୍ର ସହ ସଂଶ୍ଳିଷ୍ଟ ରହିବାକୁ ସୁମଧୁର ସଂଯୋଗ ବୋଲି ଧରାଯାଇଥାଏ। ପ୍ରସିଦ୍ଧ 'କଭର୍ଟାଲ୍ ୯୫ ଷ୍ଟୁଡିଓ'ର ଓଲେନା ପ୍ରତିଷ୍ଠାତା ସଦସ୍ୟ ରହିଆସିଛନ୍ତି। 'କମେଡିଆନ୍ ଲାଫ୍ ପ୍ରୋଗ୍ରାମ୍'ର ସର୍ଜନାଠାରୁ ଆରମ୍ଭ କରି ଅନ୍ୟାନ୍ୟ କାର୍ଯ୍ୟକ୍ରମ ଲାଗି ପାଣ୍ଡୁଲିପି ପ୍ରସ୍ତୁତ କରି ଓଲେନା ମଧ୍ୟ ଜଣେ ସେଲିବ୍ରିଟି ଲେଖକ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି।

ଉପରଲିଖିତ ଚରିତ୍ରରେ ଅବତୀର୍ଣ୍ଣ ହୋଇଆସିଥିବା ଓଲେନା ଜଣେ ପ୍ରଗତିଶୀଳ ଚିନ୍ତାନାୟିକା ଓ ସାହସୀ ମହିଳା ଭାବେ ନିଜକୁ ବିଶ୍ୱ ଆଗରେ ଛିଡ଼ା କରାଇବା ତାଙ୍କ ବ୍ୟକ୍ତିତ୍ୱର ଉଜ୍ଜ୍ୱଳ ଦିଗକୁ ଦର୍ଶାଇଥାଏ। ଯୁଦ୍ଧ ପୂର୍ବରୁ ସେ ନିଜ ଦେଶର ନାଗରିକଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ସମସ୍ତଙ୍କ ପାଇଁ ସମାନ ସୁଯୋଗ, ସାଂସ୍କୃତିକ ଅଭୀପ୍ସା ଓ ସର୍ବୋପରି ୟୁକ୍ରେନ୍‌ର ଭବିଷ୍ୟତ ଗଢ଼ିବା ଦିଗରେ କାର୍ଯ୍ୟ ଆରମ୍ଭ କରିଥିଲେ। ୨୦୨୧ ଅଗଷ୍ଟ ୨୩ରେ ଫାଷ୍ଟ ଲେଡିଜ୍ ଆଣ୍ଡ ଜେଣ୍ଟଲମ୍ୟାନ୍ କିଭ୍ ସମ୍ମିଳନୀ ଆୟୋଜନ କରି ଓଲେନା ବିଶ୍ୱ ନଜରକୁ ଆସିଥିଲେ। ୨୦୨୨ ଫେବୃୟାରୀ ୨୪ରେ ରୁଷିଆ ଯେତେବେଳେ ୟୁକ୍ରେନ୍ ଉପରେ ଆକ୍ରମଣ କଲା ଓଲେନାଙ୍କ ଭିତରେ ଅଙ୍କୁରୋଦ୍‌ଗମ ହୋଇଯାଇଥିବା ନେତୃତ୍ୱ ପାରିପାର୍ଶ୍ୱିକ ସ୍ଥିତିରୁ ବଢ଼ିବାକୁ ଲାଗିଲା। ନିଜ ଦେଶର ନାଗରିକଙ୍କ ସୁରକ୍ଷା ସକାଶେ ପ୍ରଥମ ମହିଳା ନାଗରିକ ଯେ ଏତେବଡ଼ ଲମ୍ଫ ପ୍ରଦାନ କରିପାରନ୍ତି ତାହାର ପ୍ରତିଫଳନ ହୋଇଥିଲା, ଯେତେବେଳେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ଓ ତାଙ୍କ ସ୍ତ୍ରୀ ଜିଲ୍ ବାଇଡେନ ୟୁକ୍ରେନ୍‌ର ଅନ୍ୟତମ ସହର ଉଜ୍‌ହୋରାଡ୍‌ରେ ୮ ମେ' ୨୦୨୨ରେ ପହଞ୍ଚିଥିଲେ। ଓଲେନା ସେଠାରେ ଜିଲ୍‌ଙ୍କୁ ସାକ୍ଷାତ କରି ୟୁକ୍ରେନ୍‌ର ଅସ୍ୱାଭାବିକ ସ୍ଥିତି ବର୍ଣ୍ଣନା କରିଥିଲେ। ତେବେ ତାଙ୍କ ନେତୃତ୍ୱର ଅନ୍ତର୍ଜାତୀୟସ୍ତରୀୟ ପରାକାଷ୍ଠା ପ୍ରଦର୍ଶନ ହୋଇଥିଲା ଜୁଲାଇ ୨୦୨୨ରେ ଆମେରିକା ଗସ୍ତ କାର୍ଯ୍ୟକ୍ରମରୁ। ଆମେରିକା କଂଗ୍ରେସରେ ଭାଷଣ ଦେବାରେ ଓଲେନା ଅନ୍ୟ ଦେଶର ପ୍ରଥମ ମହିଳା ଭାବେ କୀର୍ତ୍ତିମାନ ରଚିଥିଲେ। ସେଠାରେ ସେ ନିଜ ଦେଶର ନାଗରିକଙ୍କ କରୁଣ ଛବି ପ୍ରଦର୍ଶନ କରି ଯୁଦ୍ଧ ବିଭୀଷିକା କେତେ ଯେ କ୍ଷତି କରିପାରେ, ତାହାର ବିବରଣୀ କଂଗ୍ରେସ ସଦସ୍ୟଙ୍କ ନିକଟରେ ଉପସ୍ଥାପନ କରିଥିଲେ। ସେ ଆମେରିକାକୁ ଅସ୍ତ୍ର ମାଗିବାକୁ ଯାଇ କହିଥିଲେ– 'ତାଙ୍କ ଯୁଦ୍ଧାସ୍ତ୍ର ଭିକ୍ଷା କୌଣସି ଦେଶ ବିରୋଧରେ ଯୁଦ୍ଧ ଘୋଷଣା ଲାଗି ଅଭିପ୍ରେତ ନୁହେଁ; ବରଂ ନିଜ ଦେଶକୁ ରକ୍ଷାକରି ଦେଶବାସୀଙ୍କୁ ଉଜାଗର କରିବାରେ ସହାୟକ ହୋଇପାରିବ'। କେବଳ ଆମେରିକା ନୁହେଁ, ୧୯ ସେପ୍ଟେମ୍ବର ୨୦୨୨ରେ ବ୍ରିଟେନ ରାଣୀ ଏଲିଜାବେଥ୍ ୨ୟଙ୍କ ଅନ୍ତ୍ୟେଷ୍ଟିରେ ଯୋଗଦେଇ ଓଲେନା ଦେଖାଇଦେଇଥିଲେ ଯେ ଯୁଦ୍ଧ ଜର୍ଜରିତ ୟୁକ୍ରେନ୍ ମଧ୍ୟ ବିଶ୍ୱର ପ୍ରତ୍ୟେକଟି ଆତ୍ମାକୁ ସମ୍ମାନ ଦେବାରେ ସଚେଷ୍ଟ।

ଓଲେନାଙ୍କ ବ୍ୟକ୍ତିତ୍ୱର ବହୁମୁଖୀ ଦିଗକୁ ଆଲୋଚନା କରିଚାଲିଲେ, ଆଜିର ଯୁବପିଢ଼ି ଜଣେ ଯୁଦ୍ଧଗ୍ରସ୍ତ ରାଷ୍ଟ୍ରର ପ୍ରଥମ ମହିଳା ନାଗରିକ ଯେ କେତେ ଦୃଢ଼ମନା ତାହା ବୁଝିପାରିବେ। ଡିସେମ୍ବର ୨୦୨୨ରେ ତାଙ୍କୁ ବିବିସିର ଶ୍ରେଷ୍ଠ ୧୦୦ ମହିଳା ସମ୍ମାନ, ଆମେରିକାର ହିଲାରୀ ରୋଧାମ୍ କ୍ଲିଣ୍ଟନ୍ ସମ୍ମାନ ସହ ଅନେକ ଅନ୍ତର୍ଜାତୀୟ ବ୍ୟକ୍ତିତ୍ୱର ସ୍ୱୀକୃତି ମିଳିଲାଣି। କିନ୍ତୁ ଦେଶରକ୍ଷା ସହ ବିଶ୍ୱଶାନ୍ତି ଲାଗି କରୁଥିବା ପ୍ରଚେଷ୍ଟା ସଫଳ ହେଲେ ଓଲେନାଙ୍କ ବ୍ୟକ୍ତିତ୍ୱ ସର୍ବସମ୍ମୁଖରେ ଅଧିକ ଉଜ୍ଜ୍ୱଳ ଦିଶିବ; ରୁଷୀୟ ନାଗରିକ ମଧ୍ୟ ଏକଥାରେ ଏକମତ ହେବେ।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ପରିବେଶ ପ୍ରଦୂଷଣ ରୋକିବାରେ ରାଜସ୍ଥାନରେ ଜଣେ ଚା' ବିକାଳିଙ୍କ ପ୍ରୟାସ ପ୍ରଶଂସନୀୟ। ଯେଉଁମାନେ ତାଙ୍କ ଦୋକାନକୁ ପ୍ଲାଷ୍ଟିକ୍ ବର୍ଜ୍ୟ ଆଣୁଛନ୍ତି, ସେମାନଙ୍କୁ ସେ ଚା' ଓ ଜଳଖିଆ ମାଗଣାରେ ଦେଉଛନ୍ତି। ସେହି ଚା' ଦୋକାନୀ ହେଉଛନ୍ତି ଭାଗା ସିଂ। ଭାଗାଙ୍କ ବୟସ ୩୧। ରାଜସ୍ଥାନର କୁମ୍ଭଗଡ଼ ଦୁର୍ଗ ନିକଟରେ ତାଙ୍କ ଦୋକାନ। ଭାଗା ରୁହନ୍ତି ଦୁର୍ଗ ନିକଟସ୍ଥ କେଲୱାରା ଗାଁରେ। ଆର୍ଥିକ ଅନଟନରୁ ସେ ୮ମ ଶ୍ରେଣୀ ଯାଏ ପଢ଼ିଛନ୍ତି ଏବଂ ୧୨ ବର୍ଷ ହେଲା ଚା' ବିକ୍ରି କରୁଛନ୍ତି। ଏହି ଦୋକାନ ରୋଜଗାରରେ ସେ ତାଙ୍କ ଦିବ୍ୟାଙ୍ଗ ପିତାଙ୍କ ସହ ୫ ଜଣ ପରିବାର ସଦସ୍ୟଙ୍କ ଭରଣପୋଷଣ କରୁଛନ୍ତି। କୁମ୍ଭଗଡ଼ ଦୁର୍ଗର ପାଚେରି ୩୬ କି.ମି. ଓ ଏହା ଚାଇନା ୱାଲ୍ ପରେ ବିଶ୍ୱର ଦ୍ୱିତୀୟ ଦୀର୍ଘତମ। ପ୍ରତିଦିନ ସେଠାକୁ ବହୁ ପର୍ଯ୍ୟଟକ ଅସିଥା'ନ୍ତି। ତେବେ ସେଠାକାର ପରିବେଶକୁ ସ୍ୱଚ୍ଛ ରଖିବା ଲାଗି ଭାଗା ଡିସେମ୍ବର ୨୦୨୨ରୁ ଏହି ବ୍ୟବସ୍ଥା ଖଞ୍ଜିଛନ୍ତି ଓ ମାସକ ଭିତରେ ୫୦ କେ.ଜି. ପ୍ଲାଷ୍ଟିକ୍ ବର୍ଜ୍ୟ ସଂଗ୍ରହ କରିଛନ୍ତି। ୧ କେ.ଜି. ପ୍ଲାଷ୍ଟିକ ବର୍ଜ୍ୟ ଦେଲେ ସେ ଚା' ସହ ସିଙ୍ଗଡ଼ା ବି ଦେଉଛନ୍ତି। ଭାଗା ଦୋକାନ ଆଗରେ ଲେଖିଛନ୍ତି– ପ୍ଲାଷ୍ଟିକ୍ ଦିଅ, ଚା' ପିଅ। ସେ ଲୋକଙ୍କଠାରୁ ପ୍ଲାଷ୍ଟିକ୍ ବର୍ଜ୍ୟ ସଂଗ୍ରହ କରି ବର୍ଜ୍ୟ ସଂଗ୍ରହକାରୀଙ୍କୁ ଦେଉଛନ୍ତି। ସେଥିରୁ ଲାଭ ଆଶା ନ ରଖି କେବଳ ପରିବେଶକୁ ପ୍ଲାଷ୍ଟିକମୁକ୍ତ କରିବାକୁ ଚାହୁଁଛନ୍ତି ବୋଲି କହନ୍ତି ଭାଗା। କେବଳ ଏତିକି ନୁହେଁ, ସେ ତାଙ୍କ ଗାଁରେ ସ୍ୱଚ୍ଛ ପରିମଳ ପାଇଁ ୧୦୦-୧୫୦ ଘରେ ପାଇଖାନା କରିବାକୁ ସାହାଯ୍ୟ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୨ ଜାନୁୟାରୀ ୧୯୯୮

- ଜିମ୍ବାୱେରେ ଏଚ୍.ଜେ.ଏମ୍. ବିରୁଦ୍ଧରେ ଏକ ବିଦ୍ରୋହକୁ ନେଇ ରାଷ୍ଟ୍ରପତି ରବର୍ଟ ମୁଗାବେ ଦେଶରେ ଜରୁରିକାଳୀନ ପରିସ୍ଥିତି ଘୋଷଣା କରିଛନ୍ତି।
- ରାଷ୍ଟ୍ରପତି ବୋରିସ ୟେଲ୍‌ସ୍‌ସିନ ରୁଷିଆର ବାୟୁସେନାଧ୍ୟକ୍ଷ ଜେନେରାଲ ପ୍ରିୟୋଟର ଜେନିକିନ୍‌ଙ୍କୁ ତାଙ୍କ ପଦବୀରୁ ବହିଷ୍କାର କରିଛନ୍ତି।
- ଗୁଜରାଟର ପୂର୍ବତନ ମନ୍ତ୍ରୀ ତଥା ରାଷ୍ଟ୍ରୀୟ ଜନତା ପାର୍ଟିର ଅସନ୍ତୁଷ୍ଟ ନେତା ଆତ୍ମାରାମ ପଟେଲ ଏବଂ ରାଜ୍ୟ ବିଧାନସଭାର ପୂର୍ବତନ ବାଚସ୍ପତି ହିମତଲାଲ ମୁହାନୀଙ୍କ ଜନତା ଦଳରେ ଯୋଗଦାନ।

## ସୁ-ଡୋ-କୁ

sudoku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 6 | 3 | 1 | | | | |
| | | 3 | | 9 | | 1 | | |
| | | 8 | 2 | | | | | |
| | | | | | | 9 | 5 | 4 |
| | | | | 7 | 3 | | | 2 |
| | | | | | | | | 8 |
| 6 | | | | 2 | | | | |
| | 2 | | | | 7 | | | |
| | 8 | | | 5 | | | 7 | 6 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 2 | 9 | 7 | 1 | 5 | 4 | 8 | 6 |
| 7 | 5 | 8 | 4 | 6 | 3 | 9 | 1 | 2 |
| 6 | 1 | 4 | 2 | 8 | 9 | 7 | 3 | 5 |
| 9 | 7 | 6 | 5 | 4 | 1 | 3 | 2 | 8 |
| 4 | 3 | 2 | 6 | 7 | 8 | 5 | 9 | 1 |
| 5 | 8 | 1 | 3 | 9 | 2 | 6 | 4 | 7 |
| 8 | 4 | 3 | 1 | 5 | 7 | 2 | 6 | 9 |
| 1 | 6 | 7 | 9 | 2 | 4 | 8 | 5 | 3 |
| 2 | 9 | 5 | 8 | 3 | 6 | 1 | 7 | 4 |

ଗତ କାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଧାର୍ମୀୟ କାର୍ଯ୍ୟରେ ଡାକବାଜି ଯନ୍ତ୍ର

ମହାଶୟ,

ଜନ କିଙ୍ଗ୍‌ସ ଜଣେ ବିଦେଶୀ ମାଟିର କବି। ଖୁବ୍ ଅଳ୍ପ ବୟସରେ ସେ ଆରପାରିକୁ ଚାଲି ଯାଇଥିଲେ। ତାଙ୍କ ମତରେ ଧର୍ମ ହେଉଛି ପବିତ୍ର ଶଠତା। କିଙ୍ଗ୍‌ସ ମତ ନିଶ୍ଚିତ ଭାବନାର ବିଷୟ। କିନ୍ତୁ ବାସ୍ତବ ଅର୍ଥରେ ଦେଖିବାକୁ ଗଲେ ଧର୍ମ ହେଉଛି ଈଶ୍ୱରଙ୍କୁ ଆରାଧନା କରି ମନରୁ ମଳିନତା ଦୂର କରିବା। ତେବେ ଧର୍ମର ମୂଳ ଉଦ୍ଦେଶ୍ୟ ହେଲା ମନ୍ଦିର ମସ୍‌ଜିଦ୍‌କୁ ଯାଇ ଈଶ୍ୱରଙ୍କୁ ଆରାଧନା କରିବା। ଈଶ୍ୱରଙ୍କ ଗୁଣଗାନ କରିବା। ଏଥିପାଇଁ ମନ୍ଦିର ମସ୍‌ଜିଦ ଚର୍ଚ୍ଚରେ କାନଫଟା ଗର୍ଜନ କରି ମାଇକ୍ ବଜାଇବା ଅଯଥା ଅହଂକାରର ପ୍ରତୀକ ନୁହେଁ କି। ନିଶ୍ଚିତ ଭାବରେ ଭାରତ ଏକ ଧର୍ମନିରପେକ୍ଷ ରାଷ୍ଟ୍ର। ଏ ଦେଶରେ ପ୍ରତ୍ୟେକ ସମ୍ପ୍ରଦାୟ ନିଜର ଧାର୍ମିକ ନୀତି ପାଳନ କରିବାର ସମ୍ପୂର୍ଣ୍ଣ ଅଧିକାର ଦିଆଯାଇଛି। ଏହାର ଅର୍ଥ କ'ଣ ସ୍ୱେଚ୍ଛାଚାରିତା ନାମରେ ମନ୍ଦିର ମସ୍‌ଜିଦ ଗୀର୍ଜାରେ ମାଇକ ବଜାଇ ଅହଂକାର ଦେଖାଇବା। ଖାଲି ମନ୍ଦିର ମସ୍‌ଜିଦ୍ ନୁହେଁ ନାମଯଜ୍ଞରେ ଉଚ୍ଚ ଶବ୍ଦରେ ମାଇକ ଲଗାଇ ମନ୍ତ୍ର ଉଚ୍ଚାରଣ କରିବା ଦେଖିବାକୁ ମିଳୁଛି। ଏହା ଦ୍ୱାରା ଶବ୍ଦପ୍ରଦୂଷଣ ମଧ୍ୟ ବଢୁଛି।

– ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଚେତନ ହେଲାଣି କେତେ ଜଡ଼
କେତେ କୁଇ ହୁଏ କୁଆଁ ରବ!
ଆଲୋକ-ଛାୟାର କେତେ ଛବି
ପଥେ ଆସି ଯାଏ ପୁଣି ଦ୍ରବି
ରଚି ସୁଖ ଦୁଃଖ ନବ ନବ
କେତେ କୁଇ ହୁଏ କୁଆଁ ରବ।
(ପୌଷ-ମଳୟ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ କାଳନ୍ଦୀ



@ ବୁବୁ



@ ବିକାଶ



@ ଶୁଚିସ୍ମିତା



@ ସନ୍ତୋଷ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ମହାପ୍ରଭୁଙ୍କୁ ଦର୍ଶନ କଲେ ପାକିସ୍ତାନରେ ଥିବା ୪୫ ହିନ୍ଦୁ

ପୁରୀ ଅଫିସ,୨୧।୧

ଦେଶର ସୀମା ଭକ୍ତର ଭାବନାକୁ କେବେ ଅଟକାଇପାରିବ ନାହିଁ। ମହାପ୍ରଭୁଙ୍କ ଡାକରା ଓ କୃପା ହେଲେ ସାତଦରିଆ ପାରି ହୋଇ ଭକ୍ତ କାଳିଆ ଦର୍ଶନ କରିବାକୁ ଚାଲିଆସେ। ଯାହାର ଜ୍ୱଳନ୍ତ ଉଦାହରଣ ଶନିବାର ସନ୍ଧ୍ୟାରେ ଦେଖିବାକୁ ମିଳିଛି। ଭାରତର ପଡ଼ୋଶୀ ଦେଶ ପାକିସ୍ତାନର କରାଚିଠାରୁ ୪୫ଜଣ ହିନ୍ଦୁ ଭକ୍ତ ଭାରତ ଗସ୍ତରେ ଆସି ଶନିବାର ଶ୍ରୀମନ୍ଦିର ପରିସରରେ ମହାପ୍ରଭୁଙ୍କ ଦର୍ଶନ କରିବା ସହ କୃପାଲାଭ କରିଛନ୍ତି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରି ପାକିସ୍ତାନରୁ ଆସିଥିବା ଭକ୍ତ ବେଶ୍ ଭାବବିହ୍ୱଳ ହୋଇପଡ଼ିଥିବା ଦେଖିବାକୁ ମିଳିଥିଲା। ମହାପ୍ରଭୁଙ୍କ ଦର୍ଶନ ପାଇ ସେମାନେ ନିଜକୁ ଭାଗ୍ୟବାନ ମନେ କରିଥିବା କହିଛନ୍ତି। ପାକିସ୍ତାନର କରାଚି ସହରରେ ରହୁଥିବା ୪୫ଜଣ ହିନ୍ଦୁ ମହାପ୍ରଭୁଙ୍କ ଦର୍ଶନ କରିବା ସହ ମହାପ୍ରଭୁଙ୍କ ଫଟୋ ଓ ମୂର୍ତ୍ତି କିଣି ସାଙ୍ଗରେ ନେଇଛନ୍ତି। ସେମାନେ କୌଳିକ ପଣ୍ଡାଙ୍କ ସହାୟତାରେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିଥିବା ସୂଚନା ମିଳିଛି। ଦର୍ଶନ ପୂର୍ବରୁ ସେମାନଙ୍କ ପାସପୋର୍ଟ ଯାଞ୍ଚ କରାଯାଇଥିଲା। ତେବେ ସେମାନେ ଓଡ଼ିଶା ଇଣ୍ଟରନ୍ୟାଶନାଲ ସେଣ୍ଟର ସହଯୋଗରେ ପୁରୀ ଆସିଥିବା ଜଣାପଡ଼ିଛି। ୪୫ଜଣଙ୍କ ଭିତରେ ବୃଦ୍ଧ, ମହିଳା ଓ ଶିଶୁ ରହିଥିଲେ। ୪୫ଜଣ ଭକ୍ତଙ୍କ ମଧ୍ୟରେ ବୟସ୍କ ୪୦ଜଣ ଥିବା ବେଳେ ୫ଜଣ ଛୋଟ ପିଲା ରହିଥିଲେ।

ମହପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିବା ଭକ୍ତଙ୍କ କହିବା ଅନୁଯାୟୀ, ସେମାନେ ସମସ୍ତେ ପାକିସ୍ତାନର କରାଚି ସହର ବାସିନ୍ଦା। ମହାପ୍ରଭୁଙ୍କ ଦିବ୍ୟ ଦର୍ଶନ ପାଇ ସେମାନେ ବହୁତ ଆନନ୍ଦିତ, ଯାହାକୁ ବ୍ୟକ୍ତ କରିହେବ ନାହିଁ। ତେବେ କରାଚିରେ ସେମାନେ ଗତ ୨୦୦୯ ମସିହାରୁ ମହାପ୍ରଭୁଙ୍କ ରଥଯାତ୍ରା କରିଆସୁଛନ୍ତି। ଗତ ୧୪ ବର୍ଷ ଧରି ରଥଯାତ୍ରା ଆୟୋଜନ କରାଯାଉଛି। ୧୪ ବର୍ଷର ପୂର୍ଣ୍ଣ ଫଳରେ ମହାପ୍ରଭୁଙ୍କ ଦର୍ଶନ ମିଳିଲା। ଏଥିପାଇଁ ସେ ପାକିସ୍ତାନ ସରକାର ଓ ଭାରତ ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ। ଗତ ୧୧ ତାରିଖ ଦିନ ସେମାନେ କରାଚି ସହରରୁ ଭାରତ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ୧୨ ତାରିଖରେ ଲାହୋରଠାରେ ଥିବା ଗୁରୁଦ୍ୱାର ଆଦି ଦର୍ଶନ କରିଥିଲେ। ୧୩ ତାରିଖରେ ବିଭିନ୍ନ ମନ୍ଦିର ଦର୍ଶନ କରିଥିଲେ। ସେହିପରି ୧୪ ତାରିଖ ମକର ସଂକ୍ରାନ୍ତି ଦିନ ହରିଦ୍ୱାରରେ ପହଞ୍ଚି ଗଙ୍ଗାରେ ବୁଡ଼ ପକାଇଥିଲେ। ପରେ ଭାରତରେ ଥିବା ବିଭିନ୍ନ ତୀର୍ଥ ସ୍ଥଳ ଭ୍ରମଣ କରି ଶନିବାର ପୁରୀରେ ପହଞ୍ଚି ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ମହାପ୍ରଭୁଙ୍କ ଦର୍ଶନ କରି ବହୁତ ଆନନ୍ଦ ଲାଗୁଛି। ପାକିସ୍ତାନରେ ସେମାନେ ରଥଯାତ୍ରା ସହ ନବରାତ୍ରୀ, ହୋଲି, ଦୀପାବଳି ଭଳି ସମସ୍ତ ପର୍ବ ପାଳନ କରିଥାନ୍ତି। ତେବେ ସେମାନଙ୍କର ଯାତ୍ରାରେ କୌଣସି ଅସୁବିଧା ହୋଇ ନ ଥିବା ଶ୍ରଦ୍ଧାଳୁମାନେ କହିଛନ୍ତି।




**ସାତଦରିଆ ପାରି କାଳିଆ ଡୋରି**

■୧୧ରୁ ଭାରତ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ

## ନକଲି ଆକ୍ୱାଗାର୍ଡ ଷ୍ଟକ୍ ଅଭିଯୋଗରେ ଚଢ଼ାଉ: ବିପୁଳ ଯନ୍ତ୍ରାଂଶ ଜବତ

କଟକ ଅଫିସ,୨୧।୧

ନକଲି ଆକ୍ୱାଗାର୍ଡ ଷ୍ଟକ୍ ଅଭିଯୋଗରେ ବାଦାମବାଡ଼ି ଥାନା ଅଞ୍ଚଳର ଏକ ସ୍ଥାନରେ ଶନିବାର ଚଢ଼ାଉ କରାଯାଇଛି। ବାଦାମବାଡି ପୋଲିସ ମାର୍ଶାଘାଇ ପୋଲିସ ସହାୟତାରେ ଚଢାଉ କରି ବିପୁଳ ପରିମାଣର ଆକ୍ୱାଗାର୍ଡ ଯନ୍ତ୍ରାଂଶ ଜବତ କରିଛି। ନକଲି ଆକ୍ୱାଗାର୍ଡ ଓ ଯନ୍ତ୍ରାଂଶ କାରବାର କଟକରୁ ମାର୍ଶାଘାଇ ଯାଏ ଲମ୍ବିଛି। ନକଲି ଯନ୍ତ୍ରାଂଶ ଦେଇ ଲୋକଙ୍କଠାରୁ ଅସଲିର ଦାମ୍ ଆଦାୟ କରାଯାଉଥିଲା। ତେବେ ଏହି କାରବାରରେ ସାମିଲ ବ୍ୟକ୍ତିଙ୍କୁ ପୋଲିସ ବାଦାମବାଡ଼ି ଥାନାକୁ ଆଣି ପଚରାଉଚରା କରୁଛି। ଏହି କାରବାର ସହ କେଉଁମାନେ ସାମିଲ ଅଛନ୍ତି, କେଉଁ ଅଞ୍ଚଳରୁ ନକଲି ସାମଗ୍ରୀ ଯୋଗାଣ କରାଯାଉଛି, ସେ ନେଇ ତଦନ୍ତ ଜାରି ରହିଛି। ଏ ବାବଦରେ ସୂଚନା ଦେବା ପାଇଁ ପୋଲିସ ଅନିଚ୍ଛା ପ୍ରକାଶ କରିଥିବାବେଳେ ରବିବାର ପୂର୍ଣ୍ଣାଙ୍ଗ ତଥ୍ୟ ହାସଲ ହେବ ବୋଲି ଜଣାପଡ଼ିଛି।

# କୋଭିଡ୍ କଟକଣାରେ ହେବ ଖଣ୍ଡଗିରି ମେଳା

ଭୁବନେଶ୍ୱର, ୨୧।୧(ବ୍ୟୁରୋ)

ଆସନ୍ତା ୨୮ ତାରିଖରୁ ଭୁବନେଶ୍ୱର ଖଣ୍ଡଗିରି ଓ ଉଦୟଗିରି ପାଦଦେଶରେ ପ୍ରସିଦ୍ଧ ଖଣ୍ଡଗିରି କୁମ୍ଭ ମେଳା ଆରମ୍ଭ ହେବ। ୧୦ଦିନ ଧରି ଚାଲିବାକୁ ଥିବା ଏହି ମେଳା ପାଇଁ ସମସ୍ତ ପ୍ରସ୍ତୁତି ପ୍ରାୟ ସରିଥିବାବେଳେ ମେଳା କିପରି ସୁରୁଖୁରୁରେ ସମ୍ପାଦନ ହେବ ସେ ନେଇ ଶନିବାର ବିଏମ୍‌ସି ପକ୍ଷରୁ ଏସ୍‌ଓପି ଜାରି କରାଯାଇଛି। କୋଭିଡ୍‌କୁ ଦୃଷ୍ଟିରେ ରଖି ସମସ୍ତେ ଏହି ଏସ୍‌ଓପି ପାଳନ କରିବାକୁ ବିଏମସି ନିର୍ଦ୍ଦେଶ ଦେଇଛି। ଉକ୍ତ ଏସ୍‌ଓପି ଅନୁସାରେ, ଯାତ୍ରା ପାର୍ଟିମାନେ ସମସ୍ତେ କୋଭିଡ୍ ନିୟମ ମାନି ଯାତ୍ରା ପରିବେଷଣ କରିବେ। ଯାତ୍ରା ପାର୍ଟିର ସଦସ୍ୟଙ୍କ ସମେତ ସମସ୍ତ ଅଧିକାରୀ, ମେମ୍ବର ଓ ଭଲ୍ୟୁଣ୍ଟିୟର କୋଭିଡ୍ ଟିକା ନେଇଥିବା ବାଧ୍ୟତାମୂଳକ କରାଯାଇଛି। ଯାତ୍ରା ପେଣ୍ଡାଲ ଆଗରେ କମିଟି ପକ୍ଷରୁ ସାନିଟାଇଜର ସୁବିଧା ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି କୋଭିଡ୍ ପ୍ରୋଟୋକଲ ଅନୁଯାୟୀ ସିଟ୍ ବ୍ୟବସ୍ଥା କରାଯିବ। ଏଥିସହ ଆୟୋଜକ କମିଟି ନାଟକର ଶବ୍ଦ ଉପରେ ମଧ୍ୟ ନଜର ରଖିବ। ପ୍ରଚାର ବେଳେ କୌଣସି ବି ଯାତ୍ରାର ସଦସ୍ୟ ଉଚ୍ଚ ଶବ୍ଦ ବା ଅପଶବ୍ଦରେ ପ୍ରଚାର କରିବେ ନାହିଁ। ଯାତ୍ରାରେ ଆୟୋଜକ କମିଟି ପକ୍ଷରୁ ପେଣ୍ଡାଲ ଆଖପାଖରେ ପର୍ଯ୍ୟାପ୍ତ ସିସିଟିଭି ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଗାଡ଼ି ପାର୍କିଂ ପାଇଁ ୪ଟି ସ୍ଥାନ ଚିହ୍ନଟ କରାଯାଇଥିବାବେଳେ ସେଠାରେ ସିସିଟିଭି ଏବଂ ବିଦ୍ୟୁତ୍ ସଂଯୋଗ ବ୍ୟବସ୍ଥା କରାଯିବ। ସେହିପରି ଲାଇନ୍ କଟିଲେ ଏହାର ବିକଳ୍ପ ବ୍ୟବସ୍ଥା ପ୍ରସ୍ତୁତ ରଖିବାକୁ କୁହାଯାଇଛି। ଯାତ୍ରା କମିଟି ପକ୍ଷରୁ ଅସ୍ଥାୟୀ ଟଏଲେଟ୍ ସ୍ଥାପନ କରିବା, ପାନୀୟ ଜଳ ବ୍ୟବସ୍ଥା କରିବା ଏବଂ ଯାତ୍ରା ସରିବା ପରେ ଯାତ୍ରା ପରିସର ସଫା କରିବା ସହ ବିଏମ୍‌ସି ସଫେଇ ଗାଡ଼ିକୁ ଅଳିଆ ପ୍ରଦାନ କରିବାକୁ ଏସ୍‌ଓପିରେ ନିର୍ଦ୍ଦେଶ ଜାରି କରାଯାଇଛି। ମୋଟ୍ ୧୬ଟି ଗାଇଡ୍‌ଲାଇନ୍ ଜାରି କରାଯାଇଥିବାବେଳେ ଏହାକୁ ମାନି ସୁରୁଖୁରୁରେ ଯାତ୍ରା ପରିବେଷଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଯୋଗ୍ୟ, ଗତବର୍ଷ କୋଭିଡ୍ କଟକଣା ଭିତରେ ଖଣ୍ଡଗିରି ମେଳା ଅନୁଷ୍ଠିତ ହୋଇଥିଲା। ତେବେ ଯାତ୍ରା ପରିବେଷଣକୁ ଅନୁମତି ମିଳି ନ ଥିଲା। ଏଥର ସେଭଳି ସ୍ଥିତି ନ ଥିବାରୁ ୨ବର୍ଷ ପରେ ଯାତ୍ରା ହେବ। ତେଣୁ ଏଥର ମେଳା ଓ ଯାତ୍ରାରେ ପ୍ରବଳ ଲୋକଙ୍କ ସମାଗମ ହେବ ବୋଲି ଆଶା କରାଯାଉଛି। ତେଣୁ ଏ ସବୁକୁ ଦୃଷ୍ଟିରେ ରଖି ଆବଶ୍ୟକ ବ୍ୟବସ୍ଥା କରିବା ସହ ଗାଇଡ୍‌ଲାଇନ ପାଳନ କରିବାକୁ ବିଏମ୍‌ସି ପକ୍ଷରୁ ଆୟୋଜକଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

**ଏସ୍‌ଓପି ଜାରି**

■ ଯାତ୍ରା କଳାକାର, ସଦସ୍ୟ, ଆୟୋଜକ, ଭଲ୍ୟୁଣ୍ଟିୟର ଟିକା ନେଇଥିବା ବାଧ୍ୟତାମୂଳକ

■ନାଟକର ଶବ୍ଦ ଉପରେ ଅଙ୍କୁଶ, ଅପଶବ୍ଦରେ ପ୍ରଚାର ମନା

■ପର୍ଯ୍ୟାପ୍ତ ସିସିଟିଭି, ପରିମଳ, ପାନୀୟ ଜଳ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ




ଦ ହିନ୍ଦୁ ଗ୍ରୁପ୍ ଦ୍ୱାରା ଭାରତୀୟ ହକି ଉପରେ ଆଧାରିତ 'ହକି ଆଣ୍ଡ୍ ଇଣ୍ଡିଆ–ଏ ଗୋଲ୍‌ଡେନ୍ ଲିଗାସୀ' ପୁସ୍ତକକୁ ନବୀନ ନିବାସଠାରେ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉନ୍ମୋଚନ କରୁଛନ୍ତି। ନିକଟରେ ଅଛନ୍ତି ଭାରତୀୟ ହକି ସଭାପତି ଦିଲୀପ ତିର୍କୀ ଏବଂ ଅନ୍ୟମାନେ।




**କେନ୍ଦ୍ରୀୟ ପଣ୍ୟାଗାର ନିଗମ**
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ଆଞ୍ଚଳିକ କାର୍ଯ୍ୟାଳୟ, ମୌର୍ଯ୍ୟ ଲୋକ କମ୍ପ୍ଲେକ୍ସ, ବ୍ଲକ୍-ଏ, ୨ୟ ମହଲା, ଡାକବଙ୍ଗଳା ରୋଡ୍, ପାଟନା-୮୦୦୦୦୧
ଟେଲି.: ୦୬୧୨-୨୨୨୫୯୪୯ ଇ-ମେଲ୍: rmpat@cewacor.nic.in
ସିଡବ୍ଲ୍ୟୁସି/ଆର୍‌ଓ/ପାଟନା/ବିଣ୍ଡୁଏସ୍‌ଏସ୍/ଏମ୍‌ପ୍ୟାନେଲମେଣ୍ଟ-ଟ୍ରାନ୍ସପୋର୍ଟର/୦୧-ବିହାର/୦୧-ଝାଡ଼ଖଣ୍ଡ/୦୧-ଓଡ଼ିଶା/୨୦୨୩ ତାରିଖ: ୨୧।୦୧।୨୦୨୩

**ଆବେଦନ ଆହ୍ୱାନକାରୀ ବିଜ୍ଞପ୍ତି**

ଓଡ଼ିଶା, ଝାଡ଼ଖଣ୍ଡ, ବିହାର ରାଜ୍ୟରେ କେନ୍ଦ୍ରୀୟ ପଣ୍ୟାଗାରଗୁଡ଼ିକରେ ଖାଦ୍ୟଶସ୍ୟ, ଔଦ୍ୟୋଗିକ ସାମଗ୍ରୀ, ଇ–ବାଣିଜ୍ୟ ସାମଗ୍ରୀ ଇତ୍ୟାଦିର ପରିବହନ ନିମନ୍ତେ ପରିବହନ ଠିକାଦାରଙ୍କ ତାଲିକାଭୁକ୍ତୀକରଣ ଲାଗି ଆଗ୍ରହୀ ପକ୍ଷମାନଙ୍କଠାରୁ ଆବେଦନ ପତ୍ର ଆହ୍ୱାନ କରାଯାଉଛି । ବିକ୍ରୟ ପାଇଁ ଦସ୍ତାବିଜ ତା୨୧।୦୧।୨୦୨୩ରିଖ ୧୦.୦୦ ଘଟିକାରୁ ତା୧୦।୦୨।୨୦୨୩ରିଖ ୨୩.୫୯ ଘଟିକା ପର୍ଯ୍ୟନ୍ତ ଉପଲବ୍ଧ ହେବ । ବିବରଣୀ ସିଡବ୍ଲ୍ୟୁସି ୱେବ୍‌ସାଇଟ୍ www.cewacor.nic.in ଏବଂ www.cwceprocure.com ରେ ଦେଖାଯାଇପାରିବ ଓ ଡାଉନ୍‌ଲୋଡ୍ କରାଯାଇପାରିବ । ଏହାକୁ www.tenderhome.comରେ ମଧ୍ୟ ଦେଖାଯାଇପାରିବ ।

**ଆଞ୍ଚଳିକ ପରିଚାଳକ**

**SAMBALPUR DEVELOPMENT AUTHORITY**
SALIHA BAGICHA, LION'S LANE, SAMBALPUR 768001,
Ph. No.: 2401098, E-mail: secretarysdasbp@gmail.com
No.44/ SDA, I-05/2022 Sambalpur dated the 20th January, 2023

**QUOTATION CALLING EXPRESSION OF INTEREST**

Sambalpur Development Authority, Sambalpur invites sealed quotation in the prescribed quotation format with the terms and conditions appended to the format, from reputed registered Chartered Accountant firms having minimum fifteen years of experience for appointment of internal Auditor in respect of internal audit and Tax audit for the assessment year 2018-19 to 2022-23 in the context of Income Tax Laws and other statutory Laws. The sealed quotations containing EMD of Rs.10,000/- (Rupees ten thousand) only in shape of Bank Draft drawn in favour of "The Secretary, Sambalpur Development Authority" pay at Sambalpur should reach on or before dt.08.02.2023 by 3.00 P.M. through Regd. Post / Speed Post only.

The intending firms are requested to download the detailed Advertisement, quotation format and draft agreement by logging to www.sambalpur.nic.in & www.sdasambalpur.com. The quotation will be opened at 4.00 P.M. on dt.08.02.2023 at S.D.A. Office, Sambalpur.

Sd./- Finance & Accounts Member-cum-Secretary, SDA, Sambalpur

# ଦ୍ୱିତୀୟ ଅଭିଯୁକ୍ତ ବାଙ୍କୀରୁ ଗିରଫ

**ଭୁବନେଶ୍ୱର,୨୧।୧(ବ୍ୟୁରୋ):** ଭୁବନେଶ୍ୱରର ପଟିଆ ରେଳ ଷ୍ଟେଶନରେ ଦୁଇ ନାବାଳିକାଙ୍କୁ ହାତଗୋଡ଼ ବାନ୍ଧି ଗଣବଳାତ୍କାର ଘଟଣାରେ ଫେରାର ଥିବା ଦ୍ୱିତୀୟ ଅଭିଯୁକ୍ତଙ୍କୁ ଜିଆର୍‌ପି ଗିରଫ କରିଛି। ସେ ହେଲେ ବାଙ୍କୀ ଥାନା ଅନ୍ତର୍ଗତ ପଦନପୁର ଗ୍ରାମର ବୁଲୁ ମଲ୍ଲିକ। ସେ ନିଜ ଗ୍ରାମକୁ ଶୁକ୍ରବାର ଯାଇଥିବାବେଳେ ବିଳମ୍ବିତ ରାତିରେ କମିଶନରେଟ ପୋଲିସ ସହାୟତାରେ ଜିଆର୍‌ପି ଟିମ୍ ସେଠାରେ ଚଢ଼ାଉ କରି ତାଙ୍କୁ ଧରିଛି। ତେବେ ଘଟଣା ପରଠାରୁ ଅଭିଯୁକ୍ତ ବୁଲୁ ଚନ୍ଦକା ଓ ନନ୍ଦନକାନନ ଆଖପାଖ ଅଞ୍ଚଳରେ ଲୁଚି ବୁଲିବା ସହ ହୋଟେଲ ପିଣ୍ଡାରେ ରାତିରେ ଶୋଇପଡୁଥିଲେ। ଯେଉଁଠି ଯାହା ମିଳୁଥିଲା ଖାଉଥିଲେ ବୋଲି ଜିଆର୍‌ପି ଥାନା ଅଧିକାରୀ ଜୟଦେବ ବିଶ୍ୱଜିତ କହିଛନ୍ତି। ତେବେ ତାଙ୍କୁ ଥାନାକୁ ଅଣାଯାଇ ପଚରାଉଚରା କରାଯାଇଥିଲା। ଡାକ୍ତରୀ ପରୀକ୍ଷା ପରେ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏଥିସହ ଅଭିଯୁକ୍ତଙ୍କ ଟିଆଇ ପରେଡ କରିବା ପାଇଁ ଯୋଜନା କରାଯାଉଛି। ଏନେଇ ସରକାରୀ ଓକିଲ ଏବଂ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା ପରେ ନିଷ୍ପତ୍ତି ନିଆଯିବ ବୋଲି ବିଶ୍ୱଜିତ କହିଛନ୍ତି। ଅନ୍ୟପକ୍ଷରେ ୧୬୪ ସିଆର୍‌ପିସିରେ ପୀଡ଼ିତାଦ୍ୱୟଙ୍କ ବୟାନ ମାଜିଷ୍ଟ୍ରେଟ୍‌ଙ୍କ ସାମ୍ନାରେ ରେକର୍ଡ କରାଯାଇଛି। ଗତ ବୁଧବାର ଖୋର୍ଦ୍ଧା ଟାଉନ୍‌ରୁ ପ୍ରଥମ ଅଭିଯୁକ୍ତ କୃଷ୍ଣଚନ୍ଦ୍ର ମଲ୍ଲିକ ଓରଫ କାହ୍ନାଙ୍କୁ ଗିରଫ କରିଥିଲା ଜିଆର୍‌ପି। ଅଭିଯୁକ୍ତଦ୍ୱୟ ସମ୍ପର୍କୀୟ ଭାଇ ବୋଲି ଜଣାପଡିଛି।

ସୂଚନାଯୋଗ୍ୟ, ପୀଡ଼ିତା ଦୁଇ ସମ୍ପର୍କୀୟ ଭଉଣୀ ସୋମବାର ସନ୍ଧ୍ୟାରେ ପଟିଆ ରେଳ ଷ୍ଟେଶନକୁ ଯାଇଥିବାବେଳେ ଅଭିଯୁକ୍ତ ଦ୍ୱୟ ପାଟି ବନ୍ଦ କରି ରେଳ ଓଭରବ୍ରିଜ ନିକଟକୁ ନେଇ ଗୋଡ଼ହାତ ବାନ୍ଧି ରାତିସାରା ବଳାତ୍କାର କରିଥିଲେ। ଜିଆର୍‌ପି ଥାନାରେ ପୋକ୍‌ସୋ ଆକ୍ଟରେ ଏକ ମାମଲା ରୁଜୁ ହୋଇଥିବାବେଳେ ୩ ଟିମ୍ ଗଠନ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା।

**ରାଜଧାନୀରେ ଗଣବଳାତ୍କାର ଘଟଣା**

■ହୋଟେଲ ପିଣ୍ଡାରେ ଶୋଇ ରାତି କାଟୁଥିଲେ

■ଲୁଚି ବୁଲୁଥିଲେ, ମାଗିଯାଚି ଖାଉଥିଲେ

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, बोकारो**

**ई–अल्पकालीन निविदा आमंत्रण सूचना**

ई–अल्पकालीन निविदा सूचना सं०–RDD/SD/BOKARO/29/2022-23
1.कार्य की विस्तृत विवरणी:

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | बेरमो प्रखण्ड के राम रतन उच्च विद्यालय, ढोरी बेरमो का नया भवन का निर्माण। | 49488500.00 | 990000.00 | 10000.00 | 07 माह |

2. वेबसाइट में निविदा प्रकाशन की तिथि – 27.01.2023
3. ई–निविदा प्राप्ति की अंतिम तिथि एवं समय – दिनांक 03.02.2023 अपराह्न 5:00 बजे तक।
4. ग्रामीण विकास विशेष प्रमंडल, बोकारो / मुख्य अभियंता कार्यालय, ग्रामीण विकास विशेष प्रक्षेत्र, एफ० एफ० पी० भवन, धुर्वा, राँची में निविदा शुल्क, अग्रधन की राशि, Affidavit एवं Bank Certificate for Credit Facility जमा करने की अंतिम तिथि एवं समय 06.02.2023 अपराह्न 05:00 बजे तक।
5. निविदा शुल्क, अग्रधन की राशि एवं Affidavit जमा करने की तिथि को यदि राज्य में सरकारी अवकाश घोषित होता है, तो उक्त तिथि एवं समय अगले कार्यदिवस तक स्वतः विस्तारित समझी जायेगी।
6. निविदा खोलने का स्थान – मुख्य अभियंता कार्यालय, ग्रामीण विकास विशेष प्रक्षेत्र, एफ० एफ० पी० भवन, धुर्वा, राँची ।
7. निविदा खोलने की तिथि एवं समय –08.02.2023 अपराह्न 2:00 बजे।
8. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, बोकारो।
9. ई–निविदा प्रकोष्ठ का दूरभाष सं० – 9431174800 (संबंधित कार्यपालक अभियंता का दूरभाष नम्बर)
10. निविदा शुल्क राष्ट्रीयकृत बैंक द्वारा निर्गत ड्राफ्ट या बैंकर्स चेक जो कार्यपालक अभियंता, ग्रामीण विकास विशेष प्रमंडल, बोकारो के पदनाम से देय एवं बोकारो में भुगतेय हो देना होगा।
11. परिमाण विपत्र की राशि घट–बढ़ सकती है, तदनुसार परिमाण विपत्र की राशि का 02 प्रतिशत अग्रधन की राशि के रूप में जमा करना होगा।
12. विशेष परिस्थिति में बिना करण बताए निविदा रद्द करने अथवा स्थगित करने का अधिकार अधोहस्ताक्षरी को सुरक्षित होगा।
विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल,बोकारो

PR 288124 Rural Development(22-23).D

**ODISHA LIFT IRRIGATION CORPORATION LIMITED**
(A Government of Odisha Undertaking)
**OFFICE OF THE EXECUTIVE ENGINEER**
**LIFT IRRIGATION DIVISION, KENDRAPARA**
E-mail: eeolickdp@yahoo.in, Tel. No.: 06727-220393
No. CAD-4600 **e-Procurement Notice**
Bid Identification No. 366/LID.KDP/2022-23, Date: 20.01.2023

1. Name of the O.I.T. : Executive Engineer, Lift Irrigation Division, Kendrapara
2. Name of the Work : Revival of 5 Nos CLIPs Sanctioned under State Plan Fund on "Turnkey Percentage Basic"
3. No. of Packages : 4 Nos
4. Tender Amount : Varies from 10.89 lakh to 21.84 lakh
5. Date and time of availability of bid documents in the portal for online bidding : From 11.00 hours Dt.02.02.2023 to 17.00 hours Dt.08.02.2023
6. Date of seeking clarification : Dt.04.02.2023 upto 13.00 hours
7. Last date and time of receipt of bids in the portal : Upto 17.00 hours Dt.08.02.2023
8. Date of opening of Technical & Financial Bids : 11.00 hours Dt.09.02.2023
9. Further details can be seen from the e-procurement portal of Govt. of Odisha i.e. www.tendersodisha.gov.in.
10. Corrigendum/addendum, if required shall be available in the above portal.

Sd./- Executive Engineer, L.I. Division, Kendrapara
OIPR-32147/11/0013/2223

# ଅମିତ୍..ୱାନ୍ସ ମୋର୍...





ଅମିତ୍ ତ୍ରିବେଦୀ

ଭୁବନେଶ୍ୱର,୨୧।୧(ବ୍ୟୁରୋ) – ଉତ୍‌ଫେଷ୍ଟର ଶନିବାର ୬ଷ୍ଠ ସନ୍ଧ୍ୟାରେ 'ଭୁବନେଶ୍ୱର ଲାଇଭ୍'ର ମାହୋଲ ଥିଲା କିଛି ନିଆରା। ଓଲିଉଡ୍ ଗାୟକ ସ୍ୱୟମ୍ ପାଢ଼ୀଙ୍କ ଏଣ୍ଟ୍ରି ଆରମ୍ଭରୁ ମନୋରଞ୍ଜନ ଦେଇଥିଲେ ମଧ୍ୟ ବଲିଉଡ୍‌ର ପ୍ରତିଷ୍ଠିତ ସଙ୍ଗୀତ ନିର୍ଦ୍ଦେଶକ, ପ୍ରଯୋଜକ, କମ୍ପୋଜର ତଥା ଗାୟକ ଅମିତ୍ ତ୍ରିବେଦୀଙ୍କ ପ୍ରଦର୍ଶନରେ ମଞ୍ଚ ଦୁଲୁକିଥିଲା। ବାକିସବୁ ଦିନଠାରୁ ଆଜିର ମାହୋଲ ପୂରା ଧମାକାଦାର ଥିଲା। ସେ ଓ ତାଙ୍କ ଟିମ୍ ଗୋଟିଏ ପରେ ଗୋଟିଏ ଗୀତରେ ଲୋକଙ୍କୁ ଝୁମାଇ, ନଚାଇଥିଲେ। ଦୀର୍ଘ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ପ୍ରଦର୍ଶନ ପରେ ବି ଅମିତ୍‌ଙ୍କ ଜୋସ୍‌ରେ ହୋସ୍ ହରାଇଥିଲେ ଦର୍ଶକ। ପ୍ରଦର୍ଶନ ଶେଷବେଳକୁ ଉପସ୍ଥିତ ସମସ୍ତ ଦର୍ଶକ ଅମିତ୍..ୱାନ୍ସ ମୋର୍...ୱାନ୍ସ ମୋର୍...ବୋଲି କହିଥିଲେ। ଦର୍ଶକଙ୍କ ଏପରି ଭଲପାଇବା ଦେଖି ସେ କହିଥିଲେ, ବର୍ତ୍ତମାନ ତ ସମୟ ସରିଗଲାଣି। ଆଉଥରେ ପ୍ରଦର୍ଶନ ପାଇଁ ପୁଣିଥରେ ଡାକିବାକୁ ପଡ଼ିବ। ମୁଁ ପୁଣି ଆସିବି।



## ନମୋ ନମୋ ଜୀ ଶଙ୍କରରୁ ଆରମ୍ଭ

ଅମିତ୍‌ଙ୍କ ପ୍ରଥମ ପରିବେଷଣ ଥିଲା ନମୋ ନମୋ ଜି ଶଙ୍କର...ଭୋଲେନାଥ ଶଙ୍କର...। ପ୍ରଭୁ ଶିବଙ୍କୁ ସ୍ମରଣ କରି ସେ ମଞ୍ଚରେ ପଦାର୍ପଣ କରିଥିଲେ। ତାଙ୍କ ସହ ତାଙ୍କର ୪ଜଣ ସାଥୀ ମଧ୍ୟ ପ୍ରଦର୍ଶନ ରଖିଥିଲେ। ପ୍ରଥମ ଗୀତରୁ ହିଁ ଦର୍ଶକ ଅମିତ୍‌ଙ୍କ ସହ ଗାଇବା ଆରମ୍ଭ କରି ଦେଇଥିଲେ। ଦର୍ଶକଙ୍କୁ ଦେଖି ଲାଗୁଥିଲା ଅମିତ୍ କେବଳ ଜଣେ ଗାୟକ ନୁହେଁ ସମସ୍ତଙ୍କର ଇମୋଶନ୍।

## ରୋମାଣ୍ଟିକ୍ ନାଇଟ୍‌ରେ ହଜିଲେ ଦର୍ଶକ

ଅମିତ୍ ଓ ତାଙ୍କ ୪ଜଣ ସାଥୀ ଗୋଟିଏ ପରେ ଗୋଟିଏ ରୋମାଣ୍ଟିକ୍ ଗୀତ ପରିବେଷଣ କରିଥିଲେ। ଅମିତ୍ ମିଟ୍ ପାଇଁ ଫ୍ରେଣ୍ଡସ୍ କହି ସାଥୀ ୟଶିତା ଶର୍ମା, ଦେବେନ୍ଦ୍ର ପାଲ୍ ସିଂହ, ଅରୁଣ କମାଥ ଓ ମେଘନା ମିଶ୍ରଙ୍କୁ ପରିଚୟ କରାଇଥିଲେ। ଏହି ୫ଜଣିଆ ଦଳ ଭୁବନେଶ୍ୱର ଲାଇଭ୍‌ର ୬ଷ୍ଠ ସନ୍ଧ୍ୟାକୁ ମତୁଆଲା କରିଥିଲେ। ମାଞ୍ଝା..., ଗେହରା ସମନ୍ଦର ଦିଲ୍ ଡୁବା ଉସ୍‌ମେ.., ସାବନ୍ ବରଷେ.., ମୁଝେ ଛୋଡ଼ ଦୋ.., ବିଖରନେ କୋ ମୁଝକୋ ଶୋକ ହେ ବଡ଼ା.., ଜିନ୍ଦେଗୀ ନେ ଉଦାସି... ଆଦି ରୋମାଣ୍ଟିକ୍ ଲଭ୍ ଗୀତ ପ୍ରଦର୍ଶନ କରି ଦର୍ଶକଙ୍କୁ ପ୍ରେମରେ ଭିଜାଇଥିଲେ। ବିଶେଷ କରି ଦର୍ଶକଙ୍କୁ ପସନ୍ଦ ଆସୁଥିବା ଲୋକପ୍ରିୟ ଗୀତଗୁଡ଼ିକୁ ସେମାନେ ଜଣଙ୍କ ପରେ ଜଣେ ପରିବେଷଣ କରିଥିଲେ। ଏହା ସହିତ ଜାମେ ବଲ୍‌ମା.., ୟେ ଦିଲ୍ ଅଟକ୍ ଗୟା ହେ.., ଗୀତକୁ ବେଶ୍ ସୁନ୍ଦର ଓ ସ୍ୱତନ୍ତ୍ର ଭାବେ ଦର୍ଶକଙ୍କୁ ଭେଟି ଦେଇଥିଲେ। ଲଭ୍ ୟୁ ଜିନ୍ଦେଗୀ...ଗୀତରେ ଦର୍ଶକ ସିଟ୍‌ରୁ ଉଠିବା ଆରମ୍ଭ କରିଦେଇଥିଲେ।

> ### ବିଭିନ୍ନ ଭାଷାରେ ଗୀତ ଗାଇଲେ
>
> ପ୍ରଦର୍ଶନକୁ ଆଉ ଟିକେ ନିଆରା କରିବା ପାଇଁ ପ୍ରେଜେଣ୍ଟିଙ୍ଗ ସାଉଣ୍ଡ୍ ଅଫ୍ ଇଣ୍ଡିଆ ନାମରେ ଏକ ଭିନ୍ନ ଧରଣର ପ୍ରଦର୍ଶନ ରଖିଥିଲେ ଅମିତ୍। ୫ଜଣ ତାମିଲନାଡୁ, ରାଜସ୍ଥାନ, ଗୁଜରାଟ, ମହାରାଷ୍ଟ୍ର, ପଞ୍ଜାବ ଆଦିର ଗୀତ ସବୁକୁ ଗାଇଥିଲେ। କେବଳ ଗୀତ ଗାଇବା ନୁହେଁ ସେହି ସ୍ଥାନର ପୋଷାକରେ ମଧ୍ୟ ଆସି ମଞ୍ଚର ଶୋଭାକୁ ଆଉ ଟିକେ ବଢ଼ାଇଥିଲେ। ସେ କହିଥିଲେ, ଆମ ଭାରତ କେତେ ସୁନ୍ଦର ତାହା ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଜାଣିହେବ।

## ଅଧିକ ଭିଡ଼ କଡ଼ା ଚେକିଂ

ବାକି ଦିନଠାରୁ ଆଜି ଭିଡ଼ ଅଧିକ ଥିଲା। ଅମିତ୍ ତ୍ରିବେଦୀଙ୍କ ଶୋ' ପାଇଁ ଲୋକଙ୍କ ଭିଡ଼ ଅସମ୍ଭାଳ ଥିଲା। ସିଟ୍ ସବୁ ପୂରଣ ହେବା ସହ ଛିଡ଼ା ହୋଇଥିବା ଲୋକଙ୍କ ସଂଖ୍ୟା ମଧ୍ୟ ଢେର୍ ଅଧିକ ଥିଲା। ଭିଡ଼କୁ ଦେଖି ପୋଲିସ ପକ୍ଷରୁ ମଧ୍ୟ ସୁରକ୍ଷା ବ୍ୟବସ୍ଥା ବ୍ୟାପକ କରାଯାଇଥିଲା। ପ୍ରାୟ ୩ଟି ପର୍ଯ୍ୟାୟରେ ଚେକିଂ କରାଯାଇ ଭିତରକୁ ଛଡ଼ା ଯାଇଥିଲା।

## ନାଚିଲେ ନଚାଇଲେ

କେବଳ ଗୀତ ଗାଇବାରେ ସୀମିତ ନଥିଲା ଅମିତ୍‌ଙ୍କ ପ୍ରଦର୍ଶନ। ସେ ଓ ତାଙ୍କ ଦଳ ନାଚି ନାଚି ମଞ୍ଚରେ ପ୍ରତିଟି ପରିବେଷଣ ରଖିଥିଲେ। ତାଙ୍କର ପ୍ରତିଟି ଷ୍ଟେପ ଓ ଗୀତର ପ୍ରତ୍ୟେକଟି ଲାଇନ୍‌ରେ ଦର୍ଶକ ନାଚିଥିଲେ। ସିଟ୍‌ରୁ ଉଠି ସାଙ୍ଗ ସାଥୀ ସହ ଗ୍ରୁପ ହୋଇ ନାଚିଥିଲେ। ସେହିପରି ମଞ୍ଚ ପାଖରେ ମଧ୍ୟ ଦର୍ଶକଙ୍କ ଭିଡ଼ ବେଶ୍ ଜମିଥିଲା। ନାଚିବା ସହ ନଚେଇବାରେ ମାହିର୍ ଥିଲା ଅମିତ୍ ଓ ତାଙ୍କ ସାଥୀ।

## ସଟରଡେ ନାଇଟ୍ ଲାଇଭ୍‌ର ମଜା ନେଲେ ଦର୍ଶକ

ଭାରତର ବିଭିନ୍ନ ଭାଷାର ଗୀତ ଆରମ୍ଭ ହୋଇଥିଲା ରାଜସ୍ଥାନୀ ଗୀତ ଲୁକ୍ ଛୁପ୍‌ନା ଯାଏ ଜି...ରୁ। ପରେ ତାମିଲ ଗୀତ ଉପସ୍ଥାପିତ କରିଥିଲେ। ଗୁଜରାଟର ଗୀତ ହେ ଶୁଭାରମ୍ଭ ଓ ଶୁଭାରମ୍ଭରେ ଦର୍ଶକଙ୍କୁ ଗରବା ନୃତ୍ୟରେ ନଚାଇଥିଲେ। ମହାରାଷ୍ଟ୍ରର ମରାଠୀ ଭାଷାର ଗୀତ ନବ୍‌ରା ମଜହା ନଭ୍‌ଶଛା..ଗୀତରେ ଦର୍ଶକଙ୍କୁ ଏକ ଅନନ୍ୟ ଢଙ୍ଗରେ ନଚାଇଥିଲେ ଅମିତ୍। ପଞ୍ଜାବୀ ଗୀତର ତାଳକୁ ତାଳ ପକାଇ ପାଦକୁ ପାଦ ମିଳାଇ ପଞ୍ଜାବୀ ବିଟ୍‌ର ଜୋଶ୍ ଭରିଥିଲେ। ଏହାପରେ ସଟରଡେ ନାଇଟ୍ ଲାଇଭ୍ ଆରମ୍ଭ କରିଥିଲେ। ମଞ୍ଚ ନିକଟକୁ ଆସି ନାଚିବାକୁ କହିଥିଲେ। ଉଡତା ପଞ୍ଜାବ.., ଲଣ୍ଡନ ଠୁମକଦା.., ଗୁଲାବୋ...ଆଦି ଗୀତରେ ଖୁବ୍ ନାଚିଥିଲେ ଦର୍ଶକ। କେହି ଜଣେ ମଧ୍ୟ ସିଟ୍‌ରେ ବସି ନ ଥିଲେ। ସମସ୍ତେ ଉଠି ପ୍ରତି ଗୀତରେ ମସଗୁଲ ହୋଇ ନାଚିଥିଲେ।

## ଶୋ' ଆରମ୍ଭ କଲେ ସ୍ୱୟମ୍

ଭୁବନେଶ୍ୱର ଲାଇଭ୍‌ର ୬ଷ୍ଠ ସନ୍ଧ୍ୟାକୁ ଆରମ୍ଭ କରିଥିଲେ ଓଲିଉଡ ଗାୟକ ସ୍ୱୟମ୍ ପାଢ଼ୀ। ତାଙ୍କର ଲୋକପ୍ରିୟ ଗୀତ ଓରେ ଦିଲ୍ ନସିରୁ ଆରମ୍ଭ ହୋଇଥିଲା ତାଙ୍କ ପରିବେଷଣ। ପରେ ପରେ ନୂଆ ଶାୟେରୀ ନା ନୂଆ କବିତା ଗୀତରେ ଦର୍ଶକଙ୍କୁ ମୁଗ୍ଧ କରିଥିଲେ। ବଲିଉଡର ସ୍ଲୋ ସଙ୍ଗ ଜିନା ଜିନା.. ପରେ ପୁଣି ଓଲିଉଡର ଏକ ସୁନ୍ଦର ପ୍ରେମ ଭରା ସଙ୍ଗୀତ ଶହେ ଥିଲି ଶୂଲ ହେଲି...କୁ ଦର୍ଶକଙ୍କୁ ଭେଟି ଦେଇଥିଲେ। ତା ପରେ ବଲିଉଡର ଧମାକାଦାର ଗୀତ ହାୱା ହାୱା.. ଏବଂ ଓଲିଉଡର ମୋତେ ଜିଏଫ୍ ବନେଇଦେଲା ଏ ଜିଗର ୱାଲା.. ଗୀତରେ ଦର୍ଶକଙ୍କୁ ଏନର୍ଜି ଆଣିଦେଇଥିଲେ।



# ଜାତୀୟ ଆଇନ ବିଶ୍ୱବିଦ୍ୟାଳୟରେ ପୁଷ୍ପ ପ୍ରଦର୍ଶନୀ



କଟକ ଅଫିସ,୨୧।୧

କଟକ ଜିଲା ନରାଜସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟରେ ୩ ଦିନିଆ ପୁଷ୍ପ ପ୍ରଦର୍ଶନୀ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳାଧିପତି ତଥା ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଏହାକୁ ଉଦ୍‌ଘାଟନ କରିଥିଲେ। ବିଶ୍ୱବିଦ୍ୟାଳୟର ଆମ୍ଫି ଥିଏଟରଠାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ବିଚାରପତି ଡ. ମୁରଲୀଧର ଓ ସମ୍ମାନିତ ଅତିଥି ଭାବେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ ସିଂ ଓ ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବେଦ କୁମାରୀ ସ୍ୱାଗତ ଭାଷଣ ଓ କୁଳସଚିବ ପ୍ରଫେସର ରଙ୍ଗୀନପଲ୍ଲବ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଅତିଥିମାନେ ବିଶ୍ୱବିଦ୍ୟାଳୟ ପରିସରସ୍ଥ ପଡ଼ିଆରେ ପୁଷ୍ପ ପ୍ରଦର୍ଶନୀ ବୁଲି ଦେଖିଥିଲେ। ଏହି ପ୍ରଦର୍ଶନୀ ସୋମବାର ଉଦ୍‌ଯାପିତ ହେବ। ଉଦ୍‌ଯାପନୀ ସମାରୋହରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିସହ ତିନିଦିନ ବ୍ୟାପୀ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ସମେତ ଦିବ୍ୟାଙ୍ଗ ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ।



ଜଗତ୍‌ସିଂହପୁରରେ ଆନ୍ଦୋଳନବେଳେ ଚାଷୀଙ୍କୁ ଗିରଫର ପ୍ରତିବାଦ ସହ ଏସ୍‌ପିଙ୍କ ବଦଳି ଦାବିରେ ନବ ନିର୍ମାଣ ଛାତ୍ର ସଙ୍ଗଠନ ପକ୍ଷରୁ ଶନିବାର ଭୁବନେଶ୍ୱରରେ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ସରକାରୀ ବାସଭବନ ସମ୍ମୁଖରେ ବିକ୍ଷୋଭବେଳେ ପୋଲିସ ଗିରଫ କରିନେଉଛି।

# ୫ ବଖରା ଜଳିଗଲା

**ମାହାଙ୍ଗା, ୨୧।୧(ସ୍ୱ.ପ୍ର):** ମାହାଙ୍ଗା ତହସିଲ ଅଧୀନ ସାହାପୁର ପଞ୍ଚାୟତର ବାଲିପଡିଆ ବଣିଆ ସାହିରେ ଶୁକ୍ରବାର ରାତିରେ ଅଗ୍ନିକାଣ୍ଡ ଘଟି ଗୁରୁଚରଣ ସାହୁ, କନକଲତା ସାହୁ, ଶିବେନ୍ଦ୍ର ସାହୁଙ୍କ ୫ ବଖରା ଜଳି ଯାଇଛି। ଏଥିରେ ଲକ୍ଷାଧିକ ଟଙ୍କାର ଆସବାବପତ୍ର ଭସ୍ମୀଭୂତ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। କୁଆଁପାଳ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ତହସିଲ ପ୍ରଶାସନ ପକ୍ଷରୁ ପଲିଥିନ ଯୋଗାଇ ଦିଆଯାଇଛି। ସରପଞ୍ଚ ସାରଦା ପ୍ରସାଦ ମହାନ୍ତି, କାହ୍ନୁଚରଣ ସାହୁ, ପ୍ରଶାନ୍ତ ମହାନ୍ତି, ଜିଲା ବିଜେଡି ଉପସଭାପତି ସ୍ୱାଧୀନ ମହାନ୍ତି ପ୍ରମୁଖ ଅଗ୍ନିବିପନ୍ନଙ୍କ ନିକଟରେ ପହଞ୍ଚି ବିଧାୟକଙ୍କ ପାଣ୍ଠିରୁ ରାଶନ ସାମଗ୍ରୀ, ପାଲ ଆଦି ପ୍ରଦାନ କରିଛନ୍ତି।




ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଏବଂ ଅଜନ୍ତା ଆଡ୍‌ଭର୍ଟାଇଜର୍ସର ମିଳିତ ସହଭାଗିତାରେ ଭୁବନେଶ୍ୱର ଉତ୍ତର ପ୍ରବେଶ ପଥ କୁହାଯାଉଥିବା ଜୟଦେବ ବିହାର ନିକଟସ୍ଥ ପାଲ୍ ହାଇଟ ଫୁଟ୍ ଓଭର ବ୍ରିଜ୍‌ର ଆକର୍ଷଣୀୟ ସାଜସଜ୍ଜା ସହ ଉଭୟ ପଟର ସୌନ୍ଦର୍ଯ୍ୟକରଣ ବେଶ୍ ଆକର୍ଷଣୀୟ ଏବଂ ମନୋହର ହୋଇଛି। ଏପରିକି ହକି ମହାକୁମ୍ଭ ଅବସରରେ ଉକ୍ତ ପଥ ବର୍ତ୍ତମାନ ଏକ ସ୍ୱତନ୍ତ୍ର ସେଲ୍‌ଫି ଜୋନ୍ ପାଲଟିଯାଇଛି।

# ରାଜ୍ୟସ୍ତରୀୟ କବିତାପାଠ, କବି ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨୧।୧ (ବ୍ୟୁରୋ)

ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ୧୨୬ତମ ଜୟନ୍ତୀ ଉପଲକ୍ଷେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ କଟକ ଶହୀଦ ଭବନରେ ଏକ କବିତା ପାଠୋତ୍ସବ ଓ କବି ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି। କବି ପଦ୍ମଶ୍ରୀ ଜୟନ୍ତ ମହାପାତ୍ର ଏହାକୁ ଉଦ୍‌ଘାଟନ କରି କହିଲେ, ଓଡ଼ିଶା ସାହିତ୍ୟ ଏକାଡେମୀ ଇତିହାସରେ ଏଭଳି କବି ସମ୍ମେଳନ ପ୍ରଥମଥର ଆୟୋଜନ କରାଯାଇଛି। ସେହି ଦୃଷ୍ଟିରୁ ଐତିହାସିକ, ବର୍ଷୀୟାନ ଓ ଏତେ ସଂଖ୍ୟକ ବିଶିଷ୍ଟ କବି ରାଜ୍ୟର କୌଣସି ଉତ୍ସବରେ ଏକତ୍ର ହେବା ପୂଜ୍ୟପୂଜା କ୍ଷେତ୍ରରେ ଏକାଡେମୀର ପ୍ରତିବଦ୍ଧତାକୁ ପ୍ରମାଣ କରେ ବୋଲି ସେ କହିଥିଲେ। ଉତ୍ସବରେ ଜୟନ୍ତ ମହାପାତ୍ର, ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, ସରୋଜ ରଞ୍ଜନ ମହାନ୍ତି, ଶୈଳଜ ରବି, ଫନୀ ମହାନ୍ତି, ରାଜେନ୍ଦ୍ର କିଶୋର ପଣ୍ଡା, ହରପ୍ରସାଦ ଦାସ, ପ୍ରତିଭା ଶତପଥୀ, ଆଶୁତୋଷ ପରିଡ଼ା, ପ୍ରସନ୍ନ କୁମାର ପାଟ୍ଟଶାଣୀଙ୍କ ସମେତ ୧୯ଜଣ ଜାତୀୟ ସ୍ତରର କବି ସ୍ୱରଚିତ କବିତାପାଠ କରିଥିଲେ। ସେହିପରି ଯୋଗଦେଇ ପାରି ନ ଥିବା କବି ଅମରେଶ ପଟ୍ଟନାୟକ ବେଙ୍ଗାଲୁରୁରୁ ପଠାଇଥିବା ତାଙ୍କର କବିତାକୁ ରେକର୍ଡ ଯୋଗେ ଉପସ୍ଥାପିତ କରାଯାଇଥିଲା। କବି ସୌଭାଗ୍ୟ କୁମାର ମିଶ୍ର ଉତ୍ସବର ସଫଳତା କାମନା କରି ପଠାଇଥିବା ବାର୍ତ୍ତାକୁ ଏକାଡେମୀ ସଚିବ ପାଠ କରିଥିଲେ। ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ ପୌରୋହିତ୍ୟ କରି ନେତାଜୀଙ୍କ ଉପରେ ନିଜେ ଲେଖିଥିବା ଏକ କବିତା ପାଠ କରିଥିଲେ। ଏପରି କବି ସମାରୋହରେ ଦେଶର ବାଣୀମୂର୍ତ୍ତିମାନଙ୍କୁ ସମ୍ବର୍ଦ୍ଧିତ କରି ଏକାଡେମୀ ଧନ୍ୟ ହୋଇଛି ବୋଲି ସେ କହିଥିଲେ। ମୃତ୍ୟୁଞ୍ଜୟ ରଥ ସଂଯୋଜନା କରିଥିବାବେଳେ ଉପ ସଭାପତି ଡକ୍ଟର ସଂଗ୍ରାମ ଜେନା ସ୍ୱରଚିତ କବିତା ପାଠ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାଶ, କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ, ଏଡିଏମ୍ ଶିବ ତପୋ ପୌରପାଳ ସୁବାସ ସିଂହ ମଞ୍ଚାସୀନ ଥିଲେ। ଏକାଡେମୀ ସଚିବ ପ୍ରବୋଧ କୁମାର ରାଉତ ଅତିଥିଙ୍କୁ ସ୍ୱାଗତ କରିବା ସହ ଏକାଡେମୀର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରାରମ୍ଭରେ ଏକାଡେମୀ ପକ୍ଷରୁ ମଞ୍ଚାସୀନ କବି ଓ ଅତିଥିଙ୍କୁ ଅଙ୍ଗବସ୍ତ୍ର, ପୁସ୍ତକ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।




ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଅନୁଷ୍ଠିତ ରାଜ୍ୟସ୍ତରୀୟ କବିତାପାଠ, କବି ସମ୍ବର୍ଦ୍ଧନା ଉତ୍ସବରେ ଅତିଥିମାନେ।

# ନକଲି ସୁନାଶଙ୍ଖ ବିକ୍ରିକରି ଅଡୁଆରେ ଯୁବକ





ଗିରଫ ୨ ଅଭିଯୁକ୍ତ । ନକଲି ସୁନାଶଙ୍ଖ ।

**ପାପଡ଼ାହାଣ୍ଡି,୨୧।୧ (ଡି.ଏନ୍.ଏ.)**

## ■ ମଧ୍ୟପ୍ରଦେଶରୁ ଉଦ୍ଧାର କଲା ମଇଦଲପୁର ପୋଲିସ

ନକଲି ସୁନାଶଙ୍ଖକୁ ଅସଲି କହି ନବରଙ୍ଗପୁର ଜିଲା ମଇଦଲପୁର ଥାନା ଚନ୍ଦ୍ରପୁର ଗ୍ରାମର ରବୀନ୍ଦ୍ର ମିର୍ଗାନ ମଧ୍ୟପ୍ରଦେଶର ବାବା ବିଦ୍ୟା ଶଙ୍କର ଦୁବେଙ୍କୁ ବିକ୍ରି କରିଥିଲେ। ଏଥିପାଇଁ ରବୀନ୍ଦ୍ର ପୂର୍ବରୁ ୫୦ ହଜାର ଅଗ୍ରିମ ନେଇଥିବାବେଳେ ବଳକା ଟଙ୍କା ଆଣିବାକୁ ମଧ୍ୟପ୍ରଦେଶ ଯାଇଥିଲେ। ହେଲେ ସେଠାରେ ଶଙ୍ଖ ନକଲି ବୋଲି ଦୁବେ ଜାଣିବା ପରେ ରବୀନ୍ଦ୍ରଙ୍କୁ ଅପହରଣ କରି ବନ୍ଧକ ରଖିଥିଲେ। ଏପରିକି ଅଗ୍ରିମ ଟଙ୍କା ଫେରେଇବାକୁ ରବୀନ୍ଦ୍ରଙ୍କ ପରିବାର ଲୋକଙ୍କୁ ଫୋନ୍ କରି ୬ ଲକ୍ଷ ଟଙ୍କା ଦାବି କରିଥିଲେ। ଏ ନେଇ ରବୀନ୍ଦ୍ରଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ କରି ମଧ୍ୟପ୍ରଦେଶରୁ ଉଭୟ ରବୀନ୍ଦ୍ର ଓ ଦୁବେଙ୍କୁ ଉଦ୍ଧାର କରି ପାପଡ଼ାହାଣ୍ଡି ଆଣିବା ସହ ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି କାରବାରରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଗିରଫ କରାଯିବ ବୋଲି ପାପଡ଼ାହାଣ୍ଡି ଏସ୍‌ଡିପିଓ ଆଦିତ୍ୟ ସେନ୍ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସୂଚନାନୁଯାୟୀ, ରବୀନ୍ଦ୍ର ସୁନାଶଙ୍ଖ ଦେବାକୁ କହି ମଧ୍ୟପ୍ରଦେଶ ଅଞ୍ଚଳର ବାବା ବିଦ୍ୟା ଶଙ୍କର ଓ ତାଙ୍କର କେତେଜଣ ସାଥୀଙ୍କଠାରୁ ୫୦ ହଜାର ଟଙ୍କା ଅଗ୍ରିମ ଆଣିଥିଲେ। କିନ୍ତୁ ରବୀନ୍ଦ୍ର ସେମାନଙ୍କୁ ସୁନାଶଙ୍ଖ ନ ଦେଇ ଦିନ ଗଡ଼ାଇ ଚାଲିଥିଲେ। ଶଙ୍ଖ ପାଇବା ଆଶାରେ ଟଙ୍କା ଦେଇଥିବା ବ୍ୟକ୍ତିମାନେ ମଇଦଲପୁର ଅଞ୍ଚଳକୁ ବାରମ୍ବାର ଆସୁଥିଲେ। ଶେଷରେ ରବୀନ୍ଦ୍ର ସେମାନଙ୍କୁ ନକଲି ସୁନାଶଙ୍ଖ ଦେଇଥିଲେ। ଏହି ସମୟରେ କିନ୍ତୁ ମଧ୍ୟପ୍ରଦେଶର ଗ୍ରାହକମାନେ ଆଉ ଟଙ୍କା ଦେଇ ନ ଥିଲେ। ବାକି ଟଙ୍କା ମଧ୍ୟପ୍ରଦେଶରେ ଦେବାକୁ କହି ସେମାନେ ରବୀନ୍ଦ୍ରକୁ ସାଙ୍ଗରେ ନେଇ ଯାଇଥିଲେ। ରବୀନ୍ଦ୍ର ୨/୩ ଦିନ ଧରି ଘରକୁ ନ ଫେରିବାରୁ ତାଙ୍କ ସ୍ତ୍ରୀ ବନ୍ଦିତା ୧୫ ତାରିଖରେ ଏ ନେଇ ମଇଦଲପୁର ଥାନାରେ ଅଭିଯୋଗ କରିଥିଲେ।

# ସରକାରୀ ଖାତାକୁ ଫେରିଲା ଜେଏସ୍‌କୋର ୫୦୬ ଏକର ଜମି

**ରାୟଗଡ଼ା ଅଫିସ/ ରାୟଗଡ଼ା(ସ୍ୱ.ପ୍ର.),୨୧।୧**

## ■ ହାଇକୋର୍ଟ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଦଖଲ ପ୍ରକ୍ରିୟା ଆରମ୍ଭ
## ■ ବିକାଶ କାର୍ଯ୍ୟରେ ହେବ ସହାୟକ

ରାୟଗଡ଼ାସ୍ଥିତ ଜୟପୁର ସୁଗାର କମ୍ପାନୀ (ଜେଏସ୍‌କୋ) ଲିମିଟେଡ୍ ଦଖଲରେ ଥିବା ୫୦୬ ଏକର ସିଲିଂ ଜମି ଶନିବାର ପ୍ରଶାସନ ନିଜ ଦଖଲକୁ ନେଇଛି। ଦଖଲ ପାଇଁ ଚିହ୍ନଟ ହୋଇଥିବା ଜମିଗୁଡ଼ିକରେ ପ୍ରଶାସନ ପକ୍ଷରୁ ନାଲିପତାକା ଲଗାଯିବା ସହ ଦଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିସହ ରାଜସ୍ୱ ବିଭାଗର ଲ୍ୟାଣ୍ଡ ରେକର୍ଡ ମଧ୍ୟ ପରିବର୍ତ୍ତନ କରାଯାଇଛି। ଏବେ ସମସ୍ତ ଜମି ରାୟଗଡ଼ା ତହସିଲ ରେକର୍ଡରେ ସ୍ଥାନ ପାଇଛି। ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନଙ୍କ ନେତୃତ୍ୱରେ ରାୟଗଡ଼ା ଉପଜିଲାପାଳ ଭୀମସେନ ଶବର, ତହସିଲଦାର ତାପସ ରାଉତ ଏବଂ ଆର୍‌ଆଇଙ୍କ ସମେତ ତହସିଲ କାର୍ଯ୍ୟାଳୟର କର୍ମଚାରୀଙ୍କ ଉପସ୍ଥିତିରେ କମ୍ପାନୀ ଅଧୀନରେ ଥିବା ୧୦ ମୌଜାର ୫୦୬ ଏକର ଜମିକୁ ଦଖଲକୁ ନିଆଯାଇଛି। ଜେଏସ୍‌କୋ ଅଧୀନରେ ୧୦ ମୌଜାରେ ଜମି ରହିଥିବାବେଳେ ବାରିଖୋଲା ମୌଜାରେ ସର୍ବାଧିକ ୨୬୨.୯୨ ଏକର ଜମି ରହିଛି। ସେହିପରି ଶିରିଗୁଡ଼ାରେ ୧୧.୬୪ ଏକର, ଶିରିକଣା ୧୦.୧୮ ଏକର, ଚେକାଗଡ଼ା ୬.୦୯ ଏକର, ତୁମ୍ପିଗୁଡା ୧୫.୦୯ ଏକର, ଜୟରାମଗୁଡ଼ା ୨୦.୨ ଏକର, ରାଣୀଗୁଡ଼ା ୩୯.୭୨ ଏକର, ଖଲିଗୁଡ଼ା ୩.୩୪ ଏକର, ପିତାମହଲ ୨.୩୮ ଏକର ଏବଂ କୁମୁତଲପେଟା ମୌଜାରେ ୧୩୫.୧୩ ଏକରକୁ ମିଶାଇ ସର୍ବମୋଟ ୫୦୬.୬୯ ଏକର ଜମି ସରକାରୀ ଖାତାକୁ ଫେରିଛି। ଏହି ଜମି ସରକାରୀ ଖାତାକୁ ଆସିବା ପରେ ମେଡିକାଲ କଲେଜ ଓ ଏୟାରପୋର୍ଟ ଭଳି ବୃହତ୍ ପ୍ରକଳ୍ପ ନିର୍ମାଣରେ ବ୍ୟବହାର କରାଯିବ ବୋଲି ସୂଚନା ମିଳିଛି।

# ବାହୁଡ଼ିଲା ନରହନ୍ତା ଦନ୍ତା | ଆକ୍ରମଣରେ ୨ ମୃତ୍ୟୁ



ମେଡିକାଲ ବାହାରେ ଗ୍ରାମବାସୀ ରୁଣ୍ଡ ହୋଇଛନ୍ତି।

**ପରଜଙ୍ଗ, ୨୧।୧(ଡି.ଏନ୍.ଏ.)**

## ■ ସ୍ତ୍ରୀଙ୍କ ଆଖି ଆଗରେ ସ୍ୱାମୀଙ୍କୁ ଦଳିମାରିଦେଲା
## ■ ଶୌଚ ହେବାକୁ ଯାଇଥିବା ବୃଦ୍ଧାଙ୍କୁ କଚାଡ଼ିଦେଲା

ଅନୁଗୋଳ ପରେ ଢେଙ୍କାନାଳକୁ ଫେରିଛି ନରହନ୍ତା ଦନ୍ତା ଆତଙ୍କ। ଶନିବାର ଭୋର୍ ସମୟରେ ଜନବସ୨ତିକୁ ପ୍ରବେଶ କରିଥିବା ଏକ ହିଂସ୍ର ହାତୀ ପରଜଙ୍ଗ ଅଞ୍ଚଳରେ ଆତଙ୍କ ଖେଳାଇଛି। ମାତ୍ର ଘଣ୍ଟାଏ ବ୍ୟବଧାନରେ ପୃଥକ୍ ସ୍ଥାନରେ ନେଇଛି ଦୁଇ ଜୀବନ। ଶୌଚହେବାକୁ ଯାଇଥିବା ବେଳେ ସ୍ତ୍ରୀଙ୍କ ଆଖିଆଗରେ ସ୍ୱାମୀଙ୍କୁ ଦଳିଦେଇଥିବା ବେଳେ ଘଟଣାସ୍ଥଳରୁ ୭କିମି ଦୂରରେ ଅନୁରୂପ ଭାବେ ଜଣେ ବୃଦ୍ଧାଙ୍କୁ କଚାଡ଼ି ମାରିଛି। ମୃତକ ହେଲେ ପିତିରି ପଞ୍ଚାୟତ ଖାଲପାଳ ଗ୍ରାମ ଦଳିତ ବସ୍ତିର ଅଲେଖ ନାୟକ (୬୫) ଏବଂ ପରଜଙ୍ଗ ଗ୍ରାମର ବାରି ନାୟକ (୭୦)। ଏଭଳି ଅଭାବନୀୟ ଘଟଣା ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଥିବା ବେଳେ ଏଥିପାଇଁ ଅଞ୍ଚଳବାସୀ ବନ ବିଭାଗର ବିଫଳତାକୁ ଦାୟୀ କରିଛନ୍ତି।

ଖାଲପାଳ ଗ୍ରାମର ଅଲେଖ ନାୟକ ଭୋର୍ ୪ଟାରେ ଘର ପଛପାଖ ପଡ଼ିଆକୁ ଶୌଚ ହେବାକୁ ଯାଇଥିଲେ। ସ୍ତ୍ରୀ ଗୌରୀ ଅଳ୍ପ ଦୂରରେ ଗୋବର ଗୋଟାଉଥିବାବେଳେ ହଠାତ୍ ଉକ୍ତ ହାତୀ ପଛପଟୁ ଆସି ଅଲେଖଙ୍କୁ ଆକ୍ରମଣ କରି ପାଦରେ ଦଳିଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଗୌରୀ ଜୀବନ ରକ୍ଷାକରି ଦୌଡ଼ି ଆସି ପାଟି କରିବାରୁ ପାଖପଡ଼ୋଶୀ ପହଞ୍ଚି ହାତୀକୁ ଘଉଡ଼ାଇଥିଲେ। ସୂଚନା ପାଇ ସରାଙ୍ଗ ଫାଣ୍ଡି ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସଦଳବଳ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲେ। ଏହାପରେ ବନ କର୍ମଚାରୀ ପହଞ୍ଚିଥିଲେ ମଧ୍ୟ ହାତୀକୁ ଠାବ କରିପାରି ନ ଥିଲେ। ଏପଟେ ମାତ୍ର ଘଣ୍ଟାଏ ମଧ୍ୟରେ ଉକ୍ତ ହାତୀ ୭ କି.ମି. ପଥ ଅତିକ୍ରମ କରିପରଜଙ୍ଗ-ଭାଲୁମୁଣ୍ଡା ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱରେ ଥିବା ଫାର୍ମ ହାଉସ୍‌ରେ ପହଞ୍ଚିଥିଲା। ସେଠାରେ ରହୁଥିବା ପରଜଙ୍ଗ ଗ୍ରାମର ଦାଶରଥି ନାୟକଙ୍କ ସ୍ତ୍ରୀ ବାରି ପାଖ ପଡ଼ିଆକୁ ଶୌଚ ହେବା ଲାଗି ଯାଇଥିବା ବେଳେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। କିଛି ଭାବିବା ପୂର୍ବରୁ ଦନ୍ତା ତାଙ୍କୁ ଦଳିଦେଇଥିଲା। ଘଟଣାସ୍ଥଳରେ ବୃଦ୍ଧାଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। ପରଜଙ୍ଗ ଥାନା ଏଏସ୍‌ଆଇ ସୁରେଶ ଚନ୍ଦ୍ର ଧଳ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ରେଞ୍ଜର ସତ୍ୟନାରାୟଣ ସାହୁ ପହଞ୍ଚି ହାତୀ ଗତିବିଧି ଉପରେ ନଜର ରଖିବାକୁ ବନ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଡିହଡୋଳ ଫରେଷ୍ଟର ଅଜିତ୍ ଦଳେଇ କୁହନ୍ତି, ଉକ୍ତ ନରହନ୍ତା ଦନ୍ତା ବାରବାଙ୍କ ସଂରକ୍ଷିତ ଜଙ୍ଗଲମୁହାଁ ହୋଇଥିବା ଅନୁମାନ କରାଯାଉଛି। ଦୁଇଟି ଗାଡ଼ିରେ ବନ କର୍ମଚାରୀ ହାତୀ ଉପରେ ନଜର ରଖିବା ଲାଗି ଯାଇଛନ୍ତି। କିନ୍ତୁ ହାତୀର ସନ୍ଧାନ ମିଳିପାରିନାହିଁ। ଅନ୍ୟପଟେ ଏହି ଘଟଣା ପାଇଁ ଜିଲା ପରିଷଦ ସଭ୍ୟ ନିରାକାର ପ୍ରଧାନ ବନ ବିଭାଗର ଅବହେଳାକୁ ସମ୍ପୂର୍ଣ୍ଣ ଦାୟୀ କରିଛନ୍ତି। ହାତୀ ଘଉଡ଼ାଇବାରେ ବନ କର୍ମଚାରୀ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ସେ କହିଛନ୍ତି।

### ମାତାଲ କରୁଛି ମହୁଲ ପୋଚ

ପରଜଙ୍ଗ ଅଞ୍ଚଳରେ ନରହନ୍ତା ଦନ୍ତାର ଏଭଳି ଆତଙ୍କ ପଛରେ ମହୁଲ ପୋଚ ଥିବା ଅନୁମାନ କରାଯାଉଛି। ଏ ସଂକ୍ରାନ୍ତରେ ରେଞ୍ଜର ସତ୍ୟନାରାୟଣ ସାହୁ କୁହନ୍ତି, ଉକ୍ତ ହାତୀ ଆମ୍ବପଳାସ ଗ୍ରାମ୍ୟ ଜଙ୍ଗଲରେ ଡେରା ପକାଇଥିଲା। ଉକ୍ତ ଅଞ୍ଚଳରେ ବିପୁଳ ପରିମାଣର ମହୁଲି ମଦ ରନ୍ଧା ଯାଉଛି। ସମ୍ଭବତଃ ହାତୀଟି ଅତ୍ୟଧିକ ମହୁଲ ପୋଚ ଖାଇ ମାତାଲ ଅବସ୍ଥାରେ ଜନବସତିକୁ ପ୍ରବେଶ କରି ଏଭଳି କାଣ୍ଡ ଘଟାଇଥିବା ସନ୍ଦେହ କରାଯାଉଛି।


## ଓଡ଼ିଶା ସାହିତ୍ୟ ଏକାଡେମୀ
ସଂସ୍କୃତି ଭବନ, ଭୁବନେଶ୍ୱର-୭୫୧୦୧୪

ବିଜ୍ଞାପନ ସଂଖ୍ୟା: ୭୫/ଓ.ସା.ଏ | ତା : ୨୧.୦୧.୨୦୨୩

### ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର-୨୦୧୭ରୁ ୨୦୨୩ ବର୍ଷ ପାଇଁ ପୁସ୍ତକ ଆହ୍ୱାନ
**ଯେଉଁ ବର୍ଷ ପାଇଁ ପୁରସ୍କାର ଉଦ୍ଦିଷ୍ଟ ତାହାର ପୂର୍ବବର୍ତ୍ତୀ ୫ ବର୍ଷ ମଧ୍ୟରେ ପ୍ରକାଶିତ ପୁସ୍ତକ ବିଚାର ପରିସରଭୁକ୍ତ ହେବ**

**No.RR-58:-** ପୁରସ୍କାର ନିମନ୍ତେ ପାଠକ, ଲେଖକ ଓ ପ୍ରକାଶକମାନେ ଓଡ଼ିଆ ଭାଷାରେ ପ୍ରକାଶିତ ନିମ୍ନଲିଖିତ ୧୧ଟି ବିଭାଗ ପାଇଁ ପ୍ରଥମ ସଂସ୍କରଣ ପୁସ୍ତକଗୁଡ଼ିକର ନାମ ପ୍ରସ୍ତାବ କରିପାରିବେ। ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ସଂଶୋଧିତ ନିୟମାବଳୀ ଅନୁସାରେ ଯୋଗ୍ୟ ବିବେଚିତ ପୁସ୍ତକକୁ ପୁରସ୍କୃତ କରାଯିବ। ଏଥିପାଇଁ ପ୍ରସ୍ତାବକ ନିମ୍ନରେ ଦିଆଯାଇଥିବା ପ୍ରୋଫର୍ମା ଅନୁଯାୟୀ ପ୍ରସ୍ତାବିତ ପୁସ୍ତକର ତିନିକିତା ସହିତ ଆବେଦନ କରିପାରିବେ। ତା୧୨.୦୮.୨୦୧୮ରିଖ ଏବଂ ତା୨୦.୦୧.୨୦୨୧ରିଖରେ ଖବରକାଗଜରେ ଏକାଡେମୀର ପ୍ରକାଶିତ ବିଜ୍ଞାପନ ଅନୁଯାୟୀ ଗ୍ରହଣ ହୋଇସାରିଥିବା ପୁସ୍ତକଗୁଡ଼ିକ ଓଡ଼ିଶା ସରକାର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପତ୍ର ସଂଖ୍ୟା ୧୪୯୮/ଓଭାସାସଂ ତା ୦୨.୦୫.୨୦୨୨ରିଖ କ୍ରମେ ଅନୁମୋଦିତ ଓଡ଼ିଶା ସାହିତ୍ୟ ଏକାଡେମୀର ସଂଶୋଧିତ ପୁରସ୍କାର ନିୟମାବଳୀ ଆଧାରରେ ଉପଯୁକ୍ତ ବିବେଚିତ ହେଲେ ସେହି ପୁସ୍ତକଗୁଡ଼ିକୁ ପୁରସ୍କାର ପାଇଁ ବିଚାର ନିମନ୍ତେ ଗ୍ରହଣ କରାଯିବ। **ପୁରସ୍କାର ପାଇଁ ଉଦ୍ଦିଷ୍ଟ ବିଭାଗ : ୧.** ଉପନ୍ୟାସ, **୨.** ଗଳ୍ପ , **୩.** କାବ୍ୟ-କବିତା, **୪.** ନାଟକ ଓ ଏକାଙ୍କିକା, **୫.** ପ୍ରବନ୍ଧ ଓ ସମାଲୋଚନା, **୬.** ଜୀବନୀ ଓ ଭ୍ରମଣ ସାହିତ୍ୟ, **୭.** ଅନୁବାଦ (ଅନ୍ୟ ଭାରତୀୟ ଭାଷାରୁ ଓଡ଼ିଆ ଭାଷାକୁ ଅନୂଦିତ ପୁସ୍ତକ), ୮. ଶିଶୁ-ସାହିତ୍ୟ , ୯. ଗୀତି କବିତା, ୧୦. ଐତିହାସିକ ଗବେଷଣା, ୧୧. ବିଜ୍ଞାନ ସାହିତ୍ୟ।

**ଏହି ପୁରସ୍କାର ପାଇଁ ନିମ୍ନ ପର୍ଯ୍ୟାୟଭୁକ୍ତ ପୁସ୍ତକଗୁଡ଼ିକ ଯୋଗ୍ୟ ବିବେଚିତ ହେବ ନାହିଁ :**
**(କ)** ସମ୍ପ୍ରତି ଏକାଡେମୀ ସାଧାରଣ ପରିଷଦ ସଦସ୍ୟ ରହିଥିବା ଲେଖକଙ୍କର ପୁସ୍ତକ; **(ଖ)** ସାହିତ୍ୟ ଏକାଡେମୀ, ନୂଆଦିଲ୍ଲୀ ଓ ଜ୍ଞାନପୀଠ ଦ୍ୱାରା ପୁରସ୍କୃତ ପୁସ୍ତକ; **(ଗ)** ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଲେଖକଙ୍କ ପୁସ୍ତକ; **(ଘ)** ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରକାଶିତ ପୁସ୍ତକ; **(ଙ)** କୌଣସି ପୁସ୍ତକର ଛାୟାରେ ଲିଖିତ ପୁସ୍ତକ; **(ଚ)** ଅସମ୍ପୂର୍ଣ୍ଣ ପୁସ୍ତକ; **(ଛ)** ପୁରସ୍କାର କାଳପରିଧି ବହିର୍ଭୂତ ପୁସ୍ତକ ଏବଂ ତାହାର ପୁନଃ ମୁଦ୍ରିତ ସଂସ୍କରଣ କିମ୍ବା ସଂକଳନ (ଯଦି କୌଣସି ପୁସ୍ତକର ଶତକଡ଼ା ୭୫ ଭାଗ ନୂତନ ସଂଯୋଜନ ହୋଇଥାଏ, ତେବେ ଏଭଳି ପୁସ୍ତକ ବିଚାର ଯୋଗ୍ୟ); **(ଜ)** କୌଣସି ଡିଗ୍ରୀପ୍ରାପ୍ତି ପାଇଁ ରଚିତ ସନ୍ଦର୍ଭ; **(ଝ)** ବିଚାରକାଳ ପୂର୍ବରୁ ମୃତ୍ୟୁବରଣ କରିଥିବା ଲେଖକଙ୍କ ପୁସ୍ତକ; **(ଞ)** ଭାରତୀୟ ନାଗରିକ ହୋଇନଥିବା ଲେଖକଙ୍କ ପୁସ୍ତକ; **(ଟ)** ଆଇ.ଏସ.ବି.ଏନ୍. ନମ୍ବର ଲିପିବଦ୍ଧ ହୋଇନଥିବା ପୁସ୍ତକ।

ପୁରସ୍କାର ବିଚାର ପାଇଁ ଆଗ୍ରହୀ ପାଠକ, ଲେଖକ ଓ ପ୍ରକାଶକଙ୍କ ପ୍ରସ୍ତାବ ନିମ୍ନ ପ୍ରଦତ୍ତ ପ୍ରୋଫର୍ମାରେ **ସଚିବ, ଓଡ଼ିଶା ସାହିତ୍ୟ ଏକାଡେମୀ, ସଂସ୍କୃତି ଭବନ, ଭୁବନେଶ୍ୱର-୭୫୧୦୧୪**ଙ୍କ ଠିକଣାରେ ସରକାରୀ ଛୁଟିଦିନ ବ୍ୟତୀତ କାର୍ଯ୍ୟଦିବସ ମାନଙ୍କରେ **ତା ୦୭.୦୨.୨୦୨୩ ରିଖ** ସୁଦ୍ଧା ପହଞ୍ଚିବା ଆବଶ୍ୟକ । ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଏକାଡେମୀ କାର୍ଯ୍ୟାଳୟରେ ପ୍ରାପ୍ତ ହୋଇନଥିବା ପୁସ୍ତକର ପ୍ରସ୍ତାବ ଗ୍ରହଣ ଯୋଗ୍ୟ ହେବ ନାହିଁ। ଯେଉଁ ପୁସ୍ତକଗୁଡ଼ିକ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯାଇନଥିବ ସେଗୁଡ଼ିକ ବିଚାର ପରିସରଭୁକ୍ତ ହେବ ନାହିଁ । ଯଦି କୌଣସି ପ୍ରସ୍ତାବକ ଏକାଧିକ ବର୍ଷ ଓ ବିଭାଗରେ ପୁରସ୍କାର ପାଇଁ ବିଚାର ନିମିତ୍ତ ପୁସ୍ତକର ନାମ ପଠାଇବାକୁ ଇଚ୍ଛା କରୁଥାନ୍ତି, ତେବେ ତାହା ପୃଥକ୍ ପୃଥକ୍ ଫର୍ମରେ ପ୍ରତିବର୍ଷ ପାଇଁ ତିନିକିତା ପୁସ୍ତକ ସହିତ ଏକାଡେମୀ କାର୍ଯ୍ୟାଳୟକୁ ପଠାଇବେ। ପ୍ରସ୍ତାବିତ ପୁସ୍ତକକୁ ପୁରସ୍କୃତ କରିବା ପାଇଁ କୌଣସି ଅସାଧୁ ଉପାୟ ଅବଲମ୍ବନ କରାଯାଇଥିବା ପ୍ରମାଣିତ ହେଲେ ଉକ୍ତ ପ୍ରସ୍ତାବକୁ ପୁରସ୍କାରରୁ ବଞ୍ଚିତ କରିବାର ଅଧିକାର ଏକାଡେମୀର ରହିବ। ଏହି ବିଜ୍ଞାପନକୁ ରଦ୍ଦ କରିବା ଏକାଡେମୀ କ୍ଷମତା ପରିସରଭୁକ୍ତ। ଉକ୍ତ ବିଜ୍ଞାପନଟି ଏକାଡେମୀ ୱେବସାଇଟ୍ **www.odishasahityaakademi.org**ରେ ଉପଲବ୍ଧ ।

**ପ୍ରୋଫର୍ମା**

୧. କେଉଁ ବର୍ଷ ପାଇଁ ପ୍ରସ୍ତାବ ଦିଆଯାଉଛି, ୨. ପୁସ୍ତକର ନାମ : ୩. ଲେଖକ / ଲେଖିକାଙ୍କ ନାମ, ଠିକଣା ଓ ଫୋନ୍ ନଂ., ଇ-ମେଲ୍: ୪. ପିତା / ମାତାଙ୍କ ନାମ: ୫. ପ୍ରକାଶକଙ୍କ ନାମ, ଠିକଣା ଓ ଫୋନ୍ ନଂ., ଇ-ମେଲ୍: ୬. କେଉଁ ବିଭାଗର ପୁସ୍ତକ : ୭. ପୁସ୍ତକର ଆକୃତି ଓ ପୃଷ୍ଠା ସଂଖ୍ୟା : ୮. ପୁସ୍ତକର ମୂଲ୍ୟ : ୯. ପୁସ୍ତକର ପ୍ରଥମ ପ୍ରକାଶନ ସମୟ: (ଯଦି କୌଣସି ପୁସ୍ତକର ଶତକଡ଼ା ୭୫ ଭାଗ ନୂତନ ସଂଯୋଜନ ହୋଇଥାଏ ତେବେ ଏଭଳି ପୁସ୍ତକ ପୁରସ୍କାର ପାଇଁ ବିଚାର ଯୋଗ୍ୟ): ୧୦. ପୁସ୍ତକରେ ମୁଦ୍ରିତ ଆଇ.ଏସ୍.ବି.ଏନ୍ ନମ୍ବର ।

ପୁରସ୍କାର ପାଇଁ ବିଚାର ନିମିତ୍ତ ନିର୍ଦ୍ଧାରିତ ନିୟମାବଳୀର ମୁଁ ଉଲ୍ଲଂଘନ କରୁନାହିଁ।
ପ୍ରସ୍ତାବିତ ପୁସ୍ତକ ସମ୍ବନ୍ଧରେ ଉଲ୍ଲେଖିତ ଉପରୋକ୍ତ ସମସ୍ତ ତଥ୍ୟ ମୋ' ଜାଣିବାରେ ଠିକ୍ ଅଟେ।

ପ୍ରସ୍ତାବକଙ୍କ ସମ୍ପୂର୍ଣ୍ଣ ସ୍ୱାକ୍ଷର, ଠିକଣା ଓ ଫୋନ ନଂ., ଇ-ମେଲ୍ ଆଇଡି

**ସ୍ୱା./- ସଚିବ, ଓଡ଼ିଶା ସାହିତ୍ୟ ଏକାଡେମୀ**

## ଓଡ଼ିଶା ସାହିତ୍ୟ ଏକାଡେମୀ
ସଂସ୍କୃତି ଭବନ, ଭୁବନେଶ୍ୱର-୭୫୧୦୧୪

ବିଜ୍ଞାପନ ସଂଖ୍ୟା: ୭୬/ଓ.ସା.ଏ | ତା : ୨୧.୦୧.୨୦୨୩

### ଓଡ଼ିଶା ସାହିତ୍ୟ ଏକାଡେମୀ 'ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର-୨୦୨୧, ୨୦୨୨ ଓ ୨୦୨୩' ପାଇଁ ପ୍ରସ୍ତାବ ଆହ୍ୱାନ

ପୁରସ୍କାର ନିମନ୍ତେ ପ୍ରାର୍ଥୀ ନିଜେ କିମ୍ବା ତାଙ୍କ ପାଇଁ କେହି ପ୍ରସ୍ତାବକ (ସାଧାରଣ ବ୍ୟକ୍ତି ବିଶେଷ କିମ୍ବା ଅନୁଷ୍ଠାନ) ନିମ୍ନପ୍ରଦତ୍ତ ପ୍ରୋଫର୍ମାରେ ମୁଦାଲଫାପାରେ ଗୋପନୀୟ ଉଲ୍ଲେଖ କରି ତ୍ୱରିତ ଡାକ ଯୋଗେ କିମ୍ବା ସ୍ୱହସ୍ତରେ ସରକାରୀ ଛୁଟିଦିନ ବ୍ୟତୀତ କାର୍ଯ୍ୟଦିବସ ମାନଙ୍କରେ ତା୨୨.୦୨.୨୦୨୩ରିଖ ସୁଦ୍ଧା ସଚିବ, ଓଡ଼ିଶା ସାହିତ୍ୟ ଏକାଡେମୀ, ସଂସ୍କୃତି ଭବନ, ଭୁବନେଶ୍ୱର-୭୫୧୦୧୪ଙ୍କ ଠିକଣାରେ ଆବେଦନ କରିପାରିବେ। ଯଦି କୌଣସି ପ୍ରସ୍ତାବକ ଏକାଧିକ ବର୍ଷ ପାଇଁ ବିଚାର ନିମିତ୍ତ ପ୍ରସ୍ତାବ ପଠାଇବାକୁ ଇଚ୍ଛା କରୁଥାନ୍ତି, ତେବେ ତାହା ପୃଥକ୍ ପୃଥକ୍ ଫର୍ମରେ ପ୍ରତିବର୍ଷ ପାଇଁ ପ୍ରସ୍ତାବ ଏକାଡେମୀ କାର୍ଯ୍ୟାଳୟକୁ ପଠାଇବେ। ଓଡ଼ିଆ ଭାଷା ଓ ସାହିତ୍ୟ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ପ୍ରଥିତଯଶା ସାହିତ୍ୟିକ/ସାହିତ୍ୟିକାଙ୍କର ସାମଗ୍ରିକ ସାହିତ୍ୟ କୃତିକୁ ବିଚାରକୁ ନେଇ ଏହି ପୁରସ୍କାର ପ୍ରଦାନ କରାଯିବ ।

**ଏହି ପୁରସ୍କାର ପାଇଁ ପ୍ରସ୍ତାବିତ ବ୍ୟକ୍ତିବିଶେଷ ନିମ୍ନପ୍ରଦତ୍ତ ଯୋଗ୍ୟତାର ଅଧିକାରୀ ହୋଇଥିବେ:**
**(କ)** ଏହି ପୁରସ୍କାର ନିମିତ୍ତ ସାହିତ୍ୟିକ/ସାହିତ୍ୟିକାଙ୍କ ବୟସ ଅନ୍ୟୂନ ୬୦ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବା ଆବଶ୍ୟକ। (ପ୍ରସ୍ତାବକ ଆବେଦନ ପତ୍ର ସହ ବୟସ ପ୍ରମାଣପତ୍ର ନକଲ ସଂଯୁକ୍ତ କରିବେ) **(ଖ)** ମରଣୋତ୍ତର ଭାବେ ଏହି ପୁରସ୍କାର ପାଇଁ କୌଣସି ସାହିତ୍ୟିକ/ସାହିତ୍ୟିକାଙ୍କ ସାହିତ୍ୟକୃତି ବିଚାରଯୋଗ୍ୟ ହେବନାହିଁ କିମ୍ବା ସେମାନଙ୍କୁ ଏହା ପ୍ରଦାନ କରାଯିବ ନାହିଁ। **(ଗ)** ପ୍ରସ୍ତାବିତ ସାହିତ୍ୟିକ/ସାହିତ୍ୟିକାମାନେ ପୂର୍ବରୁ ଏକାଡେମୀ ଦ୍ୱାରା ପ୍ରଦତ୍ତ ସର୍ବୋଚ୍ଚ ସମ୍ମାନ 'ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର' ପ୍ରାପ୍ତ ହୋଇନଥିବେ (ତାଲିକା ଏକାଡେମୀ ୱେବ୍‌ସାଇଟ୍‌ରେ ଉପଲବ୍ଧ) । **(ଘ)** ଯେଉଁ ସାରସ୍ୱତ ସାଧକ/ସାଧିକାଙ୍କୁ ଏହି ପୁରସ୍କାର ନିମିତ୍ତ ଚୟନ କରାଯିବ, ସେ ଓଡ଼ିଆ ସାହିତ୍ୟର ଏକ/ଏକାଧିକ ବିଭାଗରେ ନିରବଚ୍ଛିନ୍ନ ଭାବରେ ଆପଣାର ଉତ୍କର୍ଷ ପ୍ରତିପାଦନ କରୁଥିବେ। **(ଙ)** ଏହି ସାରସ୍ୱତ ସାଧକ/ସାଧିକାଙ୍କର ଏକ ନିର୍ଦ୍ଦିଷ୍ଟ ପୁସ୍ତକ ପରିବର୍ତ୍ତେ ପୁରସ୍କାର ପ୍ରଦାନ କାଳରେ ତାଙ୍କର ଜୀବନବ୍ୟାପୀ ସାହିତ୍ୟ ସାଧନା ସହିତ ସାମଗ୍ରିକ କୃତିକୁ ବିଚାରକୁ ନିଆଯିବ।

ଏହି ପୁରସ୍କାର ପାଇଁ ଆସିଥିବା ପ୍ରସ୍ତାବ/ଆବେଦନରେ ପ୍ରଦତ୍ତ ତଥ୍ୟ ଓ ବିବରଣୀରେ ଯଦି କୌଣସି ମିଥ୍ୟା ତଥ୍ୟ ପ୍ରଦତ୍ତ ହୋଇଥାଏ କିମ୍ବା ଅସାଧୁ ବେନିୟମ ଉପାୟ ଅବଲମ୍ବନ କରାଯାଇଥିବା ଅଭିଯୋଗ ପ୍ରମାଣିତ ହୁଏ, ତେବେ ପୁରସ୍କାର ଘୋଷଣା ଓ ପ୍ରଦାନକୁ ବାତିଲ କରିବାର ନିଷ୍ପତ୍ତି ଏକାଡେମୀର କାର୍ଯ୍ୟକାରୀ ପରିଷଦ ଗ୍ରହଣ କରିପାରିବେ। ନିର୍ଦ୍ଧାରିତ ସମୟସୀମା ପରେ କୌଣସି ଦରଖାସ୍ତ ବିଚାର ପାଇଁ ଗୃହୀତ ହେବନାହିଁ କିମ୍ବା ଅସମ୍ପୂର୍ଣ୍ଣ ଆବେଦନପତ୍ର/ ପ୍ରସ୍ତାବପତ୍ର ବିଚାର ପରିସରଭୁକ୍ତ ହେବନାହିଁ। ଏହି ବିଜ୍ଞାପନକୁ ରଦ୍ଦ କରିବା ଏକାଡେମୀ କ୍ଷମତା ପରିସରଭୁକ୍ତ। ଉକ୍ତ ବିଜ୍ଞାପନଟି ଏକାଡେମୀ ୱେବ୍‌ସାଇଟ୍ **www.odishasahityaakademi.org**ରେ ଉପଲବ୍ଧ।

**ପ୍ରୋଫର୍ମା**

୧. କେଉଁ ବର୍ଷ ପାଇଁ ପ୍ରସ୍ତାବ ଦିଆଯାଉଛି: ୨. ପ୍ରସ୍ତାବିତ ସାହିତ୍ୟିକ/ସାହିତ୍ୟିକାଙ୍କ ନାମ: ୩. ଜନ୍ମ ତାରିଖ ଓ ସ୍ଥାନ: (ପ୍ରସ୍ତାବକ ଆବେଦନ ପତ୍ର ସହ ବୟସ ପ୍ରମାଣପତ୍ର ନକଲ ସଂଯୁକ୍ତ କରିବେ) ୪. ପିତା / ମାତାଙ୍କ ନାମ: ୫. ସ୍ୱୀକୃତି, ସମ୍ମାନ ବା ପୁରସ୍କାରପ୍ରାପ୍ତି ପ୍ରମାଣପତ୍ରର ସମ୍ପୂର୍ଣ୍ଣ ତାଲିକା: (ପ୍ରମାଣପତ୍ରର ନକଲ ସଂଯୁକ୍ତ କରିବେ) ୬. ଅନୁବାଦ ହୋଇ ଅନ୍ୟ ଭାଷାରେ ପ୍ରକାଶିତ ହୋଇଥିବା ପୁସ୍ତକର ସମ୍ପୂର୍ଣ୍ଣ ତାଲିକା: (ପ୍ରଚ୍ଛଦ ଓ ଇନର୍ ପୃଷ୍ଠାର ଜେରକ୍ସ ନକଲ) ୭. ପୁରସ୍କୃତ ହୋଇଥିବା ପୁସ୍ତକର ତାଲିକା ଓ ନକଲ: (ପ୍ରଚ୍ଛଦ ଓ ଇନର୍ ପୃଷ୍ଠାର ଜେରକ୍ସ ନକଲ), ୮. ରାଷ୍ଟ୍ରୀୟ ପୁରସ୍କାର / ଉପାଧି ପାଇଥିବା ତାଲିକାର ସଂପୂର୍ଣ୍ଣ ବିବରଣୀ (ପ୍ରମାଣପତ୍ରର ନକଲ): ୯. ବର୍ତ୍ତମାନର ଠିକଣା ଏବଂ ଦୂରଭାଷ/ମୋବାଇଲ ନମ୍ବର, ଇ-ମେଲ୍: ୧୦. ସ୍ଥାୟୀ ଠିକଣା: ବି.ଦ୍ର: ଦାଖଲ ହେଉଥିବା ସମସ୍ତ କାଗଜାଦି ସ୍ୱ-ସ୍ୱାକ୍ଷରିତ ହେବା ଆବଶ୍ୟକ ଅଟେ ।

ପୁରସ୍କାର ପାଇଁ ବିଚାର ନିମିତ୍ତ ନିର୍ଦ୍ଧାରିତ ନିୟମାବଳୀର ମୁଁ ଉଲ୍ଲଂଘନ କରୁନାହିଁ।
ପ୍ରସ୍ତାବିତ ପୁରସ୍କାର ସମ୍ବନ୍ଧରେ ଉଲ୍ଲେଖିତ ଉପରୋକ୍ତ ସମସ୍ତ ତଥ୍ୟ ମୋ' ଜାଣିବାରେ ଠିକ୍ ଅଟେ।

ଆବେଦନକାରୀ / ପ୍ରସ୍ତାବକଙ୍କ ସମ୍ପୂର୍ଣ୍ଣ ସ୍ୱାକ୍ଷର, ଠିକଣା, ଦୂରଭାଷ ନମ୍ବର ଓ ଇ-ମେଲ୍ ଆଇଡି:

**ସ୍ୱା./- ସଚିବ, ଓଡ଼ିଶା ସାହିତ୍ୟ ଏକାଡେମୀ**

## ଓଡ଼ିଶା ସାହିତ୍ୟ ଏକାଡେମୀ
ସଂସ୍କୃତି ଭବନ, ଭୁବନେଶ୍ୱର-୭୫୧୦୧୪

ବିଜ୍ଞାପନ ସଂଖ୍ୟା: ୭୭/ଓ.ସା.ଏ | ତା : ୨୧.୦୧.୨୦୨୩

### ଓଡ଼ିଶା ସାହିତ୍ୟ ଏକାଡେମୀ 'ସାରସ୍ୱତ ସାଧକ/ସାଧିକା ସମ୍ବର୍ଦ୍ଧନା-୨୦୨୧, ୨୦୨୨ ଓ ୨୦୨୩' ପାଇଁ ପ୍ରସ୍ତାବ ଆହ୍ୱାନ

ସମ୍ବର୍ଦ୍ଧନା ନିମନ୍ତେ ପ୍ରାର୍ଥୀ ନିଜେ କିମ୍ବା ତାଙ୍କ ପାଇଁ କେହି ପ୍ରସ୍ତାବକ ନିମ୍ନପ୍ରଦତ୍ତ ପ୍ରୋଫର୍ମାରେ ମୁଦାଲଫାପାରେ ଗୋପନୀୟ ଉଲ୍ଲେଖ କରି ତ୍ୱରିତ ଡାକ ଯୋଗେ କିମ୍ବା ସ୍ୱହସ୍ତରେ ସରକାରୀ ଛୁଟିଦିନ ବ୍ୟତୀତ କାର୍ଯ୍ୟଦିବସ ମାନଙ୍କରେ ତା ୨୨.୦୨.୨୦୨୩ରିଖ ସୁଦ୍ଧା ସଚିବ, ଓଡ଼ିଶା ସାହିତ୍ୟ ଏକାଡେମୀ, ସଂସ୍କୃତି ଭବନ, ଭୁବନେଶ୍ୱର-୭୫୧୦୧୪ଙ୍କ ଠିକଣାରେ ଆବେଦନ କରିପାରିବେ। ନାମପ୍ରସ୍ତାବ କରୁଥିବା ବ୍ୟକ୍ତିବିଶେଷ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ସାରସ୍ୱତ ସାଧକ/ସାଧିକା ହୋଇଥିବେ। ଯଦି କୌଣସି ପ୍ରସ୍ତାବକ ଏକାଧିକ ବର୍ଷ ପାଇଁ ବିଚାର ନିମିତ୍ତ ପ୍ରସ୍ତାବ ପଠାଇବାକୁ ଇଚ୍ଛା କରୁଥାନ୍ତି, ତେବେ ତାହା ପୃଥକ୍ ପୃଥକ୍ ଫର୍ମରେ ପ୍ରତିବର୍ଷ ପାଇଁ ପ୍ରସ୍ତାବ ଏକାଡେମୀ କାର୍ଯ୍ୟାଳୟକୁ ପଠାଇବେ। କୌଣସି ସାରସ୍ୱତ ସାଧକ/ସାଧିକା ଏକାଡେମୀ ସାଧାରଣ ପରିଷଦର କୌଣସି ଜଣେ ସଦସ୍ୟଙ୍କ ଦ୍ୱାରା ନିଜ ନାମକୁ ପ୍ରସ୍ତାବିତ କରାଇ ନିର୍ଦ୍ଧାରିତ ଫର୍ମରେ ଏକାଡେମୀର ସଚିବଙ୍କ ନିକଟକୁ ପଠାଇପାରିବେ।

**ଏହି ପୁରସ୍କାର ପାଇଁ ପ୍ରସ୍ତାବିତ ବ୍ୟକ୍ତିବିଶେଷ ନିମ୍ନପ୍ରଦତ୍ତ ଯୋଗ୍ୟତାର ଅଧିକାରୀ ହୋଇଥିବେ:**
**(କ)** ପ୍ରସ୍ତାବିତ ସାରସ୍ୱତ ସାଧକ/ସାଧିକାଙ୍କ ବୟସ ୬୦ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବ। **(ଖ)** ଏଥିପୂର୍ବରୁ ଏହି ସାରସ୍ୱତ ସାଧକ/ସାଧିକା ଏକାଡେମୀ ପକ୍ଷରୁ ସମ୍ବର୍ଦ୍ଧିତ ହୋଇନଥିବେ। (ତାଲିକା ଏକାଡେମୀ ୱେବ୍‌ସାଇଟ୍‌ରେ ଉପଲବ୍ଧ) **(ଗ)** ଦୀର୍ଘ ଦୁଇ ଦଶନ୍ଧି କିମ୍ବା ତଦୂର୍ଦ୍ଧ୍ୱ ସମୟ ଧରି ଅବିଚ୍ଛିନ୍ନ ଭାବେ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଏହି ସାଧକ/ସାଧିକା ନିଜର ସାଧନା ଜାରି ରଖିଥିବେ। **(ଘ)** ସମ୍ବର୍ଦ୍ଧିତ ହେବାକୁ ଥିବା ବ୍ୟକ୍ତିବିଶେଷଙ୍କର ଓଡ଼ିଆ ଭାଷା ସାହିତ୍ୟରେ ଅନ୍ୟୂନ ପାଞ୍ଚଖଣ୍ଡ ସୃଜନଶୀଳ ସାହିତ୍ୟ ପୁସ୍ତକ ପ୍ରକାଶିତ ହୋଇଥିବ। ଏଥିରେ ସମ୍ପାଦିତ, ସଂଯୋଜିତ, ବୈଷୟିକ ପୁସ୍ତକ, ସାଧାରଣଜ୍ଞାନ ପୁସ୍ତକ, ପାଠ୍ୟପୁସ୍ତକ ଓ ପାଠ୍ୟପୁସ୍ତକର ସହାୟକ ପୁସ୍ତକ ବିଚାର୍ଯ୍ୟ ହେବନାହିଁ। **(ଙ)** ସର୍ବାଧିକ ପୁସ୍ତକ ରଚନା ଓ ପ୍ରକାଶନ କରିଥିବା ବ୍ୟକ୍ତିଙ୍କୁ ତାଙ୍କ ନିରନ୍ତର ସାଧନା ଆଧାରରେ ଏହି ସମ୍ବର୍ଦ୍ଧନା ପାଇଁ ଅଗ୍ରାଧିକାର ଦିଆଯିବ।

ଏହି ସମ୍ବର୍ଦ୍ଧନା ପାଇଁ ଆସିଥିବା ପ୍ରସ୍ତାବ/ଆବେଦନ କିମ୍ବା ପୁରସ୍କାର ପ୍ରଦାନରେ ପ୍ରଦତ୍ତ ତଥ୍ୟ ଓ ବିବରଣୀରେ ଯଦି କୌଣସି ମିଥ୍ୟା ତଥ୍ୟ କିମ୍ବା ଅସାଧୁ ବେନିୟମ ଉପାୟ ଅବଲମ୍ବନ କରାଯାଇଥିବା ଅଭିଯୋଗ ପ୍ରମାଣିତ ହୁଏ, ତେବେ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ କରାଯାଇଥିବା ସମ୍ବର୍ଦ୍ଧନା ପ୍ରଦାନକୁ ବାତିଲ କରିବାର ନିଷ୍ପତ୍ତି ଏକାଡେମୀର କାର୍ଯ୍ୟକାରୀ ପରିଷଦ ଗ୍ରହଣ କରିପାରିବେ। ନିର୍ଦ୍ଧାରିତ ସମୟସୀମା ପରେ କୌଣସି ଦରଖାସ୍ତ ବିଚାର ପାଇଁ ଗୃହୀତ ହେବନାହିଁ କିମ୍ବା ଅସମ୍ପୂର୍ଣ୍ଣ ଆବେଦନପତ୍ର/ ପ୍ରସ୍ତାବପତ୍ର ବିଚାର ପରିସରଭୁକ୍ତ ହେବନାହିଁ। ଏହି ବିଜ୍ଞାପନକୁ ରଦ୍ଦ କରିବା ଏକାଡେମୀ କ୍ଷମତା ପରିସରଭୁକ୍ତ ଅଟେ। ଉକ୍ତ ବିଜ୍ଞାପନଟି ଏକାଡେମୀ ୱେବ୍‌ସାଇଟ୍ **www.odishasahityaakademi.org**ରେ ଉପଲବ୍ଧ।

**ପ୍ରୋଫର୍ମା**

୧. କେଉଁ ବର୍ଷ ପାଇଁ ପ୍ରସ୍ତାବ ଦିଆଯାଉଛି: ୨. ସାଧକ/ସାଧିକାଙ୍କ ନାମ: ୩. ଜନ୍ମ ତାରିଖ ଓ ସ୍ଥାନ: (ପ୍ରସ୍ତାବକ/ପ୍ରାର୍ଥୀ ଆବେଦନ ପତ୍ର ସହ ବୟସ ପ୍ରମାଣପତ୍ର ନକଲ ସଂଯୁକ୍ତ କରିବେ) ୪. ପିତା / ମାତାଙ୍କ ନାମ: ୫. ଦୁଇ ଦଶନ୍ଧି କିମ୍ବା ତଦୂର୍ଦ୍ଧ୍ୱ ସମୟ ଧରି ସାହିତ୍ୟ କ୍ଷେତ୍ରରେ ସାଧକ/ସାଧିକା ନିଜର ନିରନ୍ତର ସାଧନା ସମ୍ପର୍କରେ ବିଶଦ ବିବରଣୀ ପ୍ରଦାନ କରିବେ। (ପ୍ରମାଣ ସ୍ୱରୂପ ସେମାନେ କିମ୍ବା ତାଙ୍କ ପାଇଁ ଆବେଦନ କରୁଥିବା ବ୍ୟକ୍ତି ପ୍ରସ୍ତାବିତ ବ୍ୟକ୍ତିଙ୍କର ପ୍ରଥମ ପ୍ରକାଶିତ ପୁସ୍ତକ ଓ ସଦ୍ୟତମ ପୁସ୍ତକର ପ୍ରଚ୍ଛଦ ଓ ଇନର୍ ପୃଷ୍ଠାର ଜେରକ୍ସ ନକଲ ଦରଖାସ୍ତ ସହ ସଂଗ୍ରଥିତ କରିବେ)। ୬. ଏଯାବତ୍ ପ୍ରକାଶିତ ପୁସ୍ତକର ସମ୍ପୂର୍ଣ୍ଣ ବିବରଣୀ: (ପ୍ରମାଣ ସ୍ୱରୂପ ସେମାନେ କିମ୍ବା ତାଙ୍କ ପାଇଁ ଆବେଦନ କରୁଥିବା ବ୍ୟକ୍ତିବିଶେଷ ସମସ୍ତ ପ୍ରକାଶିତ ପୁସ୍ତକର ନାମ, ପ୍ରକାଶକଙ୍କ ନାମ, ପୁସ୍ତକର ପୃଷ୍ଠା ସଂଖ୍ୟା, ମୂଲ୍ୟ, ପୁସ୍ତକର ଯେଉଁପୃଷ୍ଠାରେ ପ୍ରକାଶନ କାଳ ଉଲ୍ଲେଖ ଥିବ ତାହାର ନକଲ ଆବେଦନପତ୍ର ସହ ସଂଯୁକ୍ତ କରିବେ। ସମ୍ପାଦିତ, ସଂଯୋଜିତ, ବୈଷୟିକ ପୁସ୍ତକ, ସାଧାରଣଜ୍ଞାନ ପୁସ୍ତକ, ପାଠ୍ୟପୁସ୍ତକ ଓ ପାଠ୍ୟପୁସ୍ତକର ସହାୟକ ପୁସ୍ତକ ଏବଂ କୌଣସି କ୍ଷୁଦ୍ରପୁସ୍ତିକା ଏ କ୍ଷେତ୍ରରେ ବିଚାରଯୋଗ୍ୟ ନୁହେଁ) ୭. ଅନୂଦିତ ହୋଇଥିବା ପୁସ୍ତକର ସମ୍ପୂର୍ଣ୍ଣ ତାଲିକା: (ପ୍ରଚ୍ଛଦ ଓ ଇନର୍ ପୃଷ୍ଠାର ଜେରକ୍ସ ନକଲ ସହ) ୮. ସାହିତ୍ୟ ସଙ୍ଗଠନ କ୍ଷେତ୍ରରେ କୃତିତ୍ୱର ସମ୍ପୂର୍ଣ୍ଣ ବିବରଣୀ: (ପ୍ରମାଣ ସ୍ୱରୂପ ସମସ୍ତ ନକଲ ପ୍ରଦାନ) । ୯. ବର୍ତ୍ତମାନ ଠିକଣା ଏବଂ ଦୂରଭାଷ/ମୋବାଇଲ ନମ୍ବର ୧୦. ସ୍ଥାୟୀ ଠିକଣା: ୧୧. କୌଣସି ସାଧକ/ସାଧିକାଙ୍କ ପାଇଁ ପ୍ରସ୍ତାବ ଦେଉଥିବା ଓଡ଼ିଶା ସାହିତ୍ୟ ଏକାଡେମୀ ସାଧାରଣ ପରିଷଦ ସଦସ୍ୟଙ୍କ ନାମ, ସ୍ୱାକ୍ଷର, ତାରିଖ, ଠିକଣା ଓ ମୋବାଇଲ ନମ୍ବର: (ସୁପାରିସ କରୁଥିବା ସାଧକ/ସାଧକାଙ୍କ ଯୋଗ୍ୟତା ସଂପର୍କରେ ସୁପାରିସକର୍ତ୍ତା/କର୍ତ୍ତ୍ରୀଙ୍କ ମନ୍ତବ୍ୟ ସହ।)

ବି.ଦ୍ର: ଦାଖଲ ହେଉଥିବା ସମସ୍ତ କାଗଜାଦି ସ୍ୱ-ସ୍ୱାକ୍ଷରିତ ହେବା ଆବଶ୍ୟକ ଅଟେ ।
ସମ୍ବର୍ଦ୍ଧନା ପାଇଁ ବିଚାର ନିମିତ୍ତ ନିର୍ଦ୍ଧାରିତ ନିୟମାବଳୀର ମୁଁ ଉଲ୍ଲଂଘନ କରୁନାହିଁ।
ପ୍ରସ୍ତାବିତ ସମ୍ବର୍ଦ୍ଧନା ସମ୍ବନ୍ଧରେ ଉଲ୍ଲେଖିତ ଉପରୋକ୍ତ ସମସ୍ତ ତଥ୍ୟ ମୋ' ଜାଣିବାରେ ଠିକ୍ ଅଟେ।

ଆବେଦନକାରୀ / ପ୍ରସ୍ତାବକଙ୍କ ସମ୍ପୂର୍ଣ୍ଣ ସ୍ୱାକ୍ଷର, ଠିକଣା, ଦୂରଭାଷ ନମ୍ବର ଓ ଇ-ମେଲ ଆଇଡି:

OIPR-03006/11/0001/2223

**ସ୍ୱା./- ସଚିବ, ଓଡ଼ିଶା ସାହିତ୍ୟ ଏକାଡେମୀ**

## ସଂକ୍ଷେପରେ

### ତ୍ରିବେଣୀ ମହୋତ୍ସବ ଉଦ୍‌ଘାଟିତ

**ବାଲିପାଟଣା,୨୧।୧(ଡି.ଏନ୍.ଏ.):** ବାଲିପାଟଣା ବ୍ଲକ ଅନ୍ତର୍ଗତ ବନମାଳିପୁର ନିକଟ ଅନ୍ତର୍ବେଦୀ ପୀଠଠାରେ ଶନିବାର ତ୍ରିବେଣୀ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଅତିଥିଭାବେ ଆମ ସଙ୍ଗଠନର ସଭାପତି କମଳ ପାତ୍ର ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ କଳାକାରମାନେ ଶାରଳା ନୃତ୍ୟ ପରିବେଷଣ କରିଥିଲେ। ପରେ ସ୍ଥାନୀୟ ଶିକ୍ଷାନୁଷ୍ଠାନ ମଦର ପବ୍ଲିକ ସ୍କୁଲର ପିଲାମାନେ ନୃତ୍ୟ ପରିବେଷଣ କରିଥିଲେ। ଗୋଟିପୁଅ ନୃତ୍ୟ ଉପସ୍ଥିତ ଦର୍ଶକଙ୍କ ମନମୋହିଥିଲା। ଦୀର୍ଘ ବର୍ଷଧରି ବନ୍ଦ ରହିଥିବା ତ୍ରିବେଣୀ ମହୋତ୍ସବକୁ ଆମ ସଙ୍ଗଠନ ପକ୍ଷରୁ ପୁଣି ଆରମ୍ଭ କରାଯାଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଏହି ଉତ୍ସବ ତିନିଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସଙ୍ଗଠନର ସମସ୍ତ ସଭ୍ୟମାନେ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

### ୟୁନିଟ-୬ ଭୁବନେଶ୍ୱର ବିଜୟୀ

**ବୋଲଗଡ଼,୨୧।୧(ଡି.ଏନ୍.ଏ.):** ବୋଲଗଡ ବ୍ଲକ ଦେଉଳି ଗ୍ରାମ ତୁଳସୀବେରେଣା ଖେଳପଡିଆରେ ଆଞ୍ଚଳିକ ଫୁଟବଲ ଟୁର୍ନାମେଣ୍ଟ କମିଟି ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଶନିବାର ସପ୍ତମ ଦିବସରେ ଏକ ପ୍ରଦର୍ଶନୀ ମହିଳା ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ୟୁନିଟ-୬ ର ଲେଡିଜ ଫୁଟବଲ ଆସୋସିଏଶନ ଓ କଟକ ଲେଡିଜ ଫୁଟବଲ ଆସୋସିଏଶନ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଭୁବନେଶ୍ୱର ମହିଳା ଦଳ ୧-୦ ଗୋଲରେ କଟକର ମହିଳା ଦଳକୁ ହରାଇ ବିଜୟୀ ହୋଇଛି। ଲକ୍ଷ୍ମୀଧର ଚୌଧୁରୀ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଲାଇନ୍ସରେ ସେଖ୍ ଅବଦୁଲ ଅହମ୍ମଦ ଓ ଶିବପ୍ରସାଦ ସାମନ୍ତରାୟ ସହାୟତା କରିଥିଲେ। ସୁଶାନ୍ତ କୁମାର ମିଶ୍ର ଚତୁର୍ଥ ରେଫରିଭାବେ ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ପ୍ରମିଳା ମଲ୍ଲିକ, ଅତିଥି ଭାବେ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ସ୍ଥାନୀୟ ବିଧାୟକ ରାଜେନ୍ଦ୍ର ସାହୁ, ରାଜ୍ୟ ବିଦ୍ୟୁତ ବିଭାଗ ଏଜିଏମ ଇଂ. ଟୁନିଲତା ନାୟକ, ଖୋର୍ଦ୍ଧା ବ୍ଲକ ଅଧକ୍ଷା ଶ୍ରୀମୟୀ ପ୍ରୀୟଦର୍ଶିନୀ ପାତ୍ର, ଟାଙ୍ଗୀ ବ୍ଲକ ଅଧକ୍ଷା ରିସ୍ମା ମାନ୍ଧାତା, ବୋଲଗଡ ବ୍ଲକ ଅଧକ୍ଷା ହୁଲ୍ଲାସ ପ୍ରଧାନ, ଜିଲା ପରିଷଦ ସଦସ୍ୟା ସୁନନ୍ଦିତା ସାହୁ ଓ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ କ୍ଷିରାବ୍ଧି ତନାୟା ସାହୁ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରବିବାର କୋରାପୁଟ ଓ ଢେଙ୍କାନାଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

### ୨୫ରୁ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ

**ଟାଙ୍ଗୀ(ଖୋର୍ଦ୍ଧା),୨୧।୧(ଡି.ଏନ୍.ଏ.):** ଆସନ୍ତା ୨୫ତାରିଖରୁ ଟାଙ୍ଗୀ ଚିଲିକା ଷ୍ଟାଡିୟମରେ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ଆରମ୍ଭ ହେବ। ଏଥିରେ ରାଜ୍ୟ ଓ ରାଜ୍ୟ ବାହାରୁ ବହୁ ଟିମ ଅଂଶଗ୍ରହଣ କରିବେ। ୩୧ ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।ଆକା କ୍ଲବ କଟକ, କାଳିଘାଟ ମିଲନ କ୍ଲବ କୋଲକାତା, ଜଗା ୟୁନାଇଟେଡ ଭୁବନେଶ୍ୱର, ହାଓ୍ୱଡା ମାନିକତାଲା କୋଲକାତା, ଭାଇଜାଗ ସିଟି କ୍ଲବ ବିଶାଖାପାଟଣା, ପତାକା କ୍ଲବ ଅନୁଗୋଳ, ନିଉତା ଫ୍ରେଣ୍ଡସ କ୍ଲବ ବାଛେଲି ଛତିଶଗଡ, ବେଓନି ଏଫ.ସ.ସିକନ୍ଦରାବାଦ ଟିମ୍ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବେ। ଟୁର୍ନାମେଣ୍ଟ ପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଛି।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ପିସି

**ସହକାରୀ ଯନ୍ତ୍ରୀଙ୍କ ବିରୋଧରେ ଅଭିଯୋଗ ଆଣିଲେ ଜନପ୍ରତିନିଧି**

- ଅଭିଯୋଗ ଭିତ୍ତିହୀନ: ଯନ୍ତ୍ରୀ
- ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦିଆଯାଉଛି : ବିଡିଓ

**ଖୋର୍ଦ୍ଧା ଅଫିସ,୨୧।୧**

ଖୋର୍ଦ୍ଧା ଜିଲା ବେଗୁନିଆ ଓ ବୋଲଗଡ଼ ବ୍ଲକ ଦାୟିତ୍ୱରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ଅମୂଲ୍ୟ ବାହିନୀପତିଙ୍କ ବିରୋଧରେ ଆସିଛି ଅଭିଯୋଗ। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଠାରୁ ଆରମ୍ଭ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବାହିନୀପତିଙ୍କୁ ପିସି ନ ଦେଲେ ବିଲ୍ କରାଯାଉନାହିଁ। ଏଭଳି ଅଭିଯୋଗ ଆଣିଛନ୍ତି କେତେଜଣ ଜନପ୍ରତିନିଧି। ଏପରିକି କୌଣସି ଉନ୍ନୟନମୂଳକ ଯୋଜନାରେ ଜନପ୍ରତିନିଧିଙ୍କ ମତାମତକୁ ଗୁରୁତ୍ୱ ଦିଆଯାଉନାହିଁ। ବାହିନୀପତିଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ ବୋଲି କହିଛନ୍ତି ଜନପ୍ରତିନିଧି। ବାହିନୀପତିଙ୍କ ମନମୁଖି କାର୍ଯ୍ୟ ପ୍ରତିବାଦରେ ନିକଟରେ ବୋଲଗଡ଼ ବ୍ଲକର ଏକାଧିକ ସରପଞ୍ଚ ଓ ସମିତିସଭ୍ୟ ଏକାଠି ହୋଇଥିଲେ। ତୁରନ୍ତ ଏହି ସମସ୍ୟା ସମାଧାନ କରା ନ ଗଲେ ଜିଲାପାଳ, ୫-ଟି ସଚିବଙ୍କ ନିକଟରେ ଅଭିଯୋଗ ସହ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଜନ ପ୍ରତିନିଧିମାନେ ଚେତାବନୀ ଦେଇଛନ୍ତି।

ବେଗୁନିଆ ପଞ୍ଚାୟତ ସମିତିସଭ୍ୟ ପ୍ରକାଶ ଚନ୍ଦ୍ର ବଳିଆରସିଂ କୁହନ୍ତି, ସହକାରୀ ଯନ୍ତ୍ରୀ ବାହିନୀପତି ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ୩୦ ପ୍ରତିଶତ ପିସି ନେଉଛନ୍ତି। ତାଙ୍କ ନିଜ ଘର ବେଗୁନିଆ ବ୍ଲକ ହୋଇଥିବା ବେଳେ ସେ ଉଭୟ ବ୍ଲକ ଦାୟିତ୍ୱରେ ରହିଛନ୍ତି। ସାଧାରଣ ଜନତାଙ୍କ ପାଇଁ ଉଦ୍ଦିଷ୍ଟ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ମେଶିନ ଦ୍ୱାରା ହେଉଛି। ପଙ୍ଗରାସିଂ, ରାଧାକାନ୍ତପୁର ପଞ୍ଚାୟତରେ ମେଶିନ ସାହାଯ୍ୟରେ କାମ ହେଉଛି। ୨୧ ସମିତିସଭ୍ୟ ଏକାଠି ହୋଇଛୁ। ଆଗାମୀ ଦିନରେ ଏହାର ତୀବ୍ର ବିରୋଧ କରାଯିବ। ସେହିପରି ଗେଡ଼ିଆପଲ୍ଲୀ ସମିତିସଭ୍ୟ ରଞ୍ଜନ କୁମାର ପଣ୍ଡା କୁହନ୍ତି, ବୋଲଗଡ଼ ବ୍ଲକରେ କେତେଜଣ ଅଧିକାରୀ ଓ କର୍ମଚାରୀ ଦୁର୍ନୀତିରେ ବୁଡ଼ି ରହିଛନ୍ତି। ସହକାରୀ ଯନ୍ତ୍ରୀଙ୍କୁ ୩୦ ପ୍ରତିଶତ ପିସି ନ ଦେଲେ କାମ ହେଉନି। ବୋଲଗଡ଼ ପଞ୍ଚାୟତ ସମିତିସଭ୍ୟା ନିର୍ମଳା ପ୍ରଧାନ କୁହନ୍ତି, ଲୋକଙ୍କ ପ୍ରତିନିଧି ଭାବେ ନିର୍ବାଚିତ ହୋଇଛି। ହେଲେ ସେମାନଙ୍କ କୌଣସି ସମସ୍ୟାରେ ସହଯୋଗ କରିପାରୁନାହିଁ। ବିଡିଓ, ସହକାରୀ ଯନ୍ତ୍ରୀଙ୍କ ମନମୁଖି କାର୍ଯ୍ୟ ଯୋଗୁ କୌଣସି ବିକାଶ କାର୍ଯ୍ୟ ହୋଇପାରୁନାହିଁ। ଡାବରଧୁଆପାଟଣା ସରପଞ୍ଚ ବିଜୟ କୁମାର ସେଠୀ କୁହନ୍ତି, ଏକ ବର୍ଷ ହେବ ପଞ୍ଚାୟତରେ କୌଣସି ଉନ୍ନୟନ କାର୍ଯ୍ୟ ହୋଇପାରୁନାହିଁ। ସରକାରଙ୍କ ସର୍କୁଲାର ଅନୁସାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମରେ ସରପଞ୍ଚଙ୍କ ଅନୁମୋଦନ ଆବଶ୍ୟକ। ତେବେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କିମ୍ବା କୌଣସି ଉନ୍ନୟନ ଯୋଜନାରେ ମୋ ବିନା ଅନୁପସ୍ଥିତିରେ ବାହିନୀପତି ଏଷ୍ଟିମେଟ୍ କରୁଛନ୍ତି। ଏ ସମ୍ପର୍କରେ ବିଡିଓଙ୍କୁ ଅଭିଯୋଗ ହୋଇଛି। ଧଳାପଥର ସମିତିସଭ୍ୟ ବିଜୟ କୁମାର ସୁବୁଦ୍ଧି କୁହନ୍ତି, ବାହିନୀପତି ଏକଛତ୍ରବାଦ ଚଳାଇଛନ୍ତି। ତାଙ୍କ ମନମୁଖି କାର୍ଯ୍ୟ ବିରୋଧରେ ଅସନ୍ତୁଷ୍ଟ ସରପଞ୍ଚ ଓ ସମିତିସଭ୍ୟ ଏକାଠି ହୋଇଛନ୍ତି। ଆଗାମୀ ଦିନରେ ଏହି ଅସନ୍ତୋଷ ବିସ୍ଫୋରକ ରୂପ ନେବ ବୋଲି ଚେତାବନୀ ଦେଇଛନ୍ତି। ବେଗୁନିଆ ବିଡିଓ ଲକ୍ଷ୍ମୀଧର ସାହୁ କହୁନ୍ତି, ବ୍ଲକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ସ୍ୱଚ୍ଛତା ଅବଲମ୍ବନ କରାଯାଉଛି। କାହାଠାରୁ ଲାଞ୍ଚ ନିଆଯାଉଥିବା ଅଭିଯୋଗ ଆସିଲେ ତଦନ୍ତ କରାଯିବ। ବୋଲଗଡ଼ ବିଡିଓ ଧୋବେଇ ନାୟକ ଏବଂ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଦିଗନ୍ତ ରାଉତରାୟଙ୍କ ମୋବାଇଲ ନମ୍ବରକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରିନାହିଁ। ଅନ୍ୟପକ୍ଷେ ଏନେଇ ସହକାର ଯନ୍ତ୍ରୀ ଅମୂଲ୍ୟ ବାହିନୀପତି କହିଛନ୍ତି, ତାଙ୍କ ବିରୋଧରେ ଆସିଥିବା ସମସ୍ତ ଅଭିଯୋଗ ଭିତ୍ତିହୀନ। କୌଣସି କାର୍ଯ୍ୟ ପାଇଁ କାହାଠାରୁ ପିସି ନିଆଯାଉନାହିଁ ବୋଲି ସେ କହିଛନ୍ତି।

# ବିଦେଶାଗତ ୩ ମୃତ ପକ୍ଷୀ ଜବତ





**ବନ୍ଧୁକ ଜବତ, ଜଣେ ଶିକାରୀ ଗିରଫ**

**ଟାଙ୍ଗୀ(ଖୋର୍ଦ୍ଧା),୨୧।୧(ଡି.ଏନ୍.ଏ.)**

ଚିଲିକାରେ ବିଦେଶାଗତ ପକ୍ଷୀଙ୍କ ସୁରକ୍ଷା ପାଇଁ ବନ୍ୟ ପ୍ରାଣୀ ବିଭାଗ ଓ ପକ୍ଷୀ ସୁରକ୍ଷା ସମିତିର ସଦସ୍ୟଙ୍କ ଦ୍ୱାରା ସଚେତନ କରାଯାଉଥିଲେ ମଧ୍ୟ ଶିକାରୀଙ୍କ ଉପରେ କୌଣସି ପ୍ରଭାବ ପଡୁନାହିଁ। ଫଳରେ ପକ୍ଷୀ ଶିକାର ବଢ଼ିବାରେ ଲାଗିଛି। ଶନିବାର ଟାଙ୍ଗୀ ବନ୍ୟପ୍ରାଣୀ ରେଞ୍ଜ ଅନ୍ତର୍ଗତ ଜଙ୍କିଆ ଗଡସାହି ଅଞ୍ଚଳରେ ବିଭାଗୀୟ କର୍ମଚାରୀ ଚଢ଼ାଉ କରି ୩ଟି ମୃତ ବିଦେଶାଗତ ପକ୍ଷୀ ଜବତ କରିଛନ୍ତି। ଏଥିରେ ସମ୍ପୃକ୍ତି ନେଇ ଜଣେ ଶିକାରୀଙ୍କୁ ଗିରଫ କରାଯାଇଛି। ସେ ହେଲେ ଜଙ୍କିଆ ଗଡସାହିର ଉପେନ୍ଦ୍ର ସେଠୀ। ତାଙ୍କ ଠାରୁ ଗୋଟିଏ ବନ୍ଧୁକ ଜବତ ହୋଇଛି। ଆଗାମୀ ଦିନରେ ଚଢ଼ାଉ ଜୋରଦାର କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।



**ବୋଲଗଡ଼:** ଦେଉଳି ଗ୍ରାମ ତୁଳସୀବେରେଣା ଖେଳପଡିଆରେ ଅନୁଷ୍ଠିତ ଫୁଟବଲ ଟୁର୍ନାମେଣ୍ଟରେ ଅତିଥିଙ୍କ ଗହଣରେ ଖେଳାଳିମାନେ।

# ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ

**ହତ୍ୟା ଅଭିଯୋଗ ଆଣିଲେ ପରିବାର**

**ଖୋର୍ଦ୍ଧା ଅଫିସ,୨୧।୧**

ଖୋର୍ଦ୍ଧା ସଦର ଥାନା ଅଧୀନ ଦଧିମାଛଗାଡ଼ିଆ ଟାଙ୍ଗଣି ମୁଣ୍ଡିଆ ବସ୍ତିରୁ ପୋଲିସ ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ସେ ହେଲେ ଉକ୍ତ ବସ୍ତିରେ ରହୁଥିବା ସମ୍ବଲପୁର ଜମନକିରା ଥାନା ଫୁଲକୁସୁମ ଗ୍ରାମର ସନ୍ତୋଷିନୀ ବେହେରା। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଅନ୍ୟପଟେ ସନ୍ତୋଷିନୀଙ୍କୁ ହତ୍ୟା କରାଯାଇଛି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ଶନିବାର ପୋଲିସ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ମୁତାବକ, ସନ୍ତୋଷିନୀ ଓ ଯାଜପୁର ଜିଲା ବଡ଼ଚଣା ଥାନା କୋଲାସାହି ଗ୍ରାମର ବିନାୟକ ପାତ୍ର ଦଧିମାଛଗାଡ଼ିଆ ଅଞ୍ଚଳରେ ଗତ ୩ ବର୍ଷ ହେବ ସ୍ୱାମୀ ସ୍ତ୍ରୀ ପରିଚୟ ଦେଇ ରହୁଥିବା ସ୍ଥାନୀୟ ଗ୍ରାମବାସୀ କହିଛନ୍ତି। ଶୁକ୍ରବାର ବିଳମ୍ବ ରାତିରେ ସନ୍ତୋଷିନୀ ଆତ୍ମହତ୍ୟା କରିଥିବା ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏଥିସହ ପୋଲିସ ମୃତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲା। ଶନିବାର ସକାଳେ ମୃତାଙ୍କ ମା'ମୋହିନୀ ଓ ଭାଇ ରମେଶ ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ। ମୋ ଭଉଣୀଙ୍କୁ ମାରି ଦିଆଯାଇଛି ବୋଲି ରମେଶ ଗଣମାଧ୍ୟମ ଆଗରେ କହିଛନ୍ତି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ସେ ଦାବି କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

## କରଡ଼ାପଲ୍ଲୀ ଫାଇନାଲରେ

### ମା'ଜାଗୁଲାଇ ଫୁଟବଲ ଟୁର୍ନାମେଣ୍ଟ

**ବେଗୁନିଆ,୨୧।୧(ଡି.ଏନ୍.ଏ.)**

ବେଗୁନିଆ ବ୍ଲକ ହିରାପୁର ପଞ୍ଚାୟତ ଅନ୍ତର୍ଗତ ଗଉଡିଆପଡା ଖେଳପଡିଆରେ ଚାଲିଥିବା ମା'ଜାଗୁଲାଇ ୬ଷ୍ଠ ବାର୍ଷିକ ଫୁଟବଲ ଟୁର୍ନାମେଣ୍ଟର ଶନିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ଭୁବନେଶ୍ୱରର କରଡାପଲ୍ଲୀ ଫୁଟବଲ କ୍ଲବ ଫାଇନାଲରେ ପ୍ରବେଶ କରିଛି। ଇନ୍ଦିପୁର ମହାବୀର ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ନାମେଣ୍ଟରେ ଟାଇବ୍ରେକରରେ କରଡାପଲ୍ଲୀ ଫୁଟବଲ କ୍ଲବ ୫-୪ ଗୋଲରେ ଖୋର୍ଦ୍ଧା ସ୍ଥିତ ଶରଧାପୁର ଫୁଟବଲ କ୍ଲବକୁ ପରାସ୍ତ କରିଥିଲା। ମ୍ୟାଚ ରେଫରି ଭାବେ ଚିତ୍ତରଞ୍ଜନ ପରିଡା ଦାୟିତ୍ୱ ତୁଲାଇଥିଲେ। ଲାଇନ୍ସର ସହାୟତା କରିଥିଲେ ଶରତ ଚନ୍ଦ୍ର ଛୋଟରାୟ ଏବଂ ସୁକାନ୍ତ ପ୍ରଧାନ। ମ୍ୟାଚରେ ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପ୍ରଶାନ୍ତ ପାଟଶାଣୀ ଏବଂ ଧରଣୀଧର ବଳିୟାରସିଂହ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ।

# ବିଦ୍ୟାର୍ଥୀଙ୍କୁ ସୁନାଗରିକ ହେବା ପାଇଁ ଆହ୍ୱାନ

**ପରମାନନ୍ଦ ମହାବିଦ୍ୟାଳୟର ୩୦ତମ ସାମ୍ବତ୍ସରିକ ଉତ୍ସବ**

**ବୋଲଗଡ଼,୨୧।୧(ଡି.ଏନ୍.ଏ.)**

ସ୍ଥାନୀୟ ପରମାନନ୍ଦ ମହାବିଦ୍ୟାଳୟର ୩୦ତମ ସାମ୍ବତ୍ସରିକ ଉତ୍ସବ ଶନିବାର ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ପ୍ରଫେସର ହେମନ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅଧାପିକା ଗାୟତ୍ରୀ ପଟ୍ଟନାୟକ ଅତିଥିଙ୍କୁ ମଞ୍ଚ ଉପରକୁ ଆମନ୍ତ୍ରଣ କରିଥିଲେ। ପ୍ରାଧାପିକା ଡ. ଅନସୂୟା ପୃଷ୍ଟି ବେଦପାଠ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ପ୍ରାଧାପକ କର୍ମୋଦୟ ଛୋଟରାୟ ସ୍ୱାଗତ ଭାଷଣ ଓ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଅଧ୍ୟକ୍ଷ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଯୋଗଦେଇ ମହାବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତିରେ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ପ୍ରଦାନ କରିବା ସହିତ ଛାତ୍ରୀଛାତ୍ରଙ୍କୁ ସୁନାଗରିକ ହେବା ଲାଗି ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତାଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡ. କୁମରବର ଦାସ ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ପାଇଁ ମତ ଦେଇଥିଲେ। ସମ୍ମାନିତ ଅତିଥିଭାବେ ବ୍ୟଙ୍ଗକବି ବ୍ରଜ ବିହାରୀ ସୁବୁଦ୍ଧି ଯୋଗଦେଇ ବ୍ୟଙ୍ଗ କବିତା ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ମନୋରଞ୍ଜନ କରିଥିଲେ। ଅଧାପକ ଗଣେଶ ପଣ୍ଡା ଓ ମିନୁଷ ମଲ୍ଲିକଙ୍କ ସଂଯୋଜନାରେ ଅତିଥିମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅଧାପକ ଡ. ସୁଦର୍ଶନ ପ୍ରଧାନ, ଅଜୟ କୁମାର ସାହୁ, ଅଧାପିକା ଜୟାପ୍ରଦା ମହାପାତ୍ର, ଛବିରାଣୀ ସାହୁ, ସୁଧାରାଣୀ ଦାସଙ୍କ ପରିଚାଳନାରେ +୨ ଉଚ୍ଚ ମାଧ୍ୟମିକ ପରୀକ୍ଷା ଓ +୩ ଉଚ୍ଚଶିକ୍ଷା ବିଭାଗର ବାର୍ଷିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ କାଜଲ ପ୍ରଧାନ ଓ ଗଣେଶ ସ୍ୱାଇଁଙ୍କୁ ଚକ୍ରଧର ସ୍ମାରକୀ ସମ୍ମାନ ପ୍ରଦାନ କରାଯାଇଥିଲା। ବିଶ୍ୱବିଦ୍ୟାଳୟ ପରୀକ୍ଷାରେ ପ୍ରଥମ ୧୦ ଜଣଙ୍କ ମଧ୍ୟରେ ୪ର୍ଥ, ୭ମ ଏବଂ ୮ମ ସ୍ଥାନ ପାଇ ମହାବିଦ୍ୟାଳୟର ଗୌରବ ବର୍ଦ୍ଧନ କରିଥିବା ଛାତ୍ରୀ ପ୍ରଜ୍ଞା ପ୍ରଣୟିନୀ ରଥ, ବର୍ଷାରାଣୀ ଦତ୍ତ, ବର୍ଷାରାଣୀ ବରାଡ଼ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ପ୍ରାଧାପକ ଜୟନ୍ତ କୁମାର ବିଶ୍ୱାଳ, ରଞ୍ଜନ କୁମାର ଦାଶ, ପ୍ରାଧାପିକା ରମାରାଣୀ ସିକ୍‌ଦାର, ଅଧାପକ ଗାନ୍ଧୀ କୁମାର ସାହୁ, ରଙ୍କନାଥ ମହାରଣା, ପ୍ରିୟରଞ୍ଜନ ପରିଡ଼ା, ସୁନୀଲ କୁମାର ସାହୁ, କ୍ରୀଡ଼ା ଶିକ୍ଷକ ଭଞ୍ଜକିଶୋର ଯତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାଧାପିକା ଅନସୂୟା ପୃଷ୍ଟି ଧନ୍ୟବାଦ ଦେଇଥିଲେ।





ପରମାନନ୍ଦ ମହାବିଦ୍ୟାଳୟର ୩୦ତମ ସାମ୍ବତ୍ସରିକ ଉତ୍ସବରେ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଏବଂ ଅନ୍ୟ ଅତିଥି।

## ଦୀପକ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ: ଡିହଗାଁ କ୍ଲବ ବିଜୟୀ

**ବୋଲଗଡ଼,୨୧।୧(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ବାଙ୍କୋଇ ପଞ୍ଚାୟତ କନ୍ତାଇଲୋ ପଡ଼ିଆରେ ଶନିବାର ଦୀପକ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଅତିଥିଭାବେ ଭାଜପାର ପୂର୍ବତନ ପାଞ୍ଚଗଡ଼ ମଣ୍ଡଳ ସଭାପତି ସୁବାସ ଚନ୍ଦ୍ର ମିଶ୍ର ଓ ଭାରତୀୟ ମଜଦୁର ସଂଘ ଖୋର୍ଦ୍ଧା ଜିଲା ସାଧାରଣ ସମ୍ପାଦକ ଅକ୍ଷୟ ରାଉତରାୟ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ଦିବସରେ ରଣପୁର ବ୍ଲକର ଡିହଗାଁ କ୍ଲବ ଏବଂ ଭାପୁର ବ୍ଲକର ବଡ଼ସହରା କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଡିହଗାଁ ଟିମ୍ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ବଡ଼ସହରା ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୭ ଉଇକେଟ ବିନିମୟରେ ୯୯ ରନ୍ ସଂଗ୍ରହ କରିଥିଲା। ଜବାବରେ ଡିହଗାଁ ୧୪.୩ ଓଭରରେ ଦୁଇ ଉଇକେଟ ହରାଇ ୧୦୦ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଆଶିଷ ପାଇକରାୟ ଓ ଶୁଭେନ୍ଦୁ ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିଲେ।

# ସମସ୍ୟା ସମାଧାନ ପାଇଁ ଜିଲାପାଳଙ୍କୁ ଦାବିପତ୍ର



ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଗମ୍ଭାରୀମୁଣ୍ଡା,୨୧।୧(ଡି.ଏନ୍.ଏ.)**

ବାଣପୁର, ବାଲୁଗାଁ ଓ ଚିଲିକା ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ ଶନିବାର 'ଶାଳିଆ ପ୍ରେସ୍ କ୍ଲବ'ର ସଭାପତି ଅଜିତ୍ କୁମାର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହ ଉକ୍ତ ଅଞ୍ଚଳରେ ଥିବା ବିଭିନ୍ନ ସମସ୍ୟା ଉପରେ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ବାଣପୁରସ୍ଥିତ ଶାଳିଆ ଡ୍ୟାମ୍ ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳ ହୋଇଥିବା ବେଳେ ଏହାକୁ ସଂଯୋଗ କରୁଥିବା ପ୍ରତାପ ଗ୍ରାମ ପର୍ଯ୍ୟନ୍ତ ଉପର ରୋଡ୍ ନଷ୍ଟ ହୋଇଯାଇଛି। ଫଳରେ ପର୍ଯ୍ୟଟକ ଓ ସ୍ଥାନୀୟ ବାସିନ୍ଦା ହଇରାଣ ହେଉଛନ୍ତି। ସେହିପରି ଅଦ୍ୟାବଧି ବାଣପୁର ଏନ୍‌ଏସିରେ ଡ୍ରେନେଜ୍ ନିର୍ମାଣ ହେଲା ନାହିଁ। ଏନେଇ ସଂଘ କର୍ମକର୍ତ୍ତାମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଅନୁରୂପ ଭାବେ ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀଙ୍କୁ ମଧ୍ୟ ଭେଟି ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିବା ସହ ଏହାର ସମାଧାନ ଉପରେ ଗୁରୁତ୍ୱ ଦେବାକୁ ଅନୁରୋଧ କରିଥିଲେ।

# ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

**କୃଷ୍ଣପ୍ରସାଦ,୨୧।୧(ଡି.ଏନ୍.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଗୋମୁଣ୍ଡିଆ ପଞ୍ଚାୟତସ୍ଥିତ ଗୋପୀନାଥ ଦେବ ବିଦ୍ୟାପୀଠଠାରେ ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧକ୍ଷା ସରୋଜିନୀ ତରେଇ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ଦେବତାଙ୍କ ସଭାପତିତ୍ୱରେ ବିଡିଓ ମନୋଜ କୁମାର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଦ୍ୱାରା ଆୟୋଜିତ ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରି କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। ଅତିଥିଭାବେ ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ଗୋମୁଣ୍ଡିଆ ସରପଞ୍ଚ ଦୁଷ୍ମନ୍ତ କୁମାର ସେଠୀ ଯୋଗଦେଇଥିଲେ। ସହକାରୀ ଶିକ୍ଷକ ସୀମାଞ୍ଚଳ ସାହୁ, କ୍ରୀଡ଼ା ଶିକ୍ଷକ ଦୁର୍ଯ୍ୟୋଧନ ନାୟକ ମଞ୍ଚ କାର୍ଯ୍ୟ ପରିଚାଳନା କରିଥିଲେ। ବ୍ଲକ କ୍ରୀଡ଼ା ଜୋନ୍ ସମ୍ପାଦକ ପଦ୍ମଚରଣ ଜେନା, ପ୍ରମୋଦ କୁମାର ସାହୁ, ଅଶୋକ କୁମାର ସାମଲ, ପ୍ରକାଶ କୁମାର ସିଂହ, ଆର୍ତ୍ତତ୍ରାଣ ପ୍ରଧାନ, ପଞ୍ଚାନନ ଜେନା ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିବା ବେଳେ ୩ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ଜିଲାସ୍ତରୀୟ କ୍ରୀଡ଼ା ଉତ୍ସବରେ ଭାଗନେବା ନିମନ୍ତେ ମନୋନୀତ କରାଯାଇଛି।



କ୍ରୀଡ଼ା ଉତ୍ସବ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

# ଆବାସ ତାଲିକା ଚୟନ ନେଇ ଅସନ୍ତୋଷ

**ବେଗୁନିଆ ବ୍ଲକ**

- ୬ ଦିନରେ ୪ଶହରୁ ଊର୍ଦ୍ଧ୍ୱ ଅଭିଯୋଗ
- ୨୧ ପଞ୍ଚାୟତ ପାଇଁ ୧୪୧୨ ଆବାସ

**ବେଗୁନିଆ,୨୧।୧(ଡି.ଏନ୍.ଏ.)**

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ର ହିତାଧିକାରୀ ଚୟନ ତାଲିକା ଗତ ୧୬ ତାରିଖରେ ପ୍ରକାଶ ପାଇଛି। ୩ ବର୍ଷ ପରେ ପ୍ରକାଶିତ ଏହି ତାଲିକାକୁ ଦେଖି ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳର ଯୋଗ୍ୟ ହିତାଧିକାରୀଙ୍କ ପ୍ରତିବାଦ ବଢ଼ିବାରେ ଲାଗିଛି। ଏପରି କି ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟ ଆଗରେ ଝୁଲୁଥିବା ବାକ୍ସରେ ଅଭିଯୋଗ ପତ୍ର ଦିନକୁ ଦିନ ବଢ଼ିବାରେ ଲାଗିଛି। କେତେଜଣ ଅଯୋଗ୍ୟ ହିତାଧିକାରୀଙ୍କୁ ତାଲିକାଭୁକ୍ତ କରାଯାଇ ଯୋଗ୍ୟଙ୍କୁ ବାଦ୍ ଦିଆଯାଇଛି। ତେବେ ଏହି ନୂତନ ତାଲିକାରେ ଅଯୋଗ୍ୟଙ୍କ ନାମ କିପରି ସାମିଲ ହେଲା ତାହା ତଦନ୍ତସାପେକ୍ଷ ବୋଲି ବୁଦ୍ଧିଜୀବୀଙ୍କ ମହଲରେ ଦାବି ହେଉଛି। ଚାଳ ଛପର, ଆଜ୍‌ବେଷ୍ଟସ ଘର ଥିବା ଅଧିକାଂଶ ଲୋକ ବାଦ୍ ପଡ଼ିଥିବା ବେଳେ ସ୍ୱଚ୍ଛଳ ବର୍ଗର ଲୋକଙ୍କ ନାମ ସାମିଲ କରାଯାଇଛି ବୋଲି ପ୍ରମୁଖ ସଙ୍ଗଠନର ମୁଖ୍ୟ ଶିବ ମୁନି କହିଛନ୍ତି। ତେବେ ଗତ ୬ ଦିନ ଭିତରେ ୪ଶହରୁ ଊର୍ଦ୍ଧ୍ୱ ଅଭିଯୋଗ ହୋଇଥିବା ଜଣାପଡ଼ିଛି।

ସୂଚନାଥାଉ କି, ବେଗୁନିଆ ବ୍ଲକର ୨୧ଟି ପଞ୍ଚାୟତ ପାଇଁ ୧୪୧୨ଟି ପ୍ରଧାନମନ୍ତ୍ରୀ ଆବାସ ଯୋଗାଇ ଦିଆଯିବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି। ଚଳିତ ମାସ ୨୪ ତାରିଖ ମଧ୍ୟରେ ଲୋକେ ଅନ୍‌ଲାଇନ ଓ ଅଫ୍‌ଲାଇନରେ ଅଭିଯୋଗ କରିପାରିବେ। ଆଉଥରେ ପ୍ରଶାସନ ପକ୍ଷରୁ ଅନୁଧ୍ୟାନ କରାଯିବ। ହୃଦୟଙ୍ଗମ ହେଲେ ସ୍ୱଚ୍ଛଳଙ୍କୁ ବାଦ୍ ଦେଇ ଗରିବଙ୍କୁ ତାଲିକାଭୁକ୍ତ କରାଯିବ ବୋଲି ଆଦେଶନାମା ଜାରି କରାଯାଇଛି। କିନ୍ତୁ ସ୍କୁଟି, ଫ୍ରିଜ୍ ଆଦି ଉପକରଣ ଥିବା ଲୋକଙ୍କୁ ଆବାସ ମନା। ମାତ୍ର ଏହା ଯଦି କଡ଼ାକଡ଼ି ପାଳନ କରାଯାଏ ତେବେ ୮୦ ପ୍ରତିଶତ ଲୋକ ଆବାସ ଯୋଜନାରୁ ବାଦ୍ ପଡ଼ିବେ। ପୂର୍ବ ଚୟନ ବେଳେ ନିୟମକୁ ଠିକ୍ ଭାବେ ପାଳନ କରାଯାଇ ନ ଥିଲା। ବାଦ୍ ପଡ଼ିଥିବା ଲୋକେ କିଭଳି ଆବେଦନ କରି ଆବାସ ଯୋଜନାର ସୁଫଳ ପାଇପାରିବେ ଏବଂ ସ୍ୱଚ୍ଛଳ ବର୍ଗଙ୍କୁ ଚିହ୍ନଟ କରାଯାଇ ତାଲିକାରୁ ହଟେଇ ଦିଆଯିବ ସେ ନେଇ ସରକାର ବିଧିବଦ୍ଧ ଭାବେ ବ୍ଲକ ପ୍ରଶାସନ ଉପରେ କଡ଼ା ନିର୍ଦ୍ଦେଶ ଜାରି କରନ୍ତୁ ବୋଲି ବେଗୁନିଆ ଜନକଲ୍ୟାଣ ପ୍ରତିଷ୍ଠାନର ସଭାପତି ଅକ୍ଷୟ ରଥ ଦାବି କରିଛନ୍ତି। ଏ ସମ୍ପର୍କରେ ବେଗୁନିଆ ବିଡିଓ ଲକ୍ଷ୍ମୀଧର ସାହୁ କୁହନ୍ତି, ଅସନ୍ତୋଷ ହେବାର କୌଣସି କାରଣ ନାହିଁ। ୨୪ ତାରିଖ ପରେ ଅଭିଯୋଗ ଉପରେ ଗୁରୁତ୍ୱ ଦିଆଯିବ। ଅନୁଧ୍ୟାନ କରାଯାଇ ଗରିବଙ୍କ ପାଇଁ ସହଯୋଗ ଜାରି ରହିବ।

**ମୋ ବସ୍ ଡ୍ରାଇଭରଙ୍କୁ ଆକ୍ରମଣ, ଜଣେ ଗିରଫ**

ଭୁବନେଶ୍ୱର,(ବ୍ୟୁରୋ) : ମୋ ବସ୍ ଡ୍ରାଇଭରଙ୍କୁ ଗାଡିରୁ ଭିଡି ଆଣି ମାଡ ମାରିବା ଘଟଣାରେ ଏୟାରଫିଲ୍ଡ ଥାନା ପୋଲିସ ସଂପୃକ୍ତ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି । ସେ ହେଲେ ଉକ୍ତ ଥାନା ଅଞ୍ଚଳରେ ଦେବନ୍ଦ୍ର ଭୋଇ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଏଥିରେ ସମ୍ପୃକ୍ତ ୨ ସହଯୋଗୀ ଅଭିଯୁକ୍ତ ଫେରାର ଅଛନ୍ତି। ସେମାନଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଚଳାଇଛି। ଶୁକ୍ରବାର ମୋ ବସ୍‌ଟି ଜଟଣୀରୁ ମାଷ୍ଟରକ୍ୟାଣ୍ଟିନ ଫେରୁଥିବା ସମୟରେ ବୈଷ୍ଣୋମାତା ବସ ରହଣିସ୍ଥଳରେ ଏହି ଘଟଣା ଘଟିଥିଲା।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସ୍ନେହୀ ସମାଜର ସାଧାରଣ ଅଧିବେଶନ, ଭଞ୍ଜକଳା ମଣ୍ଡପ, ସକାଳ ୯ଟା।
- ୟୁଥ୍ ଫର୍ ସେବାର ବାର୍ଷିକ ସମ୍ମିଳନୀ, କ୍ୟାପିଟାଲ ହାଇସ୍କୁଲ, ସକାଳ ୯ଟା ୩୦।
- ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷଣା ପରିଷଦର ଜାତୀୟ ପାଠଚକ୍ର ଓ ପୁସ୍ତକ ଲୋକାର୍ପଣ ଉତ୍ସବ, ବୁଦ୍ଧ ମନ୍ଦିର, ସକାଳ ୯ଟା ୩୦।
- ଡଟ୍ ଫେଷ୍ଟ: ସେବେ-ଓ-ଏବେ ଫଟୋ ପ୍ରଦର୍ଶନୀ, ଇଡ୍‌କୋ ପଡ଼ିଆ, ପୂର୍ବାହ୍ନ ୧୦ଟା। ନାଇଟ୍ ଫ୍ଲିଏ ମାର୍କେଟ୍, ଏକାମ୍ର ହାଟ, ଅପରାହ୍ନ ୫ଟା। ଅନ୍ତର୍ଜାତୀୟ ଫୁଡ୍ ଫେଷ୍ଟିଭାଲ୍, ଇଡ୍‌କୋ ପଡ଼ିଆ, ସନ୍ଧ୍ୟା ୬ଟା। ଭୁବନେଶ୍ୱର ଲାଇଭ୍, ଇଡ୍‌କୋ ପଡ଼ିଆ, ସନ୍ଧ୍ୟା ୭ଟା।
- ଶରଦ ଯାଦବଙ୍କ ସ୍ମୃତି ସଭା, ଗୀତଗୋବିନ୍ଦ ସଦନ, ପୂର୍ବାହ୍ନ ୧୧ଟା।
- ନେତାଜୀ ସୁଭାଷ ଜୟନ୍ତୀ କମିଟି ପକ୍ଷରୁ ନେତାଜୀ ଜୟନ୍ତୀ ସମାରୋହ, ସାମ୍ବାଦିକ ଭବନ, ପୂର୍ବାହ୍ନ ୧୧ଟା।
- ଅହମଦୀୟା ମୁସଲିମ ସମ୍ପ୍ରଦାୟ ଭୁବନେଶ୍ୱର ପକ୍ଷରୁ ଶାନ୍ତି ସମ୍ମିଳନୀ, ହୋଟେଲ ପାଲ୍ ହାଇଟସ୍, ପୂର୍ବାହ୍ନ ୧୧ଟା।
- ରୟାଲ ହାୟର ସେକେଣ୍ଡାରୀ ସ୍କୁଲ ଅଫ୍ ସାଇନ୍ସ ଓ ଟେକ୍‌ନୋଲୋଜିର ୨୦ତମ ପ୍ରତିଷ୍ଠା ଦିବସ, ସ୍କୁଲ ପରିସର, ରସୁଲଗଡ଼, ଅପରାହ୍ନ ୪ଟା।
- ଶ୍ୱେତସଂକେତ ମାସିକ ସାହିତ୍ୟ ଆସର ଓ ଆଲୋଚନା ଚକ୍ର, ରାଜଧାନୀ କଳା ସଂସଦ ସଭାକକ୍ଷ, ଅପରାହ୍ନ ୫ଟା ୩୦।
- ସମଦୃଷ୍ଟିର ବାର୍ଷିକ ଉତ୍ସବ, ଲୋହିଆ ଏକାଡେମୀ,ଅପରାହ୍ନ ୫ଟା ୩୦।
- ଗୁରୁକୁଳ ଗୀତାଞ୍ଜଳୀର ବାର୍ଷିକ ଉତ୍ସବ ଓ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ପ୍ରେମ୍ ଆନନ୍ଦ୍ ଗଜଲ ସନ୍ଧ୍ୟା, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଜୟଦେବ ସମାରୋହ-୨୦୨୩, ଉତ୍କଳ ମଣ୍ଡପ, ସନ୍ଧ୍ୟା ୬ଟା।
- ବ୍ରାଇଟ୍ ଷ୍ଟାର ୟୁଥ୍ ଆସୋସିଏଶନ ପକ୍ଷରୁ ବନ୍ଧୁମିଳନ, କ୍ଲବ ପଡ଼ିଆ, ସନ୍ଧ୍ୟା ୬ଟା।
- ଜ୍ଞାନଯଜ୍ଞ ଶିବିର, ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ କଲୋନୀ ଦୁର୍ଗାପୂଜା ପଡ଼ିଆ, ସନ୍ଧ୍ୟା ୬ଟା ୩୦।
- ଶିଶିର ସରସ ମେଳା ୨୦୨୩, ବିଜୁ ପଟ୍ଟନାୟକ ଖେଳ ପଡ଼ିଆ, ବରମୁଣ୍ଡା, ସନ୍ଧ୍ୟା ୬ଟା ୩୦।

# ଆଦର୍ଶ ବିଦ୍ୟାଳୟ ପାଚେରି ନିର୍ମାଣବେଳେ ଉତ୍ତେଜନା

**ବାଲିଅନ୍ତା,୨୧।୧(ଡି.ଏନ୍.ଏ.):**



ଉତ୍ତେଜନା ପରେ ଲୋକଙ୍କ ସହ ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ବାଲିଅନ୍ତା ତହସିଲ ଅଧୀନ ବେଣ୍ଟପୁର ଅଞ୍ଚଳରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରାଚୀର ନିର୍ମାଣ ସମୟରେ ଶନିବାର ଉତ୍ତେଜନା ଦେଖାଦେଇଥିଲା। ପ୍ରାଚୀର ପାଇଁ ଗାତ ଖୋଳାଯିବା ସମୟରେ ସ୍ଥାନୀୟ ଗ୍ରାମର କିଛି ମହିଳା ପୁରୁଷ ଏହାର ବିରୋଧ କରିଥିଲେ। ଗ୍ରାମର ଛୋଟ ବାଳକମାନେ ଖୋଳା ଯାଇଥିବା ଗାତ ଭିତରେ ବସି ରହିଥିଲେ। ଫଳରେ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ସେହି ଖେଳପଡ଼ିଆକୁ ସ୍କୁଲକୁ ଦିଆଯିବ ନାହିଁ ବୋଲି ଉତ୍ୟକ୍ତ ଲୋକେ ଜିଦ୍ ଧରି ବସିଥିଲେ। ସ୍କୁଲର ପ୍ରାଚୀର ନିର୍ମାଣକୁ ବିରୋଧ କରୁଥିବା ଲୋକଙ୍କୁ ନେଇ ପ୍ରଶାସନ ପକ୍ଷରୁ ସେଠାରେ ବୈଠକ କରାଯାଇଥିଲା। ଏଥିରେ ବିଡିଓ ନାରାୟଣଚନ୍ଦ୍ର ନାୟକ, ତହସିଲଦାର ସରୋଦ ପଣ୍ଡା, ଏସିପି (ଜୋନ-୪) ବାଲିଅନ୍ତା ଥାନା ଅଧିକାରୀ ଯୁବରାଜ ସ୍ୱାଇଁ, ସରପଞ୍ଚଙ୍କ ପ୍ରତିନିଧି, ଅତିରିକ୍ତ ଥାନାଧିକାରୀ କାଶୀନାଥ ସାହୁ, ପୂର୍ବତନ ସରପଞ୍ଚ ମୁରଲୀଧର ସାହୁ, ସନ୍ତୋଷିନୀ ବେହେରାଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ଭଦ୍ରବ୍ୟକ୍ତି ଉପସ୍ଥିତ ରହି ଆଲୋଚନା କରିଥିଲେ। ଏସିପି ବିରୋଧ କରୁଥିବା ଲୋକଙ୍କୁ ବୁଝାଇଥିଲେ ମଧ୍ୟ ସେମାନେ ଖେଳ ପଡ଼ିଆକୁ ଛାଡ଼ିବାକୁ ରାଜି ହୋଇ ନ ଥିଲେ। ଗ୍ରାମବାସୀଙ୍କ ଦାବି ପୂରଣ କରାଯିବା ପାଇଁ ପ୍ରଶାସନିକ ଅଧିକାରୀମାନେ ପ୍ରତିଶ୍ରୁତି ଦେବା ପରେ ଆପୋସ ବୁଝାମଣା ଦ୍ୱାରା ସମସ୍ୟାର ସମାଧାନ ହୋଇଥିଲା। ପ୍ରସ୍ତାବରେ ଆଦର୍ଶ ବିଦ୍ୟାଳୟ ପରିସରରେ ଥିବା ପୋଖରୀକୁ ବ୍ୟବହାର ପାଇଁ ସଂରକ୍ଷିତ ରଖାଗଲା। ପୋଖରୀ ସଂଲଗ୍ନ ସରକାରୀ ଜାଗାକୁ ଗ୍ରାମବାସୀଙ୍କ ବ୍ୟବହାର ଶ୍ମଶାନ ନିମନ୍ତେ ସଂରକ୍ଷିତ ରଖାଗଲା। ନୂଆସାହି ବୈଷ୍ଣବ ସାହୁ ପାଖରେ ଥିବା ସରକାରୀ ଜାଗାକୁ ଖେଳ ପଡ଼ିଆ ନିମନ୍ତେ ଉନ୍ନତୀକରଣ କରାଯାଇ ଗ୍ରାମବାସୀଙ୍କ ନିମନ୍ତେ ରଖାଯିବ ବୋଲି ନିଷ୍ପତ୍ତି ହୋଇଥିଲ।

# ଚଢ଼ିଗଲା ଟ୍ରକ୍, ମହିଳା ମୃତ

**ବାଲିଅନ୍ତା,୨୧।୧(ଡି.ଏନ୍.ଏ.):**

ଭୁବନେଶ୍ୱର-କଟକ ୧୬ନଂ. ଜାତୀୟ ରାଜପଥର ହଂସପାଳ କେନାଲ ଛକ ନିକଟ ଗାଡ଼ି ଶୋ'ରୁମ୍ ସମ୍ମୁଖରେ ଶନିବାର ଅପରାହ୍ଣରେ ଏକ ଟ୍ରକ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ କବିତା ସିଂ(୫୩)। ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଚାଳକ ଫେରାର ହୋଇଥିବାବେଳେ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଅଭିଯୋଗ ହୋଇ ନ ଥିବାରୁ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିଲା। ମୃତା ମହିଳାଙ୍କ ଘର କଟକ ଜିଲା ଜଗତପୁର ଥାନା ଧୀନ ମହାଜନପୁର ଗ୍ରାମରେ ହୋଇଥିବାବେଳେ ସେ ଭୁବନେଶ୍ୱର ଭରତପୁର ଥାନା ଅଧୀନ ଦୁର୍ଗାମାଧବ ନଗରର ଲେନ୍-୪ରେ ସ୍ୱାମୀ ଅଶୋକ ସିଂଙ୍କ ସହ ରହୁଥିଲେ। ସ୍ୱାମୀ ସ୍ତ୍ରୀ ଦୁହେଁ ଏକ ସ୍କୁଟିରେ କଟକରୁ ଭୁବନେଶ୍ୱର ଆସୁଥିଲେ। କଟକ ପଟୁ ଦ୍ରୁତ ଗତିରେ ଆସୁଥିବା ରାଜ୍ୟ ବାହାରର ଏକ ଟ୍ରକ (ଏଚ୍ଆର୍ ୩୮ ଏକ୍ସ- ୮୬୮୦) ଦମ୍ପତିଙ୍କ ସ୍କୁଟିକୁ ପଛପଟୁ ଧକ୍କା ଦେଇଥିଲା। କବିତା ତଳେ ପଡିଯିବା ପରେ ତାଙ୍କ ଉପରେ ଟ୍ରକର ପଛ ଚକା ଚଢିଯାଇଥିଲା। ପିସିଆର୍ ପୋଲିସ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ଗାଡ଼ିମୋଟର ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ପାହାଳ ଥାନା ଅଧିକାରୀ ସୁଚିତ୍ରା ପରିଡ଼ା ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ। ପୋଲିସ ଦୁର୍ଘଟଣା ଘଟାଇଥିବା ଉକ୍ତ ଟ୍ରକକୁ ଜବତ କରି ଥାନାକୁ ନେଇଥିଲା। ରବିବାର ମୃତାଙ୍କ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି।

# ବିମୋହିତ କଲା ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ




**ଭୁବନେଶ୍ୱର,୨୧।୧(ବ୍ୟୁରୋ)**

### 'ଜୟଦେବ ସମାରୋହ'ର ଦ୍ୱିତୀୟ ସନ୍ଧ୍ୟା

ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ମହବିଦ୍ୟାଳୟର ୫୭ତମ ବାର୍ଷିକ ଉତ୍ସବ 'ଜୟଦେବ ସମାରୋହ'ର ଶନିବାର ଥିଲା ଦ୍ୱିତୀୟ ଦିବସ। ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ, ବଂଶୀ ବାଦନ, ମର୍ଦ୍ଦଳ ବାଦନ କଳାପ୍ରେମୀଙ୍କୁ ବିମୋହିତ କରିଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧକ୍ଷ ଡ. ବିଜୟ କୁମାର ଜେନା ସ୍ୱାଗତ ଭାଷଣ ଦେଇଥିଲେ। ରାଜସ୍ୱ ପରିଷଦର ପୂର୍ବତନ ସଭ୍ୟ ଅଶୋକ କୁମାର ତ୍ରିପାଠୀ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗଯୁଗ୍ମ ନିର୍ଦ୍ଦେଶକ ସୁବୋଧ ଆଚାର୍ଯ୍ୟ, ମର୍ଦ୍ଦଳ ବାଦକ ଗୁରୁ ସଚ୍ଚିଦାନନ୍ଦ ଦାସ ସମ୍ମାନିତ ଅତିଥି ଓ ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। ଗୁରୁ ଚନ୍ଦନ କୁମାର ଜେନାଙ୍କ ନିର୍ଦ୍ଦେଶନାରେ ବିଭାଗୀୟ ଛାତ୍ରୀଛାତ୍ର ବୃନ୍ଦ ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ ଗାୟନ କରିଥିଲେ। ଗୁରୁ ଶ୍ରୀ ନିବାସ ଶତପଥୀଙ୍କ ନିର୍ଦ୍ଦେଶନାରେ ବୃନ୍ଦ ବଂଶୀ ବାଦନ କରାଯାଇଥିଲା। ଓଡ଼ିଶୀ ମର୍ଦ୍ଦଳ ବିଭାଗର ଗୁରୁ ବିଭୂତି ଭୂଷଣ ବଳବନ୍ତ ରାୟଙ୍କ ନିର୍ଦ୍ଦେଶନାରେ ବୃନ୍ଦ ଓଡ଼ିଶୀ ବାଦନ ଚିତ୍ତାକର୍ଷକ ଥିଲା। ଗୁରୁ ଭାରତୀ ଜେନା ଧନ୍ୟବାଦ ଦେଇଥିଲେ।

# ଠିକାଦାରଙ୍କଠାରୁ ୬୬ ହଜାର ଚଳୁକଲେ ସାଇବର ଠକ

**ଭୁବନେଶ୍ୱର,୨୧।୧(ବ୍ୟୁରୋ) :**

ଶ୍ରମିକ ଯୋଗାଇ ଦେବା ନାଁରେ ସାଇବର ଠକମାନେ ଜଣେ ଠିକାଦାରଙ୍କଠାରୁ ୬୬ ହଜାର ଟଙ୍କା ଚୂନ ଲଗାଇଛନ୍ତି। ଠକେଇର ଶିକାର ହୋଇଥିବା ଠିକାଦାର ଜଣକ ହେଲେ ରସୁଲଗଡର ନିତ୍ୟାନନ୍ଦ ପାଢୀ। ଏନେଇ ସେ ସାଇବର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ନିତ୍ୟାନନ୍ଦଙ୍କ କହିବା ମୁତାବକ, ସେ ଶ୍ରମିକ ସନ୍ଧାନରେ ଥିଲେ। କିଛିଦିନ ତଳେ ଜଣେ ବ୍ୟକ୍ତି ମୁର୍ସିଦାବାଦରୁ ଫୋନ୍ କରି ଶ୍ରମିକ ଯୋଗାଉଥିବା କହିଥିଲେ। ତେଣୁ ତାଙ୍କ ସହ ଏନେଇ କଥା ହେବା ପରେ ଶ୍ରମିକ ପଠାଇବାକୁ ସ୍ଥିର ହୋଇଥିଲା। ପରେ କଥା ଅନୁସାରେ ବ୍ୟକ୍ତିଜଣକ ଟିକେଟ ପାଇଁ ୫ ହଜାର ଟଙ୍କା ଆଡ୍‌ଭାନ୍ସ ଓ ଶ୍ରମିକଙ୍କ ଖର୍ଚ୍ଚ ବାବଦକୁ ଆଉ ୧୫ ହଜାର ଟଙ୍କା ନେଇଥିଲେ। ଶ୍ରମିକମାନେ ଓଡ଼ିଶା ଯିବାକୁ ଷ୍ଟେଶନ ଯାଉଥିବା ମଧ୍ୟ ଜଣାଇଥିଲେ। ଏହାର କିଛି ସମୟ ପରେ ରେଲ୍‌ୱେ ପୋଲିସ ହାବୁଡ଼ରେ ପଡି ଯାଇଥିବା କହି ଜରିମାନା ବାବଦରେ ୩୩ ହଜାର ନେଇଥିଲେ। କିନ୍ତୁ ଟ୍ରାଞ୍ଜାକ୍ସନ ଲିମିଟ୍ ସରିଯାଇଥିବାରୁ ଉକ୍ତ ଟଙ୍କା ଉଠାଇ ପାରୁ ନ ଥିବା କହି ଠକ ଜଣକ ୧୩ ହଜାର ଟଙ୍କା ରେଲ୍‌ୱେ ପୋଲିସ ଅଧିକାରୀଙ୍କ ଆକାଉଣ୍ଟକୁ ପଠାଇବାକୁ ନମ୍ବର ଦେଇଥିଲେ। ନିତ୍ୟାନନ୍ଦ ଉକ୍ତ ଆକାଉଣ୍ଟରେ ୧୩ହଜାର ପଠାଇ ସାରିବା ପରେ କିଷାନଗଞ୍ଜ ଷ୍ଟେଶନରେ ମାଜିଷ୍ଟ୍ରେଟ ତଦନ୍ତ ଚାଲୁଥିବା କହି ଆଉ ୩୦ ହଜାର ଟଙ୍କା ମାଗିଥିଲେ ଠକ। ଏଥିରେ ଠିକାଦାରଙ୍କ ସନ୍ଦେହ ହେବାରୁ ଜଣେ ସମ୍ପର୍କୀୟ ରେଳ ଅଧିକାରୀଙ୍କ ଜରିଆରେ ଘଟଣାର ସତ୍ୟାସତ୍ୟ ଜାଣିବା ପରେ ଭୁବନେଶ୍ୱର ସାଇବର ଥାନାରେ ଲିଖିତ ଅଭିଯୋଗ କରିଥିଲେ ନିତ୍ୟାନନ୍ଦ।

# ଶ୍ରୀଲକ୍ଷେଶ୍ୱର ପୀଠରେ ଓଡ଼ିଶୀ ସଂକୀର୍ତ୍ତନ ମହୋତ୍ସବ



**ବାଲିଅନ୍ତା,୨୧।୧(ଡି.ଏନ୍.ଏ.):**

ରାଜଧାନୀ ଉପକଣ୍ଠ ନଖରାମୌଜାସ୍ଥିତ ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ପ୍ରସିଦ୍ଧ ଶୈବପୀଠ ଶ୍ରୀଲକ୍ଷେଶ୍ୱର ମହାଦେବଙ୍କ ପୀଠ ପରିସରରେ ଶନିବାର ୨୩ତମ ବାର୍ଷିକ ତ୍ରିବେଣୀ ଓଡ଼ିଶୀ ସଂକୀର୍ତ୍ତନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଅଞ୍ଚଳରୁ ୩୫ରୁ ଉର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀ ଶତାଧିକ କଳାକାର ଯୋଗଦେଇ ଓଡ଼ିଶୀ ସଂକୀର୍ତ୍ତନ ପରିବେଷଣ କରିଥିଲେ। ସଂକୀର୍ତ୍ତନ ଗାୟକମାନେ ପ୍ରଭୁ କୃଷ୍ଣଙ୍କ ରସ ଉପରେ ଗାନ କରିବା ସହିତ କଳାକାରମାନେ ମୃଦଙ୍ଗ ଓ ଖୋଳତାଳରେ ଏହା ପରିବେଷଣ କରିଥିଲେ। ଏଥିରେ ଅତିଥି ରୂପେ ଭୁବନେଶ୍ୱର (ଉତ୍ତର) ବିଧାୟକ ସୁଶାନ୍ତ ରାଉତ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଓ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ ଦାସ ଯୋଗଦେଇଥିଲେ। ଶ୍ରୀ ଲକ୍ଷେଶ୍ୱର ମହାଦେବଙ୍କ ମନ୍ଦିରରୁ ଆଜ୍ଞାମାଳ ତ୍ରିବେଣୀ ମଣ୍ଡପକୁ ଆସିବା ପରେ ଏହି ସଂକୀର୍ତ୍ତନ ଆରମ୍ଭ ହୋଇଥିଲା। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ଶ୍ରୀଲକ୍ଷେଶ୍ୱର ମହାଦେବ ଆଞ୍ଚଳିକ ଓଡ଼ିଶୀ ସଂକୀର୍ତ୍ତନ ମହାମଣ୍ଡଳୀର ସଭାପତି ନଳିନୀ ସାହୁ, ଅଧିକାରୀ ବିଷ୍ଣୁଚରଣ ପରିଜା, ଉପଦେଷ୍ଟା ଯୁଧିଷ୍ଠିର ପରିଜା, ରାଜେନ୍ଦ୍ର ପରିଡ଼ା, ପବିତ୍ରମୋହନ ସ୍ୱାଇଁ, ଯୁଧିଷ୍ଠିର ଖଟୁଆ, ସନ୍ତୋଷ ଦାସ ପ୍ରମୁଖ ପରିଚାଳନା କରିଥିଲେ।

# ଓୟୁଏଟିରେ ପୁଷ୍ପ ପ୍ରଦର୍ଶନୀ

ଭୁବନେଶ୍ୱର,୨୧।୧(ବ୍ୟୁରୋ): ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି) ଏବଂ ଓଡ଼ିଶା ସୋସାଇଟି ପକ୍ଷରୁ ବିଶ୍ୱବିଦ୍ୟାଳୟ କମ୍ୟୁନିଟି ହଲରେ ପୁଷ୍ପ ପ୍ରଦର୍ଶନୀ ଆରମ୍ଭ ହୋଇଛି। ଗୋଲାପ, ଜାଭେରା, ଡାଲିଆ, ଗେଣ୍ଡୁ, ସ୍ୱିଟ୍ ୱିଲିୟମ ଆଦି ୨୫ ପ୍ରଜାତିର ଫୁଲ ଶୋଭା ପାଉଛି। କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳଙ୍କ ସ୍ତ୍ରୀ ଲୋପାମୁଦ୍ରା ରାଉଳ ଏହାକୁ ଉଦ୍‌ଘାଟନ କରିଥିଲେ। କୃଷି ମହାବିଦ୍ୟାଳୟ, କୃଷି ସଂପ୍ରସାରଣସ୍ଥ ବିଜ୍ଞାନ କେନ୍ଦ୍ର, କିଟ୍, କିମସ୍, ଉତ୍କଳ ନର୍ସରୀ, ଅର୍କିଡ୍ ବାୟୋଟେକ୍, ଅର୍ବାନ୍ ନର୍ସରୀ ପକ୍ଷରୁ ୨୫ଟି ଷ୍ଟଲରେ ଭଳିକି ଭଳି ଫୁଲ ପ୍ରଦର୍ଶିତ କରାଯାଇଛି। ଓୟୁଏଟି କୁଳ ସଚିବ ଲୋପାମୁଦ୍ରା ମହାନ୍ତିଙ୍କ ସମେତ ପ୍ରଫେସର ଶଶୀକଳା ବେଉରା, ଡ. ତୁଷାରକାନ୍ତି ଦାସ, ଚିତ୍ତରଞ୍ଜନ ମାଝି, କୃଷି ମହାବିଦ୍ୟାଳୟ ଡିନ୍ ପ୍ରଫେସର ହୃଷୀକେଶ ପାତ୍ର ଯୋଗଦେଇଥିଲେ। ରବିବାର ସକାଳ ୯ଟାରୁ ଏହି ପ୍ରଦର୍ଶନୀ ସର୍ବସାଧାରଣଙ୍କ ପାଇଁ ଖୋଲାରହିବ।

# ଚିତ୍ରରେ ନେତାଜୀଙ୍କ ଜୀବନାଦର୍ଶ

**ଭୁବନେଶ୍ୱର,୨୧।୧(ବ୍ୟୁରୋ):**

ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଉଦ୍ଦେଶ୍ୟରେ ଏକ ରାଜ୍ୟସ୍ତରୀୟ ଚିତ୍ରକଳା ଶିବିର ଅନୁଷ୍ଠିତ ହୋଇଯାଇଛି। କଟକସ୍ଥିତ ନେତାଜୀ ମ୍ୟୁଜିୟମରେ ଶନିବାର ଆୟୋଜିତ ଏହି ଶିବିରରେ ଶିଳ୍ପୀମାନେ ନେତାଜୀଙ୍କ ଜୀବନାଦର୍ଶକୁ ନେଇ ଚିତ୍ର ପ୍ରସ୍ତୁତ କରିଛନ୍ତି। ପ୍ରଦର୍ଶନୀକୁ ବରିଷ୍ଠ ଶିଳ୍ପୀ ବିନୋଦ ମହାରଣା ଏବଂ ମହେନ୍ଦ୍ର ପ୍ରସାଦ ମହାପାତ୍ର ଉଦ୍‌ଘାଟନ କରିଥିଲେ। ଚିତ୍ରକଳା ମାଧ୍ୟମରେ ନେତାଜୀଙ୍କ ଜୀବନର ବିଭିନ୍ନ ଘଟଣାକୁ ଜନସାଧାରଣ ଜାଣିବା ସହ ଚିତ୍ରଶିଳ୍ପୀଙ୍କୁ ସୃଜନକଳାର ବିକାଶ ହୋଇପାରିବ ବୋଲି ଅତିଥିମାନେ କହିଥିଲେ। ଶିବିରରେ ୧୫ ଜଣ ଶିଳ୍ପୀ ଅଂଶ ଗ୍ରହଣ କରି ନେତାଜୀଙ୍କ ପ୍ରତିକୃତି ସହ ବିଭିନ୍ନ ଘଟଣାବଳୀକୁ କାନଭାସ୍‌ରେ ପ୍ରତିଫଳିତ କରିଛନ୍ତି। ଏହି ଅବସରରେ ଏକାଡେମୀର ସଭ୍ୟା ସ୍ମିତା ମୂଳିଆ, ଶିଳ୍ପୀ କୈଳାସ ଚନ୍ଦ୍ର ମୁଦୁଲି, ଲକ୍ଷ୍ମୀଧର ରଣା, ଶଶିକାନ୍ତ ରାଉତ, ସଞ୍ଜୀବ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏକାଡେମୀର ସଚିବ ପଞ୍ଚାନନ ସାମଲ ଶିବିରର ପରିଚାଳନା କରିଥିଲେ। ଜାନୁୟାରୀ ୨୩ ନେତାଜୀ ଜୟନ୍ତୀ ଅବସରରେ ପ୍ରସ୍ତୁତ ଚିତ୍ର କଳାଗୁଡ଼ିକର ପ୍ରଦର୍ଶନୀ ହେବା ସହ ଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରାଯିବ।



ଶିବିରରେ ଶିଳ୍ପୀମାନେ ନେତାଜୀଙ୍କୁ ନେଇ ଚିତ୍ର ଆଙ୍କୁଛନ୍ତି।

# ତ୍ରିବେଣୀ ମହୋତ୍ସବ ଉଦ୍‌ଘାଟିତ



**ବାଲିପାଟଣା,୨୧।୧(ଡି.ଏନ୍.ଏ.):**

ବାଲିପାଟଣା ବ୍ଲକ ଅନ୍ତର୍ଗତ ବନମାଳୀପୁର ନିକଟ ଅନ୍ତର୍ବେଦୀ ପୀଠ ଠାରେ ଶନିବାର ତ୍ରିବେଣୀ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଅତିଥିଭାବେ ଆମ ସଙ୍ଗଠନର ସଭାପତି କମଳ ପାତ୍ର ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ କଳାକାରମାନେ ଶାରଳା ନୃତ୍ୟ ପରିବେଷଣ କରିଥିଲେ। ପରେ ସ୍ଥାନୀୟ ଶିକ୍ଷାନୁଷ୍ଠାନ ମଦର ପବ୍ଲିକ୍ ସ୍କୁଲର ପିଲାମାନେ ନୃତ୍ୟ ପରିବେଷଣ କରିଥିଲେ। ଗୋଟିପୁଅ ନୃତ୍ୟ ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲା। ଦୀର୍ଘବର୍ଷ ଧରି ବନ୍ଦ ରହିଥିବା ତ୍ରିବେଣୀ ମହୋତ୍ସବକୁ ଆମ ସଙ୍ଗଠନ ପକ୍ଷରୁ ପୁଣି ଆରମ୍ଭ କରାଯାଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଏହି ଉତ୍ସବ ତିନିଦିନ ଧରି ଅନୁଷ୍ଠିତ ହେବ। ସଙ୍ଗଠନର ସମସ୍ତ ସଭ୍ୟ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ଦିଲ୍ଲୀରେ ଲାଲ୍‌ଚାନ୍ଦର 'ଆରୋହୀ' ଏକ୍ସକ୍ଲୁସିଭ୍ ଷ୍ଟୋର

**ନୂଆଦିଲ୍ଲୀ,୨୧।୧:**




ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ଲାଲ୍‌ଚାନ୍ଦ ଜୁଏଲର୍ସର ଆଉଏକ ଆଉଟ୍‌ଲେଟ୍ ଦିଲ୍ଲୀରେ ଖୋଲିଛି। ଶନିବାର ଦିଲ୍ଲୀ ଲାଜପତନଗର ମାର୍କେଟଠାରେ ଲାଲ୍‌ଚାନ୍ଦ ବ୍ରାଣ୍ଡର ପ୍ରଥମ ଏକ୍ସକ୍ଲୁସିଭ ଷ୍ଟୋର 'ଆରୋହୀ' ଉଦ୍‌ଘାଟିତ ହୋଇଯାଇଛି। ଭାରତର ପୂର୍ବତନ ସୂଚନା କମିଶନର ସତ୍ୟାନନ୍ଦ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଲାଲ୍‌ଚାନ୍ଦ ଗ୍ରୁପ୍‌ର ବହୁ ବରିଷ୍ଠ ଅଧିକାରୀ ତଥା ଆରୋହୀର ଅଧିକାରୀ ଓ କର୍ମଚାରୀଙ୍କ ସମେତ ଅନ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। କଳା, ସଂସ୍କୃତି ଓ ଐତିହ୍ୟର ସହର ଦିଲ୍ଲୀବାସୀଙ୍କ ଆବଶ୍ୟକତା ପୂରଣ କରିବା ସହ ଲାଲ୍‌ଚାନ୍ଦର ସୁନ୍ଦର କଳାକୃତି ଅଳଙ୍କାର ସମ୍ଭାର ସବୁବର୍ଗର ଗ୍ରାହକଙ୍କ ପସନ୍ଦ ପାଲଟିବ ବୋଲି ଆରୋହୀ ପକ୍ଷରୁ କୁହାଯାଇଛି। ଲାଲ୍‌ଚାନ୍ଦ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧକ୍ଷ ସଞ୍ଜୟ ହଂସ କହିଛନ୍ତି, ଓଡ଼ିଶାର ଲୋକପ୍ରିୟ ବ୍ରାଣ୍ଡ ବର୍ତ୍ତମାନ ଦିଲ୍ଲୀ ସହରରେ ତା'ର କାୟା ବିସ୍ତାର ସହ ଗ୍ରାହକଙ୍କ ବିଶ୍ୱାସଭାଜନ ଓ ସୁଲଭ ମୂଲ୍ୟରେ ଗୁଣାତ୍ମକ ସାମଗ୍ରୀ ଆରୋହୀ ଗ୍ରାହକଙ୍କୁ ଯୋଗାଇଦେବ। ଲାଲ୍‌ଚାନ୍ଦର ସିଇଓ ପଲକ ହଂସ ସେନ୍ କହିଥିଲେ, ଦିଲ୍ଲୀବାସୀ ଓ ଦିଲ୍ଲୀକୁ ଆସୁଥିବା ସବୁ ବର୍ଗର ଗ୍ରାହକଙ୍କୁ ଉନ୍ନତ ତଥା ଗୁଣାତ୍ମକ ସାମଗ୍ରୀ ସହ କଳା ସଂସ୍କୃତିର ଡିଜାଇନ ଓ ଗ୍ରାହକ ଚାହିଦାକୁ ଗୁରୁତ୍ୱ ଦିଆଯିବ। ଏପରିକି ଦିଲ୍ଲୀର ଗ୍ରାହକ ଅଳଙ୍କାର ପ୍ରିୟ ହୋଇଥିବାରୁ ସେମାନଙ୍କୁ ସବୁ ପ୍ରକାର ଡିଜାଇନ ଓ ବିଶୁଦ୍ଧ ସୁନାର ଉତ୍ପାଦ ଯୋଗାଇବା ଆମର ପ୍ରଥମ ଦାୟିତ୍ୱ ରହିବ। ବିଶେଷକରି ଯୁବବର୍ଗର ଗ୍ରାହକଙ୍କ ପାଇଁ ହାଲୁକା ଓ ଡିଜାଇନକୁ ବେଶ୍ ଗୁରୁତ୍ୱ ଦେବା ସହ ଅତ୍ୟାଧୁନିକ ଡିଜାଇନ ସମ୍ଭାର ଉପଲବ୍ଧ କରାଇବା ଆମର ମୂଳ ଲକ୍ଷ୍ୟ ହେବ ବୋଲି ପଲକ ମତପ୍ରକାଶ କରିଥିଲେ।

# ଶ୍ରମିକ ନେତା ଦାମୋଦର ମହାପାତ୍ରଙ୍କ ସ୍ମୃତିସଭା

**ଭୁବନେଶ୍ୱର, ୨୧।୧ (ବ୍ୟୁରୋ):**

ଶ୍ରମିକ ନେତା ତଥା ବସ୍ତି ଉନ୍ନୟନ ମହାସଂଘ ସମ୍ପାଦକ ଦାମୋଦର ମହାପାତ୍ରଙ୍କ ଏକାଦଶାହ ସ୍ମୃତିସଭା ବାପୁଜୀନଗର ଜୟଦୁର୍ଗା କ୍ଲବ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିପିଆଇ ଜୋନ୍ ସମ୍ପାଦକ ସୁର ଜେନା ସଭାପତିତ୍ୱ କରିଥିଲେ। ଭୁବନେଶ୍ୱରର ବସ୍ତିବାସିନ୍ଦା ଓ ଉଠା ଦୋକାନୀମାନଙ୍କୁ ସଂଗଠିତ କରିବାରେ ସ୍ୱର୍ଗତ ମହାପାତ୍ରଙ୍କ ଅବଦାନକୁ ଅତିଥିମାନେ ସ୍ମରଣ କରିଥିଲେ। ଏଥିସହ ହକି ନାମରେ ରାଜଧାନୀକୁ ସୁନ୍ଦର କରି ଦେଖାଇବା ପାଇଁ ବସ୍ତିବାସିନ୍ଦାଙ୍କୁ ଟିଣ ଘେରାବନ୍ଦୀ କରି ରଖିବା, ଉଠା ଦୋକାନୀଙ୍କ ଜୀବିକା ବୁଡାଇ ଦେବା ଆଦି କାର୍ଯ୍ୟକୁ ସମାଲୋଚନା କରାଯାଇଥିଲା। ଅତିଥି ଭାବେ ସିପିଆଇ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ କ୍ଷୀରୋଦ ସିଂହଦେଓ, ଉତ୍କଳ ମହିଳା ସମିତି ରାଜ୍ୟ ନେତ୍ରୀ ବନଲତା ଜେନା, ମମତା ମହାପାତ୍ର, ଉଠାଦୋକାନୀ ବ୍ୟବସାୟୀ ସଂଘର କୈଳାସ ପୁହାଣ, ବସ୍ତି ଉନ୍ନୟନ ମହାସଂଘର ମଙ୍ଗଳା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ୭୭%ଙ୍କୁ ସଜା

### ଭିଜିଲାନ୍ସ ପକ୍ଷରୁ ୨ ଦିନିଆ କର୍ମଶାଳା ଉଦ୍‌ଯାପିତ

**ଭୁବନେଶ୍ୱର,୨୧।୧(ବ୍ୟୁରୋ) :**

ରାଜ୍ୟ ଭିଜିଲାନ୍ସ ଏକାଡେମୀଠାରେ ଭିଜିଲାନ୍ସ ପକ୍ଷରୁ ଦୁଇଦିନ ଧରି ଚାଲିଥିବା କର୍ମଶାଳା ଶନିବାର ଶେଷ ହୋଇଛି। ଏହି ଅବସରରେ ଭିଜିଲାନ୍ସ ନିର୍ଦ୍ଦେଶକ ଯଶୋବନ୍ତ ଜେଠ୍‌ୱା କହିଲେ, ଓଡିଶା ଭିଜିଲାନ୍ସ ପକ୍ଷରୁ ୨୦୨୨ ମସିହାରେ ରୁଜୁ ହୋଇଥିବା ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ୭୭ ପ୍ରତିଶତଙ୍କୁ ସଜା ହୋଇଛି। ଏହା ଗତ ଦଶନ୍ଧି ମଧ୍ୟରେ ସର୍ବାଧିକ। ତଦନ୍ତକୁ ଗୁରୁତ୍ୱ ଦିଆଯିବା ସହ ଶୀଘ୍ର କୋର୍ଟରେ ଚାର୍ଜଶିଟ୍ ଦାଖଲ କରାଯାଇଥିବାରୁ ସଜା ହାର ବଢ଼ିଛି। ସେହିପରି ଓଡିଶା ଲୋକାୟୁକ୍ତ ସଦସ୍ୟ ତଥା ପୂର୍ବତନ ଡିଜିପି ଆର୍. ପି. ଶର୍ମା ମୁଖ୍ୟ ଅତିଥି ଭାବରେ ଯୋଗଦେଇ କହିଲେ, ଏହି କର୍ମଶାଳା ଭିଜିଲାନ୍ସ ଅଧିକାରୀ ସଦସ୍ୟଙ୍କ ତଦନ୍ତ ଓ ଦକ୍ଷତା ବୃଦ୍ଧିରେ ସହାୟକ ହେବ। ଫଳରେ ସେମାନେ ଦୁର୍ନୀତିଗ୍ରସ୍ତ ସରକାରୀ କର୍ମଚାରୀଙ୍କୁ ଧରି ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପାରିବେ। ସମାଜରେ ଥିବା ଦୁର୍ନୀତୀଗ୍ରସ୍ତ ସରକାରୀ ଅଧିକାରୀଙ୍କୁ ହଟାଇବାରେ ସେମାନେ ସମର୍ଥ ହେବେ ବୋଲି ସେ କହିଛନ୍ତି। ଏହି କର୍ମଶାଳାରେ ବ୍ୟାଙ୍କ ଅଧିକାରୀ, କର୍ମଚାରୀ, ଟେକ୍ନିକାଲ ଏକ୍ସପର୍ଟ, ଭିଜିଲାନ୍ସ ଅଧିକାରୀଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ।




ବୈଠକରେ ଭିଜିଲାନ୍ସ ନିର୍ଦ୍ଦେଶକ ଯଶୋବନ୍ତ ଜେଠ୍‌ୱା ଓ ଓଡିଶା ଲୋକାୟୁକ୍ତ ସଦସ୍ୟ ଆର୍. ପି. ଶର୍ମା।

## ଡକାୟତି ଯୋଜନା, ୨ କୋର୍ଟ ଚାଲାଣ

ଫୁଲନଖରା,(ଡି.ଏନ.ଏ.): ଡକାୟତି ଯୋଜନାବେଳେ ୨ ଜଣ ଅଭିଯୁକ୍ତଙ୍କୁ କଟକ ସଦର ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କନ୍ଦରପୁର ଥାନା ଅନ୍ତର୍ଗତ ରାଜହଂସ ସାମଲ ସାହିର ଆଶିକ୍ ସାମଲ ଓ ଜଗତ୍‌ସିଂହପୁର ଜିଲା ସିଦ୍ଧଳ ଗ୍ରାମର ସୁଶାନ୍ତ ସାମଲ। ସେମାନଙ୍କ ନିକଟରୁ ଗୋଟିଏ ବାଇକ୍, ଗୋଟିଏ ବନ୍ଧୁକ ଓ ୪ଟି ଗୁଳି ଜବତ କରାଯାଇଛି। ଶୁକ୍ରବାର ସନ୍ଧ୍ୟାରେ ଅଭିଯୁକ୍ତ ଦ୍ୱୟ ୧୬ ନଂ. ଜାତୀୟ ଜାତୀୟ ରାଜପଥର ଉରାଳି ଗଡା ନିକଟରେ ଡକାୟତି ପାଇଁ ଯୋଜନା କରୁଥିଲେ। ଖବରପାଇ ପୋଲିସ ସେଠାରେ ଚଢ଼ାଉ କରି ସେମାନଙ୍କୁ ଗିରଫ କରିଥିଲା। ଏ ନେଇ ଥାନାରେ ଏକ ମାମଲା(ନଂ.୩୮/୨୩) ରୁଜୁ ହୋଇଛି।

## ଆଜି କ'ଣ କେଉଁଠି

କଟକ

- ବାରବାଟୀ ୟୁନାଇଟେଡ୍ କ୍ଲବ ପକ୍ଷରୁ ଫୁଟବଲ୍ ଟୁର୍ନାମେଣ୍ଟ, ସତ୍ୟବ୍ରତ ଷ୍ଟାଡିୟମ ପରିସର, ସକାଳ ୮ଟା ୩୦।
- ରୋଟାରୀ କ୍ଲବ ଅଫ୍ କଟକ ବାରବାଟୀ ପକ୍ଷରୁ ମେଗା ରକ୍ତଦାନ ଶିବିର, ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ପରିସର, ସକାଳ ୯ଟା।
- ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଉପଲକ୍ଷେ ସମାରୋହ, କାଠଯୋଡି କ୍ଲବ, ସେକ୍ଟର-୧୨, ସିଡିଏ, ପୂର୍ବାହ୍ନ ୧୧ଟା।
- ଚନ୍ଦ୍ରିକା କଳା ନିକେତନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ 'ଚନ୍ଦ୍ରିକା', କଳା ବିକାଶ କେନ୍ଦ୍ର, ସନ୍ଧ୍ୟା ୬ଟା ୩୦।
- ସୂର୍ଯ୍ୟବିହାର କଲୋନୀର ବାର୍ଷିକ ଉତ୍ସବ, କଲୋନୀ ପରିସର, ଲିଙ୍କ୍‌ରୋଡ୍, ସନ୍ଧ୍ୟା ୬ଟା ୩୦।

# ପର୍ଯ୍ୟଟନର କେନ୍ଦ୍ରବିନ୍ଦୁ ପାଲଟିବ ତାଳଦଣ୍ଡା କେନାଲ

- ଏକାଧିକ ପ୍ରକଳ୍ପ ବୁଲି ଦେଖିଲେ ପର୍ଯ୍ୟଟନ ନିର୍ଦ୍ଦେଶକ
- ଖୋଲିବ ସ୍ୱତନ୍ତ୍ର ପାର୍କ ଓ ଫୁଡ୍‌କୋର୍ଟ
- ନୌକା ବିହାରର ମଜା ନେବେ ଦର୍ଶକ

କଟକ ଅଫିସ,୨୧।୧

କଟକର ତାଳଦଣ୍ଡା କେନାଲ ପର୍ଯ୍ୟଟନର କେନ୍ଦ୍ରବିନ୍ଦୁ ପାଲଟିବ। କେନାଲ ପାର୍ଶ୍ୱରେ ଖୋଲିବ ସ୍ୱତନ୍ତ୍ର ପାର୍କ, ଫୁଡ୍‌କୋର୍ଟ, ଜିମ୍ ଓ ବିଶ୍ରାମ ସ୍ଥଳ। ଫଳରେ ପର୍ଯ୍ୟଟକମାନେ ଫୁଡ୍‌କୋର୍ଟରେ ସୁସ୍ୱାଦୁ ଖାଦ୍ୟର ମଜା ନେଇପାରିବେ। ଏଥିସହ ବୋଟିଂ ମଧ୍ୟ କରିପାରିବେ। ଏଥିପାଇଁ ଯୋଜନା ପ୍ରସ୍ତୁତ କରାଯାଇ କାର୍ଯ୍ୟ ଚାଲୁ ରହିଛି। ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ପକ୍ଷରୁ କାର୍ଯ୍ୟ କରାଯାଉଛି। ଏନେଇ ଶନିବାର ଓଟିଡିସି ପରିଚାଳନା ନିର୍ଦ୍ଦେଶକ ସଚିନ ଆର୍. ଯାଦବ ତାଳଦଣ୍ଡା କେନାଲ ଗସ୍ତ କରି ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ତୁରନ୍ତ କାର୍ଯ୍ୟ ଶେଷ କରିବାକୁ କହିଥିଲେ।

କଟକବାସୀଙ୍କ ସମେତ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସୁଥିବା ପର୍ଯ୍ୟଟକମାନେ ଏଠାକାର ମନୋରମ ଦୃଶ୍ୟକୁ ଉପଭୋଗ କରିପାରିବେ। ଏବେସୁଦ୍ଧା ଅଧାରୁ ଅଧିକ କାର୍ଯ୍ୟ ଶେଷ ହୋଇଛି। ଆସନ୍ତା ମାର୍ଚ୍ଚ ସୁଦ୍ଧା କାର୍ଯ୍ୟ ଶେଷ ହେବ। ସେହିପରି ଓଟିଡିସି ଅଧୀନରେ ଥିବା ସିଲ୍‌ଭର ସିଟି ବୋଟ୍ କ୍ଲବ୍‌ର ନବୀକରଣ କାର୍ଯ୍ୟ ଆରମ୍ଭ ହୋଇଛି। ୯ କୋଟି ଟଙ୍କା ବ୍ୟୟରେ ଚାଲିଥିବା ଏହି କାର୍ଯ୍ୟ ଆସନ୍ତା ଫେବୃୟାରୀ ସୁଦ୍ଧା ଶେଷ ହୋଇ କାର୍ଯ୍ୟକ୍ଷମ ହେବ। ରାଜ୍ୟ ସରକାର ବର୍ତ୍ତମାନ ସମୟରେ କଟକର ବିକାଶ ପାଇଁ ଅନେକ ପଦକ୍ଷେପ ଗ୍ରହଣ କରୁଛନ୍ତି। ଯେଉଁଥିରେ ଅନେକ ଯୋଜନା ରହିଛି। ତେବେ ସରକାରଙ୍କ ଡ୍ରିମ୍ ପ୍ରୋଜେକ୍ଟ ତାଳଦଣ୍ଡା କେନାଲକୁ ନୂଆ ରୂପ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। କେନାଲରେ ବିଦେଶୀ ଟେକ୍ନୋଲୋଜିରେ ୱାଲ ନିର୍ମାଣ, ସୌନ୍ଦର୍ଯ୍ୟକରଣ ଓ ଆଲୋକୀକରଣ କରାଯାଉଛି। ଏହାସହ କେନାଲ ଉପରେ ଦୁଇଟି ସେତୁ ନିର୍ମାଣ ସରିଛି। ଏହି କାର୍ଯ୍ୟକୁ ନେଇ କଟକବାସୀ ବେଶ ଆନନ୍ଦିତ। ୩ କୋଟି ଟଙ୍କା ବ୍ୟୟରେ ତାଳଦଣ୍ଡା ନିକଟରେ ଚାଲିଥିବା ଆମୁଜମେଣ୍ଟ ପ୍ଲେସ୍ ନିର୍ମାଣ କାର୍ଯ୍ୟ ଏକ ମାସ ମଧ୍ୟରେ ଶେଷ କରାଯିବ। ସେହିପରି ଗଡଖାଇ ନିକଟରେ ଥିବା ସଂଗ୍ରହାଳୟ ଓ ତା'ର ପରିସରର ଉନ୍ନତୀକରଣ କାମ ଶେଷ ପର୍ଯ୍ୟାରେ ପହଞ୍ଚିଥିବାରୁ ଯାଦବ ସନ୍ତୋଷ ପ୍ରକାଶ କରିଥିଲେ। ଏହି ପରିଦର୍ଶନବେଳେ କଟକ ମହାନଗର ନିଗମ(ସିଏମ୍‌ସି) କମିଶନର ନିଖିଲ ପଓନ କଲ୍ୟାଣ ଉପସ୍ଥିତ ଥିଲେ।


ଓଟିଡିସି ପରିଚାଳନା ନିର୍ଦ୍ଦେଶକ ସଚିନ ଆର୍. ଯାଦବ ଉନ୍ନୟନ କାର୍ଯ୍ୟ ସମୀକ୍ଷା କରୁଛନ୍ତି।

# କଟକରେ ସ୍ଥାପନ ହେଉ ନେତାଜୀଙ୍କ ସୁଉଚ୍ଚ ପ୍ରତିମୂର୍ତ୍ତି

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ମଙ୍ଗୁଳି–ଜଗତପୁର,୨୧।୧(ଡି.ଏନ.ଏ.)

କଟକ–ଚୌଦ୍ୱାର ବିକାଶ ପରିଷଦ ସଭାପତି ମାନସ ପରିଡାଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ୧୦ଦଫା ସମ୍ବଳିତ ଟାଙ୍ଗୀ–ଚୌଦ୍ୱାର ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସଙ୍କ ଜରିଆରେ ଶନିବାର ପ୍ରଦାନ କରାଯାଇଛି। ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମସ୍ଥାନ କଟକରେ ଏକ ସୁଉଚ୍ଚ ପ୍ରତିମୂର୍ତ୍ତି ସ୍ଥାପନ କରାଯାଉ, ନେତାଜୀ ବ୍ୟବହାର କରୁଥିବା ଅଷ୍ଟିନ କାର୍‌କୁ ଓଡ଼ିଶା ଅଣାଯାଇ କଟକ ଓଡ଼ିଆ ବଜାରସ୍ଥିତ ସଂଗ୍ରହାଳୟରେ ରଖାଯାଉ, ନେତାଜୀ ରିସର୍ଚ୍ଚ ସେଣ୍ଟର ସ୍ଥାପନ କରାଯାଇ ତାଙ୍କ ଜୀବନୀ ବିଷୟରେ ଗବେଷଣା କରାଯାଉ, କଟକ ସହରର କିଛି ମାର୍ଗକୁ ନେତାଜୀଙ୍କ ନାମରେ ନାମିତ କରାଯିବା ପାଇଁ ଦାବି କରାଯାଇଛି। କଟକ ପୂର୍ବାଞ୍ଚଳ ଶାନ୍ତି କମିଟି ସହ–ସମ୍ପାଦକ ଅଲେଖ ଚନ୍ଦ୍ର ବେହେରା, ବିଦ୍ୟୁତ୍ ଉପଭୋକ୍ତା ସଂଘ ସଭାପତି ତୀର୍ଥାନନ୍ଦ ପଣ୍ଡା, ସାମାଜିକ କର୍ମୀ ଅଜୟ ଗୋଚ୍ଛାୟତ, ସୁକାନ୍ତ ସାହାଣୀ, ଅଶ୍ୱିନୀ ମହାରଣା, ଗୋବର୍ଦ୍ଧନ ସାହୁ, ପ୍ରୀତିରଞ୍ଜନ ଜେନା, ପ୍ରତାପ ପରିଡା, ମାନସ ନାୟକ, ଅନନ୍ତ ସାମଲ, ଆବାସ ମଲ୍ଲିକ, ପ୍ରବୀର ରଥ, ସୁଶୀଲ ମହାନ୍ତି ପ୍ରମୁଖ ଦାବିପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ।

## ଲୁଟ୍ ଘଟଣାରେ ୨ ଗିରଫ

**ଫୁଲନଖରା, ୨୧।୧(ଡି.ଏନ.ଏ.):** ଲୁଟ୍ ଅଭିଯୋଗରେ କଟକ ସଦର ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନିଆଳି ଥାନା ଅଧୀନ ବରିସଣ ଗ୍ରାମର ବିଶ୍ୱରଞ୍ଜନ ପରିଜା ଓ ସୁଆଁଳୋ ଗ୍ରାମର ସନ୍ତୋଷ କୁମାର ପାତ୍ର। ସେମାନଙ୍କଠାରୁ ୨୫୦୦ ଟଙ୍କା, ରୂପା ବ୍ରେସ୍‌ଲେଟ୍, ମନିପର୍ସ, ଆଧାର କାର୍ଡ ଓ ଏଟିଏମ୍ କାର୍ଡ ପୋଲିସ ଜବତ କରିଛି। ଗତ ୧୮ ତାରିଖ ବିଳମ୍ବିତ ରାତିରେ ଜଗତପୁର ଥାନା ଅଧୀନ ଫକୀରପୁର ଗ୍ରାମର ପ୍ରିୟରଞ୍ଜନ ମଲ୍ଲ ଭୁବନେଶ୍ୱରରୁ ବାଇକ୍ ଯୋଗେ ନିଜ ଘରକୁ ଫେରୁଥିବାବେଳେ ତେଲେଙ୍ଗାପେଣ୍ଠଠାରେ ଅଭିଯୁକ୍ତ ଦ୍ୱୟ ଅଟକାଇଥିଲେ। ପରେ ଗାଳିଗୁଲଜ କରିବା ସହ ତାଙ୍କଠାରୁ ମନିପର୍ସ, ରୂପା ବ୍ରେସ୍‌ଲେଟ୍ ଓ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଲୁଟ୍ କରିଥିଲେ। ସେ ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ପହଞ୍ଚିଥିଲେ। ସେମାନଙ୍କୁ ଦେଖି ଅଭିଯୁକ୍ତ ଦ୍ୱୟ ବ୍ୟବହାର କରୁଥିବା ବାଇକ(ନଂ.ଓଆର୍‌୦୫ଏଟି-୧୫୮୧) ଛାଡି ପଳାଇ ଯାଇଥିଲେ। ଏନେଇ ପ୍ରିୟରଞ୍ଜନ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୬/୨୩) ରୁଜୁ କରିଛି।


କଟକ ନରାଜସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ପଡ଼ିଆରେ ଶନିବାର ଅନୁଷ୍ଠିତ ପୁଷ୍ପ ପ୍ରଦର୍ଶନୀରେ ଯୁବତୀମାନେ ସେଲ୍ଫି ନେଉଛନ୍ତି।

## ଉଚ୍ଚଶିକ୍ଷା ବିଭାଗ ଉପନିର୍ଦ୍ଦେଶକଙ୍କ ବାଙ୍କୀ କଲେଜ ପରିଦର୍ଶନ

ବାଙ୍କୀ,୨୧।୧(ସ୍ୱ.ପ୍ର.)

ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଉପନିର୍ଦ୍ଦେଶକ ରଜତ କୁମାର ମାନସିଂହ ଶନିବାର ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ପରିଦର୍ଶନରେ ଆସି ବିଭିନ୍ନ ବିଭାଗ ବୁଲିବା ସହ ଓ ନାମଲେଖା ସମ୍ପର୍କରେ ପଚାରି ବୁଝିଛନ୍ତି । ଅଧ୍ୟକ୍ଷ କ୍ୟାପଟେନ ଭବାନୀ ପ୍ରସାଦ ହୋତା, ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ ମହାପାତ୍ର, ପ୍ରାଧ୍ୟାପକ ରାଜକିଶୋର ପାଲ, ପ୍ରାଧ୍ୟାପିକା ଗାୟତ୍ରୀ ନାୟକ, ଡ. ଶ୍ରୀକାନ୍ତ ଦାଶ, ପ୍ରଶାସନିକ ଅଧିକାରୀ ନିରଞ୍ଜନ ମହାନ୍ତି, ସଞ୍ଜୟ ନାୟକ, ସତିଶ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଉପନିର୍ଦ୍ଦେଶକଙ୍କୁ ବିଭିନ୍ନ ତଥ୍ୟ ପ୍ରଦାନ କରିଥିଲେ।

# ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ


ଅତିଥିଙ୍କ ଗହଣରେ ପ୍ରମାଣପତ୍ର ପାଇଥିବା ଛାତ୍ରୀମାନେ।

ଖୁଣ୍ଟୁଣୀ, ୨୧।୧(ଡି.ଏନ.ଏ.)

ଖୁଣ୍ଟୁଣୀସ୍ଥିତ ରାଧାନାଥ ରଥ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ ୧୨ ତାରିଖରୁ ଚାଲିଥିବା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଛି। ଏଥିରେ ଅଧ୍ୟକ୍ଷ ରବିନାରାୟଣ ଦାସ ପୌରୋହିତ୍ୟ କରିଥିଲେ। ପୂର୍ବାହ୍ନରେ ସଙ୍ଗୀତା ବେହେରା ଓ ନିରୂପମା ବେହେରା ଛାତ୍ରୀମାନଙ୍କୁ ଆତ୍ମରକ୍ଷା ପାଇଁ ପ୍ରଶିକ୍ଷଣ ଦେଇଥିଲେ। କ୍ରୀଡା ଶିକ୍ଷକ ସୁଧାକର ମାଳିଆଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ଅଧ୍ୟାପକ ସୁରେନ୍ଦ୍ର କୁମାର ପେଣ୍ଟଇ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସମସ୍ୟାର ମୁକାବିଲା ପାଇଁ ସରକାରଙ୍କର ଏହି ଅଭିନବ ପ୍ରୟାସ ଛାତ୍ରୀମାନଙ୍କୁ ଶାରୀରିକ ଓ ମାନସିକ ସ୍ତରରେ ଦୃଢ଼ ମନୋବଳ ଆଣିଦେବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚିତ୍ତରଞ୍ଜନ ଦାଶ, ଭାସ୍କର ଚନ୍ଦ୍ର ପଟ୍ଟନାୟକ, ଅନିରୁଦ୍ଧ ପତ୍ରୀ, ସୁରେନ୍ଦ୍ର କୁମାର ସେନାପତି, ଚକ୍ରଧର ସାହୁ, ବିକାଶ କୁମାର ସାହୁ ଉପସ୍ଥିତ ଥିଲେ। ଶିବିରରେ ଭାଗ ନେଇଥିବା ଯୁକ୍ତ୨ ପ୍ରଥମ ବର୍ଷର ୧୦୨ଜଣ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ଗୋବର୍ଦ୍ଧନ ବେଉରା ଧନ୍ୟବାଦ ଦେଇଥିଲେ।

## ଅଯୋଗ୍ୟ ବ୍ୟକ୍ତିଙ୍କ ନାଁ ପ୍ରଧାନମନ୍ତ୍ରୀ ଆବାସ ତାଲିକାରୁ ବାଦ୍ ଦିଆଯାଉ

**କଟକ ସଦର,୨୧।୧(ଡି.ଏନ୍.ଏ.):** କଟକ ସଦର ବ୍ଲକ ଅଞ୍ଚଳରେ ପ୍ରଧାନମନ୍ତ୍ରୀ ଆବାସ ଚିଠା ତାଲିକାରେ ଥିବା ଅଯୋଗ୍ୟ ବ୍ୟକ୍ତିଙ୍କ ନାଁକୁ ବାଦ୍ ଦେବା ପାଇଁ ଶନିବାର ଭାଜପା ପକ୍ଷରୁ ଅତିରିକ୍ତ ବିଡିଓ ଝାଡେଶ୍ୱର ଦାସଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପଞ୍ଚାୟତ କାର୍ଯ୍ୟାଳୟକୁ ଅଭିଯୋଗ ପତ୍ର ନେଇ ଯାଉଥିବା ବ୍ୟକ୍ତିଙ୍କୁ ଜନ ପ୍ରତିନିଧିମାନେ ଧମକ ଦେବା ବନ୍ଦ କରିବା, ଅନ୍ ଲାଇନରେ ମିଳିଥିବା ଅଭିଯୋଗପତ୍ର ସମ୍ପର୍କରେ ଆଗୁଆ ସୂଚନା ଦେବା ବନ୍ଦ କରିବା, ସାମାଜିକ ଅର୍ଥନୈତିକ ଜାତିଭିତ୍ତିକ ଜନଗଣନା (ଏସ୍‌ଇସିସି) ତାଲିକାକୁ ଅଗ୍ରାଧିକାର ଦେବା ଓ ଫନୀ ବାତ୍ୟା ସହାୟତା ପାଇ ନ ଥିବା ଲୋକଙ୍କୁ ଘର ଦିଆଯିବ ବନ୍ଦ କରିବା ପାଇଁ କଟକ ଜିଲା ଭାଜପା ଉପ ସଭାପତି ଗୋକୁଳ ପ୍ରଧାନ, ମଣ୍ଡଳ ସଭାପତି ଅଭୟ ସ୍ୱାଇଁ, ପୀୟୂଷ ରଞ୍ଜନ ପରିଡ଼ା, ଚିତ୍ତରଞ୍ଜନ ସାହୁ, ସରୋଜ ସାସମଲ ଦିଲୀପ ବସ୍ତିଆ ଓ ପ୍ରଣବ କୁମାର ମହାପାତ୍ର ଦାବି କରିଛନ୍ତି। ଶନିବାର ସୁଦ୍ଧା ଅନ୍‌ଲାଇନରେ ୩୮ଟି ଅଭିଯୋଗ ମିଳିଥିବା ଜଣାପଡିଛି।

# 'ଦସ୍ତାବିଜରୁ ମହାନଦୀର ଐତିହ୍ୟ ସମ୍ପର୍କରେ ଜାଣିହେବ'



ଯୋବ୍ରାସ୍ଥିତ ନୌବାଣିଜ୍ୟ ସଂଗ୍ରହାଳୟଠାରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

### ମହାନଦୀର ଐତିହ୍ୟ ସମ୍ପର୍କିତ ଦସ୍ତାବିଜ ଲୋକାର୍ପିତ

କଟକ ଅଫିସ,୨୧।୧

ଭାରତୀୟ ରାଷ୍ଟ୍ରୀୟ ଆର୍ଟ ଏବଂ କଲ୍‌ଚରାଲ ହେରିଟେଜ ପକ୍ଷରୁ ଶନିବାର କଟକ ଯୋବ୍ରାସ୍ଥିତ ନୌବାଣିଜ୍ୟ ସଂଗ୍ରହାଳୟଠାରେ ମହାନଦୀର ଐତିହ୍ୟ ସମ୍ପର୍କିତ ଦସ୍ତାବିଜ ଲୋକାର୍ପିତ ହୋଇଛି। ଏଥିରେ ମହାନଦୀର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ଚିତ୍ର ଉପସ୍ଥାପନ କରାଯାଇଛି। ବିଶେଷକରି ଅତୀତର ନୌବାଣିଜ୍ୟ ପରମ୍ପରାର ବିଭିନ୍ନ ଦିଗ ଉପରେ ଆଲୋକପାତ କରାଯାଇଛି। ମୁଖ୍ୟ ଅତିଥି ଅନ୍ତର୍ଜାତୀୟ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ଡ. ପ୍ରିୟମ୍ବଦା ମହାନ୍ତି ଏହାକୁ ଲୋକାର୍ପଣ କରି କହିଥିଲେ, ଏହି ଦସ୍ତାବିଜ୍ ଭବିଷ୍ୟତ ବଂଶଧର ପାଇଁ ଏକ ଅମୂଲ୍ୟ ସମ୍ପଦ। ଏଥିରୁ ଛାତ୍ରୀଛାତ୍ରମାନେ ମହାନଦୀର ଅତୀତର ଐତିହ୍ୟ ସମ୍ପର୍କରେ ବହୁ ତଥ୍ୟ ଜାଣିପାରିବେ ବୋଲି ସେ କହିଥିଲେ। ପୂର୍ବତନ ପୋଲିସ ଡିଜି ଅମିୟ ଭୂଷଣ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟ ଅତିଥି ଭାବେ ମେଜର ଜେନେରାଲ ଲଳିତ କୁମାର ଗୁପ୍ତା ଓ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର୍ ଡ. ସଞ୍ଜୟ କୁମାର ନାୟକ ଅତିଥି ଭାବରେ ଯୋଗଦେଇ କହିଥିଲେ, ପ୍ରାକୃତିକ ସୌନ୍ଦର୍ଯ୍ୟ ସହିତ ସଭ୍ୟତାର ବିକାଶ ସାଙ୍ଗକୁ ମହାନଦୀର ବିକାଶ ଘଟିଛି। ମାତ୍ର ଭୌଗୋଳିକ ଦୃଷ୍ଟିକୋଣରୁ ଏହା ଦିନକୁ ଦିନ ଅବକ୍ଷୟ ଆଡ଼କୁ ଗତି କରୁଥିବା ଚିନ୍ତାଜନକ ହୋଇପଡିଛି। ବୈକୁଣ୍ଠ ନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଦୁଇଟି ପୁସ୍ତକ 'ହେରିଟେଜ୍ ଅଫ୍ ମହାନଦୀ' ଓ 'ଭାଲି ଇନ୍ ଓଡ଼ିଶା' ଉନ୍ମୋଚିତ ହୋଇଥିଲା। ଏଥିସହ ମହାନଦୀ ଉପରେ ବିଭିନ୍ନ ସଚେତନତା ପାଇଁ କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ମୁଣ୍ଡରେ ବନ୍ଧୁକ ଲଗାଇ ଦୋକାନରୁ ମୋବାଇଲ, ଟଙ୍କା ଲୁଟ୍

ଟିଗିରିଆ,୨୧।୧(ଡି.ଏନ୍.ଏ.)

ଟିଗିରିଆ ଥାନା ଅନ୍ତର୍ଗତ ଜେମାଦେଇପୁର ମଙ୍ଗଳାବଜାର ସଂଲଗ୍ନ ଭେଜିଆ ରୋଡରେ ଥିବା ରାଜେଶ ଟ୍ରେଡର୍ସ ନାମକ ଏକ ଦୋକାନରୁ ଶନିବାର ରାତି ପ୍ରାୟ ୮ଟା୩୦ରେ ଲୁଟ୍ ହୋଇଛି। ୩ ଜଣ ଦୁର୍ବୃତ୍ତ ମୁହଁ ଘୋଡ଼ାଇ ଦୋକାନ କର୍ମଚାରୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ମୋବାଇଲ ଓ ଟଙ୍କା ଲୁଟି ନେଇଛନ୍ତି ବୋଲି ଟିଗିରିଆ ଥାନାରେ ଅଭିଯୋଗ ହୋଇଛି। ଖବର ଅନୁଯାୟୀ, ଏହି ଥାନା ଅନ୍ତର୍ଗତ ବିରିପୁଟ ଗ୍ରାମର ସୂର୍ଯ୍ୟନାରାୟଣ ମହାନ୍ତି ନାମକ ବ୍ୟକ୍ତି ରାଜେଶ ଟ୍ରେଡର୍ସ ନାମକ ଦୋକାନରେ କାମ କରନ୍ତି। ସେ ଶନିବାର ରାତିରେ ସେଠାରେ କମ୍ପ୍ୟୁଟର କାମ କରୁଥିବାବେଳେ ୩ ଜଣ ଦୁର୍ବୃତ୍ତ ଦୋକାନରେ ପହଞ୍ଚି ସଟର ପକାଇଦେଇଥିଲେ। ଏଥିସହ ସେମାନେ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ କ୍ୟାଶ ବାକ୍ସରୁ ନଗଦ ୧୨୦୦୦ ଟଙ୍କା ସମେତ ୪ ନାମୀ କମ୍ପାନୀ ଓ ୧୫ଟି ଛୋଟ ମୋବାଇଲ୍ ଲୁଟି ନେଇଥିଲେ। ଏହାର ମୂଲ୍ୟ ୧ ଲକ୍ଷ ଟଙ୍କା ହେବ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଟିଗିରିଆ ଥାନା ଅଧିକାରୀ ସୁଚିତ୍ରା ଜେନା ଘଟଣାସ୍ଥଳରେ ତଦନ୍ତ କରିଛନ୍ତି।

# କିରଣ ସ୍ମାରକୀ କ୍ରିକେଟ: ସେମିରେ ଜାକୋବିନ କ୍ଲବ


ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିବା ଲିପନ ବିଶ୍ୱାଳଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ଟିଗିରିଆ, ୨୧।୧(ଡି.ଏନ୍.ଏ )

ଟିଗିରିଆ ବ୍ଲକ ଅନ୍ତର୍ଗତ ସୋମପଡ଼ାସ୍ଥିତ ଖେଳ ପଡ଼ିଆରେ ଲିଟିଲ ଷ୍ଟାର କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ପ୍ରଥମ କିରଣ ସ୍ମାରକୀ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟରେ ଶନିବାର ଶେଷ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କାନପୁର କ୍ରିକେଟ କ୍ଲବକୁ ୩ ଉଇକେଟ୍‌ରେ ପରାସ୍ତ କରି ଜାକୋବିନ କ୍ରିକେଟ କ୍ଲବ ଚୌଦ୍ୱାର ୪ର୍ଥ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମେ କାନପୁର ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ ଓଭରରେ ୮ ଉଇକେଟ୍ ହରାଇ ୧୪୮ରନ କରିଥିଲେ। ଜବାବ୍‌ରେ ଚୌଦ୍ୱାର ଦଳ ୧୭ ଓଭରରେ ୭ ଉଇକେଟ୍ ହରାଇ ୧୪୯ ରନ କରି ବିଜୟୀ ହୋଇଥିଲେ। ମୁଖ୍ୟଅତିଥି ଭାବେ ଶ୍ରୀକାନ୍ତ ରାଉତରାୟ ଯୋଗଦେଇ 'ମ୍ୟାନ ଅଫ ଦି ମ୍ୟାଚ' ଲିପନ ବିଶ୍ୱାଳଙ୍କୁ ପୁରସ୍କୃତ କରିଥିଲେ। ଅମ୍ପାୟାର ସଲିପ ସାମନ୍ତରାୟ ଓ ଦୁର୍ଯ୍ୟୋଧନ ପ୍ରଧାନ ଖେଳ ପରିଚାଳନା କରିଥିଲେ।

## ଡ୍ରେନ୍‌ରେ ଗଳିପଡ଼ିଲା ପଥର ବୋଝେଇ ଟ୍ରକ୍



**ଚୌଦ୍ୱାର,୨୧।୧(ଡି.ଏନ୍.ଏ.):** ୫୫ନଂ. ଜାତୀୟ ରାଜପଥର ଧୁମାବତୀ ଛକ ନିକଟ ଏକ ଡ୍ରେନ୍‌ରେ ଶନିବାର ସକାଳ ପ୍ରାୟ ୮ଟାରେ ପଥର ବୋଝେଇ ଟ୍ରକ ଗଳିପଡିଛି। ଟ୍ରକ୍‌ର ପଛ ଚକ ଡ୍ରେନ୍ ଭିତରେ ଫସି ରହିଥିଲା। ଚୌଦ୍ୱାର ପୋଲିସ ପହଞ୍ଚି ପଥରକୁ ଅନ୍ୟ ଏକ ଟ୍ରକ୍‌କୁ ଅନ୍‌ଲୋଡ୍ କରିଥିଲା। ଖବରପାଇ ଡ୍ରେନ୍ ନିର୍ମାଣକାରୀ ଠିକା ସଂସ୍ଥା କର୍ମଚାରୀ ପହଞ୍ଚି ତୁରନ୍ତ ଏକ ନୂତନ ସ୍ଲାବ୍ ସେଠାରେ ପକାଇ ନିଜ ଦୁର୍ବଳତା ଲୁଚାଇ ଦେଇଥିବା ସାଧାରଣରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ମଙ୍ଗୁଳି ଛକଠାରୁ କଜଳକଣା ପର୍ଯ୍ୟନ୍ତ ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଜାରି ରହିଛି। ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ କାର୍ଯ୍ୟ ମଧ ଠିକା ସଂସ୍ଥା କରୁଛି। ହେଲେ ଖୁବ୍‌କମ୍ ଦିନ ତଳେ ନିର୍ମାଣ କରାଯାଇଥିବା ଏହି ଡ୍ରେନ୍ ଉପରେ ଭାରିଯାନ ଯିବା ଫଳରେ ଭୁଶୁଡି ପଡିଛି। ଫଳରେ ଏହାର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଟ୍ରକ୍ ଧକ୍କାରେ ମହିଳା ମୃତ

ବାଲିଅନ୍ତା,୨୧।୧(ଡି.ଏନ୍.ଏ.)

ଭୁବନେଶ୍ୱର–କଟକ ୧୬ନଂ. ଜାତୀୟ ରାଜପଥର ହଂସପାଳ କେନାଲ ଛକ ନିକଟ ଗାଡ଼ି ଶୋ'ରୁମ୍ ସମ୍ମୁଖରେ ଶନିବାର ଅପରାହ୍ନରେ ଏକ ଟ୍ରକ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ କବିତା ସିଂ(୫୩)। ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଚାଳକ ଫେରାର ହୋଇଯାଇଛନ୍ତି। ତେବେ ଏ ପର୍ଯ୍ୟନ୍ତ ଥାନାରେ ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

ସୂଚନାନୁଯାୟୀ, ମୃତାଙ୍କ ଘର କଟକ ଜିଲା ଜଗତପୁର ଥାନା ଧୀନ ମହାଜନପୁର ଗ୍ରାମରେ ହୋଇଥିବାବେଳେ ସେ ଭୁବନେଶ୍ୱର ଭରତପୁର ଥାନା ଅଧୀନ ଦୁର୍ଗାମାଧବ ନଗରର ଲେନ୍–୪ରେ ସ୍ୱାମୀ ଅଶୋକ ସିଂଙ୍କ ସହ ରହୁଥିଲେ। ସ୍ୱାମୀ ସ୍ତ୍ରୀ ଦୁହେଁ ଏକ ସ୍କୁଟିରେ କଟକରୁ ଭୁବନେଶ୍ୱର ଅଭିମୁଖେ ଆସୁଥିଲେ। ଏହି ସମୟରେ କଟକ ପଟୁ ଦ୍ରୁତ ଗତିରେ ଆସୁଥିବା ରାଜ୍ୟ ବାହାରର ଏକ ଟ୍ରକ(ଏଚ୍‌ଆର୍ ୩୮ ଏକ୍ସ– ୮୬୮୦) ଦମ୍ପତିଙ୍କ ସ୍କୁଟିକୁ ପଛପଟୁ ଧକ୍କା ଦେଇଥିଲା। ଫଳରେ କବିତାଙ୍କ ଉପରେ ଟ୍ରକର ପଛ ଚକା ଚଢିଯାଇଥିଲା। ତାଙ୍କୁ ତୁରନ୍ତ ପିସିଆର୍ ଯୋଗେ କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ଫଳରେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ଗାଡ଼ିମୋଟର ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ପାହାଳ ଥାନା ଅଧିକାରୀ ସୁଚିତ୍ରା ପରିଡ଼ା ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ। ପୋଲିସ ଦୁର୍ଘଟଣା ଘଟାଇଥିବା ଉକ୍ତ ଟ୍ରକକୁ ଜବତ କରି ଥାନାକୁ ନେଇଥିଲା। ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ରବିବାର ମୃତାଙ୍କ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି।

# ପ୍ରଶାସନ କାର୍ଯ୍ୟରେ ବିଧାୟକ ଅସନ୍ତୁଷ୍ଟ

### ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା

ନିଶ୍ଚିନ୍ତକୋଇଲି,୨୧।୧(ସ୍ୱ.ପ୍ର.)


ସମୀକ୍ଷା ବୈଠକରେ ବିଧାୟକ ଚନ୍ଦ୍ରସାରଥୀ ବେହେରା ଓ ପ୍ରଶାସନିକ ଅଧିକାରୀମାନେ।

ନିଶ୍ଚିନ୍ତକୋଲି ବ୍ଲକ ଅନ୍ତର୍ଗତ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ସଦର ନିର୍ବାଚନ ମଣ୍ଡଳୀର ୧୪ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରାଯାଇଛି। ଏହି ଅବସରରେ କଟକ ସଦର ବିଧାୟକ ଚନ୍ଦ୍ର ସାରଥୀ ବେହେରା ବ୍ଲକ ପ୍ରଶାସନ ଉପରେ ବର୍ଷିଛନ୍ତି। ବୈଠକରେ ବିଡିଓ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ସଭାପତିତ୍ୱ କରିଥିଲେ। ନିଶ୍ଚିନ୍ତକୋଇଲି ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧୀନରେ ଥିବା ୧୦ଟି ପଞ୍ଚାୟତର ୬୮ଟି ଅଙ୍ଗନୱାଡ଼ି କେନ୍ଦ୍ରକୁ ଜଳ ଯୋଗାଣ, ବିଦ୍ୟୁତ୍ ସଂଯୋଗୀକରଣ କରାଯିବା ନିମନ୍ତେ ବିଧାୟକ ପ୍ରସ୍ତାବ ଦେଇଥିଲେ। ତେବେ ଦୀର୍ଘଦିନ ଧରି ଦଶଭୁଜା ସ୍ୱୟଂସହାୟିକା ଗୋଷ୍ଠୀ ତରଫରୁ ପ୍ରଶାସନର ଜ୍ଞାତସାରରେ ନିମ୍ନମାନର ଛତୁଆ ପ୍ରଦାନ, ଛତୁଆରେ ପୋକ ବାହାରିବା ଅଭିଯୋଗ ହୋଇଥିଲେ ମଧ୍ୟ କର୍ତ୍ତୃପକ୍ଷ ଏହାକୁ ହେୟଜ୍ଞାନ କରିବାକୁ ନେଇ ବିଧାୟକ ବେହେରା ଅସନ୍ତୋଷବ୍ୟକ୍ତ କରିଥିଲେ। ଯୋଗାଣ ବିଭାଗରେ ବ୍ୟାପକ ଅନିୟମିତତା ଉପରେ କ୍ଷୋଭ ପ୍ରକାଶ କରିଥିଲେ। ନେମାଳଠାରେ ଥିବା କୃଷି ବିଭାଗ କାର୍ଯ୍ୟାଳୟରେ ଦୀର୍ଘ ଦିନ ଧରି କୌଣସି କୃଷି ଅଧିକାରୀ ନ ରହିବା ,୧୪ଟି ପଞ୍ଚାୟତର କୃଷି ସମ୍ପର୍କୀୟ କାର୍ଯ୍ୟରେ ଚରମ ଅବହେଳା ପ୍ରଦର୍ଶନ ପାଇଁ ବିଧାୟକ ବେହେରା ବିରକ୍ତିଭାବ ପ୍ରକାଶ କରିଥିଲେ। ଓଏଲ୍‌ଏମ୍ କାର୍ଯ୍ୟକ୍ରମରେ ମହିଳାମାନେ ଉପେକ୍ଷିତ ହେବା, ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ କୃଷି ଯନ୍ତ୍ରପାତି ପ୍ରଦାନରେ ଉପେକ୍ଷା କରାଯିବା, ମିଶନ ଶକ୍ତି କାର୍ଯ୍ୟକ୍ରମରେ ଅବହେଳା କରାଯିବା ସହ ସମୀକ୍ଷା ବୈଠକରେ ବିପିଏମ୍ ଉଦ୍ଦେଶ୍ୟମୂଳକ ଭାବରେ ଅନୁପସ୍ଥିତିକୁ ନେଇ ବିଧାୟକ ଅସନ୍ତୋଷ ପ୍ରକାଶ କରିଥିଲେ। ଏ ସମ୍ପର୍କରେ ଉଚ୍ଚ ପଦସ୍ଥ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିଲେ। ସେହିପରି ଭାବେ ୫–ଟି ସ୍କୁଲର ନିର୍ମାଣକାର୍ଯ୍ୟ ଓ ପଞ୍ଚାୟତର ଉନ୍ନତିମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବିଧାୟକ ବେହେରା ସମୀକ୍ଷା କରିଥିଲେ। ଶେଷରେ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ରଣା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମୀକ୍ଷା ବୈଠକରେ ସହକାରୀ ଯନ୍ତ୍ରୀ ସତ୍ୟରଞ୍ଜନ ପଣ୍ଡା, କନିଷ୍ଠ ଯନ୍ତ୍ରୀ ଅନାମ ଚରଣ ବିଶ୍ୱାଳ,ବ୍ଲକ ଶିକ୍ଷାଧିକାରୀ ଲକ୍ଷେହୀରା ଲାବଣ୍ୟବତୀ ବେହେରା, ବିଜେଡି ନେତା ରମେଶ ଚନ୍ଦ୍ର ସ୍ୱାଇଁ,ଜିଲ୍ଲାପରିଷଦ ସଭ୍ୟ ବିଳାସ ଭୋଇଙ୍କ ସମେତ ନିର୍ବାଚିତ ଲୋକପ୍ରତିନିଧିମାନେ ଉପସ୍ଥିତ ଥିଲେ।

**ଆଲୋଚନାଚକ୍ର ଛାତ୍ରୀଛାତ୍ରଙ୍କ ପାଇଁ ଉପାଦେୟ**

ପିପିଲି,(ସ୍ୱ.ପ୍ର.): ପିପିଲି କଲେଜ ପରିସରରେ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଏକ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ଡ. ଶିବ ପ୍ରସାଦ ମିଶ୍ରଙ୍କ ସଭାପତିତ୍ୱ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟ ପୂର୍ବତନ ରାଜନୀତି ବିଜ୍ଞାନ ବିଭାଗ ପ୍ରଫେସର ସଚ୍ଚିଦାନନ୍ଦ ମିଶ୍ର ଯୋଗଦେଇ ବିଭାଗରେ ନାରୀଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଲେଜର ଏନ୍‌ସିସି ଅଫିସର କ୍ୟାପଟେନ ଆଦିତ୍ୟ ପ୍ରସାଦ ରଥ ଯୋଗଦେଇ ଆଲୋଚନାଚକ୍ର ଛାତ୍ରୀଛାତ୍ରଙ୍କ ଅତ୍ୟନ୍ତ ଉପାଦେୟ ହୋଇପାରିବ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଡ. ଗଦାଧର ପ୍ରଧାନ ପରିଚାଳନା କରିଥିବାବେଳେ ପ୍ରଫେସର ରେସ୍‌ମା ସ୍ୱାଇଁ ଧନ୍ୟବାଦ ଦେଇଥିଲେ।






୨୧।୧।୨୦୨୩

| | |
|---|---|
| ୪,୩୫,୯୩୮ ଟଙ୍କା | |
| ସୁନା | ୫.୦୫୦ ଗ୍ରାମ |
| ରୁପା | ୨୦ ଗ୍ରାମ |

## ଆଜି କ'ଣ କେଉଁଠି

ପୁରୀ

- ଜିଲା ଚେସ୍ ଆସୋସିଏଶନ ପକ୍ଷରୁ ଜିଲା ବିଦ୍ୟାଳୟସ୍ତରୀୟ ଚେସ୍ ପ୍ରତିଯୋଗିତା, ବିଶ୍ୱମ୍ଭର ବିଦ୍ୟାପୀଠ, ପୂର୍ବାହ୍ନ ୧୦ଟା ୩୦।
- ବିଜେଡି ପ୍ରତିଷ୍ଠା ଦିବସ ପାଳନ, ଜଗନ୍ନାଥବଲ୍ଲଭ ଖେଳପଡ଼ିଆ, ବୀର ହରେକୃଷ୍ଣପୁର, ପୂର୍ବାହ୍ନ ୧୧ଟା।
- ଗବେଷଣା ଚକ୍ରର ଆଲୋଚନାଚକ୍ରର ଖୋଲା ଅଧିବେଶନ, ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ଅପରାହ୍ନ ୪ଟା।
- ଗ୍ଲୋରୀ ଫେଷ୍ଟ ଉଦ୍‌ଯାପନ, ବେଳାଭୂମି, ସନ୍ଧ୍ୟା ୭ଟା।

# କଚ୍ଛପ ଗତିରେ ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ

ସାକ୍ଷୀଗୋପାଳ, ୨୧।୧(ସ୍ୱ.ପ୍ର./ଡି.ଏନ୍.ଏ.)

ସତ୍ୟବାଦୀ ବ୍ଲକରେ ଜଳ ସମସ୍ୟାକୁ ନେଇ ଅଞ୍ଚଳବାସୀଙ୍କ ଚିନ୍ତା ବଢ଼ିବାରେ ଲାଗିଛି। ବ୍ଲକର ଜନସାଧାରଣଙ୍କୁ ବିଶୁଦ୍ଧ ପାଣି ଯୋଗାଇ ଦେବା ପାଇଁ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ଅନୁରୋଧ କ୍ରମେ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ଓ ପାନୀୟ ଜଳ ବିଭାଗ ପକ୍ଷରୁ ୨୦୧୫-୧୬ରୁ ୩୩ କୋଟି ଟଙ୍କା ବ୍ୟୟରେ ଏଲ୍ ଆଣ୍ଡ ଟି କମ୍ପାନୀ ଦ୍ୱାରା ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଉଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ୪୬ଟି ଗ୍ରାମର ହଜାର ହଜାର ଲୋକ ଉପକୃତ ହେବେ। ହେଲେ ଏହି ପ୍ରକଳ୍ପ ସରିବାର ସମୟସୀମା ୨୦୧୮-୧୯ରେ ଥିବାବେଳେ କଚ୍ଛପ ଗତିରେ ଚାଲିଥିବାରୁ ଏଯାଏଁ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ଫଳରେ ଅଞ୍ଚଳବାସୀ ବିଶୁଦ୍ଧ ପାନୀୟଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଏହାକୁ ନେଇ ପ୍ରଶାସନିକ ସ୍ତରରେ ବାରମ୍ବାର ବୈଠକ ବସୁଥିଲେ ମଧ୍ୟ କମ୍ପାନୀ କର୍ତ୍ତୃପକ୍ଷ ଓ ଅଧିକାରୀଙ୍କ ଅବହେଳା ଯୋଗୁ କାର୍ଯ୍ୟ ବିଳମ୍ବ ହେଉଛି। ଅପରପକ୍ଷେ ବର୍ଷେ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ସରିବ ବୋଲି ଜିଲାପାଳ କହିଛନ୍ତି।



- ୨୦୧୮-୧୯ ଯାଏ ଥିଲା କାର୍ଯ୍ୟ ଅବଧି
- ଅଧିକାରୀ- କମ୍ପାନୀ କର୍ତ୍ତୃପକ୍ଷଙ୍କ ଅବହେଳାରୁ ବିଳମ୍ବ

ଜିଲାପାଳ ଏହି ପ୍ରକଳ୍ପର କାର୍ଯ୍ୟକୁ ପ୍ରତ୍ୟକ୍ଷ ଭାବେ ଅନୁଧ୍ୟାନ କରୁଛନ୍ତି। ପୁରୀ ଏମ୍‌ପି ପିନାକୀ ମିଶ୍ର, ବିଧାୟକ ସାମନ୍ତରାୟ, ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ ପଣ୍ଡା, ଜିଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ ପ୍ରମୁଖଙ୍କ ମଧ୍ୟରେ ପୂର୍ବରୁ ବିଭିନ୍ନ ସମୟରେ ହୋଇଥିବା ଦିଶା ବୈଠକ, ଜିଲା ପରିଷଦ ଡିଆରଡିଏ ଓ ପଞ୍ଚାୟତ ସମିତି ବୈଠକରେ ଏଲ୍ ଆଣ୍ଡ ଟି ପ୍ରକଳ୍ପର ଅଧିକାରୀଙ୍କୁ ଡାକି ବିଳମ୍ବ ହେବାର କାରଣ ପଚାରିବା ସହ ବିଳମ୍ବ ପାଇଁ ଆବଶ୍ୟକ ଭିତ୍ତିଭୂମି ଯୋଗାଇ ଦେବା ପରେ ମଧ୍ୟ ପ୍ରକଳ୍ପର ପ୍ରାୟ ୪୦ପ୍ରତିଶତ କାମ ବାକି ରହିଛି। ହୋଇଥିବା ସମସ୍ତ ସମୀକ୍ଷା ବୈଠକରେ ପ୍ରକଳ୍ପ ଅଧିକାରୀଙ୍କୁ ଦିଆଯାଇଥିବା ନିର୍ଦ୍ଧାରିତ ତାରିଖ ସୁଦ୍ଧା କାମ ସରିବା ପାଇଁ ବାରମ୍ବାର ନିର୍ଦ୍ଦେଶ ଦିଆଯାଇଛି, ହେଲେ ଏହି ନିର୍ଦ୍ଦେଶକୁ ଫୁ କରିଦେବା ସହ କିଛି ଗୁରୁତ୍ୱପୂର୍ଣ୍ଣ ବୈଠକରେ ମଧ୍ୟ କମ୍ପାନୀ କର୍ତ୍ତୃପକ୍ଷ ଯୋଗ ଦେଇନାହାନ୍ତି। ଏ ନେଇ ପ୍ରକଳ୍ପ ଦାୟିତ୍ୱରେ ଥିବା ଅଧିକାରୀ ସୁଜିତ ଗିରିଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ମତାମତ ଦେବା ପାଇଁ ଏଡ଼ାଇ ଯାଇଛନ୍ତି।

### ଏମାନେ କ'ଣ କୁହନ୍ତି

"ସମସ୍ତ ବୈଠକରେ ମୁଁ ଓ ବ୍ଲକର ସମସ୍ତ ଜନପ୍ରତିନିଧି ଏ ବିଷୟରେ ଉପସ୍ଥାପନ କରିଛୁ, ହେଲେ ଏଲ୍ ଆଣ୍ଡ ଟି କମ୍ପାନୀ କିଛି ଶୁଣିବା ଅବସ୍ଥାରେ ନାହିଁ। ଆଗକୁ ଡିଆର୍‌ଡିଏ ବୈଠକରେ ଆଲୋଚନା କରାଯାଇ ଏହି କମ୍ପାନୀର ମନମୁଖି କାର୍ଯ୍ୟ ପାଇଁ କାର୍ଯ୍ୟାନୁଷ୍ଠାନ ଦାବି କରିବୁ।

**ସୁନୀଲ କୁମାର ପଣ୍ଡା, ପଞ୍ଚାୟତ ସମିତି ଅଧ୍ୟକ୍ଷ**

"ନିଜେ ପ୍ରକଳ୍ପକୁ ଅନୁଧ୍ୟାନ କରୁଛି। କିନ୍ତୁ କମ୍ପାନୀ ଠିକ୍ ସହଯୋଗ କରୁ ନଥିବାରୁ କାର୍ଯ୍ୟ ବିଳମ୍ବ ହେଉଛି। ନିକଟରେ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରେ ହୋଇଥିବା ଏକ ବୈଠକରେ କମ୍ପାନୀ କର୍ତ୍ତୃପକ୍ଷ ଉପସ୍ଥିତ ରହି ଆସନ୍ତା ୨ରୁ ୩ ମାସ ଭିତରେ କାମ ସାରିବା ପାଇଁ କହିଛନ୍ତି।

**ଅଭିମନ୍ୟୁ ବାରିକ, ବିଭାଗୀୟ ମୁଖ୍ୟ ନିର୍ବାହୀ ଯନ୍ତ୍ରୀ**

"ଏହି ପ୍ରକଳ୍ପଟି ରାଜ୍ୟ ସରକାରଙ୍କ ୫-ଟି ଅଧୀନରେ କରାଯାଉଛି। ହେଲେ ଅଧିକାରୀଙ୍କ ଉଦାସୀନତା ଯୋଗୁ କମ୍ପାନୀ ମନମୁଖି କାମ କରୁଛି। କାହାର ନିର୍ଦ୍ଦେଶ ପାଳନ କରୁନି, ତୁରନ୍ତ କମ୍ପାନୀକୁ କଳା ତାଲିକାଭୁକ୍ତ କରିବା ପାଇଁ ସରକାରଙ୍କୁ ଅନୁରୋଧ କରିବୁ।

**ରତିକାନ୍ତ ମିଶ୍ର, ଜିଲା ପରିଷଦ ସଭ୍ୟ, ୩୨ ନଂ. ଜୋନ**

"କିଛି ସାମାନ୍ୟ ସମସ୍ୟା ପାଇଁ କାର୍ଯ୍ୟ ବିଳମ୍ବ ହେଉଛି। ସେସବୁର ସମାଧାନ କରାଯାଇ ପ୍ରକଳ୍ପ ଆସନ୍ତା ୨୦୨୪ ସୁଦ୍ଧା ଅବଶିଷ୍ଟ କାର୍ଯ୍ୟ ସରିବ। ଏଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ।

ଲୋଚନ ଦାସ, ବିଡିଓ

## ସରକାରୀ ଯୋଜନାର ଲାଭ ଲୋକଙ୍କୁ ମିଳୁ

ପୁରୀ ଅଫିସ, ୨୧।୧

ପୁରୀ ଜିଲା ଉନ୍ନୟନ ସମନ୍ୱୟ ଓ ପରିଚାଳନା କମିଟି ବା ଦିଶା ବୈଠକ ଶନିବାର ଜିଲା ପରିଷଦ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ପୁରୀ ଲୋକ ସଭା ସଦସ୍ୟ ପିନାକୀ ମିଶ୍ର ଯୋଗଦେଇ ବୈଠକକୁ ଅଧ୍ୟକ୍ଷତା କରିଥିଲେ। ସମସ୍ତ ସରକାରୀ ଯୋଜନା ଜନସାଧାରଣଙ୍କ ହିତ ପାଇଁ ଉଦ୍ଦିଷ୍ଟ। ଏହାର ଲାଭ ଲୋକଙ୍କୁ ମିଳିବା ଆବଶ୍ୟକ। ତେଣୁ ପ୍ରତ୍ୟେକ ବିଭାଗ ନିଷ୍ଠାର ସହ କାର୍ଯ୍ୟ କରି ଲୋକଙ୍କୁ ତାହାର ସୁଫଳ ପ୍ରଦାନ କରିବାକୁ ସଦସ୍ୟ ମିଶ୍ର ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ବିଧାୟକ ଉମାକାନ୍ତ ସାମନ୍ତରାୟ, ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଜିଲାପାଳ ସମର୍ଥ ବର୍ମା, ଜିଲା ପରିଷଦ ସଭାପତି ସ୍ୱପ୍ନାରାଣୀ ସ୍ୱାଇଁ, ଉପାଧ୍ୟକ୍ଷ ସ୍ୱାଧୀନ ନାୟକ ପ୍ରମୁଖ ଯୋଗଦେଇ ଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ପାଇଁ ୭୫୯୪.୦୦ ଲକ୍ଷ ଟଙ୍କା ମଧ୍ୟରୁ ୪୯୫୨.୦୦ ଲକ୍ଷ ଟଙ୍କା ବିନିଯୋଗ ହୋଇଛି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା।

## ବାପଘରୁ ସ୍ତ୍ରୀ ନ ଆସିବାରୁ ସ୍ୱାମୀଙ୍କ ଆତ୍ମହତ୍ୟା

ଗୋପ,୨୧।୧(ଡି.ଏନ୍.ଏ.)- ବାପଘରୁ ସ୍ତ୍ରୀ ନ ଆସିବାରୁ ଜଣେ ବ୍ୟକ୍ତି ଶୁକ୍ରବାର ରାତିରେ ଆତ୍ମହତ୍ୟା କରିଛନ୍ତି। ଏଭଳି ଘଟଣା ପୁରୀ ଜିଲା ଗୋପ ବ୍ଲକ ଅଞ୍ଚଳରେ ଘଟିଛି। ମୃତକ ହେଲେ ଗୋପ ଥାନା ଅନ୍ତର୍ଗତ ଏରବଙ୍ଗ ଡିହସାହି ଗ୍ରାମର ଦୁଃଖିଶ୍ୟାମ ପ୍ରଧାନ(୩୫)। ଖବରପାଇ ପୋଲିସ ଶନିବାର ସକାଳେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ଏ ନେଇ ଥାନାରେ ନଂ.୪/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ଥିବାବେଳେ ପରେ ଜିଲା ସାଇଣ୍ଟିଫିକ ଟିମ୍ ଆସି ତଦନ୍ତ କରି ଫେରିଛି। ପ୍ରକାଶ ଯେ, ଦୁଃଖିଶ୍ୟାମଙ୍କ ସ୍ତ୍ରୀ ଗତ ସପ୍ତାହରେ ଏକ ଶୁଦ୍ଧିକ୍ରିୟା ନିମନ୍ତେ ବାପା ଘର ଗ୍ରାମ ପଲ୍ଲି ମାର୍କଣ୍ଡପୁରକୁ ଯାଇଥିଲେ। ଶୁକ୍ରବାର ଶୁଦ୍ଧିକ୍ରିୟା କାର୍ଯ୍ୟ ଶେଷ ହେବା ପରେ ଦୁଃଖିଶ୍ୟାମ ସ୍ତ୍ରୀଙ୍କୁ ଘରକୁ ଚାଲିଆସିବାକୁ ଟେଲିଫୋନ ମାଧ୍ୟମରେ କହିଥିଲେ। କିନ୍ତୁ ସ୍ତ୍ରୀ ଆଉ ଦୁଇଦିନ ପରେ ଯିବେ ବୋଲି କହିବାରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ସ୍ୱାମୀ ନିଜ କବାଟ ଦେଇ ରହିଥିଲେ। ରାତି ୧୦ଟାରେ ଖାଇବା ପାଇଁ ତାଙ୍କ ବଡ଼ ଭାଇ ଡାକିବାକୁ ଆସି ନ ଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ କବାଟ ନ ଖୋଲିବାରୁ ପରିବାର ଲୋକେ ସନ୍ଦେହ କରି କବାଟ ଭାଙ୍ଗିବାରୁ ଏକ ରଶି ଦ୍ୱାରା ବେକରେ ବାନ୍ଧି ବାଉଁଶରେ ଝୁଲୁଥିବା ଦେଖିଥିଲେ। ଏ ନେଇ ପୋଲିସକୁ ଅଭିଯୋଗ କରିବା ପରେ ପୋଲିସ ଶନିବାର ଆସି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଚାରିଛକ ଡାକ୍ତରଖାନା ପଠାଇ ତଦନ୍ତ କରୁଥିବା ତଦନ୍ତକାରୀ ଅଫିସର ଭାସ୍କର ମାଣିଆ ସୂଚନା ଦେଇଛନ୍ତି।




ଶ୍ରୀକ୍ଷେତ୍ରର ଯୁବ ସାଂସ୍କୃତିକ ଅନୁଷ୍ଠାନ ଜାତୀୟ ଯୁବ ସମନ୍ୱିତ କେନ୍ଦ୍ର ଆନୁକୂଲ୍ୟରେ ଅନୁଷ୍ଠିତ ଗ୍ଲୋରି ଫେଷ୍ଟରେ ଶନିବାର ଫ୍ୟାଶନ୍ ଶୋ'ରେ ଭାଗନେଇଥିବା ଯୁବତୀମାନେ।

# ଜଲ୍‌ୱା ଦେଖାଇଲେ ଗ୍ଲୋରି କୁଇନ୍

ପୁରୀ ଅଫିସ, ୨୧।୧

**ଗ୍ଲୋରି ଫେଷ୍ଟ-୨୦୨୩ର ଦ୍ୱିତୀୟ ସନ୍ଧ୍ୟା**

ଶ୍ରୀକ୍ଷେତ୍ରର ଯୁବ ସାଂସ୍କୃତିକ ଅନୁଷ୍ଠାନ ଜାତୀୟ ଯୁବ ସମନ୍ୱିତ କେନ୍ଦ୍ର ଆନୁକୂଲ୍ୟରେ ୩ଦିନିଆ ଗ୍ଲୋରି ଫେଷ୍ଟ-୨୦୨୩ ଶନିବାର ଦ୍ୱିତୀୟ ସନ୍ଧ୍ୟାରେ ଗ୍ଲୋରି କୁଇନ୍‌ଙ୍କ ଜଲ୍‌ୱା ଦେଖିବାକୁ ମିଳିଛି। ଜଣଙ୍କ ପରେ ଜଣଙ୍କ ଟ୍ୟାଲେଣ୍ଟକୁ ବିଚାରକମାନେ ତନଖି ଥିବାବେଳେ ଦର୍ଶକମାନେ ଚାହିଁ ରହିଥିଲେ। ବିଚାରକ ଭାବେ ସାହିତ୍ୟିକ ଶ୍ରୁତକୀର୍ତ୍ତି ତ୍ରିପାଠୀ, ଡ. ମୌସୁମୀ ମିଶ୍ର, ଡ. ଜୟନ୍ତ କୁମାର ଦାଶ, ଡ. ଆର୍.ଏନ୍. ବେହେରା, ଅଭିନେତା କେଦାର ମିଶ୍ର, ଅଭିନେତ୍ରୀ ଜୟା ବିଶ୍ୱାସ ଉପସ୍ଥିତ ଥିଲେ। ଗ୍ଲୋରି କୁଇନ୍ ପ୍ରତିଯୋଗିତାରେ ଗଞ୍ଜାମ ଖଲିକୋଟ ବିଶ୍ୱବିଦ୍ୟାଳୟ, ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ, ଏସ୍‌ସିଏସ୍ ସ୍ୱୟଂଶାସିତ ମହାବିଦ୍ୟାଳୟ, ଜି.ଏମ୍ ଆଇନ ମହାବିଦ୍ୟାଳୟ, ଗୋପବନ୍ଧୁ ଆୟୁର୍ବେଦିକ ମହାବିଦ୍ୟାଳୟ, ଆଞ୍ଚଳିକ ଡିଗ୍ରି କଲେଜ ଢେଙ୍କାନାଳ ହାଇଟେକ୍ କଲେଜ ଅଫ୍ ନର୍ସିଂ, ହାଇଟେକ୍ ସ୍କୁଲ୍ ଅଫ ନର୍ସିଂର ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ୨୪ଜଣ ଛାତ୍ରୀ ଫଟୋ ସେସନ୍‌ରେ ଭାଗ ନେଇଥିବାବେଳେ ସେମାନଙ୍କ ମଧ୍ୟରୁ ଫାଇନାଲ୍ ରାଉଣ୍ଡକୁ ୧୫ଜଣ ଚୟନ ହୋଇଛନ୍ତି। ଗ୍ଲୋରି କୁଇନ୍‌ଙ୍କ ନାମ ବେଳାଭୂମିରେ ଅନୁଷ୍ଠିତ ହେବାକୁ ଥିବା ରବିବାର କାର୍ଯ୍ୟକ୍ରମରେ ଘୋଷଣା କରାଯିବ। ଏହାସହ ଶନିବାର ଅନ୍ତାକ୍ଷରୀ, ବକ୍ତୃତା, ଜିଡି, ଇନ୍‌ଷ୍ଟ୍ରୁମେଣ୍ଟାଲ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ହରେକୃଷ୍ଣ ଶତପଥୀ, କାର୍ଯ୍ୟକାରୀ ଅଧ୍ୟକ୍ଷ ରାଜେଶ କୁମାର ମହାନ୍ତି, ଉପାଧ୍ୟକ୍ଷ ରାକେଶ ସାମଲ, ବିଦ୍ରୋହ କେଶରୀ ସିଂ, ପୂର୍ଣ୍ଣେନ୍ଦୁ ପଟ୍ଟନାୟକ ସାଧାରଣ ସମ୍ପାଦକ ସଂଗ୍ରାମ କେଶରୀ କାନୁନ୍‌ଗୋ, ସଂଗଠନ ସମ୍ପାଦକ ଦେବେନ୍ଦ୍ର ପ୍ରସାଦ ମହାପାତ୍ର, କୋଷାଧ୍ୟକ୍ଷ ଦାମୋଦର ଶତପଥୀ, ସାଂସ୍କୃତିକ ସମ୍ପାଦକ ଜିତେନ୍ଦ୍ର ନାଥ କଟିସ, ମୁଖପାତ୍ର ପ୍ରଦ୍ୟୁମ୍ନ ସାଥୁଆ ଓ ସୌମିତ୍ର ହରିଚନ୍ଦନ, ସମାଜସେବା ସମ୍ପାଦକ ସୌମ୍ୟରଞ୍ଜନ ମିଶ୍ର, ସଦସ୍ୟ ସଞ୍ଜୀବ ରଥଶର୍ମା, ଆଲୋକ ଚନ୍ଦ୍ର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ୨୩ରେ ଥ୍ରୋ ବଲ୍ ଫେଡ୍‌ରେଶନ କପ୍ ଚାମ୍ପିୟନଶିପ୍

ପୁରୀ ଅଫିସ, ୨୧।୧

୩୨ତମ ଥ୍ରୋ ବଲ୍ ଫେଡ୍‌ରେଶନ କପ୍ ଚାମ୍ପିୟନଶିପ୍ ଆସନ୍ତା ୨୩ ତାରିଖରେ ପୁରୀରେ ଅନୁଷ୍ଠିତ ହେବ। ଏ ନେଇ ଶନିବାର ଖାଡ଼େଶ୍ୱରୀ କ୍ଲବ୍ ପରିସରରେ ଏକ ଖବରଦାତା ସମ୍ମିଳନୀ ହୋଇଯାଇଛି। ସମ୍ମିଳନୀରେ ଆୟୋଜକଙ୍କ ପକ୍ଷରୁ କୁହାଯାଇଛି, ୨୩ରୁ ୨୫ ତାରିଖ ଯାଏଁ ଥ୍ରୋ ବଲ ଫେଡ୍‌ରେଶନ କପ୍ ଚାମ୍ପିୟନଶିପ୍ ଖାଡ଼େଶ୍ୱରୀ କ୍ଲବ୍ ଓ ତାଳବଣିଆସ୍ଥିତ ସ୍ପୋର୍ଟ ହଷ୍ଟେଲରେ ହେବ। ଦିବାରାତ୍ର ମ୍ୟାଚ ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ ଭାରତର ୧୬ଟି ଦଳ ଭାଗ ନେବେ। ସମ୍ମିଳନୀରେ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ରବି ଶଙ୍କର ପ୍ରତିହାରୀ, ଜିତେନ୍ଦ୍ର ରଞ୍ଜନ ସାମନ୍ତରାୟ, ସମ୍ପାଦକ ପାର୍ଥସାରଥୀ ମହାପାତ୍ର ଉପସ୍ଥିତ ଥିଲେ।

## ସୁରକ୍ଷା ବ୍ୟବସ୍ଥା ତଦାରଖ କଲେ ଏସ୍‌ପି

କୋଣାର୍କ,୨୧।୧(ଡି.ଏନ୍.ଏ.)

**ମାଘମେଳା ପ୍ରସ୍ତୁତି**

ଜାନୁୟାରୀ ୨୭ ଓ୨୮ ତାରିଖରେ ଚନ୍ଦ୍ରଭାଗା ତୀର୍ଥରେ ମାଘ ସପ୍ତମୀ ବୁଡ଼ ହେବ। ପୂର୍ବ ରାତିରୁ ଚନ୍ଦ୍ରଭାଗା ମେଳା ପଡ଼ିଆକୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିବ। ପ୍ରାୟ ୩ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ବୁଡ଼ ପକାଇବା ଅନୁମାନ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବା ପାଇଁ ନିଷ୍ପତ୍ତି ହୋଇଛି। ଏହି ପରିପ୍ରେକ୍ଷୀରେ ଶନିବାର ଏସ୍‌ପି କେ. ବିଶାଲ ସିଂ ଚନ୍ଦ୍ରଭାଗାରେ ପହଞ୍ଚି ସୁରକ୍ଷା ବ୍ୟବସ୍ଥା ତଦାରଖ କରିଥିଲେ। ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ଜଳ ନିଷ୍କାସନ କାର୍ଯ୍ୟ ଶେଷ ହୋଇଥିବାବେଳେ ବ୍ୟାରିକେଡ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚନ୍ଦ୍ରଭାଗା ତୀର୍ଥକୁ ଭୁବନେଶ୍ୱର, ପୁରୀ ଓ କାକଟପୁର ଅସ୍ତରଙ୍ଗରୁ ଆସୁଥିବା ଯାନବାହନ ନିୟନ୍ତ୍ରଣ, ବାଇକ୍, କାର୍ ଓ ବସ୍ ପାର୍କିଂ, ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ବ୍ୟାରିକେଡ୍ ବ୍ୟବସ୍ଥା, ଟ୍ରାଫିକ ବ୍ୟବସ୍ଥା, ତୀର୍ଥ ପୁଷ୍କରିଣୀରେ ପ୍ରବେଶ ଓ ପ୍ରସ୍ଥାନ ପଥରେ ଶ୍ରଦ୍ଧାଳୁମାନେ ଶାନ୍ତିଶୃଙ୍ଖଳାରେ ବୁଡ଼ ପକାଇବା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ମାଘ ସପ୍ତମୀ ପୂର୍ବ ଦିନ ଶୁକ୍ରବାର ଅପରାହ୍ନ ୩ଟାରୁ ହେଲିପ୍ୟାଡ ସ୍ଥାନରେ ସମସ୍ତ ଯାନବାହନ ପାର୍କିଂ କରିବ। ପୁରୀରୁ ଆସୁଥିବା ବସ୍ ମେରାଇନ ଡ୍ରାଇଭ୍ ବାଲିଘାଇ ଗୋପ ରାସ୍ତାରେ ଯାତାୟାତ କରିବ। ପୁରୀଆଡୁ ଆସୁଥିବା ବାଇକ୍ ଓ କାର୍ ବେଳାମାର୍ଗ ରାସ୍ତା ବାଳିକପିଳେଶ୍ୱର ଛକ ସୁତନ ଦେଇ ବଂଶୀ ବଜାର ଛକରେ ବାହାରି ଯାନବାହାନ ଥାନା ଛକ ଦେଇ ହେଲିପ୍ୟାଡରେ ରହିବ। ସେହିଭଳି ଭୁବନେଶ୍ୱରରୁ ଆସୁଥିବା ଯାନବାହାନ ଆଇଓସିଏଲ ବସ୍ ପାର୍କିଂ ଓ ହେଲିପ୍ୟାଡରେ ପାର୍କିଂ କରିବ। ଷଷ୍ଠୀ ରାତି ଓ ସପ୍ତମୀ ସକାଳ ପର୍ଯ୍ୟନ୍ତ ମାଜିଷ୍ଟ୍ରେଟଙ୍କ ଗାଡ଼ି, ଆମ୍ବୁଲାନ୍ସ, ପୋଲିସ, ଅଗ୍ନିଶମ ଗାଡ଼ି ପ୍ରତି କଟକଣା ଲାଗୁ ହେବ ନାହିଁ। ଗଣମାଧ୍ୟମ ଗାଡ଼ି ଚନ୍ଦ୍ରଭାଗା ମୁଖ୍ୟ ପାର୍କିଂସ୍ଥଳରେ ରହିବ। ଏସ୍‌ପିଙ୍କ ସହିତ ଅତିରିକ୍ତ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ନିମାପଡା ଏସ୍‌ଡିପିଓ ଦେବାଶିଷ ମିଶ୍ର, ଗୋପ ତହସିଲଦାର ଶେଖ ସାଗିର, ନିମାପଡ଼ା, କୋଣାର୍କ, ଚନ୍ଦ୍ରଭାଗା ମେରାଇନ ଓ ରାମଚଣ୍ଡୀ ଥାନା ଆଇଆଇସି ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ।



ତ୍ରିବେଣୀ ଅମାବାସ୍ୟା ଅବସରରେ ଶନିବାର ଅମାବାସ୍ୟା ନାରାୟଣଙ୍କୁ ସାଗର ବିଜେ କରୁଛନ୍ତି।

## ବୌଦ୍ଧପୀଠରେ ତ୍ରିବେଣୀ ମହୋତ୍ସବ

ନିମାପଡ଼ା,୨୧।୧(ଡି.ଏନ୍.ଏ.): ପବିତ୍ର ତ୍ରିବେଣୀ ଅମାବାସ୍ୟା ଅବସରରେ ପୁଣ୍ୟତୋୟା ପ୍ରାଚୀନଦୀ ତଟସ୍ଥ ପ୍ରସିଦ୍ଧ ବୌଦ୍ଧପୀଠ ବୀରସିଂହ ଗାଦିଠାରେ ପ୍ରସିଦ୍ଧ ତ୍ରିବେଣୀ ମହୋତ୍ସବ ପାଳିତ ହୋଇଯାଇଛି। ଶ୍ରଦ୍ଧାଳୁମାନେ ପ୍ରାତଃରୁ ପ୍ରାଚୀ ତୀର୍ଥରେ ତ୍ରିବେଣୀ ସ୍ନାନ, ଆରତି ଦର୍ଶନ, ସାମୂହିକ ଭାବେ ଶ୍ରୀଗୀତଗୋବିନ୍ଦ ଗାନରେ ବିଭୋର ହୋଇ ଉଠିଥିଲେ। ପୀଠରେ ବ୍ରହ୍ମଗାଦି ପୂଜନ, ଧର୍ମଚକ୍ର ଦର୍ଶନ, ନାମସଂକୀର୍ତ୍ତନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାଚୀ ସଂସ୍କୃତି ସୁରକ୍ଷା ପରିଷଦର ଆବାହକ ପଣ୍ଡିତ ତ୍ରିଲୋଚନ ମିଶ୍ର କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରାଚୀ ରହସ୍ୟ ତୀର୍ଥ ମାହାତ୍ମ୍ୟ ସମ୍ପର୍କରେ ଆଲୋକପାତ କରି ଏହାର ସୁରକ୍ଷା ପାଇଁ ସଚେତନତା କରିଥିଲେ। ପୀଠରେ କଳିଙ୍ଗ ବୌଦ୍ଧଭିକ୍ଷୁ ଉପଗୁପ୍ତଙ୍କଠାରୁ ସମ୍ରାଟ ଅଶୋକ ବୌଦ୍ଧ ଧର୍ମଦୀକ୍ଷା ନେଇ ବୌଦ୍ଧଧର୍ମକୁ ରାଷ୍ଟ୍ରଧର୍ମ ଭାବେ ଘୋଷଣା କରିଥିବା ପଣ୍ଡିତ ତ୍ରିଲୋଚନ ମିଶ୍ର କହିଛନ୍ତି।

## ୬୩ କ୍ରୀଡ଼ାବିତ୍ ଜିଲାସ୍ତରକୁ ମନୋନୀତ

ନିମାପଡ଼ା,୨୧।୧(ଡି.ଏନ୍.ଏ.)

ନିମାପଡ଼ା ପଞ୍ଚାୟତ ସମିତି ପକ୍ଷରୁ ବାରବାଟୀ ଗ୍ରାଉଣ୍ଡରେ ଆୟୋଜିତ ୨ଦିନିଆ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାର ୨ୟ ଦିବସରେ ପ୍ରାୟ ୫ଶହ ଛାତ୍ରୀଛାତ୍ର କ୍ୱାର୍ଟର ଫାଇନାଲ ଓ ସେମିଫାଇନାଲରେ ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରୁ ବିଭିନ୍ନ ପଞ୍ଚାୟତରୁ ୬୩ଜଣ କୃତୀ ଛାତ୍ରୀଛାତ୍ର ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। ଫୁଟବଲ୍ ପ୍ରତିଯୋଗିତାରେ ବଳଙ୍ଗା ପଞ୍ଚାୟତ ଚାମ୍ପିୟନ ହୋଇଥିବାବେଳେ ଧବଳେଶ୍ୱର ପଞ୍ଚାୟତ ରନର୍ସ ଅପ ହୋଇଥିଲା। ଖୋଖୋରେ ବାଳିକା ବିଭାଗରେ ବାମନାଳ ପଞ୍ଚାୟତ ଚାମ୍ପିୟନ ହୋଇଥିବାବେଳେ ବଳଙ୍ଗା ପଞ୍ଚାୟତ ରନର୍ସ ଅପ୍, ବାଳକ ବିଭାଗରେ ଡେଣୁଆଁ ପଞ୍ଚାୟତ ଚାମ୍ପିୟନ ହୋଇଥିବାବେଳେ ମିଟେଇପୁର ପଞ୍ଚାୟତ ରନର୍ସ ଅପ୍ ହୋଇଥିଲା। କବାଡ଼ିରେ ବାଳକ ରେ ଶାଇଁସଶାସନ ପଞ୍ଚାୟତ ଚାମ୍ପିୟନ ହୋଇଥିବାବେଳେ ନୂଆସନ୍ଧ ରନର୍ସ ଅପ୍, ବାଳିକାରେ ବଳଙ୍ଗା ପଞ୍ଚାୟତ ଚାମ୍ପିୟନ ଓ ତମ୍ପାଳୋ ରନର୍ସ ଅପ୍ ହୋଇଥିଲା। କ୍ରୀଡ଼ା ଶିକ୍ଷକ ରଣଜିତ୍ କେଶରୀ ନାୟକ, ସମର ବରାଳ, ବୈକୁଣ୍ଠନାଥ ଦାସ, ବିଜୟ ଦାସ, ନବଲତା ସୁରୁ, ଅର୍ଚ୍ଚନା ସ୍ୱାଇଁ, ଏଲିନା ଖୁଣ୍ଟିଆ ପ୍ରମୁଖ କ୍ରୀଡ଼ା ପରିଚାଳନା କରିଥିଲେ। ସମାରୋହରେ ଅତିଥି ଭାବେ ବିଇଓ ଦ୍ୟୁତିକାନ୍ତ ପ୍ରଧାନ, ଯନ୍ତ୍ରୀ ସୁନୀଲ ନନ୍ଦ, ପ୍ରଧାନ ଶିକ୍ଷକ ଦୁର୍ଗାପ୍ରସାଦ ବାରିକ, ଜୀବନାନନ୍ଦ ମହାପାତ୍ର, କାଉନସିଲର ଧନୁର୍ଦ୍ଧର ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରଚାରକ ଅନନ୍ତ ମିଶ୍ର ସ୍ମୃତି ପରିଷଦ ପକ୍ଷରୁ ଭକ୍ତ ସାଲବେଗ ପୀଠରେ କବି ହରିହର ମିଶ୍ରଙ୍କ ୮୨ତମ ସ୍ୱନକ୍ଷତ୍ର ଦିବସରେ ଅନୁଷ୍ଠିତ କବିତା ପାଠ ଉତ୍ସବରେ ଉପସ୍ଥିତ ଅତିଥି।

# ମେଡିକାଲ ଲିଫ୍ଟରେ ଫସିଥିଲେ ରୋଗୀ




ଜିଲା ପରିଷଦ ସମ୍ମିଳନୀ ଗୃହରେ ଅନୁଷ୍ଠିତ ଜିଲା ପରିଷଦର ୪ର୍ଥ ବୈଠକରେ ମଞ୍ଚାସୀନ ଏମ୍‌ପି, ମନ୍ତ୍ରୀ, ବିଧାୟକ ଓ ଅନ୍ୟମାନେ।

ପୁରୀ ଅଫିସ, ୨୧।୧

**ଜିଲା ପରିଷଦ ବୈଠକରେ ମେଡିକାଲ ଅବ୍ୟବସ୍ଥା ପ୍ରସଙ୍ଗ ଉଠିଲା**

ଜିଲା ସଦର ମୁଖ୍ୟ ଚିକିତ୍ସାଳୟରେ ଅବ୍ୟବସ୍ଥା ଲାଗିରହିଛି। ଶୁକ୍ରବାର ମେଡିକାଲରେ ଥିବା ଏକ ଲିଫ୍ଟ ଅଚଳ ହୋଇଯିବାରୁ ଭିତରେ ଜଣେ ମହିଳା ରୋଗୀ ଅନେକ ସମୟ ଧରି ଫସି ରହିଥିବା ଘଟଣା ସାମ୍ନାକୁ ଆସିଛି। ମାତ୍ର ଘଟଣା ସମ୍ପର୍କରେ ସିଡିଏମଓ ଏବଂ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛନ୍ତି। ଶନିବାର ଅନୁଷ୍ଠିତ ଚତୁର୍ଥ ଜିଲା ପରିଷଦ ବୈଠକରେ ଏଭଳି ସମ୍ବେଦନଶୀଳ ପ୍ରସଙ୍ଗ ଉଠାଇ ସିଡିଏମ୍‌ଓ ଓ ବ୍ୟବସ୍ଥା ଉପରେ ପୁରୀ ବିଧାୟକ ଜୟନ୍ତୀ ଷଡ଼ଙ୍ଗୀ ବର୍ଷିଥିଲେ। ଏହାକୁ ନେଇ ସମସ୍ୟାର ସମାଧାନ ଦିଗରେ ଖୁବ୍‌ଶୀଘ୍ର ଦୃଷ୍ଟି ଦିଆଯିବ ବୋଲି ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ କହିଛନ୍ତି। କିନ୍ତୁ ଏହି ପ୍ରସଙ୍ଗକୁ ନେଇ ପୁରୀ ସିଡିଏମ୍‌ଓ ରଖିଥିବା ଉତ୍ତରରେ ସାଧାରଣରେ ନାପସନ୍ଦ କରାଯାଇଛି।

ଅଲିଶା ମିଶ୍ର ନାମ୍ନୀ ରୋଗୀ ଗୁରୁତର ଅବସ୍ଥାରେ ପୁରୀ ମେଡିକାଲରେ ଚିକିତ୍ସିତ ହେବାକୁ ଯାଉଥିଲେ। ହେଲେ ଅବସ୍ଥାରେ ସୁଧାର ନ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ତେବେ ଲିଫ୍ଟ ଯୋଗେ ତାଙ୍କୁ ତଳକୁ ଅଣାଯାଉଥିବା ବେଳେ ଅଚାନକ ଲିଫ୍ଟ ଅଚଳ ହୋଇଥିଲା। ଫଳରେ ଲିଫ୍ଟରେ ଥିବା କର୍ମଚାରୀ ଚାବି ରଖିଥିବା ସିକ୍ୟୁରିଟିଙ୍କୁ ଫୋନ କରିବାରୁ ସେ ଫୋନ ଉଠାଇ ନ ଥିବା କହିଥିଲେ। ଫଳରେ ପ୍ରାୟ ଅଧଘଣ୍ଟା ଧରି ଅଚଳ ଲିଫ୍ଟରେ ରୋଗୀ ରହିଥିଲେ। ପରେ କୌଣସିମତେ ଲିଫ୍ଟ ଖୋଲିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଦୁର୍ଭାଗ୍ୟବଶତଃ ଗୁରୁତର ରୋଗୀ ଜଣକ ଅଳ୍ପକେ ବର୍ତ୍ତିଥିଲେ। ଏହି ଘଟଣା ମେଡିକାଲର ଲିଫ୍ଟ ଅବ୍ୟବସ୍ଥା ସହ କର୍ମଚାରୀଙ୍କ ଅବହେଳା ମଧ୍ୟ ପଦାରେ ପଡିଥିବାରୁ ବିଧାୟକ ଷଡଙ୍ଗୀ ନିନ୍ଦା କରିଛନ୍ତି। ଏପରିକି ଜିଲା ପରିଷଦ ବୈଠକରେ ପୁରୀ ଚିକିତ୍ସାଳୟର ଅବ୍ୟବସ୍ଥାକୁ ନେଇ ସିଡିଏମ୍‌ଓଙ୍କୁ ଦୋଷ ଦେଇଥିଲେ। ଲିଫ୍ଟ ସମସ୍ୟା ଦୀର୍ଘଦିନ ଧରି ଥିବାବେଳେ ସମାଧାନ ବଦଳରେ ପ୍ରସଙ୍ଗକୁ ଏଡ଼ାଇଯାଇଥିଲେ ସିଡିଏମ୍‌ଓ। ଅନ୍ୟପଟେ ମେଡିକାଲର ଅନେକ ସମସ୍ୟା ଉପରେ ଆଲୋଚନା ହୋଇଛି, ଯାହା ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ଦାଶ କହିଛନ୍ତି।

## ପୁରୀକୁ ସମୃଦ୍ଧ ଜିଲା କରିବାକୁ ଆହ୍ୱାନ

ପୁରୀ ଜିଲା ପରିଷଦର ୪ର୍ଥ ବୈଠକ ଶନିବାର ଜିଲା ପରିଷଦ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦର ସଭାପତି ସ୍ୱପ୍ନାରାଣୀ ସ୍ୱାଇଁ କାର୍ଯ୍ୟକ୍ରମକୁ ଅଧ୍ୟକ୍ଷତା କରି ପୁରୀକୁ ଏକ ସମୃଦ୍ଧ ଓ ବିକଶିତ ଜିଲାରେ ପରିଣତ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କ୍ରୀଡା ଓ ଯୁବ ସେବା ଓ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା, ପୁରୀ ଲୋକ ସଭା ସଦସ୍ୟ ପିନାକୀ ମିଶ୍ର, ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ପିପିଲି ବିଧାୟକ ରୁଦ୍ରପ୍ରସାଦ ମହାରଥୀ, ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଜିଲାପାଳ ସମର୍ଥ ବର୍ମା, ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର କାର୍ଯ୍ୟସୂଚୀ ଅନୁସାରେ ବୈଠକ ପରିଚାଳନା କରିଥିଲେ। ସର୍ବଶିକ୍ଷା ଅଭିଯାନର ବିବିଧ ଯୋଜନା, ଶିକ୍ଷା ବିଭାଗର ମଧ୍ୟାହ୍ନ ଭୋଜନ ଓ କୃଷି ବିଭାଗ, ଉଦ୍ୟାନ ବିଭାଗ, ଗ୍ରାମ୍ୟ ନିର୍ମାଣ ବିଭାଗ, ଗ୍ରାମୀଣ ପାନୀୟ ଜଳ ଯୋଗାଣ, ଜଳ ସେଚନ ବିଭାଗ, ଯୋଗାଣ ବିଭାଗ ଆଦି ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ନିୟମିତ ବ୍ୟବଧାନରେ ଜିଲା ପରିଷଦ ବୈଠକ ଆହ୍ୱାନ କରିବାକୁ ସଦସ୍ୟମାନେ ମତଦେଇଥିଲେ। ବୈଠକରେ କେତେକ ଜିଲାସ୍ତରୀୟ ଅଧିକାରୀମାନେ ଅନୁପସ୍ଥିତ ରହୁଥିବାରୁ ସଦସ୍ୟମାନେ କ୍ଷୋଭପ୍ରକାଶ କରିଥିଲେ। ଆଗାମୀ ବୈଠକରେ ନିଶ୍ଚିତ ଭାବେ ସେମାନେ ଉପସ୍ଥିତ ରହିବେ ବୋଲି ନିର୍ଦ୍ଦେଶ ଦିଆଯାଇଛି। ସଭାକାର୍ଯ୍ୟ ପ୍ରାରମ୍ଭରେ ୧୧ନମ୍ବର ଜୋନର ଜିଲା ପରିଷଦ ସଦସ୍ୟଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ବୈଠକରେ ଜଗତସିଂହପୁର ଏମ୍‌ପିଙ୍କ ପ୍ରତିନିଧି, ଜିଲା ପରିଷଦ ସଦସ୍ୟ ବୃନ୍ଦ, ବିଭିନ୍ନ ପଞ୍ଚାୟତ ସମିତିର ଅଧ୍ୟକ୍ଷ, ବିଭିନ୍ନ ବିଭାଗର ଅଧିକାରୀ ଓ ଲାଇନ ବିଭାଗ ଅଧିକାରୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୨ ଜାନୁୟାରୀ, ୨୦୨୩



## ଏ ସପ୍ତାହର ପ୍ରଶ୍ନ

୧– ବକ୍ସ୍ୱାହା ଖଣି ........... ରାଜ୍ୟରେ ଅବସ୍ଥିତ ?
୨– ରୁରାଲ୍ ହେଲ୍‌ଥ ଷ୍ଟାଟିଷ୍ଟିକ୍ସ ରିପୋର୍ଟ ............. ପକ୍ଷରୁ ପ୍ରକାଶ ପାଇଥାଏ ?
୩– 'ସେୟାର୍ଡ ସ୍କୁଲ୍ ବସ୍ ସିଷ୍ଟମ୍' ........... ରାଜ୍ୟରେ ଆରମ୍ଭ କରାଯାଇଛି ?
୪– ଦି ଇଣ୍ଡିଆ ଷ୍ଟୋରି ପୁସ୍ତକର ଲେଖକ ............... ?
୫– ଭାରତର ପ୍ରଥମ ପୋଷ୍ଟ ଅଫିସ୍ ............ ଠାରେ ପ୍ରତିଷ୍ଠା ହୋଇଥିଲା ?

## ଗତ ଥରର ଉତ୍ତର

୧ ଫ୍ରାନ୍ସ
୨ ଆଫ୍ରିକା
୩ ଗ୍ରୀନ୍‌ଲାଣ୍ଡ
୪ ସୁଇଜରଲାଣ୍ଡ
୫ ଇରାକୀ ଦିନାର

## ଉତ୍ତରଦାତା


ଶେଖ୍ ୟାକୁବ୍
ଗୋପ


ଜ୍ୟୋତି ରଞ୍ଜନ ରାଉତ
କଳାହାଣ୍ଡି


ରଶ୍ମି ବଳବନ୍ତରା
ଖୋର୍ଦ୍ଧା

## ଟପ୍ ୧୦

### ପୃଥିବୀର ବୃହତ୍ତମ ଆଇସ୍‌ଲାଣ୍ଡ



୧– ଗ୍ରୀନ୍‌ଲାଣ୍ଡ ........ ୨,୧୬୬,୦୮୬ ବର୍ଗ କିମି.
୨– ନ୍ୟୁ ଗିନି........ ୮୨୧,୪୦୦ ବର୍ଗ କିମି.
୩– ବର୍ନିଓ........ ୭୪୮,୧୬୮ ବର୍ଗ କିମି.
୪– ମାଡାଗାସ୍କାର ........ ୫୮୭, ୨୯୫ ବର୍ଗ କିମି.
୫– ବଫିନ୍........ ୫୦୭,୪୫୧ ବର୍ଗ କିମି.
୬– ସୁମାତ୍ରା ........ ୪୪୩, ୦୬୬ ବର୍ଗ କିମି.
୭– ହୋନ୍‌ଶୁ........ ୨୨୭,୮୯୮ ବର୍ଗ କିମି.
୮– ଭିକ୍ଟୋରିଆ ........ ୨୧୭, ୨୯୧ ବର୍ଗ କିମି.
୯– ଗ୍ରେଟ୍ ବ୍ରିଟେନ୍ ........ ୨୦୯, ୩୩୧ ବର୍ଗ କିମି.
୧୦– ଏଲେସ୍ମିଅର୍........ ୧୯୬, ୨୩୬ ବର୍ଗ କିମି.

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଯୁବ ପ୍ରତିଭା

# ପ୍ରତିଷ୍ଠିତ କଳାକାର ହେବା ଲକ୍ଷ୍ୟ



ବୟସ ମାତ୍ର ୨୧ । ହେଲେ ସେ ଏବେ ବ୍ରହ୍ମପୁର ସହରର ଜଣେ ଜଣାଶୁଣା ନାଁ । ସେ ଏକାଧାରରେ ଜଣେ ମଞ୍ଚ ଉପସ୍ଥାପକ, ଡ୍ୟାନ୍ସର, ସିଙ୍ଗର, ମଡେଲ, ଅଭିନେତା, ମିମିକ୍ରି ଆର୍ଟିଷ୍ଟ ଏବଂ ଚିତ୍ରଶିଳ୍ପୀ ମଧ୍ୟ । ଏହି ବହୁମୁଖୀ ଯୁବ ପ୍ରତିଭା ହେଉଛନ୍ତି ବ୍ରହ୍ମପୁର ଲାଞ୍ଜିପଲ୍ଲୀ ଉମାନଗର ନିବାସୀ ମାଆ ସାହିବାଣୀ ଏବଂ ବାପା ଈଶ୍ୱର ଲିମିଙ୍କ ପୁଅ ଶୁଭମ୍ । ଛୋଟ ବେଳୁ ହିଁ ସେ କେତେବେଳେ ଟିଭି ଦେଖି ନାଚ ଗୀତ କରୁଥିଲେ ତ ଆଉ କେତେବେଳେ ପେନ୍‌ସିଲ, ପେପର ଧରି ଆଙ୍କୁଥିଲେ ଭଳିକି ଭଳି ଚିତ୍ର । ନବମ ଓ ଦଶମ ଶ୍ରେଣୀରେ ପଢୁଥିବା ବେଳେ ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଜିଲାସ୍ତରରେ ଡ୍ରଇଂ ଓ ଡ୍ୟାନ୍ସରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ବର୍ତ୍ତମାନ ସୁଦ୍ଧା ବ୍ରହ୍ମପୁର ସହରରେ ପ୍ରାୟ ୧୧ରୁ ଊର୍ଦ୍ଧ୍ୱ ଷ୍ଟେଜ ଶୋ'ରେ ଭାଗନେଇ ପ୍ରଶଂସିତ ଓ ସମ୍ବର୍ଦ୍ଧିତ ହୋଇ ସାରିଛନ୍ତି । ଫ୍ୟାଶନ୍ ମଡେଲିଂ ପ୍ରତି ତାଙ୍କର ବିଶେଷ ରୁଚି ଥିବାରୁ ହାଇଦ୍ରାବାଦସ୍ଥିତ ସ୍କାଏ ମଡେଲିଂ ଇନ୍‌ଷ୍ଟିଚ୍ୟୁଟରୁ ତାଲିମ ଗ୍ରହଣ କରିଛନ୍ତି । ସେହିପରି ସ୍କେଚ ଆର୍ଟ ଓ ୱାଲ୍‌ପେଣ୍ଟିଂରେ ମଧ୍ୟ ସେ ସିଦ୍ଧହସ୍ତ । ବହୁବାର ଜିଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ସମ୍ବର୍ଦ୍ଧିତ ହୋଇ ସାରିଛନ୍ତି । ସେହିପରି ପୂର୍ବରୁ ବହୁବାର ଗୋପାଳପୁର ବିଚ୍ ଫେଷ୍ଟିଭାଲରେ ମଧ୍ୟ ନିଜର ନୃତ୍ୟକଳା ପ୍ରଦର୍ଶନ କରି ଦର୍ଶକଙ୍କ ମନୋରଞ୍ଜନ କରିବା ସହ ଜିଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ ହୋଇ ସାରିଛନ୍ତି । ବର୍ତ୍ତମାନ ସେ ଲାଞ୍ଜିପଲୀ, ରାମନଗରସ୍ଥିତ ଶ୍ୟାଡୋ ଷ୍ଟାର ଡ୍ୟାନ୍ସ ଏକାଡେମୀରେ ଜଣେ କୋରିଓଗ୍ରାଫର ଭାବେ ଉଭୟ କ୍ଲାସିକାଲ ଓ ୱେଷ୍ଟର୍ନ ଡ୍ୟାନ୍ସ ତାଲିମ ପ୍ରଦାନ କରୁଛନ୍ତି । ସେ କୁହନ୍ତି, ନିକଟରେ ଅନୁଷ୍ଠିତ ହୋଇ ଯାଇଥିବା ବ୍ରହ୍ମପୁର ସିଲ୍କ ସିଟି ଫେଷ୍ଟର ୪ର୍ଥ ସନ୍ଧ୍ୟାରେ ମୋ ଦ୍ୱାରା ତାଲିମପ୍ରାପ୍ତ ପିଲାମାନେ ଯେତେବେଳେ ଷ୍ଟେଜରେ ଡ୍ୟାନ୍ସ ପ୍ରଦର୍ଶନ କରି ପ୍ରଶଂସିତ ହେଉଥିଲେ, ମୋତେ ଯେଉଁ ଖୁସି ମିଳୁଥିଲା ତାହା ଅବର୍ଣ୍ଣନୀୟ । ତେବେ ଭବିଷ୍ୟତରେ ଜଣେ ସଫଳ ଅଭିନେତା ହୋଇ ଦର୍ଶକଙ୍କୁ ନିଜ ଅଭିନୟ, ନୃତ୍ୟ ଓ ସଙ୍ଗୀତ ଯାଦୁରେ ବାନ୍ଧି ରଖିବା ତାଙ୍କର ଲକ୍ଷ୍ୟ ବୋଲି ପ୍ରକାଶ କରନ୍ତି ଶୁଭମ୍ ।

– ତନୁଶ୍ରୀ ନାହାକ

# ବନ୍ଧୁମିଳନ



ସମୟ ସୁଅରେ ଏବେ ସମସ୍ତେ ବ୍ୟସ୍ତ। କିଏ କର୍ମମୟ ଜୀବନର ଚାପରେ ତ ଆଉ କିଏ ପାରିବାରିକ ଜଞ୍ଜାଳରେ ବନ୍ଧା। ଇଚ୍ଛା ଥିଲେ ବି ଯେମିତି କାହା ପାଇଁ କାହା ପାଖରେ ନାହିଁ ସମୟ। ଏମିତିରେ ଏବେ ଅନେକଙ୍କ ପାଇଁ ସ୍କୁଲ୍ ଆଉ କଲେଜ ବେଳର ଅପାସୋରା ସ୍ମୃତିକୁ ତାଜା କରିବାର ବଳିଷ୍ଠ ମାଧ୍ୟମ ସାଜିଛି ପୁରାତନ ବନ୍ଧୁମିଳନ ଉତ୍ସବ...



ସ୍କୁଲ ଆଉ କଲେଜ ସମୟ କାହାକୁ ବା ଭଲ ନ ଲାଗେ! ପାଠପଢ଼ାର ଯେତେ ଚାପ ଥିଲେ ବି ସାଙ୍ଗସାଥୀଙ୍କ ସହ ବିତାଉଥିବା ପ୍ରତିଟି ମୁହୂର୍ତ୍ତ ଥାଏ ଖୁବ୍ ଆନନ୍ଦଭରା। ଧୀରେ ଧୀରେ ବୟସ ବଢ଼ିବା ସହ ଏସବୁ ସମୟ ପାଲଟେ ଅତୀତର ସ୍ମୃତି। କର୍ମଜଞ୍ଜାଳ ଭିତରେ ଯେବେ ସାଙ୍ଗଟିଏର ଫୋନ୍ କଲ୍ ଆସିଯାଏ ଅବା ଫେସ୍‌ବୁକ୍‌ରେ କାହାର ଫଟୋ ଦେଖାଯାଏ, ମନେପଡ଼ିଯାଏ ସବୁ କିଛି ଏବଂ ଇଚ୍ଛା ହୁଏ ପୁଣି ଥରେ ସେହି ପୁରୁଣା ଦିନକୁ ଫେରିଯିବାକୁ। ବର୍ତ୍ତମାନ ସେହି ଅତୀତର ସ୍ମୃତିକୁ ତାଜା କରିବା ଲାଗି ଏବେ ଅନେକେ କରୁଛନ୍ତି ବ୍ୟାଚ୍‌ଫିଷ୍ଟ। ଏହାଦ୍ୱାରା ନା କେବଳ ଖୁସି ମିଳିଥାଏ ବରଂ ଲୋକ ସମ୍ପର୍କ ବୃଦ୍ଧି ହୋଇଥାଏ ; ଯାହାକି ସୁବିଧା ଅସୁବିଧା ସମୟରେ ବେଶ୍ କାମରେ ଆସିଥାଏ। ତେବେ ପୁରାତନ ଛାତ୍ରୀଛାତ୍ରଙ୍କୁ ନିଜ ଶିକ୍ଷାନୁଷ୍ଠାନ ସହ ଯୋଡ଼ି ହୋଇ ରହିବା ସହ ଏହାର ଉନ୍ନତି ପାଇଁ ସହଯୋଗ ଲକ୍ଷ୍ୟରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଛି ମୋ ସ୍କୁଲ ଏବଂ ମୋ କଲେଜ୍ ଅଭିଯାନ ନାମରେ ଏକ ଅଭିନବ ପ୍ରୟାସ। ଯାହାଦ୍ୱାରା ନିକଟ ଅତୀତରେ ହେଉ ଅବା ଦୀର୍ଘ ବର୍ଷରୁ ସ୍କୁଲ୍ କଲେଜପଢ଼ା ସାରିଥିବା ଛାତ୍ରୀଛାତ୍ରଙ୍କୁ ପୁଣି ଥରେ ବନ୍ଧୁମିଳନର ସୁଯୋଗ ମିଳିପାରୁଛି...









ବ୍ୟାଚ୍‌ଫିଷ୍ଟ କିମ୍ବା ପୁରାତନ ବନ୍ଧୁମିଳନ ଉତ୍ସବ ଆୟୋଜନ କରିବା ଏବଂ ଏହାକୁ ସୁଚାରୁ ରୂପେ ପରିଚାଳନା କରି ସଫଳ କରାଇବା ଲାଗି ଚାହୁଁଥିଲେ ଜାଣିରଖନ୍ତୁ କେତୋଟି ଟିପ୍ସ...

**କରନ୍ତୁ ଯୋଗାଯୋଗ:** ଏଭଳି ବନ୍ଧୁମିଳନ ଆୟୋଜନ କରୁଥିଲେ ସର୍ବପ୍ରଥମେ ବ୍ୟାଚ୍‌ମେଟ୍ ଅବା ଅନ୍ୟ ବ୍ୟାଚ୍‌ର ସମସ୍ତ ସଦସ୍ୟଙ୍କ ସହ ଯୋଗାଯୋଗ କରିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ପରସ୍ପର ସହ ଯୋଗାଯୋଗ କରି ଫୋନ୍ ନମ୍ବର ସଂଗ୍ରହ କରନ୍ତୁ। ଏହାକୁ ଅଧିକ ସହଜ କରିବା ଲାଗି ହ୍ୱାଟ୍ସଆପ୍, ଫେସ୍‌ବୁକ୍ ଭଳି ସୋସିଆଲ୍ ମିଡିଆ ଗ୍ରୁପ୍ ଆପଣଙ୍କୁ ବେଶ୍ ସାହାଯ୍ୟ କରିବ। ତେବେ ସାଙ୍ଗସାଥୀଙ୍କ ବ୍ୟତୀତ ନିଜର ଅଧ୍ୟାପିକା ଅଧ୍ୟାପକଙ୍କୁ ନିମନ୍ତ୍ରଣ କରିପାରିଲେ ଏହା ଅଧିକ ଆନନ୍ଦଦାୟକ ହୋଇପାରିବ।

**ଆବଶ୍ୟକ ପ୍ରି ପ୍ଲାନିଂ:** ଫିଷ୍ଟ ପାଇଁ ସମସ୍ତ ସଦସ୍ୟଙ୍କ ସହମତିକ୍ରମେ ଏକ ତାରିଖ ଠିକ୍ କରନ୍ତୁ, ଯେଉଁଦିନ ସମସ୍ତେ ଏକାଠି ହୋଇପାରିବେ। ନିଜ ସ୍କୁଲ୍ କିମ୍ବା କଲେଜ କ୍ୟାମ୍ପସ୍ ଅବା ବାହାରେ କେଉଁ ସ୍ଥାନରେ ଆୟୋଜନ କଲେ ସମସ୍ତଙ୍କୁ ସୁବିଧା ହେବ, ତାହା ମଧ୍ୟ ମିଳିତ ଭାବେ ନିଷ୍ପତ୍ତି ନିଅନ୍ତୁ। ସେହିପରି ସମସ୍ତଙ୍କ ପରାମର୍ଶ ନେଇ ଖାଦ୍ୟର ମେନୁ ସିଲେକ୍ଟ କରନ୍ତୁ। ଏହା ବ୍ୟତୀତ ବ୍ୟାନର, ଡେକୋରେଶନ୍ କିମ୍ବା ଅନ୍ୟାନ୍ୟ ବିଷୟରେ ପୂର୍ବରୁ ପ୍ଲାନିଂ କରନ୍ତୁ। ସର୍ବୋପରି କେତେଜଣ ଅଂଶଗ୍ରହଣ କରିବେ ଏବଂ ସମସ୍ତ ଫିଷ୍ଟ ପାଇଁ କେତେ ଟଙ୍କା ଖର୍ଚ୍ଚ ହେବ, ତାହାର ଏକ ବଜେଟ ପ୍ରସ୍ତୁତ କରି କିଛି ଦିନ ପୂର୍ବରୁ କଲେକ୍ଟ କରନ୍ତୁ । ଏହାଦ୍ୱାରା ଆପଣଙ୍କ କାର୍ଯ୍ୟକ୍ରମ ସୁରୁଖୁରୁରେ ହୋଇପାରିବ।

**ଶେୟାର କରନ୍ତୁ ଅନୁଭୂତି:** ଦୀର୍ଘଦିନ ପରେ ସାଙ୍ଗସାଥୀ ସହ ଏକାଠି ଦେଖାହେଲେ ସଭିଏଁ କଥାବାର୍ତ୍ତାରେ ଏତେ ମସ୍‌ଗୁଲ୍ ହୋଇଯାଆନ୍ତି ଯେ, ସମୟ କେତେବେଳେ ଚାଲିଯାଏ ଜଣାପଡ଼େନି। ତଥାପି ଏହା ମଧ୍ୟରେ ଏକରୁ ଦୁଇ ଘଣ୍ଟା ସମସ୍ତଙ୍କୁ ଅନୁଭୂତି କହିବାର ସୁଯୋଗ ଦିଅନ୍ତୁ, ଦେଖିବେ ଏହାଦ୍ୱାରା ଆପଣଙ୍କ କାର୍ଯ୍ୟକ୍ରମ ଆହୁରି ଆନନ୍ଦଦାୟକ ହୋଇପାରିବ।

**ଏଭଳି କରନ୍ତୁ ମଜା:** ବନ୍ଧୁମିଳନର ସୁଯୋଗ ସବୁବେଳେ ମିଳି ନ ଥାଏ। ତେଣୁ ଏହି ଅବସରକୁ ଅଧିକରୁ ଅଧିକ ମଜାଦାର ଏବଂ ଅଭୁଲା କରିବା ପାଇଁ ଆପଣ ଡ୍ରେସ୍‌କୋଡ୍ ବ୍ୟବସ୍ଥା କରିପାରିବେ। ସମସ୍ତେ ରାଜି ହେଲେ କିଛି ମେସେଜ୍ ଥିବା ଅବା ଟି–ଶାର୍ଟ କରି ପିନ୍ଧିପାରିବେ। ଅନ୍ତାକ୍ଷରୀ, ମ୍ୟୁଜିକ୍ ଚେୟାର କିମ୍ବା ଅନ୍ୟ କୌଣସି ଗେମ୍ ବ୍ୟବସ୍ଥା କରିପାରିଲେ ମଧ୍ୟ ଏହା ବେଶି ସ୍ମରଣୀୟ ହୋଇପାରିବ। ଏହା ସହ ନାଚଗୀତର ବ୍ୟବସ୍ଥା କଲେ ବେଶ୍ ମଜା ଲାଗିବ। ପୁରୁଣା ଦିନର ଫଟୋ ସଂଗ୍ରହ କରି ଏକ ଭିଡିଓ ଡିସ୍‌ପ୍ଲେ କରିପାରିବେ ଏବଂ ସେଥିରେ ଏଭଳି ଗୀତ ଦିଅନ୍ତୁ, ଯେପରି ପୁରୁଣା ଦିନର ସ୍ମୃତି ସତେଜ ହୋଇ ଉଠିବ।

**ଫଟୋ ଏବଂ ଭିଡିଓ:** ଯଦିଓ ବର୍ତ୍ତମାନ ସମସ୍ତଙ୍କ ପାଖରେ ମୋବାଇଲ୍ ଫୋନ୍ ଥିବାରୁ ଫଟୋ ଏବଂ ଭିଡିଓ କରିବା ସୁବିଧା ହୋଇଯାଇଛି ଏବଂ ସଭିଏଁ ସୋସିଆଲ୍ ମିଡିଆରେ ପୋଷ୍ଟ କରୁଛନ୍ତି, ତଥାପି କୌଣସି ଫଟୋଗ୍ରାଫରଙ୍କୁ ଡକାଇ ସାଙ୍ଗମାନଙ୍କ ସହ ବିତେଇଥିବା ପ୍ରତ୍ୟେକ ଖୁସି ମୁହୂର୍ତ୍ତର ଫଟୋ ଉଠାଇପାରିଲେ ସଭିଙ୍କ ପାଇଁ ସବୁ ଫଟୋ ପାଇବାରେ ସୁବିଧା ହେବ, ଯାହାକି ସବୁଦିନ ପାଇଁ ଅଭୁଲା ହୋଇ ରହିବ।

## ଏମାନେ କ'ଣ କୁହନ୍ତି

### ପୁରୁଣା ବନ୍ଧୁମାନଙ୍କୁ ଭେଟିବାର ଅନୁଭୂତି ନିଆରା



**ସୁକାନ୍ତି ସେନାପତି** (ଶିକ୍ଷୟିତ୍ରୀ, ଫୁଲନଖରା, କଟକ)– ଦୀର୍ଘ ୨୪ ବର୍ଷ ପରେ ପ୍ରଥମ ଥର ଲାଗି ଏକ ବ୍ୟାଚ୍‌ଫିଷ୍ଟର ଆୟୋଜନ କରିଥିଲୁ। ସ୍କୁଲ ପାଠପଢ଼ା ସାରିବା ପରେ ଆମ ବ୍ୟାଚ୍‌ର ସବୁ ସାଙ୍ଗ କେବେ ଏକାଠି ଭେଟି ପାରି ନ ଥିଲୁ। ଏଥିପାଇଁ ଯଥେଷ୍ଟ ପ୍ରିପ୍ଲାନିଂ କରିବା ସହ ପରସ୍ପରକୁ ଯୋଗାଯୋଗ କରି ଓଡ଼ିଶା ଭିତରେ ଏବଂ ବାହାରେ ରହୁଥିବା ସବୁ ସାଙ୍ଗ ଏକାଠି ହୋଇଥିଲୁ। ଏତେ ବର୍ଷ ପରେ ସମସ୍ତଙ୍କୁ ଭେଟିବା, କଥାବାର୍ତ୍ତା ହେବା ଏବଂ ଭୋଜି କରି ଖାଇବାର ଅନୁଭୂତି ଥିଲା ସମ୍ପୂର୍ଣ୍ଣ ନିଆରା। ସେହି ୩–୪ ଘଣ୍ଟା ସମୟରେ ଆମେ ଯେମିତି ପୁଣି ଫେରିଯାଇଥିଲୁ ସେହି ପୁରୁଣା ସ୍କୁଲ୍ ଦିନକୁ ଆଉ ମନରେ ଏକ ଅଦ୍ଭୁତ ଆନନ୍ଦ ଭରିଯାଇଥିଲା। ଶିକ୍ଷୟିତ୍ରୀ– ଶିକ୍ଷକମାନଙ୍କୁ ଭେଟି ମଧ୍ୟ ବେଶ୍ ଖୁସି ମିଳିଥିଲା।

### ସ୍ମୃତି ସାଉଁଟିବାର ବଳିଷ୍ଠ ମାଧ୍ୟମ



**ସିଦ୍ଧାନ୍ତ କୁମାର ମହାରଣା**(କର୍ମଜୀବୀ, ଭୁବନେଶ୍ୱର)– ସଫଳତା ପାଇବା ପାଇଁ ସମୟ ସୂଅରେ ଆଗେଇ ଯାଉ ଯାଉ କେବେ ପଛକୁ ଦେଖିଲେ ମନେ ପଡେ ଅନେକ ଅଭୁଲା ସ୍ମୃତି। ସ୍କୁଲ ଓ କଲେଜ ବେଳର ସାଙ୍ଗସାଥିଙ୍କ ମେଳରେ ବିତାଇ ଥିବା ପ୍ରତ୍ୟେକ ସମୟକୁ ପୁଣି ବଞ୍ଚିବାକୁ ଇଛା ହୁଏ। ସେହିସବୁ ଅନୁଭୂତିକୁ ସତେଜ କରିବା ଲାଗି ଗତ ଡିସେମ୍ବରରେ ପୁରାତନ ଛାତ୍ରୀଛାତ୍ରମାନଙ୍କୁ ନେଇ କଲେଜରେ ଏକ ଆଲୁମ୍‌ନି ମିଟ୍ ଆୟୋଜନ କରିଥିଲୁ। ଯଦିଓ ସମସ୍ତଙ୍କୁ ଯୋଗାଯୋଗ କରି ଏକାଠି କରାଇବା କଷ୍ଟକର ଥିଲା ହେଲେ ସମସ୍ତଙ୍କ ସହ ମିଶି ପୁରୁଣା ସ୍ମୃତି ସାଉଁଟିବାର ଆନନ୍ଦ ସେ କଷ୍ଟକୁ ଲାଘବ କରି ଦେଇଥିଲା। ନିଜ ବନ୍ଧୁଙ୍କ ସହ ଭେଟିବା ଓ ବଡ ଭଉଣୀଭାଇମାନଙ୍କ ସଫଳତାରେ ଅନୁପ୍ରାଣିତ ହେବା ଏହି ମିଟ୍‌ର ଉଦ୍ଦେଶ୍ୟ ଥିଲା। ସତ କହିବାକୁ ଗଲେ ନିଜ କର୍ମମୟ ଜୀବନରୁ କିଛି ସମୟ ବାହାର କରି ସଭିଙ୍କ ସହ ଏକାଠି ହେବା ଦ୍ୱାରା ମାନସିକ ସ୍ତରରେ ଏକ ସତେଜତା ଭରିଦେଇଥିଲା।

## ଜାଣନ୍ତୁ ଦୁନିଆ

# ଅଜବ ସାପ

ପୃଥିବୀରେ ସମୁଦାୟ ୩୦୦୦ରୁ ଊର୍ଦ୍ଧ୍ୱ ପ୍ରଜାତିର ସାପ ଦେଖାଯାଆନ୍ତି। କିଏ ବଡ଼ ତ କିଏ ଛୋଟ, କିଏ ଆଦୌ ବିଷାକ୍ତ ନୁହେଁ ତ କିଏ ଅତ୍ୟନ୍ତ ବିଷାକ୍ତ ଆଉ ପୁଣି କିଏ ରଙ୍ଗବେରଙ୍ଗ। ତେବେ ଜାଣିବା କେତେକ ଅଜବ ସାପ ସମ୍ପର୍କରେ...



**୧– ଟେଣ୍ଟାକିଲ୍ଡ ସ୍ନେକ୍:** ଦକ୍ଷିଣ–ପୂର୍ବ ଏସିଆରେ ଦେଖାଯାଉଥିବା ଏହି ଅଜବ ସାପଟିର ମୁଣ୍ଡରେ ଦୁଇଟି ଶିଙ୍ଗ ସଦୃଶ (ଟେଣ୍ଟାକିଲ୍) ଅଂଶ ରହିଛି। ସେଥିପାଇଁ ଏହାର ନାମ ଏପରି କରାଯାଇଛି। ଏହି ଟେଣ୍ଟାକିଲ୍ ତାକୁ ଏକ ଆଣ୍ଟିନା ଭଳି ଖାଦ୍ୟ ସଂଗ୍ରହରେ ବେଶ୍ ସାହାଯ୍ୟ କରିଥାଏ। ଏହି ସାପ ମୁଖ୍ୟତଃ ପାଣି ଭିତରେ ରହିବାକୁ ପସନ୍ଦ କରିଥାଏ। ଏହା ଏକା ସମୟରେ ୩୦ ମିନିଟ୍ ପର୍ଯ୍ୟନ୍ତ ନିଃଶ୍ୱାସ ରୋକିପାରେ। ଏହା ମାଟି ଉପରେ ଖୁବ୍ ଧୀରେ ଚାଲିପାରେ। ଏହି ସାପ ବିଷାକ୍ତ ହୋଇଥିଲେ ସୁଦ୍ଧା ମଣିଷ ପାଇଁ ବିପଦପୂର୍ଣ୍ଣ ନୁହେଁ।

**୨. ଫ୍ଲାଇଂ ସ୍ନେକ୍ :** ସାପ ପୁଣି ଉଡ଼ିପାରେ, ଏକଥା ଶୁଣିଲେ ଆଶ୍ଚର୍ଯ୍ୟ ଲାଗିପାରେ। ହେଲେ ଉଡ଼ନ୍ତା ସାପ ; ଏପରି ନାମକରଣ କରାଯିବା ପଛରେ ରହିଛି ଏକ କାରଣ। ଏହି ସାପ ଗଛଡାଳରୁ ଡାଳ ଏତେ କ୍ଷିପ୍ର ଗତିରେ ଖସି ଖସି ଯାଇଥାଏ ଏବଂ କେବେକେବେ ଖୁବ୍ ଜୋରରେ ଲମ୍ଫ ପ୍ରଦାନ କରିଥାଏ, ଯାହାକୁ ଦେଖିଲେ ତାହା ଉଡୁଥିବାର ଭ୍ରମ ସୃଷ୍ଟି କରେ। ଏହି ସାପ ପେଟର ମାଂସପେଶୀ ସାହାଯ୍ୟରେ ଖୁବ୍‌ଶୀଘ୍ର ଗଛ ଚଢ଼ିଥାଏ ଏବଂ ଅନ୍ୟ ଗଛକୁ ଡେଇଁଥାଏ। ଏହି ସାପ ଦକ୍ଷିଣ ଏସିଆ ଏବଂ ଇଣ୍ଡୋନେସିଆରେ ଦେଖାଯାଇଥା'ନ୍ତି।

**୩. ସ୍ୱାଇନୀ ବୁଶ୍ ଭାଇପର:** ଏହି ସାପକୁ ଛୋଟ ଡ୍ରାଗନ ବୋଲି ମଧ୍ୟ କେହି କେହି କହିଥା'ନ୍ତି। କାରଣ ଏହା ପିଠିରେ ଥିବା କାତିଗୁଡ଼ିକ କଣ୍ଟା ପରି। ଏହି ସାପ ବିଷାକ୍ତ ହୋଇଥିବା ବେଳେ ଏହାର ବିଭିନ୍ନ ପ୍ରକାରର ରଙ୍ଗ ରହିଛି। ଏହା ସାଧାରଣତଃ ମଧ୍ୟ ଆଫ୍ରିକାରେ ଦେଖାଯାଆନ୍ତି।



## ଓପୋର ଏ୭୮ ୫ଜି ଉନ୍ମୋଚନ

**ନୂଆଦିଲ୍ଲୀ:** ଦେଶର ପ୍ରମୁଖ ସ୍ମାର୍ଟଫୋନ୍ ବ୍ରାଣ୍ଡ୍ ଓପୋର ନୂଆ ଏ୭୮ ୫ଜି ସ୍ମାର୍ଟଫୋନ୍‌ର ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ବିଶେଷକରି ଓପୋ ଏ୭୮ ୫ଜି ଏକ ଉଚ୍ଚ କ୍ଷମତାର ୫୦୦୦ ଏମ୍ଏଏଚ୍ ବ୍ୟାଟେରି ସହ ଆସୁଛି, ଯାହା ଓପୋର ୩୩ ୱାଟ୍ ସୁପରଭିଓଓସି ଫାଷ୍ଟ ଚାର୍ଜିଙ୍ଗ୍ ଟେକ୍ନୋଲୋଜି ସହ କେବଳ ୬୦ମିନିଟ୍‌ରେ ସମ୍ପୂର୍ଣ୍ଣ ଚାର୍ଜ ହୋଇଥାଏ। ଏହା ପ୍ରାୟ ୨୩ ଘଣ୍ଟା ପର୍ଯ୍ୟନ୍ତ ଚାଲିଥାଏ । ଓପୋ ଏ୭୮ ୫ଜିରେ ପୋଟ୍ରେଟ୍‌ରେ ନ୍ୟାଚୁରାଲ ବୋକେ ଇଫେକ୍ଟ ପାଇଁ ଏକ ୫୦ ଏମ୍‌ପି ମେନ୍ ସୁଟର ଓ ଏକ ୨ଏମ୍‌ପି ଡେପ୍ଥ ସେନ୍ସର ସାମିଲ ଥିବା ଡୁଆଲ ରିୟର କ୍ୟାମେରା ରହିଛି।


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ବାବୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରିଲାଏନ୍ସ ରିଟେଲର ଅଭିବୃଦ୍ଧି ଧାରା ଜାରି

**ନୂଆଦିଲ୍ଲୀ,୨୧।୧**

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ (ଆର୍ଆଇଏଲ୍)ର ସହଯୋଗୀ କମ୍ପାନୀ ରିଲାଏନ୍ସ ରିଟେଲର ୨୦୨୨-୨୩ ଆର୍ଥିକ ବର୍ଷର ୩ୟ ତ୍ରୈମାସିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। କମ୍ପାନୀ ତା'ର ଅଭିବୃଦ୍ଧି ଧାରା ଜାରି ରଖିଛି। ବିଶେଷକରି ଚଳିତ ଆର୍ଥିକ ବର୍ଷର ଅକ୍ଟୋବରରୁ ଡିସେମ୍ବର ଶେଷ ସୁଦ୍ଧା କମ୍ପାନୀ ମୋଟ ୬୭,୬୨୩ କୋଟି ଟଙ୍କା ରାଜସ୍ୱ ଆଦାୟ କରିଛି, ଯାହା ପୂର୍ବ ବର୍ଷ ଏହି ସମାନ ଅବଧି ତୁଳନାରେ ୧୭% ଅଧିକ ରହିଛି। ଉକ୍ତ ବ୍ୟବସାୟରୁ ଟିକସ ପୂର୍ବ ଆୟ (ଇବିଆଇଟିଡିଏ) ୪,୭୭୩ କୋଟି ଟଙ୍କା ହୋଇଛି, ଯାହା ପୂର୍ବ ବର୍ଷର ସାମନ ଅବଧି ତୁଳନାରେ ୨୫% ଅଧିକ ବୋଲି କୁହାଯାଉଛି। ସେହିଭଳି ଏହା ୩ୟ ତ୍ରୈମାସରେ ସମସ୍ତ ଉପଭୋକ୍ତା ଆହରଣ ବିଭାଗରେ ଲଗାତର ଅଭିବୃଦ୍ଧି ହାସଲ କରିଥିଲାବେଳେ ତେଜରାତି ସାମଗ୍ରୀ ବ୍ୟବସାୟ ଅଭିବୃଦ୍ଧି ପୂର୍ବ ବର୍ଷର ତ୍ରୈମାସ ତୁଳନାରେ ୬୫%, ଫାଶନ ଓ ଲାଇଫଷ୍ଟାଇଲ ବ୍ୟବସାୟ ୧୩% ଏବଂ ଇଲେକ୍‌ଟ୍ରୋନିକ୍ସ ଉପକରଣକୁ ବାଦ୍ ଦେଇ ଉପଭୋକ୍ତା ଇଲେକ୍‌ଟ୍ରୋନିକ୍ସ କ୍ଷେତ୍ରରେ ବ୍ୟବସାୟିକ ଅଭିବୃଦ୍ଧି ୪୫% ହୋଇଛି। ଏହି ତ୍ରୈମାସରେ ରିଲାଏନ୍ସ ରିଟେଲ ୨୪୦୦ କୋଟି ଟଙ୍କା ନେଟ୍ ଲାଭ ହାସଲ କରିଥିବା ଜଣାପଡ଼ିଛି। ଏହି ତ୍ରୈମାସରେ ରିଲାଏନ୍ସ ରିଟେଲ ୭୮୯ ଟି ନୂଆ ଷ୍ଟୋର ଖୋଲିବା ସହ ତା'ର ଷ୍ଟୋର ଉପସ୍ଥିତିକୁ ପରିବ୍ୟାପ୍ତ କରାଇଛି ଏବଂ ୬ ନିୟୁତ ବର୍ଗଫୁଟ୍ ନୂଆ ଯୋଗ କରିବା ସହ ଚଳିତ ଆର୍ଥିକ ବର୍ଷର ୩ୟ ତ୍ରୈମାସ ଶେଷ ସୁଦ୍ଧା ମୋଟ ଷ୍ଟୋର ସଂଖ୍ୟା ୧୭,୨୨୫ରେ ପହଞ୍ଚିଛି ଏବଂ ଏହା ମୋଟ ୬୦.୨ନିୟୁତ ବର୍ଗଫୁଟ ଅଞ୍ଚଳରେ ରହିଛି। ଏହାର ଲୋକଶକ୍ତି ୪,୧୮,୦୦୦ ରୁ ଅଧିକ ରହିଥିବାବେଳେ ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ କର୍ମଚାରୀଙ୍କୁ ଅଧିକ କୁଶଳତା ଶିକ୍ଷା ଦେବା ରିଲାଏନ୍ସ ରିଟେଲର ସମାବେଶୀ ଅଭିବୃଦ୍ଧି ଲକ୍ଷ୍ୟରେ ମୁଖ୍ୟ ସ୍ଥାନ ହୋଇ ରହିଛି। ରିଲାଏନ୍ସ ରିଟେଲ ଏହି ତ୍ରୈମାସରେ ଏହାର ବିବିଧ ଏ ସମ୍ପର୍କରେ ଆର୍ଆଇଏଲ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ମୁକେଶ ଡି ଅମ୍ବାନୀ କହିଛନ୍ତି, ଗ୍ରୁପ୍‌ର ରିଟେଲ ବ୍ୟବସାୟରେ ଆଉ ଏକ ତ୍ରୈମାସରେ ମଜଭୁତ ଅଗ୍ରଗତି ପରିଲକ୍ଷିତ ହୋଇଛି। ଏପରିକି ଅଧିକରୁ ଅଧିକ ଭାରତୀୟ ଗ୍ରାହକ ରିଲାଏନ୍ସ ରିଟେଲ ଷ୍ଟୋରରେ କିଣାକିଣିକୁ ପସନ୍ଦ କରୁଛନ୍ତି। ବିଶେଷକରି ଆମେ ଗ୍ରାହକଙ୍କୁ ଉନ୍ନତର ଉତ୍ପାଦ ଓ ମୂଲ୍ୟ ଯୋଗାଇଦେବା ସହ ଲାଭ ଉପାର୍ଜନରେ ବୃଦ୍ଧି ଘଟାଇବା ଉପରେ ଦୃଷ୍ଟି ନିବଦ୍ଧ କରୁଛୁ ବୋଲି ମୁକେଶ ମତପ୍ରକାଶ କରିଛନ୍ତି। ସେହିଭଳି ରିଲାଏନ୍ସ ରିଟେଲ ଭେଞ୍ଚର୍ସ ଲିମିଟେଡ୍‌ର ଏକଜିକ୍ୟୁଟିଭ ଡାଇରେକ୍ଟର ଈଶା ଏମ୍ ଅମ୍ବାନୀ କହିଛନ୍ତି, ଆଲୋଚ୍ୟ ତ୍ରୈମାସରେ ଆମର ପ୍ରଦର୍ଶନ ଆମ ବ୍ୟବସାୟ ମଡେଲର ମଜଭୁତପଣ ଏବଂ ସାମର୍ଥ୍ୟକୁ ପ୍ରଦର୍ଶିତ କରୁଛି, ଯାହା ଆମକୁ ସବୁ ସମୟରେ ଆମ ଗ୍ରାହକମାନଙ୍କୁ ସେବା ଯୋଗାଇଦେବାକୁ ସମର୍ଥ କରୁଛି।

# ଟାଟା ଷ୍ଟିଲ୍ ମାଇନିଂର ଇ-ସେଲ୍ସ ପୋର୍ଟାଲ ଶୁଭାରମ୍ଭ



**ଭୁବନେଶ୍ୱର, ୨୧।୧**

ଟାଟା ଷ୍ଟିଲ୍ ମାଇନିଂ କମ୍ପାନୀ ପକ୍ଷରୁ ଫେରୋ ଆଲଏଜ ଏବଂ ଖଣିଜ ସମ୍ପଦ ଅନ୍‌ଲାଇନରେ ବିକ୍ରୟ ପାଇଁ ଇ-ସେଲ୍ସ ପୋର୍ଟାଲ୍‌ର ଶୁଭାରମ୍ଭ କରାଯାଇଛି। ଭୁବନେଶ୍ୱରସ୍ଥିତ ଟାଟା ଷ୍ଟିଲ ମାଇନିଂର କର୍ପୋରେଟ୍ ଅଫିସ୍‌ରେ ଶନିବାର ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କମ୍ପାନୀର ଅଧ୍ୟକ୍ଷ ଡି. ବି. ସୁନ୍ଦରା ରାମମ୍, ପରିଚାଳନା ନିର୍ଦ୍ଦେଶକ ପଙ୍କଜ କୁମାର ସତିଜା ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହି ପୋର୍ଟାଲ୍‌କୁ ଲୋକାର୍ପଣ କରାଯାଇଛି। ଏହା କ୍ଲାଉଡ୍ ଆଧାରିତ ହୋଇଥିବାବେଳେ ତାହା ଟାଟା ଷ୍ଟିଲ୍ ମାଇନିଂର ଗ୍ରାହକଙ୍କୁ ସୂଚନା ସଂଗ୍ରହ, ଅର୍ଡର ଫାଇନାଲ କରିବା ଏବଂ ରିୟଲ ଟାଇମ୍ ଆଧାରରେ ଅର୍ଡର ଟ୍ରାକ୍ କରିବାରେ ସହାୟକ ହେବ। ଏହି ଅବସରରେ ଡି. ବି. ସୁନ୍ଦରା ରାମମ୍ କହିଛନ୍ତି, 'ଏହା ଏକ ଉତ୍ତମ ପଦକ୍ଷେପ, ଯାହା ଆମ ଗ୍ରାହକଙ୍କ ପାଇଁ ଏକ ଯୋଗାଣ ଶୃଙ୍ଖଳ କରିବା ଦିଗରେ ଆମର ପ୍ରତିବଦ୍ଧତାକୁ ଦୋହରାଉଛି। ଆମ ଉତ୍ପାଦ ବିକ୍ରି କରିବା ପଦ୍ଧତିରେ ଏହି ପୋର୍ଟାଲ୍ କ୍ରାନ୍ତି ଆଣିବା ସହ ଖଣିଜ ଏବଂ ଫେରୋ ଆଲଏଜ ଶିଳ୍ପରେ ମହତ୍ତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିପାରିବ।' କମ୍ପାନୀର ବ୍ୟବସାୟିକ ଟିମ୍ ପକ୍ଷରୁ ବରିଷ୍ଠ ମହାପ୍ରବନ୍ଧକ ରାଜଶ୍ରୀ ପାଲିତଙ୍କ ନେତୃତ୍ୱରେ ଟିଏସ୍ଏମ୍ଏଲ୍ ଇ-ସେଲ୍ ପୋର୍ଟାଲ୍ ପ୍ରସ୍ତୁତ କରାଯାଇଛି। କମ୍ପାନୀର ଆଇଟି ଟିମ୍ ବୈଷୟିକ ସହାୟତା ଯୋଗାଇ ଦେଉଥିବାବେଳେ ଟାଟା ଗ୍ରୁପ୍ କମ୍ପାନୀ ମେଟାଲ୍ ଜଙ୍କସନ୍ ଦ୍ୱାରା ପୋର୍ଟାଲ୍‌କୁ ବିକଶିତ କରାଯାଇଛି।

# ଆକ୍ସିସ୍ ବ୍ୟାଙ୍କର 'ଇଭଲ୍‌ଭ'

**ଭୁବନେଶ୍ୱର,୨୧।୧**

ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ ନିକଟରେ ଜାତୀୟ ସ୍ତରର କର୍ମଶାଳାର ଆୟୋଜନ କରାଯାଇଥିଲା। ବିଶେଷକରି ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ) ପାଇଁ ବାର୍ଷିକ ଜ୍ଞାନ ବଣ୍ଟନଭିତ୍ତିକ କର୍ମଶାଳା 'ଇଭଲ୍‌ଭ'ର ୭ମ ସଂସ୍କରଣ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ସଂସ୍କରଣର ବିଷୟବସ୍ତୁ ଥିଲା 'ଭାରତୀୟ ଏସ୍ଏମ୍ଇ-ପରବର୍ତ୍ତୀସ୍ତରର ଅଭିବୃଦ୍ଧି ପାଇଁ ଗିୟର ପରିବର୍ତ୍ତନ' ଏବଂ ଉପ ବିଷୟବସ୍ତୁ ଥିଲା 'ଭାରତୀୟ ଏସ୍ଏମ୍ଇ ଗଠନ କରିବା ଲାଗି ଡିଜିଟାଲୀକରଣ ଏବଂ ଦୁନିଆର ନୂଆ ଢାଞ୍ଚାରେ ଏସ୍ଏମ୍ଇ ପାଇଁ ରପ୍ତାନି ସୁଯୋଗ'ଶୀର୍ଷକ ବିଷୟ ବସ୍ତୁ ଉପରେ ବିସ୍ତୃତ ଆଲୋଚନ ହୋଇଥିଲା। ଉକ୍ତ କର୍ମଶାଳାରେ ଆକ୍ସିସ୍ ବ୍ୟାଙ୍କର ସଭାପତି କମର୍ସିଆଲ ବ୍ୟାଙ୍କିଙ୍ଗ୍ କଭରେଜ୍ ଗ୍ରୁପ୍ (ସିବିଜି) ସିଏସ୍ଏମ୍ ଟେକ୍ନୋଲୋଜିସ୍‌ର ପ୍ରତିଷ୍ଠାତା ଓ ସିଇଓ ପ୍ରିୟଦର୍ଶୀ ନାନୁ ପାଣି ଏବଂ ଭର୍ଚୁଆଲ ଇନ୍‌ଫୋକମ୍‌ର ପ୍ରତିଷ୍ଠାତା ଅରିଜିତ ଭଟ୍ଟାଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ।


## ୬୭ତମ ଜନ୍ମଦିନ ଶୁଭେଚ୍ଛା



**ନାରାୟଣ ଚନ୍ଦ୍ର ସିହ୍ନା (ଖୋକନ/ବାବୁ)**
କିରନ-ଜ୍ୟୋତି ଭବନ, ଉପରମାଳୀସାହି, ପୁରୀ-୨

ତା ୨୨।୦୧।୨୦୨୩ରିଖ ରବିବାରଦିନ ପ୍ରତିପଦରେ ୬୭ତମ ଜନ୍ମ ତିଥି ଉତ୍ସବରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ମା' ଛିନ୍ନମସ୍ତା ଏବଂ ସ୍ୱର୍ଗତ ମାତା, ପିତା, ଗୁରୁ ଓ ଇଷ୍ଟଦେବାଦେବୀଙ୍କ ଅପାର କରୁଣାରୁ ତୁମର ଆୟୁଷ ବୃଦ୍ଧି ସଙ୍ଗେ ସଙ୍ଗେ ତୁମେ ନୀରୋଗ ରହିବ ଏବଂ ତୁମେ ପୃଥିବୀରେ ଯଶକୀର୍ତ୍ତି ଅର୍ଜନ କର, ଏହାହିଁ ବିଶ୍ୱ ବ୍ରହ୍ମାଣ୍ଡର ମହାନାୟକଙ୍କ ନିକଟରେ ପ୍ରାର୍ଥନା । କିରନ-ଜ୍ୟୋତିର ପରିବାରବର୍ଗ। ଉପରମାଳୀ ସାହି, ବଡ଼ ଡାକ୍ତରଖାନା ଛକ ନିକଟ, ପୁରୀ-୨

ଧ-୭୩୫୩୧



# Classified Everyday
0674-2580101, 2549949


MATRIMONIAL

## BRIDE WANTED

Divorcee/Widow caste no bar 40 to 50 age working woman required for Bhubaneswar based Brahmin Professor 8917227438. D-2544

Brahmin Boy 1988 5'7", B.Tech, MS. Software Engineer Imfosys "SUNASANSAR". 9937512659, 8249969649. D-2549

**Sarkar Bengali (Kayastha) 32yr/5'8" Btech ETC own Business 5Lac PA. Parents pensioners, Only Son, sister married, expects graduate Housewife, 9937164930.** D-2543

Divorce Khandayat Boy 45/MNC Manager/ P.M- 80,000. 'SUHAG' 9938199964. D-2556

## GROOM WANTED

40 ବୟସ୍କା, ସୁନ୍ଦର ଅବିବାହିତା ବ୍ରାହ୍ମଣ ସରକାରୀ ଚାକିରି କରୁଥିବା ଝିଅଙ୍କ ପାଇଁ ଯୋଗ୍ୟ ବରପାତ୍ର ଆବଶ୍ୟକ। ଯୋଗାଯୋଗ- 8658185147. D-2557


REAL ESTATE

## SALE

Duplex project at Retang Medical Station near CV Raman University, Tamando, Bhubaneswar. 7008459987. D-74185

ଭୁବନେଶ୍ୱର ଖଣ୍ଡଗିରି **AMRI Hospital** ପାଖରେ ପ୍ଲଟ୍ କିଣି ଘର କରନ୍ତୁ ଓ **Madanpur,** Gita/Gandhi College ପାଖରେ Sqft. **650/-**ରେ ମିଳୁଛି - **9348767829.** D-74173

ଭୁବନେଶ୍ୱର ପଟିଆ ଷ୍ଟେସନ **2 K.M., New Rly Station 400mtr.** ଦୂରତାରେ **yellowzone plot** ମିଳୁଛି **sqft.- 650/-. 8249081980.** D-74187

ଭୁବନେଶ୍ୱର ରସୁଲଗଡ଼ **3BHK flat,** ନଖରା ଛକ, ହଂସପାଳ ଛକ, **3BHK Duplex,** ଘରବାରି ପ୍ଲଟ୍ ସାଇ ମନ୍ଦିର, ରଙ୍ଗବଜାର, ବାଳକାଟୀ ନିକଟରେ ମିଳୁଛି। **8327785834, 9658122456.** D-74188

ଗଙ୍ଗପଡ଼ା NHରୁ 700mtr. distance (per sqft- 500/-), 200mtr. ଦୂରତାରେ (per sqft- 1000/-) ଘର କଲାଭଳି boundary ସହ ପ୍ଲଟ୍ ମିଳୁଅଛି। 6372555493. D-2502

ଭୁବନେଶ୍ୱର ନଖରା **2nd Sum Hospital** ନିକଟବର୍ତ୍ତୀ ଘରବାରି ପ୍ଲଟ୍ ଓ ହଂସପାଳ ପାଖରେ **3BHK Duplex** ମିଳୁଛି। **8327785834, 9658122456.** D-74197

କଟକ-ଭୁବନେଶ୍ୱର (Twincity)ର ମଧ୍ୟଭାଗରେ ନିର୍ମିତ Grandbazar NH-16 ରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି plot ଶସ୍ତାରେ କିଣନ୍ତୁ। ଗୃହନିର୍ମାଣ କରନ୍ତୁ। 8249422604. D-74191

ଝିଅ ବିଭାଘର ପାଇଁ ଗଙ୍ଗପଡ଼ାରେ ୩୦ ଫୁଟ ରୋଡ୍ ଥାଇ ୧୦ ଗୁଣ୍ଠ ଘରବାଡ଼ି ଜମି ବିକ୍ରି ହେବ (ଗୁଣ୍ଠ- 7,50,000/-)। 9853150290. D-74193

ଭୁବନେଶ୍ୱର ବାଲିଅନ୍ତା ଭିଙ୍ଗାରପୁରରେ 30ft ରେଭିନ୍ୟୁ ରୋଡ୍‌କୁ ଲାଗି boundary ସହ ଘରବାରି ପ୍ଲଟ୍ ବିକ୍ରିହେବ। 9984716649, 8249451709, 9437246321. D-2550

One gharabari plot with Boundary sale at Pratapanagar, Cuttack 4050 sqft near Suzuki showroom 62lakhs. -9938812818. D-73366

**Private resale plot sale measuring 2352sqft. near Chintamaniswar Temple, Laxmisagar, BBSR, cost @ 98 lakhs (only genuine buyer contact). 9938867397.** D-2531

Schedulecaste ପ୍ଲଟ୍ ଝାଁଳା 1200sqft., 9,60,000/-, ଅରଗୁଳ ଷ୍ଟେସନ 4000sqft. 14,00,000/-, ନଖରା ବ୍ରାହ୍ମଣଝରିଲୋ। 2400sqft. 24,00,000/-. 8260032051. D-74194

ଭୁବନେଶ୍ୱର ରସୁଲଗଡ଼, ନଖରା, ମଞ୍ଚେଶ୍ୱର, ହଂସପାଳ, ପାତ୍ରପଡ଼ା, ବାଳକାଟୀ, ମନ୍ଦାରବସ୍ତ, ବାରଙ୍ଗ ନିକଟରେ **flat, duplex, simplex plot** ଘରବାଡ଼ି) ସୁଲଭ ମୂଲ୍ୟରେ (ମିଳୁଛି। **7978671232 Whatsapp- 8908710655.** D-74189

**30'road, boundary** ଥାଇ **yellowzone proposed 100ft.** ପିଚୁ ରାସ୍ତାକୁ ଲାଗି ତୁରନ୍ତ ଘର କଲା ଭଳି ପ୍ଲଟ୍ ପ୍ରତାପନଗରୀ ଧାକୁଲେଇ ମନ୍ଦିର ନିକଟ ବେଲଗଛିଆରେ **12,00,000/-**ରେ ମିଳୁଛି। **9937391249, 6371915941.** D-74195

ଭୁବନେଶ୍ୱର ପିତାପଲ୍ଲୀ ଛକରୁ **200mtr** ଦୂରରେ **BDA yellowzone** ପ୍ଲଟ୍ **boundary** ସହ ମିଳୁଅଛି। **8338932027, 7978676652.** D-74192

କଳାରାହାଙ୍ଗ **(New Railway Station)** ପାଖରେ **SC, General plot** ମିଳୁଛି। **7008492511.** D-2509

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

ଭୁବନେଶ୍ୱର ବାଲିଅନ୍ତା ପୋଲିସ ଷ୍ଟେସନ ପାଖରେ ଘରବାରି ପ୍ଲଟ୍ 30'Road, Electricity ଥାଇ ମିଳୁଛି। (Boundary, registration free). 9337922588. D-74190

**Residential gharabari plot with boundary wall inside 7 Family Complex, Safety, Secured, Brahmin Culture Family Stayed, 6 K.M. from Nakhara, Cuttack. 7809525452.** D-74630

ଭୁବନେଶ୍ୱର ହଂସପାଳଛକରୁ **5 K.M.** ମଧ୍ୟରେ ବେଣୁପୁରରେ **30'** ରାସ୍ତାକୁ ଲାଗି ଘରବାରି, ପାଚେରି, ଇଲେକ୍ଟ୍ରିସିଟି, ନାମ ଫଳକ ସହ ପ୍ଲଟ୍ ବିକ୍ରିହେବ। **6371364640, 9776366322.** D-74184

**NH side plot (gharabari, boundarywall), Nakhara to Niali road, Cuttack. 8249851363.** D-74628

Plot Sale at Nearby Sum Hospital, Mendhasala Bhubaneswar. 30ft Road, Plantation, Electricity, NH-16 Side, Price Rs-1050/-, Rs-1250/-. 7749892855, 8144855184, 9556392667. D-2449

Gharabari plot size 1200sqft. onwards price Rs399/-sqft., 30'road, instant possession and registration infront of Trahiachyuta Ashram, Balakati 19km from Bhubaneswar Railwaystation. Whatsapp- 9438288800 (finance available upto 70%). D-73365

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


CONSTRUCTION

**Construct your home @850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469.** D-74186




Asribad Panchakarma herbal SPA Kesarimall, Bhubaneswar. Contact: 8926173473. D-74632

Full body massage in homely Atmospher all therapy. Mob: 8114881641. D-73420

Newly open full body massage ladies and gents. 8327740003, 8093860513. D-74631

Newly open health benefits SPA special offer@999 Nayapalli. 7846814019. D-73676

Revitalize your-self with our ayurvedic massage and refreshment. Contact: 8984068198. D-74509

## BUSINESS

ନୂଆ କିମ୍ବା ପୁରୁଣାଘରେ ଉଇ, ଅସରପା, ଝିଟିପିଟିମାନଙ୍କଠାରୁ ସୁରକ୍ଷିତ ରହିବା ପାଇଁ ଯୋଗାଯୋଗ। PPC Pvt. Ltd. 7008004207, 9337237147. D-74196

## AFFIDAVIT

By the virtue of an affidavit dt. 20.01.2023 before the Notary Public, Sukinda, Jajpur, I Mamata Swain, At- Telia, P.O.- Hatasahi, P.S.- Panikoili, Dist.- Jajpur-755043 have changed my name from Mamata Swain to Mamata Biswal according to my husband's surname i.e. Bidyadhar Biswal for all the future purpose. D-2546

An affidavit before the Notary Public, At- tabira, I Gunnam Supriya, W/o- Gunnam Bulli Veera Babu, R/o- village- Khairpali, PO- Larasara, Dist. Bargarh declare that in certificate issued by Board of Secondary Education, Andhra Pradesh of my son Gunnam Sai Prasant, I am known as Supriya. The names Gunnam Supriya and Supriya is one and same person. Henceforth I will be known as Gunnam Supriya for all purposes. D-2555

An affidavit before the Notary Public, At- tabira, I Gunnam Bulli Veera Babu, R/o- village- Khairpali, PO- Larasara, Dist. Bargarh declare that in certificate issued by Board of Secondary Education, Andhra Pradesh of my son Gunnam Sai Prasant, I am known as Bulli Veerababu. The names Gunnam Bulli Veera Babu and Bulli Veerababu is one and same person. Henceforth I will be known as Gunnam Bulli Veera Babu for all purposes. D-2554

## ମନେ ପଡ଼ନ୍ତି

### ୧୧ତମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ସୁଶୀଳା ସାହୁ**
ଆଚାର୍ଯ୍ୟ ବିହାର, ଭୁବନେଶ୍ୱର
ତିରୋଧାନ: ୨୪।୦୧।୨୦୧୨
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ, ତ୍ୟାଗ ଓ ଭଲପାଇବା ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ ।
ଧ-୭୧୫୫୨

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ସାବିତ୍ରୀ ବେହେରା**
ଆବିର୍ଭାବ: ୦୩।୧୦।୧୯୫୨
ତିରୋଧାନ: ୧୩।୦୧।୨୦୨୩
ମାଘ କୃଷ୍ଣପକ୍ଷ, ସପ୍ତମୀ, ହସ୍ତୀ ନକ୍ଷତ୍ର
ତୁମର ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ଦିପକ, ବାବୁଲି, ପୁପୁନା, ତପନ, କେଦାର, ଚଗଲି, ବୁଢ଼ୀ, ମିନି, କୁନି, ନିହାର ।
ଧ-୭୪୦୩୬

### ଷଷ୍ଠ ଶ୍ରାଦ୍ଧବାର୍ଷିକ ଶ୍ରଦ୍ଧାଞ୍ଜଳି



**୰ଗୋପାଳ ଚନ୍ଦ୍ର ସେଠୀ**
ପ୍ଲଟ୍ ନଂ.-୮୫, ଗୌତମ ନଗର, ଭୁବନେଶ୍ୱର
ତିରୋଧାନ- ୨୩।୦୧।୨୦୧୭
ଗୋଟି ଗୋଟି କରି ଛଅଟି ବରଷ
କାଟି ଦେଲି ତୁମ ବିନା
କେତେ ଝଡ଼ ଝଞ୍ଜା ସହିଲିଣି ମୁହିଁ
ହୋଇ ନାହିଁ ବାଟ ବଣା
ଛାଡ଼ି ଚାଲିଗଲ ଅଫେରା ରାଇଜେ
ରଖି ଦେଇଗଲ ତ୍ରୁଟି
ଝୁରୁଛି ଝୁରିବି ଚିରଦିନ ମୁହିଁ
କେବେ ନ ହେବ ସେ ଇତି ।
ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥ ଓ ସାଇ ବାବାଙ୍କୁ ବିନୀତ ପ୍ରାର୍ଥନା।
ଶୋକସନ୍ତପ୍ତ: ସ୍ତ୍ରୀ, ସେଠୀ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୭୧୩୬୨

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

# ଜୋକୋଭିଚ୍ ଚତୁର୍ଥ ରାଉଣ୍ଡରେ, ମୁରେ ପରାସ୍ତ



ଫ୍ରାନ୍ସର ଉଗୋ ହମ୍‌ବର୍ଟଙ୍କ ବିପକ୍ଷ ମ୍ୟାଚ ଜିତିବା ପରେ ସୁଇଜରଲାଣ୍ଡର ହୋଲ୍‌ଗର ରୁନ୍।

**ମେଲବୋର୍ନ, ୨୧।୧(ଏପି)**

ସର୍ବୀୟ ଟେନିସ ଷ୍ଟାର ନୋଭାକ୍ ଜୋକୋଭିଚ୍ ଅଷ୍ଟ୍ରେଲିଆନ ଓପନ ପୁରୁଷ ସିଙ୍ଗଲ୍ସ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଥିବା ବେଳେ ୩ଥର ଗ୍ରାଣ୍ଡସ୍ଲାମ ବିଜେତା ଆଣ୍ଡି ମୁରେ ତୃତୀୟ ରାଉଣ୍ଡରୁ ବିଦାୟ ନେଇଛନ୍ତି। ୨୧ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଜୋକୋଭିଚ୍ ତାଙ୍କର ୯ଟି ଟାଇଟଲ କେବଳ ମେଲବୋର୍ନ ପାର୍କରେ ଜିତିଛନ୍ତି। ତୃତୀୟ ରାଉଣ୍ଡରେ ସେ ବିଶ୍ୱର ୨୭ନମ୍ବର ମାନ୍ୟତାପ୍ରାପ୍ତ ଗ୍ରିଗୋର ଦିମିତ୍ରୋଭଙ୍କୁ ୭-୬ (୭), ୬-୩, ୬-୪ରେ ହରାଇ ଦେଇଛନ୍ତି। ଏହାଦ୍ୱାରା ସେ ଏଠାରେ ତାଙ୍କର କ୍ରମାଗତ ୨୪ ମ୍ୟାଚ ବିଜୟ ହାସଲ କରିଛନ୍ତି। ଅନ୍ୟପକ୍ଷରେ ପ୍ରଥମ ଦୁଇ ରାଉଣ୍ଡରେ ଦୁଇଟି ମାରାଥନ ମ୍ୟାଚ ଖେଳିଥିବା ୩୫ ବର୍ଷୀୟ ମୁରେ ତୃତୀୟ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଏଠାରେ ୫ଥର ଫାଇନାଲିଷ୍ଟଙ୍କୁ ରବର୍ଟୋ ବଟିଷ୍ଟା ଅଗଟ ୬-୧, ୬-୭ (୭), ୬-୩, ୬-୪ରେ ହରାଇ ଦେଇଛନ୍ତି। ଏହି ସପ୍ତାହରେ ମୁରେ କୋର୍ଟରେ ୧୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତାଇଛନ୍ତି। ପ୍ରଥମ ରାଉଣ୍ଡରେ ସେ ଏକ ୫ ସେଟ୍ ବିଶିଷ୍ଟ ମ୍ୟାଚ ଜିତିଥିଲେ। ଅନ୍ୟଟି ଦ୍ୱିତୀୟ ରାଉଣ୍ଡରେ ସେ ଖେଳିଥିଲେ, ଯାହାକି ବିଳମ୍ବିତ ରାତି ୪ଟା ପର୍ଯ୍ୟନ୍ତ ଚାଲିଥିଲା। ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଆମେରିକାର ପୁରୁଷ ଟେନିସ ଖେଳାଳିମାନେ ଅଷ୍ଟ୍ରେଲିଆନ ଓପନରେ ଭଲ ପ୍ରଦର୍ଶନ କରି ଆସୁଛନ୍ତି। ଏଥର ଟମି ପଲ୍(୨୫ବର୍ଷ ବୟସ), ଜେ.ଜେ. ଓଫ୍ (୨୪ ବର୍ଷ), ସେବାଷ୍ଟିଆନ କୋର୍ଡା (୨୨ବର୍ଷ) ଓ ବେନ୍ ଶେଲ୍‌ଟନ (୨୦ବର୍ଷ) ସମସ୍ତେ ପ୍ରଥମ ଥର ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ୫ମ ସିଡ୍ ରୁଷିଆର ଆନ୍ଦ୍ରେ ରୁବ୍ଲେଭ ଓ ଡେନ୍‌ମାର୍କର ୧୯ବର୍ଷୀୟ ଯୁବ ଖେଳାଳି ହୋଲ୍‌ଗର ରୁନ୍ ଚତୁର୍ଥ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ରୁନ୍ ଉଗୋ ହମ୍‌ବର୍ଟଙ୍କୁ ୬-୪, ୬-୨, ୭-୬ (୫) ସେଟ୍‌ରେ ହରାଇ ଦେଇଛନ୍ତି।

ଏଥର କେତେକ ଉଚ୍ଚ ର୍ୟାଙ୍କିଙ୍ଗପ୍ରାପ୍ତ ଖେଳାଳି ପ୍ରାରମ୍ଭରୁ ବିଦାୟ ନେଇଛନ୍ତି। ସେମାନଙ୍କ ମଧ୍ୟରେ ରହିଛନ୍ତି ନମ୍ବର ୱାନ ରାଫାଲ ନାଡାଲ (ଆମେରିକାର ମ୍ୟାକେଞ୍ଜି ମ୍ୟାକ୍‌ଡୋନାଲ୍ଡଙ୍କ ଦ୍ୱାରା ପରାଜିତ) ଏବଂ ୭ମ ନମ୍ବର ଡାନିଲ ମେଡଭେଡେଭ। ମହିଳା ବିଭାଗରେ ବିଶ୍ୱର ୫ ନମ୍ବର ଖେଳାଳି ଆରିନା ସାବାଲେଙ୍କା, ୧୨ ନମ୍ବର ବେଲିଣ୍ଡା ବେନ୍‌ସିକ୍ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଚତୁର୍ଥ ସିଡ୍ କାରୋଲିନ୍ ଗାର୍ସିଆ, ଦୁଇଥର ଗ୍ରାଣ୍ଡସ୍ଲାମ ଫାଇନାଲିଷ୍ଟ କାରୋଲିନା ପ୍ଲିସ୍‌କୋଭା, ଝାଙ୍ଗ୍ ଶୁଆଇ, ଡୋନା ଭେକିକ୍ ଏବଂ ୧୭ ବର୍ଷୀୟା ଲିଣ୍ଡା ଫ୍ରୁଭିର୍ଟୋଭା ପ୍ରମୁଖ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି।

## ବାଲାଜୀ-ଜୀବନ ଯୋଡ଼ି ଦ୍ୱିତୀୟ ରାଉଣ୍ଡରେ

**ମେଲବୋର୍ନ, ୨୧।୧(ପି.ଟି.)**

ଅଷ୍ଟ୍ରେଲିଆନ୍ ଓପନ ଟେନିସ ପ୍ରତିଯୋଗିତାରେ ଭାରତୀୟ ପୁରୁଷ ଡବଲ୍ସ ଯୋଡ଼ି ଏନ୍. ଶ୍ରୀରାମ ବାଲାଜୀ ଓ ଜୀବନ ନେଦୁଚେଝିୟାନ ସେମାନଙ୍କ ଭଲ ପ୍ରଦର୍ଶନ ଜାରି ରଖିଛନ୍ତି। ଶନିବାର ପୁରୁଷ ଡବଲ୍ସର ଏକ ପ୍ରଥମ ରାଉଣ୍ଡ ମ୍ୟାଚରେ ସେମାନେ ୫ମ ସିଡ୍ କ୍ରୋଏସିଆର ଇଭାନ ଡୋଗିଗ୍ ଓ ଆମେରିକାର ଅଷ୍ଟିନ କ୍ରାଜିସେକ୍ ଯୋଡ଼ିଙ୍କ ବିପକ୍ଷରେ ୭-୬ (୬), ୨-୬, ୬-୪ ସେଟ୍‌ରେ ଚମକପ୍ରଦ ବିଜୟ ହାସଲ କରିଛନ୍ତି। ଏହି ମ୍ୟାଚ ୨ ଘଣ୍ଟା ୨୦ମିନିଟ ଧରି ଚାଲିଥିଲା। ଚଳିତ ମାସ ପ୍ରାରମ୍ଭରେ ଅନୁଷ୍ଠିତ ଟାଟା ଓପନ ମହାରାଷ୍ଟ୍ରରେ ବାଲାଜୀ ଓ ନେଦୁଚେଝିଆନ ରନର-ଅପ୍ ହୋଇଥିଲେ। ଏଠାରେ ଦ୍ୱିତୀୟ ରାଉଣ୍ଡରେ ସେମାନେ ଫ୍ରେଞ୍ଚ୍ ଯୋଡ଼ି ଜେରେମି ଚାର୍ଡି ଓ ଫାବ୍ରିସ ମାର୍ଟିନଙ୍କୁ ଭେଟିବେ। ମିକ୍ସଡ ଡବଲ୍ସରେ ସାନିଆ ମିର୍ଜା ଓ ରୋହନ ବୋପାନ୍ନା ମଧ୍ୟ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମିର୍ଜା ଓ ବୋପାନ୍ନା ସେମାନଙ୍କ ଓପନିଂ ରାଉଣ୍ଡରେ ସ୍ଥାନୀୟ ଜେମି ଫୋରିଲ୍ସ ଓ ଲ୍ୟୁକ୍ ସାଭିଲିଙ୍କୁ ୭-୫, ୬-୩ ସିଧାସଳଖ ସେଟ୍‌ରେ ହରାଇ ଦେଇଛନ୍ତି।

# ଓଡ଼ିଶା ୧୨ରନରେ ବିଜୟୀ


ରସନାରା ପରବିନ୍


ସରିତା ମେହେର


ସୁଶ୍ରୀ ଦିବ୍ୟଦର୍ଶିନୀ

**ସିନିୟର ମହିଳା ଦିନିକିଆ ଟ୍ରଫି**

**ଭୁବନେଶ୍ୱର, ୨୧।୧ (ସ୍ପୋର୍ଟ୍ସ ବ୍ୟୁରୋ)**

ପୁଡୁଚେରୀରେ ଚାଲିଥିବା ସିନିୟର ମହିଳା ଦିନିକିଆ କ୍ରିକେଟ ଟ୍ରଫି-୨୦୨୩ର ଏକ ମ୍ୟାଚ ଓଡ଼ିଶା ୧୨ ରନରେ ସୌରାଷ୍ଟ୍ରକୁ ପରାସ୍ତ କରିଛି। ଶନିବାର ସ୍ଲିମ୍ କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚରେ ସୌରାଷ୍ଟ୍ର ଦଳ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ଓଡ଼ିଶା ଦଳ ନିର୍ଦ୍ଧାରିତ ୫୦ ଓଭରରେ ମାତ୍ର ୩ ଉଇକେଟ ହରାଇ ୨୨୬ ରନ କରିଥିଲା। ଟପ୍ ସ୍କୋରର ସୁଶ୍ରୀ ଦିବ୍ୟଦର୍ଶିନୀ ୭୪ ରନ (୭୯ବଲ୍, ୮ ଚୌକା) କରି ଅପରାଜିତ ରହିଥିଲେ। ସରିତା ମେହେର ୭୪ ବଲ୍‌ରୁ ୭ ଚୌକା ସହ ୬୯ରନ କରିଥିଲେ।

ବିପକ୍ଷ ଦଳର ଏନ୍ ଚାଭଡ଼ା ଓ ଏନ୍ ଓଜା ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ। ଜବାବରେ ଜାୟୁ ଜାଡ଼େଜାଙ୍କ ଶତକ ସହାୟତାରେ ସୌରାଷ୍ଟ୍ର ଦଳ ୪୮ ଓଭରରେ ୨୧୪ ରନ କରି ଅଲଆଉଟ ହୋଇଯାଇଥିଲା। ଜାଡ଼େଜା ୧୧୯ ବଲ୍ ଖେଳି ୮ ଚୌକା ଓ ୨ ଛକା ସହ ୧୦୬ ରନ କରିଥିବା ବେଳେ ଟି. ଥରାନି ୩୯ ରନ କରଇଥିଲେ। ଓଡ଼ିଶା ଦଳ ପକ୍ଷରୁ ରସନାରା ପରବିନ୍ ୪୮ ରନ ବିନିମୟରେ ୨ ଏବଂ ଶୁଭ୍ରା ନିର୍ଝରିଣୀ ସ୍ୱାଇଁ ୧୫ ରନ ଦେଇ ଗୋଟିଏ ଉଇକେଟ ହାସଲ କରିଥିଲେ।

# ମୁମ୍ବାଇ ମାରାଥନରେ ଦୁଃଖୀଶ୍ୟାମଙ୍କ ସଫଳତା

**ଭୁବନେଶ୍ୱର, ୨୧।୧(ସ୍ପୋର୍ଟ୍ସ ବ୍ୟୁରୋ)**

ଟାଟା ମୁମ୍ବାଇ ଫୁଲ୍ ମାରାଥନରେ ଓଡ଼ିଶାର ବର୍ଷୀୟାନ୍ ଦୌଡାଳି ଦୁଃଖୀଶ୍ୟାମ ପାଢ଼ୀଙ୍କୁ ମିଳିଛି ସଫଳତା। ୭୦ ବର୍ଷରୁ ଅଧିକ ବୟସ ବର୍ଗରେ ସେ ୪୨ କି.ମି ଦୂରତ୍ୱକୁ ୪ ଘଣ୍ଟା ୩୬ ମିନିଟ ୧୨ ସେକେଣ୍ଡରେ ସମାପ୍ତ କରିବା ସହିତ ସପ୍ତମ ସ୍ଥାନରେ ରହିଥିଲେ। ଏସିଆ ମହାଦେଶର ସର୍ବବୃହତ ମାରାଥନରେ ୩୪ଟି ଦେଶର ୫୫ ହଜାର ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଦୁଃଖୀଶ୍ୟାମ ୬୭ ବର୍ଷ ବୟସରେ ୨୦୧୬ ମସିହାରେ ମାରାଥନ ଦୌଡିବା ଆରମ୍ଭ କରିଥିଲେ। ୭ ବର୍ଷ ମଧ୍ୟରେ ଦିଲ୍ଲୀ, କୋଲକାତା, ମୁମ୍ବାଇ, ଚେନ୍ନାଇ, ହାଇଦ୍ରାବାଦ, ବେଙ୍ଗାଲୁରୁ, ଗୋଆ, କୋଚିନ୍, ପଞ୍ଜାବ, ପାଟନା, ମଣିପୁର ଓ ଲଦାଖରେ ୮୪ରୁ ଅଧିକ ମାରାଥନରେ ଅଂଶଗ୍ରହଣ କରିଥିବା ବେଳେ ୩୦ଟିରେ ସେ ପୋଡିୟମ ଫିନିଶ କରିବାରେ ସଫଳ ହୋଇଛନ୍ତି। ମୁମ୍ବାଇ ମାରାଥନରେ ୫ମ ଥର ପାଇଁ ଅଂଶ ଗ୍ରହଣ କରିବା ମୋ ପାଇଁ ବେଶ ଉପଭୋଗ୍ୟ ଥିଲା ବୋଲି କହିଛନ୍ତି ହିଞ୍ଜିଳି ବାସିନ୍ଦା ଦୁଃଖୀଶ୍ୟାମ। ତାଙ୍କ ନେତୃତ୍ୱାର କଳିଙ୍ଗ ରନର୍ସ ଭୁବନେଶ୍ୱରର ୨୦ ଜଣ ଦୌଡାଳୀ ଏହି ମାରାଥନରେ ଅଂଶ ଗ୍ରହଣ କରିଥିଲେ।



ଦୁଃଖୀଶ୍ୟାମ ପାଢ଼ୀ

## ରଞ୍ଜିତା ହେଲେ ଗୋଲ କିପିଂ କୋଚ୍



**ଭୁବନେଶ୍ୱର, ୨୧।୧(ସ୍ପୋର୍ଟ୍ସ ବ୍ୟୁରୋ)**

୧୭ ବର୍ଷରୁ କମ୍ ଭାରତୀୟ ମହିଳା ଫୁଟବଲ ଦଳର ଗୋଲକିପର ଭାବରେ ନିଯୁକ୍ତି ପାଇଛନ୍ତି ଓଡ଼ିଶାର ରଞ୍ଜିତା ମହାନ୍ତି। ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ତଥା ଏଏଫ୍‌ସି 'ସି' କୋଚିଂ ସାର୍ଟିଫିକେଟ ହାସଲ କରିଥିବା ରଞ୍ଜିତାଙ୍କୁ ଶନିବାର ଭାରତୀୟ ଦଳର ଗୋଲ କିପିଂ କୋଚ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ଯୁଫା ୧୭ ବର୍ଷରୁ କମ୍ ମହିଳା ଚାମ୍ପିୟନଶିପ୍ ୨୦୨୩ ଓ ଏଏଫ୍‌ସି ଏସିଆନ୍ ୧୭ ବର୍ଷରୁ କମ୍ ମହିଳା ଚାମ୍ପିୟନଶିପ୍ ପାଇଁ ରଞ୍ଜିତାଙ୍କୁ ନିଯୁକ୍ତ କରାଯାଇଛି। ୧୭ ବର୍ଷରୁ କମ୍ ଏଏଫ୍‌ସି ଏସିଆନ୍ କପ୍ ମାର୍ଚ୍ଚରୁ ଏପ୍ରିଲ ୨୦୨୩ ମଧ୍ୟରେ ଅନୁଷ୍ଠିତ ହେବ।

# ଅଷ୍ଟ୍ରେଲିଆଠାରୁ ହାରିଲା ଭାରତ

**୧୯ ବର୍ଷରୁ କମ୍ ମହିଳା ଟି୨୦ ବିଶ୍ୱକପ୍**

**ପୋଶ୍ଚେଫଷ୍ଟ୍ରୁମ୍ (ଦକ୍ଷିଣ ଆଫ୍ରିକା), ୨୧।୧(ପି.ଟି.)**

୧୯ ବର୍ଷରୁ କମ୍ ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍ ସୁପର ସିକ୍ସ ପର୍ଯ୍ୟାୟରେ ଅଷ୍ଟ୍ରେଲିଆ ନିକଟରୁ ଭାରତ ୭ ଉଇକେଟରେ ପରାଜିତ ହୋଇଛି। ଟୁର୍ନାମେଣ୍ଟରେ ଭାରତୀୟ ଦଳର ଏହା ପ୍ରଥମ ପରାଜୟ। ଟସ୍‌ରେ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୧୮.୫ ଓଭରରେ ମାତ୍ର ୮୭ ରନ କରି ଅଲଆଉଟ ହୋଇଯାଇଥିଲା। ଚଳିତ ମାସ ପ୍ରାରମ୍ଭରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳାଯାଇଥିବା ୱାର୍ମଅପ୍‌ରେ ଭାରତ ୯୭ ରନ ଡିଫେଣ୍ଡ କରିବାରେ ସମର୍ଥ ହୋଇଥିଲା। ଦଳ ଏଠାରେ ଏହି ସଫଳତା ଦୋହରାଇ ପାରି ନ ଥିଲା। ବିପକ୍ଷ ଦଳ ୩୭ ରନ ବାକିଥାଇ ମାତ୍ର ୩ ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ମ୍ୟାଚରେ ୧୨ ରନ ବିନିମୟରେ ୨ ଉଇକେଟ ଅକ୍ତିଆର କରିଥିବା ମିଲି ଇଲିଙ୍ଗୱର୍ଥ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେ ଭାରତ ଅଧିନାୟିକା ଶେଫାଳି ବର୍ମା (୮) ଓ ଗୋଙ୍ଗାଡି ତ୍ରିଶା (୪)ଙ୍କ ମୂଲ୍ୟବାନ ଉଇକେଟ ଅକ୍ତିଆର କରିଥିଲେ। ଶନିବାର ଏହି ପରାଜୟ ଦ୍ୱାରା ଭାରତର ରନ୍ ରେଟ୍ (+୧.୯୦୫) ହ୍ରାସ ପାଇଛି। ସେମିଫାଇନାଲ ପାଇଁ ସ୍ଥାନ ନିରୂପଣ ବେଳେ ରନ୍‌ରେଟ୍‌ର ବଡ଼ ଭୂମିକା ରହିଛି। ସୁପର ସିକ୍ସ ଗ୍ରୁପ୍-୧ରେ ଅଷ୍ଟ୍ରେଲିଆ ପଛକୁ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି। ଅଷ୍ଟ୍ରେଲିଆ, ଭାରତ, ଦକ୍ଷିଣ ଆଫ୍ରିକା ଓ ବାଂଲାଦେଶ ପ୍ରତ୍ୟେକ ୪ ପଏଣ୍ଟ ଲେଖାଏ ଅର୍ଜନ କରିଥିବା ବେଳେ ଶ୍ରୀଲଙ୍କା ଓ ୟୁଏଇ ଗୋଟିଏ ହେଲେ ପଏଣ୍ଟ ଅର୍ଜନ କରିପାରିନାହାନ୍ତି।



ମିଲି ଇଲିଙ୍ଗୱର୍ଥ

**ସଂକ୍ଷିପ୍ତ ସ୍କୋର**

**ଭାରତ ମହିଳା ଦଳ:** ୧୮.୫ ଓଭରରେ ୮୭/ଅଲଆଉଟ (ଶ୍ୱେତା ଶେରାୱତ-୨୧ ; ସିଆନା ଜିଞ୍ଜର-୩/୧୩, ମିଲି ଇଲିଙ୍ଗୱର୍ଥ-୨/୧୨, ମାଗି କ୍ଲାର୍କ-୨/୧୮)।

**ଅଷ୍ଟ୍ରେଲିଆ ମହିଳା ଦଳ:** ୧୩.୫ ଓଭରରେ ୮୮/୩ (ଆମି ସ୍ମିଥ୍-୨୬*, କ୍ଲେୟାର ମୁର୍-୨୫* ; ଅର୍ଚ୍ଚନା ଦେବୀ-୧/୭, ତିତାସ ସାଧୁ-୧/୧୩)।

## ଓଡ଼ିଶା ଦଳରେ ସୁମିତ, ପ୍ରବୀଣ, ସନ୍ଦୀପ

**ରଣଜୀ ଟ୍ରଫି**

**ଭୁବନେଶ୍ୱର, ୨୧।୧(ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶା ଜାନୁୟାରୀ ୨୪ରେ ଇଡେନ ଗାର୍ଡେନ୍ସରେ ଏହାର ଶେଷ ରଣଜୀ ଟ୍ରଫି ଲିଗ୍ ମ୍ୟାଚ ଖେଳିବ। ଏହା ପୂର୍ବରୁ ଓଡ଼ିଶା କ୍ରିକେଟ ଆସୋସିଏଶନ ଶନିବାର ୧୭ ଜଣିଆ ଦଳ ଘୋଷଣା କରିଛି। ସୁଜିତ ଲେଙ୍କା ଓ ଜୟନ୍ତ ବେହେରାଙ୍କୁ ବାଦ୍ ଦିଆଯାଇଥିବା ବେଳେ ସୁମିତ ମହାରଣା, ପ୍ରବୀଣ ଲୁହା ଓ ସନ୍ଦୀପ ପଟ୍ଟନାୟକଙ୍କୁ ଦଳରେ ସ୍ଥାନ ମିଳିଛି। ୬ଟି ମ୍ୟାଚ୍‌ରୁ ଓଡ଼ିଶା ୨ ପରାଜୟ ଓ ୪ ଡ୍ର ସହ ୮ ପଏଣ୍ଟ ହାସଲ କରି ନାଗାଲାଣ୍ଡ ଉପରକୁ ଗ୍ରୁପ୍ ଡି'ର ୭ମ ସ୍ଥାନରେ ରହିଛି।

**ଓଡ଼ିଶା ଦଳ:** ଶୁଭ୍ରାଂଶୁ ସେନାପତି (ଅଧିନାୟକ), ଅନୁରାଗ ଷଡଙ୍ଗୀ, ଶାନ୍ତନୁ ମିଶ୍ର, କାର୍ତ୍ତିକ ବିଶ୍ୱାଳ, ଗୋବିନ୍ଦ ପୋଦ୍ଦାର, ଅଭିଷେକ ରାଉତ, ରାଜେଶ ଧୂପର, ପ୍ରବୀଣ ଲୁହା, ଶୁଭମ ନାୟକ, ସୁମିତ ମହାରଣା, ସନ୍ଦୀପ ପଟ୍ଟନାୟକ, ସୂର୍ଯ୍ୟକାନ୍ତ ପ୍ରଧାନ, ତାରିଣୀ ସା', ପ୍ରୟାସ କୁମାର ସିଂ, ସୁନୀଲ କୁମାର ରାଉଳ, ରାକେଶ ପଟ୍ଟନାୟକ, ବସନ୍ତ ମହାନ୍ତି।

**ପ୍ରତାପ ପ୍ରିମିୟର୍ ଲିଗ୍**

# ସେଭେନ୍ ସମୁରାଇ ଚାମ୍ପିୟନ୍

**ଭୁବନେଶ୍ୱର, ୨୧।୧(ସ୍ପୋର୍ଟ୍ସ ବ୍ୟୁରୋ)**

ବାଣପୁର ବ୍ଲକ୍ ଅନ୍ତର୍ଗତ ପ୍ରତାପରେ ଅନୁଷ୍ଠିତ ପ୍ରତାପ ପ୍ରିମିୟର ଲିଗ୍‌ରେ ଚାମ୍ପିୟନ ହୋଇଛି ସେଭେନ୍ ସମୁରାଇ। ଶନିବାର ଖେଳା ଯାଇଥିବା ଫାଇନାଲରେ ଦଳ ୨ ଉଇକେଟରେ ସାଇ ସୁପର ଜାଏଣ୍ଟକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ସୁପର ଜାଏଣ୍ଟ ୧୩.୪ ଓଭରରେ ୧୩୧ ରନରେ ଅଲଆଉଟ ହୋଇଥିଲା। ଜଗନ ସର୍ବାଧିକ ୩୧ ରନ୍ କରିଥିବା ବେଳେ ଲିପୁନ ୨୦ ରନ୍ କରିଥିଲେ। ସମୁରାଇ ପକ୍ଷରୁ ଶାନ୍ତନୁ ୨୩ ରନ୍ ଦେଇ ୪ ଉଇକେଟ ନେଇଥିଲେ। ଜବାବରେ ସମୁରାଇ ଦଳ ୫ ବଲ୍ ବାକିଥାଇ ୮ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ବାଦଲ ଜେନା ୩୪ ବଲରୁ ୧୦୧ ରନ୍ କରିଥିଲେ। ବାଦଲଙ୍କ ଇନିଂସରେ ୭ ଚୌକା ଓ ୧୧ ଛକା ସାମିଲ ଥିଲା। ଶତକୀୟ ଇନିଂସ ପାଇଁ ବାଦଲଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଓ ପ୍ଲେୟର ଅଫ୍ ଦ ଟୁର୍ନାମେଣ୍ଟ ଘୋଷଣା କରାଯାଇଥିଲା। ବାଦଲ ୪ ଶତକ ସହିତ ୬୧୭ ରନ୍ ସଂଗ୍ରହ କରିଛନ୍ତି।



ଟ୍ରଫି ସହ ସେଭେନ୍ ସମୁରାଇ ଦଳ।

# 'ରେସ୍‌ଲରଙ୍କ ଅଭିଯୋଗ ଉଦ୍ଦେଶ୍ୟ ପ୍ରଣୋଦିତ'

**ନୂଆଦିଲ୍ଲୀ, ୨୧।୧(ପି.ଟି.)**

ଡବ୍ଲ୍ୟୁଏଫ୍‌ଆଇ ସଭାପତି ତଥା ଭାଜପା ଏମ୍‌ପି ବ୍ରିଜଭୂଷଣ ଶରଣ ସିଂଙ୍କ ନାମରେ ରେସ୍‌ଲରମାନେ ଆଣିଥିବା ଅଭିଯୋଗକୁ ସର୍ବଭାରତୀୟ କୁସ୍ତି ଫେଡେରେଶନ (ଡବ୍ଲ୍ୟୁଏଫ୍‌ଆଇ) ପକ୍ଷରୁ ଖଣ୍ଡନ କରାଯାଇଛି। ଏହି ଅଭିଯୋଗଗୁଡିକ ମନ୍ଦ ଉଦ୍ଦେଶ୍ୟ ଏବଂ କିଛି ଖେଳାଳିଙ୍କ ନିହିତ ସ୍ୱାର୍ଥ ରଖି କରାଯାଇଛି। କ୍ରୀଡା ମନ୍ତ୍ରଣାଳୟକୁ ଫେଡେରେଶନ୍ ପକ୍ଷରୁ ଲେଖାଯାଇଥିବା ଚିଠିରେ ବ୍ରିଜଭୂଷଣଙ୍କ ବିରୋଧରେ ଆସିଥିବା ଯୌନଶୋଷଣ, ଏକଚ୍ଛତ୍ରବାଦ ଏବଂ ଅନ୍ୟାନ୍ୟ ସମସ୍ତ ଅଭିଯୋଗକୁ ଅସ୍ୱୀକାର କରାଯାଇଛି। ସଂଘରେ ଏଭଳି କୁପରିଚାଳନା ଅସମ୍ଭବ ବ୍ୟାପାର ବୋଲି ମଧ୍ୟ ସ୍ପଷ୍ଟ କରାଯାଇଛି। ଏକ ନିର୍ବାଚିତ ପରିଷଦ ଦ୍ୱାରା ଡବ୍ଲ୍ୟୁଏଫ୍‌ଆଇ ପରିଚାଳିତ ହୋଇଥାଏ। ଏହାର ଏକ ନିଜସ୍ୱ ସମ୍ବିଧାନ ରହିଛି। କୌଣସି ଜଣେ ବ୍ୟକ୍ତି କିମ୍ବା ସଭାପତିଙ୍କ ଦ୍ୱାରା ଏହାର ଅପବ୍ୟବହାର ହେବା ଅସମ୍ଭବ ବୋଲି ଡବ୍ଲ୍ୟୁଏଫ୍‌ଆଇ ସ୍ପଷ୍ଟ କରିଛି। ବର୍ତ୍ତମାନର ସଭାପତିଙ୍କ ନେତୃତ୍ୱରେ ରେସ୍‌ଲରଙ୍କ ଉନ୍ନତି ପାଇଁ ଫେଡେରେଶନ୍ ସର୍ବଦା ତତ୍ପର ବୋଲି କ୍ରୀଡା ମନ୍ତ୍ରଣାଳୟକୁ କହିଛି ଡବ୍ଲ୍ୟୁଏଫ୍‌ଆଇ। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ରେସ୍‌ଲିଂର ଏକ ସୁନ୍ଦର ଛବି ସୃଷ୍ଟି କରିବାରେ ଫେଡେରେଶନ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସ୍ୱଚ୍ଛତା ଓ ପରିଚାଳନାଗତ ଶୃଙ୍ଖଳା ନ ଥିଲେ ଏଭଳି ଫଳାଫଳ ଅସମ୍ଭବ ବୋଲି ଡବ୍ଲ୍ୟୁଏଫ୍‌ଆଇ ଚିଠିରେ ଉଲ୍ଲେଖ କରିଛି। ଶୁକ୍ରବାର କ୍ରୀଡା ମନ୍ତ୍ରଣାଳୟ ପକ୍ଷରୁ ୭୨ ଘଣ୍ଟା ମଧ୍ୟରେ ଏହି ମାମଲାର ଉତ୍ତର ରଖିବା ପାଇଁ ଡବ୍ଲ୍ୟୁଏଫ୍‌ଆଇକୁ ନିର୍ଦ୍ଦେଶ ଦିଆଯାଇଥିଲା। ଭିନେଶ ଫୋଗତ, ବଜରଙ୍ଗ ପୁନିଆ ଓ ସାକ୍ଷୀ ମଲିକଙ୍କ ପରି କୁସ୍ତିଯୋଦ୍ଧା ଡବ୍ଲ୍ୟୁଏଫ୍‌ଆଇ ସଭାପତି ବ୍ରିଜଭୂଷଣ ଶରଣ ସିଂଙ୍କ ନାମରେ ଏହି ଅଭିଯୋଗ ଆଣିଥିଲେ। ଖେଳାଳିମାନଙ୍କ ପକ୍ଷରୁ ଯୌନ ଶୋଷଣ ଅଭିଯୋଗ ଆସିଥିବା ବେଳେ ଫେଡେରେଶନ ଏହାକୁ ଖଣ୍ଡନ କରିଛି। ଏଥିନିମନ୍ତେ ଏକ ୫ ଜଣିଆ କମିଟି ରହିଥିବା ବେଳେ ଖେଳାଳିମାନେ ବାହାରେ ମନ୍ତବ୍ୟ ଦେବା ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କୁହାଯାଇଛି। ଆନ୍ଦୋଳନର ସମୟକୁ ଦେଖିଲେ ଏହି ଖେଳାଳିମାନେ କେବଳ ଫେଡେରେଶନ୍ ନୁହେଁ ବରଂ କ୍ରୀଡା ଓ ଯୁବବ୍ୟାପାର ବିଭାଗକୁ ମଧ୍ୟ ସ୍ପଷ୍ଟୀକରଣ ଦେବା ଆବଶ୍ୟକ ବୋଲି ଡବ୍ଲ୍ୟୁଏଫ୍‌ଆଇ ପକ୍ଷରୁ କୁହାଯାଇଛି। ସେହିପରି ଦେଶର ଅନ୍ୟ କୌଣସି ରାଜ୍ୟର ରେସଲର ଏହି ଆନ୍ଦୋଳନରେ ସାମିଲ ନ ଥିବା ବେଳେ କେବଳ ହରିୟାଣାର ରେସଲର କାହିଁକି ସାମିଲ ବୋଲି ମଧ୍ୟ ଡବ୍ଲ୍ୟୁଏଫ୍‌ଆଇ ପ୍ରଶ୍ନ ଉଠାଇଛି। ୨୦୨୨ରେ ଅନୁଷ୍ଠିତ ୨୩ଟି ଯାକ ରେସ୍‌ଲିଂ ଚାମ୍ପିୟନଶିପ୍‌ର ଫଳାଫଳ ସହିତ ଡବ୍ଲ୍ୟୁଏଫ୍‌ଆଇ ପ୍ରଶ୍ନ ଉଠାଉଛି। ୨୦୨୩ରେ ଡବ୍ଲ୍ୟୁଏଫ୍‌ଆଇ ନିର୍ବାଚନ ରହିଥିବା ବେଳେ ନିହିତ ସ୍ୱାର୍ଥ ରଖି ଏଭଳି ଆନ୍ଦୋଳନ କରାଯାଉଛି।

## ବିନୋଦ ତୋମାର ନିଲମ୍ବିତ

ସର୍ବଭାରତୀୟ କୁସ୍ତି ଫେଡେରେଶନ (ଡବ୍ଲ୍ୟୁଏଫ୍‌ଆଇ) ସହକାରୀ ସମ୍ପାଦକ ବିନୋଦ ତୋମାରଙ୍କୁ କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ନିଲମ୍ବିତ କରାଯାଇଛି। ଡବ୍ଲ୍ୟୁଏଫ୍‌ଆଇ ସଭାପତିଙ୍କ ବିରୋଧରେ ରେସଲରମାନେ ଅଭିଯୋଗ କରିବା କାରଣରୁ ଏହି ନିଷ୍ପତ୍ତି ନିଆଯାଇଛି। ଏହା ସହିତ ଉତ୍ତର ପ୍ରଦେଶର ଗୋଣ୍ଡାରେ ହେବାକୁ ଥିବା ଓପନ ଚାମ୍ପିୟନଶିପ୍‌କୁ ମଧ୍ୟ ବାତିଲ କରି ଦିଆଯାଇଛି। ଡବ୍ଲ୍ୟୁଏଫ୍‌ଆଇ ସଭାପତିଙ୍କ ଘନିଷ୍ଠ ସହଯୋଗୀ ରହିଥିବା ତୋମାର ସମସ୍ତ କାର୍ଯ୍ୟର ନିରୀକ୍ଷଣ କରିଥିଲେ। ତୋମାରଙ୍କ ଉପସ୍ଥିତି ମାମଲାକୁ ପ୍ରଭାବିତ କରିବାର ସମ୍ଭାବନା ଥିବାରୁ ତାଙ୍କୁ ନିଲମ୍ବନ କରାଯାଇଛି। ଏହା ସହିତ ରବିବାର କେନ୍ଦ୍ର କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏକ ନିରୀକ୍ଷଣ କମିଟି ଗଠନ କରାଯିବ। ଶୁକ୍ରବାର କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ଅନୁରାଗ ଠାକୁରଙ୍କ ନେତୃତ୍ୱରେ ବୈଠକ ଶେଷ ହୋଇଛି।



# ଭାରତ ୨୪, ନ୍ୟୁଜିଲାଣ୍ଡ ୧୫, ଡ୍ର ୫

ଭୁବନେଶ୍ୱର, ୨୧।୧ (କ୍ରୀଡ଼ା ପ୍ରତିନିଧି)

ଚଳିତ ହକି ବିଶ୍ୱକପର ଲିଗ୍ ପର୍ଯ୍ୟାୟ ପରେ ଆସିଛି ଗୁରୁତ୍ୱପୂର୍ଣ୍ଣ ନକ୍ଆଉଟର ରୋମାଞ୍ଚ। ୪ଟି ଦଳ ସିଧାସଳଖ କ୍ୱାର୍ଟର ଫାଇନାଲ ଯୋଗ୍ୟତା ପାଇଥିବାବେଳେ କ୍ରସ୍ ଓଭର ମ୍ୟାଚ ମାଧ୍ୟମରେ ଅନ୍ୟ ୪ଟି ସ୍ଥାନ ପୂରଣ ହେବ। ତେଣୁ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ଅଷ୍ଟ୍ରେଲିଆ, ବେଲ୍‌ଜିୟମ, ନେଦରଲାଣ୍ଡ୍ସ ଓ ଇଂଲଣ୍ଡକୁ କେଉଁ ଦଳ ଭେଟିବ ତାହା କ୍ରସ୍ ଓଭର ମ୍ୟାଚରୁ ଚୂଡ଼ାନ୍ତ ହେବ। ଭାରତ ସିଧାସଳଖ କ୍ୱାର୍ଟର ଫାଇନାଲ

## ଭାରତ-ନ୍ୟୁଜିଲାଣ୍ଡ ହକି ଇତିହାସ

ଯୋଗ୍ୟତା ପାଇ ନ ଥିବାରୁ କ୍ରସ୍ ଓଭର ମଧ୍ୟ ଦେଇ ଆଗେଇବାକୁ ପଡ଼ିବ। ଏହି କ୍ରମ୍‌ରେ ପୁଲ୍ ଡି'ର ଦ୍ୱିତୀୟ ଦଳ ଭାରତର ପ୍ରତିଦ୍ୱନ୍ଦ୍ୱୀ ହେଉଛି ପୁଲ୍ ସି'ର ତୃତୀୟ ଦଳ ନ୍ୟୁଜିଲାଣ୍ଡ। ନ୍ୟୁଜିଲାଣ୍ଡକୁ ହରାଇ ପାରିଲେ ଭାରତ କ୍ୱାର୍ଟର ଫାଇନାଲରେ ଗତଥରର ଚାମ୍ପିୟନ ବେଲଜିୟମ ସହିତ ମୁକାବିଲା କରିବ। ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଏପର୍ଯ୍ୟନ୍ତ ମୋଟ ୪୪ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରୁ ଭାରତ ୨୪ଟି ଜିତିଥିବାବେଳେ ନ୍ୟୁଜିଲାଣ୍ଡ ୧୫ଟିରେ ବିଜୟୀ ହୋଇଛି। ଅବଶିଷ୍ଟ ୫ଟି ମ୍ୟାଚ ଡ୍ର ରହିଛି। ତେଣୁ ରେକର୍ଡ ଅନୁସାରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତର ପଲା ଭାରି ରହିଛି। ତେବେ ଆଗକୁ ବଢ଼ିବାକୁ ହେଲେ ଘରୋଇ ଦଳକୁ ନିର୍ଦ୍ଦିଷ୍ଟ ଦିବସରେ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ପଡ଼ିବ।

## ସମ୍ପର୍କ ବହୁ ପୁରୁଣା

ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ହକି ସମ୍ପର୍କ ବହୁ ପୁରୁଣା। ୧୯୬୦ରେ ଇଟାଲିର ରୋମରେ ଅନୁଷ୍ଠିତ ଅଲିମ୍ପିକ୍ସରେ ଦୁଇ ଦଳ ମଧ୍ୟରେ ପ୍ରଥମଥର ମୁକାବିଲା ହୋଇଥିଲା। ଏଥିରେ ଭାରତ ୩-୦ ଗୋଲରେ ବିଜୟୀ ହୋଇଥିଲା। ପରେ ୧୯୬୮ ଅଲିମ୍ପିକ୍ସରେ ହୋଇଥିବା ଦ୍ୱିତୀୟ ମୁକାବିଲାରେ କିନ୍ତୁ ନ୍ୟୁଜିଲାଣ୍ଡ ୨-୧ ଗୋଲରେ ବିଜୟୀ ହୋଇ ପରାଜୟର ପ୍ରତିଶୋଧ ନେଇଥିଲା। ୧୯୭୨ ଅଲିମ୍ପିକ୍ସରେ ପୁଣି ଭାରତ ୩-୨ ଗୋଲରେ ନ୍ୟୁଜିଲାଣ୍ଡକୁ ହରାଇ ଦେଇଥିଲା। ୩ଟି ଅଲିମ୍ପିକ୍ସରେ ଭେଟ ହେବାପରେ ଭାରତ ଓ ନ୍ୟୁଜିଲାଣ୍ଡ ଏକ ବିଶ୍ୱକପରେ ପରସ୍ପରର ମୁକାବିଲା କରିଥିଲେ। ୧୯୭୩ରେ ଏହି ଧାରା ଆରମ୍ଭ ହୋଇଥିଲା। ତେବେ ମ୍ୟାଚଟି ସଂଘର୍ଷପୂର୍ଣ୍ଣ ଭାବେ ୧-୧ ଗୋଲରେ ଡ୍ର ରହିଥିଲା। ୧୯୮୨ ବିଶ୍ୱକପରେ ପରବର୍ତ୍ତୀ ମୁକାବିଲାରେ କିନ୍ତୁ ଭାରତ ୩-୨ ଗୋଲରେ ବିଜୟୀ ହୋଇଥିଲା। କେବଳ ବିଶ୍ୱକପର ପ୍ରଦର୍ଶନକୁ ଦେଖିଲେ ୧୯୮୬ରେ ନ୍ୟୁଜିଲାଣ୍ଡ ୨-୧ରେ ବିଜୟୀ ହୋଇଥିବାବେଳେ ୧୯୯୮ରେ ୨ ଥର ଭେଟରେ ଭାରତ ୧-୦ ଲେଖାଏ ଗୋଲରେ ବିଜୟ ହାସଲ କରିଥିଲା। ଏହା ପୂର୍ବରୁ ୨୦୦୨ ବିଶ୍ୱକପରେ ହୋଇଥିବା ମୁକାବିଲାରେ ନ୍ୟୁଜିଲାଣ୍ଡ ୨-୧ରେ ବାଜି ମାରିଥିଲା। ନିକଟ ଅତୀତର ପ୍ରଦର୍ଶନକୁ ଯଦି ଦେଖାଯାଏ ତେବେ ଉଭୟ ଦଳ ୨୦୨୨ ଅକ୍ଟୋବର ୨୨ ଓ ନଭେମ୍ବର ୪ରେ ପ୍ରୋ-ଲିଗ୍ ମ୍ୟାଚରେ ପରସ୍ପରକୁ ଭେଟିଥିଲେ। ୨ଟି ଯାକ ମ୍ୟାଚରେ ଭାରତ ଯଥାକ୍ରମେ ୪-୩ ଓ ୭-୪ ଗୋଲରେ ବିଜୟୀ ହୋଇଥିଲା। ୨୦୨୧ରେ ଥରେ ଅଲିମ୍ପିକ୍ସରେ ପରସ୍ପର ଭେଟ ହୋଇଥିଲା। ଏଥିରେ ମଧ୍ୟ ଭାରତ ୩-୨ ଗୋଲରେ ବିଜୟୀ ହୋଇଥିଲା। ତେଣୁ ଆଗାମୀ ମ୍ୟାଚ ପାଇଁ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତ ଫେଭରାଇଟ ରହିବ।



କଳିଙ୍ଗ ଷ୍ଟାଡିୟମରେ ଶନିବାର ଭାରତୀୟ ହକି ଦଳର ଅଭ୍ୟାସ।

# ଗୋଲ ସ୍କୋରିଂରେ ହୋଇପାରେ ରେକର୍ଡ

**୬ ଗୋଲ:** ଭିକ୍ଟର ଚାର୍ଲେଟ
**୫ ଗୋଲ:** ବ୍ଲେକ ଗୋଭର୍ସ, ଜେରେମି ହେୱାର୍ଡ, ଟମ୍ ବୁନ୍, ଥିଏରୀ ବ୍ରିଙ୍କମାନ, ଜିପ୍ ଜାନସେନ



ଭିକ୍ଟର ଚାର୍ଲେଟ

**ଭୁବନେଶ୍ୱର, ୨୧।୧ (କ୍ରୀଡ଼ା ପ୍ରତିନିଧି):** ଚଳିତ ହକି ବିଶ୍ୱକପରେ ଏପର୍ଯ୍ୟନ୍ତ ୨୪ଟି ପୁଲ୍ ମ୍ୟାଚ ଅନୁଷ୍ଠିତ ହୋଇ ଯାଇଛି। ଏହା ମଧ୍ୟରେ ୫.୪୨ ହାରରେ ୧୩୦ଟି ଗୋଲ ସ୍କୋର ହୋଇଛି। ଏହା ମଧ୍ୟରେ ଫିଲ୍ଡ ଗୋଲ ୮୦, ପେନାଲ୍ଟି କର୍ନର ଗୋଲ ୪୩ ଓ ପେନାଲ୍ଟି ଷ୍ଟ୍ରୋକ୍ ଗୋଲ ୭ ରହିଛି। ପ୍ରତିଯୋଗିତାରେ ଆହୁରି ୨୦ଟି ମ୍ୟାଚ ଖେଳାଯିବାକୁ ବାକିଅଛି। ଯଦି ଏପରି ଗୋଲ ସ୍କୋରିଂ ଧାରା ଜାରିରହେ ତେବେ ଏହା ସର୍ବାଧିକ ଗୋଲ ସ୍କୋରିଂ ବିଶିଷ୍ଟ ବିଶ୍ୱକପ ହେବାର ସମ୍ଭାବନା ରହିଛି। ଟାଇଟଲ ଦାବିଦାର ନେଦରଲାଣ୍ଡ୍ସ ଦଳ ୩ ମ୍ୟାଚରୁ ସର୍ବାଧିକ ୨୨, ଅଷ୍ଟ୍ରେଲିଆ ୨୦ ଓ ବେଲଜିୟମ ୧୪ ଗୋଲ ଦେଇ ଶୀର୍ଷ ୩ ସ୍ଥାନରେ ରହିଛନ୍ତି। ନେଦରଲାଣ୍ଡ୍ସ ଓ ଅଷ୍ଟ୍ରେଲିଆ ପେନାଲ୍ଟି କର୍ନରରୁ ସର୍ବାଧିକ ୭ଟି ଲେଖାଏ ଗୋଲ ଦେଇଛନ୍ତି। ଫ୍ରାନ୍ସର ଭିକ୍ଟର ଚାର୍ଲେଟ ୬ ଗୋଲ ଦେଇ ଟପ୍ ସ୍କୋରର ଅଛନ୍ତି। ଅଷ୍ଟ୍ରେଲିଆର ବ୍ଲେକ ଗୋଭର୍ସ, ଜେରେମି ହେୱାର୍ଡ, ବେଲଜିୟମର ଟମ୍ ବୁନ୍, ନେଦରଲାଣ୍ଡ୍ସର ଥିଏରୀ ବ୍ରିଙ୍କମାନ ଓ ଜିପ୍ ଜାନସେନ ୫ଟି ଲେଖାଏ ଗୋଲ ଦେଇ ମିଳିତଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ୨୦୦୨ରେ ଜର୍ମାନୀରେ ଅନୁଷ୍ଠିତ ବିଶ୍ୱକପରେ ୭୨ ମ୍ୟାଚରୁ ୩୦୦ ଗୋଲ ସ୍କୋର ହୋଇଥିଲା। ମ୍ୟାଚପିଛା ଗୋଲ ଆଭରେଜଥିଲା ୪.୧୭। ତେବେ ଏହି ବିଶ୍ୱକପ ଭିନ୍ନ ଫର୍ମାଟରେ ଖେଳାଯାଇଥିଲା। ଭାଗ ନେଇଥିବା ୧୬ଟି ଦଳକୁ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଥିଲା। ପ୍ରତି ପୁଲ୍‌ର ଶୀର୍ଷ ୨ଟି ଲେଖାଏ ଦଳ ସେମିଫାଇନାଲରେ ପ୍ରବେଶ କରିଥିଲେ। ଭୁବନେଶ୍ୱରରେ ଅନୁଷ୍ଠିତ ୨୦୧୮ ବିଶ୍ୱକପରେ ମୋଟ ୩୬ଟି ମ୍ୟାଚ ଖେଳାଯାଇଥିଲା। ଏଥିରେ ୧୫୭ଟି ଗୋଲ ସ୍କୋର ହୋଇଥିଲା। ୧୯୮୨ରେ ମୁମ୍ବାଇରେ ଅନୁଷ୍ଠିତ ବିଶ୍ୱକପ ମଧ୍ୟ ହାଇସ୍କୋରିଂ ବିଶିଷ୍ଟ ଥିଲା। ୧୨ ଦଳ ବିଶିଷ୍ଟ ପ୍ରତିଯୋଗିତାରେ ମୋଟ ୪୨ଟି ମ୍ୟାଚ ଖେଳାଯାଇଥିଲା ଏବଂ ୨୧୬ଟି ଗୋଲ ହୋଇଥିଲା। ଆଭରେଜ ଥିଲା ୫.୧୪। ଚଳିତ ସଂସ୍କରଣରେ ଅନ୍ୟ ଦଳ ଗୁଡ଼ିକ ତୁଳନାରେ ଭାରତ ବହୁ ପଛରେ ପଡ଼ିଛି। ୩ ମ୍ୟାଚରୁ ଦଳ ମାତ୍ର ୬ଟି ଗୋଲ ସ୍କୋର କରିପାରିଛି। ଏହା ମଧ୍ୟରେ ୩ଟି ଲେଖାଏ ଫିଲ୍ଡ ଓ ପେନାଲ୍ଟି କର୍ନର ଗୋଲ ସାମିଲ। ଆକାଶଦୀପ ସିଂ ସର୍ବାଧିକ ୨ଟି ଗୋଲ ଦେଇଛନ୍ତି। ଅମିତ ରୋହିଦାସ, ହରମନପ୍ରୀତ ସିଂ, ହାର୍ଦ୍ଦିକ ସିଂ ଓ ଶମଶେର ସିଂ ଗୋଟିଏ ଲେଖାଏ ଗୋଲ ଦେବାରେ ସକ୍ଷମ ହୋଇଛନ୍ତି। ପ୍ରତିଯୋଗିତାରେ ଏପର୍ଯ୍ୟନ୍ତ ୪୪ ଖେଳାଳି ଗ୍ରୀନ୍ କାର୍ଡ ଏବଂ ୧୫ ଜଣ ୟେଲୋ କାର୍ଡ ପାଇଛନ୍ତି।

**ହକି ବିଶ୍ୱକପ୍**
(ଆଜିର ମ୍ୟାଚ)
**ମାଲେସିଆ ବନାମ ସ୍ପେନ୍**
ସମୟ: ଅପରାହ୍ନ ୪ଟା ୩୦
**ଭାରତ ବନାମ ନ୍ୟୁଜିଲାଣ୍ଡ**
ସମୟ: ରାତି ୭ଟା
ସ୍ଥାନ: କଳିଙ୍ଗ ଷ୍ଟାଡିୟମ

# ବିଶ୍ୱକପ୍‌ରୁ ବାଦ୍ ପଡ଼ିଲେ ହାର୍ଦ୍ଦିକ

ଭୁବନେଶ୍ୱର,୨୧।୧(ସ୍ପୋର୍ଟ୍ସ ବ୍ୟୁରୋ)
ହକି ବିଶ୍ୱକପ୍‌ରେ ଭାରତକୁ ଲାଗିଛି ବଡ଼ ଝଟକା। ଶନିବାର ଭାରତର ଆଟାକିଂ ମିଡ୍‌ଫିଲ୍ଡର ହାର୍ଦ୍ଦିକ୍ ସିଂ ଆହତ ହୋଇ ବିଶ୍ୱକପ୍‌ରୁ ବାଦ୍ ପଡ଼ିଛନ୍ତି। ରବିବାର ଇଂଲଣ୍ଡ ବିପକ୍ଷ ଗୋଲଶୂନ୍ୟ ମ୍ୟାଚ୍‌ର ଚତୁର୍ଥ କ୍ୱାର୍ଟରରେ ହାର୍ଦ୍ଦିକଙ୍କ ମାଂସପେଶୀ ଟାଣି ହୋଇ ଯାଇଥିଲା। ପ୍ରଥମେ ସେ ୱେଲ୍ସ ବିପକ୍ଷ ମ୍ୟାଚ୍‌ରୁ ବାଦ୍ ପଡ଼ିଥିଲେ। ମାତ୍ର ସ୍କାନିଂ ପରେ ସେ ସମ୍ପୂର୍ଣ୍ଣ ଟୁର୍ନାମେଣ୍ଟରୁ ବାଦ୍ ପଡ଼ିଛନ୍ତି। ରବିବାର ନ୍ୟୁଜିଲାଣ୍ଡ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ କ୍ରସ ଓଭର ମ୍ୟାଚ ରହିଛି। ଏହା ପୂର୍ବରୁ ହାର୍ଦ୍ଦିକ ବାଦ୍ ପଡିଥିବା ବେଳେ ରାଜକୁମାର ପାଲଙ୍କୁ ବଦଳ ଖେଳାଳି ଭାବରେ ସାମିଲ କରାଯାଇଛି। ଏଫ୍ଆଇଏଚ୍ ନିୟମ ଅନୁସାରେ ଯଦି ଜଣେ ଖେଳାଳିଙ୍କ ସ୍ଥାନରେ ଅନ୍ୟ ଖେଳାଳିଙ୍କୁ ସାମିଲ କରାଯାଉଛି ତେବେ ପରେ ସେ ସୁସ୍ଥ ହେଲେ ମଧ୍ୟ ମ୍ୟାଚ୍ ଖେଳିବାକୁ ଦଳରେ ସାମିଲ ହୋଇପାରିବେନାହିଁ। ଭାରତୀୟ ଦଳର ମୁଖ୍ୟ କୋଚ୍ ଗ୍ରାହାମ ରିଡ୍ ହାର୍ଦ୍ଦିକଙ୍କ ସମ୍ପର୍କରେ ସୂଚନା ଦେଇଛନ୍ତି। ଦଳ ରାତାରାତି ଏହି ପରିବର୍ତ୍ତନ ସହିତ ଖାପ ଖୁଆଇବାକୁ ପ୍ରୟାସ କରିବ। ଆଘାତ ସମସ୍ୟା ଏତେଟା ଜଟିଳ ହୋଇନଥିଲେ ମଧ୍ୟ ଦଳ ପାଖରେ ସମୟ ନାହିଁ ବୋଲି କହିଛନ୍ତି ରିଡ୍। କେବଳ ଦଳ ପାଇଁ ନୁହେଁ ଏହା ହାର୍ଦ୍ଦିକଙ୍କ ପାଇଁ ମଧ୍ୟ ନିରାଶାଜନକ ଖବର। ଉଭୟ ସ୍ପେନ୍ ଓ ଇଂଲଣ୍ଡ ବିପକ୍ଷ ମ୍ୟାଚ୍‌ରେ ହାର୍ଦ୍ଦିକଙ୍କ ପ୍ରଦର୍ଶନ ବେଶ୍ ଉଚ୍ଚକୋଟୀର ରହିଥିଲା। ସ୍ପେନ୍ ବିପକ୍ଷରେ ଭାରତର ୨-୦ ବିଜୟରେ ହାର୍ଦ୍ଦିକ ଚମତ୍କାର ପ୍ରଦର୍ଶନ ସହିତ ଗୋଟିଏ ଗୋଲ ସ୍କୋର କରିଥିଲେ। ତେବେ ରାଜକୁମାରଙ୍କ ପରି ଖେଳାଳି ଦଳ ସହିତ ଯୋଗ ଦେଇଥିବାରୁ ଏହା ଆମ ପାଇଁ ଖୁସିର ଖବର ବୋଲି କହିଛନ୍ତି ରିଡ୍। ପୁଲ୍ ଡିରେ ଭାରତ ପଏଣ୍ଟ ଟେବଲରେ ଦ୍ୱିତୀୟ ସ୍ଥାନରେ ରହିବା କାରଣରୁ ଭାରତ କ୍ରସ୍ ବେଳେ କ୍ରସ୍ ଓଭର ମ୍ୟାଚ ଖେଳିବ।



# ହକି ସୁନ୍ଦରଗଡ଼ର ସ୍ପନ୍ଦନ

ସମୃଦ୍ଧ ଜନଜାତି ପରମ୍ପରା, ନୈସର୍ଗିକ ପ୍ରାକୃତିକ ସୌନ୍ଦର୍ଯ୍ୟ, ଖଣିଜ ସମ୍ପଦରେ ରତ୍ନଗର୍ଭା, ଆଦିମାନବଙ୍କ ଐତିହ୍ୟର ସ୍ୱାକ୍ଷର ବହନ କରୁଥିବା ଓଡ଼ିଶାର ଉପାନ୍ତରେ ଅବସ୍ଥିତ ସୁନ୍ଦରଗଡ଼ ଜିଲା। ଜନଜାତିଙ୍କ ଜିଲା ଭାବେ ସ୍ୱୀକୃତ ସୁନ୍ଦରଗଡ଼ ସମ୍ପ୍ରତି ବିଶ୍ୱ କ୍ରୀଡା ମାନଚିତ୍ରରେ ଏକ ସ୍ୱତନ୍ତ୍ର ଗୌରବର ଅଧିକାରୀ। ପ୍ରାକୃତିକ ପରିବେଶ ମଧ୍ୟରେ ବସବାସ କରୁଥିବା ପ୍ରକୃତିର ଉପାସକ ଜନଜାତି ଗୋଷ୍ଠୀଙ୍କ ସାଂସ୍କୃତିକ ଭାବଧାରା ବେଶ୍ ସମୃଦ୍ଧ। ସରଳ, କର୍ମଠ ଏହି ଜିଲାର ଜନଜାତିଙ୍କ ଜୀବନଶୈଳୀକୁ ଅନୁଧ୍ୟାନ କଲେ ଜଣାଯାଏ ଯେ କ୍ରୀଡ଼ା କ୍ଷେତ୍ରରେ ଏମାନେ ବେଶ୍ ସକ୍ରିୟ। ବିଶେଷତଃ ହକି ଖେଳରେ ଏମାନଙ୍କର ପାରଦର୍ଶିତା ଓ ଦକ୍ଷତା କେବଳ ଜିଲା ମଧ୍ୟରେ ସୀମିତ ନ ରହି ରାଜ୍ୟ, ଦେଶ ଏବଂ ଅନ୍ତର୍ଜାତୀୟ ସ୍ତରରେ ଜିଲାର ମର୍ଯ୍ୟାଦାକୁ ବୃଦ୍ଧି କରିବାରେ ସହାୟକ ହୋଇଛି।

ଭାରତରେ ବ୍ରିଟିଶ ଶାସନ ସହିତ ହକି ଖେଳ ଆରମ୍ଭ ହୋଇଥିବା କୁହାଯାଏ। ଏହା ଏକ ପ୍ରାଚୀନ କ୍ରୀଡ଼ା। ୧୮୫୦ରେ ଭାରତୀୟ ସେନାରେ ଏହି ଖେଳ ପ୍ରଥମେ ପ୍ରବେଶ କରିଥିଲା। ୧୯୨୫ରେ ହକି ଫେଡେରେଶନ ଭାରତରେ ଗଠିତ ହୋଇଥିଲା। ଏହାପରେ ଭାରତ ଅନ୍ତର୍ଜାତୀୟ ହକି ଫେଡେରେଶନର ସଦସ୍ୟତା ପାଇଁ ଆବେଦନ କରିଥିଲା। ସୁନ୍ଦରଗଡ଼ ଜିଲାରେ ବ୍ରିଟିଶ ଶାସନ ସମୟରେ ଖ୍ରୀଷ୍ଟିଆନ ମିଶନାରିଙ୍କ ଆଗମନ ସହିତ ଏହି ଖେଳ ଆରମ୍ଭ ହୋଇଥିବା ଜଣାଯାଏ। ଏହି ଜିଲାର ଅପହଞ୍ଚ ଅଞ୍ଚଳରେ ଖ୍ରୀଷ୍ଟିଆନ ମିଶନାରିମାନେ ପ୍ରବେଶ କରି ଜନଜାତି ସମ୍ପ୍ରଦାୟର ଶୈକ୍ଷିକ ବିକାଶ ସହିତ ସାଂସ୍କୃତିକ ବିକାଶର ପ୍ରଚେଷ୍ଟାର ଫଳସ୍ୱରୂପ ଜନଜାତି ପରମ୍ପରାରେ ପ୍ରବେଶ କରିଥିଲା ହକିଖେଳ। ୧୯୨୫ରୁ ୨୦୨୩ ଏକ ଶତାବ୍ଦୀର ସ୍ୱର୍ଣ୍ଣିମ ଯାତ୍ରା ଅବସରରେ ହକି ଖେଳ ଅନ୍ତର୍ଜାତୀୟ କ୍ରୀଡ଼ା କ୍ଷେତ୍ରରେ, ବିଶ୍ୱ କ୍ରୀଡ଼ା ମହାକୁମ୍ଭ ଅଲିମ୍ପିକ୍ସରେ ବିଜୟର ଉଜ୍ଜ୍ୱଳ କୀର୍ତ୍ତିସ୍ତମ୍ଭ ସ୍ଥାପନ କରି ସ୍ୱାଧୀନ ଭାରତବର୍ଷର ଜାତୀୟ କ୍ରୀଡ଼ା ମର୍ଯ୍ୟାଦାର ଅଧିକାରୀ ହୋଇପାରିଛି।

ଭାରତରେ ହକି ଖେଳର ସ୍ୱର୍ଣ୍ଣିମ ଐତିହ୍ୟକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, ୧୯୨୭ରେ ଭାରତ ଅନ୍ତର୍ଜାତୀୟ ହକି ଫେଡେରେଶନର ସଦସ୍ୟତା ଯୋଗ୍ୟତା ହାସଲ ପରେ ପ୍ରଥମ ଅଣୟୁରୋପୀୟ ହକି ଟିମ୍ ଭାବେ ୧୯୨୮ରେ ବିଶ୍ୱକ୍ରୀଡ଼ା ମହାକୁମ୍ଭ ଅଲିମ୍ପିକ କ୍ରୀଡ଼ାରେ ଅଂଶଗ୍ରହଣ କରି ସ୍ୱର୍ଣ୍ଣପଦକ ଜିତି ସମଗ୍ର ବିଶ୍ୱକୁ ଚମତ୍କୃତ କରିପାରିଥିଲା। ୧୯୨୮ରେ ବ୍ରିଟିଶ ଶାସନ ଅଧୀନ ଭାରତବର୍ଷର ଏହି ହକି ଟିମ୍ ବ୍ରିଟିଶ ଇଣ୍ଡିଆ ଟିମ୍ ଭାବେ ନାମିତ ହୋଇଥିଲେ ମଧ୍ୟ ଏହାର ଅଧିନାୟକ ଭାବେ ଏହି ସ୍ୱର୍ଣ୍ଣିମ ଗୌରବର ପ୍ରତିଷ୍ଠାତା ଥିଲେ କୃତବିଦ୍ୟ ଜନଜାତି କ୍ରୀଡ଼ାବିତ୍ ଜୟପାଲ ସିଂ ମୁଣ୍ଡା। ୧୯୦୩ ଜାନୁୟାରୀ ୩ରେ ଝାଡଖଣ୍ଡର ରାଞ୍ଚି ନିକଟବର୍ତ୍ତୀ ଖୁଣ୍ଟି ସବ୍‌ଡିଭିଜନର ପାହାଣଟୋଲି ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ। ଅକ୍ସଫୋର୍ଡ ୟୁନିଭର୍ସିଟିରେ ଅଧ୍ୟୟନ କରୁଥିବା ବେଳେ ସେ ଭାରତୀୟ ହକି ଟିମ୍‌ର ସଦସ୍ୟତା ଗ୍ରହଣ କରିଥିଲେ। ୧୯୨୮ରେ ଇଂଲଣ୍ଡରେ ହିଁ ସେ ଭାରତୀୟ ହକି ଟିମ୍‌ର ଅଧିନାୟକ ଭାବେ ମନୋନୀତ ହୋଇଥିଲେ। ଆମଷ୍ଟରଡାମ୍‌ରେ ଅନୁଷ୍ଠିତ ହୋଇଥିଲା ଗ୍ରୀଷ୍ମକାଳୀନ ଅଲିମ୍ପିକ କ୍ରୀଡ଼ା। ଏହି କ୍ରୀଡ଼ାରେ ହଲାଣ୍ଡକୁ ପରାସ୍ତ କରି ଭାରତ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲା। ୧୯୩୨ରେ ଲସ୍‌ଏଞ୍ଜେଲ୍ସରେ ଅନୁଷ୍ଠିତ ଅଲିମ୍ପିକ୍ସରେ ଜାପାନକୁ ହରାଇ ସୟେଦ ଲାଲଶାହା ବୁଖାରୀଙ୍କ ଅଧିନାୟକତ୍ୱରେ ଭାରତ ଦ୍ୱିତୀୟ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲା। ୧୯୩୬ରେ ବର୍ଲିନ୍‌ରେ ଅନୁଷ୍ଠିତ ଅଲିମ୍ପିକ କ୍ରୀଡ଼ାରେ ଭାରତ ହକି କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ନେତୃତ୍ୱରେ ଜର୍ମାନୀକୁ ପରାସ୍ତ କରି ସ୍ୱର୍ଣ୍ଣପଦକ ହାସଲ କରିଥିଲା। ୧୯୪୮ ଅଲିମ୍ପିକ ଥିଲା ଭାରତ ପାଇଁ ଅବିସ୍ମରଣୀୟ ଓ ଗୌରବମୟ। କାରଣ ସ୍ୱାଧୀନ ଭାରତର ପ୍ରତିନିଧିତ୍ୱ କରିଥିଲା ଭାରତୀୟ ହକି ଟିମ୍। ଲଣ୍ଡନଠାରେ ନିଜ ମାଟିରେ ଇଂଲଣ୍ଡ ପରାଜୟ ବରଣ କରିଥିବା ବେଳେ କିଶନଲାଲଙ୍କ ଅଧିନାୟକତ୍ୱରେ ଭାରତର ଗୌରବପୂର୍ଣ୍ଣ ବିଜୟ ସମଗ୍ର ଦେଶବାସୀଙ୍କ ସ୍ୱାଧୀନତା ପ୍ରାପ୍ତିର ଆନନ୍ଦକୁ ଦ୍ୱିଗୁଣିତ କରିପାରିଥିଲା। ୧୯୫୨ରେ କୁଅଁର ଦିଗ୍‌ବିଜୟସିଂଙ୍କ ଅଧିନାୟକତ୍ୱରେ ହେଲସିଙ୍କଠାରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲା। ୧୯୫୬ ଅଲିମ୍ପିକ୍ସରେ ବଲବୀର ସିଂଙ୍କ ନେତୃତ୍ୱରେ ପାକିସ୍ତାନକୁ ହରାଇ ଭାରତ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲା। ସ୍ୱାଧୀନ ଭାରତର ଏହା ଥିଲା ହ୍ୟାଟ୍ରିକ ବିଜୟ।

ଅଲିମ୍ପିକ୍ସରେ ସଫଳତା ପରେ ସୁନ୍ଦରଗଡ଼ ଜିଲାର ଜନଜାତି ସମ୍ପ୍ରଦାୟ ମଧ୍ୟରେ ଏହି କ୍ରୀଡା କ୍ରମଶଃ ଲୋକପ୍ରିୟତା ହାସଲ କରିବାକୁ ଲାଗିଲା। ଜନଜାତି ଗ୍ରାମଗୁଡିକରେ ଏହି ଖେଳର ଆଦର ବଢ଼ିଲା। ଫଳରେ ଗ୍ରାମ-ଗ୍ରାମ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ହକି ପ୍ରତିଯୋଗିତା ମାଧ୍ୟମରେ ମୂଳଦୁଆ ପଡ଼ିଲା। କ୍ରମଶଃ ସୁନ୍ଦରଗଡ ଜନଜାତିଙ୍କ ମଧ୍ୟରେ ଏହାର ଲୋକପ୍ରିୟତା ବୃଦ୍ଧି ପାଇ ଏହି ମାଟିର ହକି ପ୍ରତିଭା ଅନ୍ତର୍ଜାତୀୟ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା। ସୁନ୍ଦରଗଡ ଜିଲା ସଉନାମୁରା ଗ୍ରାମର ବିଶିଷ୍ଟ ହକି ତାରକା ପଦ୍ମଶ୍ରୀ ଦିଲୀପ ତିର୍କୀ ୨୦୦୪ରେ ଏଥେନ୍ସ ଅଲିମ୍ପିକ୍ସରେ ଭାରତୀୟ ଦଳର ନେତୃତ୍ୱ ନେଇଥିଲେ। ୧୯୯୮ରେ ପୁରୁଷ ବିଶ୍ୱକପ୍ ହକିରେ ଓଡ଼ିଆଙ୍କ ଅଂଶଗ୍ରହଣ ଆରମ୍ଭ ହୋଇଥିଲା। ଓଡ଼ିଶାର ସୁନ୍ଦରଗଡ ଜିଲା ହକି ଖେଳର ଅତୁଳନୀୟ ଯଥାର୍ଥତାକୁ ପ୍ରତିପାଦିତ କରିପାରିଛି। ହକି ହବ୍ ଭାବେ ବିଶ୍ୱ ଦରବାରରେ ପ୍ରସିଦ୍ଧି ହାସଲ କରିଥିବା ଏହି ଜିଲାର ହକି ଖେଳାଳି ଦିଲୀପ ତିର୍କୀ, ଲାଜରୁସ ବାର୍ଲା ଏବଂ ପରେ ଇଗ୍ନେସ ତିର୍କୀ, ପ୍ରବୋଧ ତିର୍କୀ ମଧ୍ୟ ବିଶ୍ୱକପ୍ ମ୍ୟାଚ ଖେଳିଛନ୍ତି। ହକିର ଏକ ଶତାବ୍ଦୀର ସ୍ୱର୍ଣ୍ଣିମ ଐତିହ୍ୟକୁ ଅନୁଧ୍ୟାନ କଲେ ଜଣାଯାଏ ଓଡ଼ିଶାର ଏକମାତ୍ର ଜିଲା ସୁନ୍ଦରଗଡରୁ ପ୍ରାୟତଃ ୮୫ ଖେଳାଳି ଅଲିମ୍ପିକ, ବିଶ୍ୱକପ୍ ଏବଂ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟଗୁଡ଼ିକରେ ଅଂଶଗ୍ରହଣ କରିଛନ୍ତି।

ଓଡ଼ିଶାରେ ଆୟୋଜିତ ୨୦୧୮ ବିଶ୍ୱକପ୍ ହକିରେ ସୁନ୍ଦରଗଡ ଜିଲାର ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସ ଅଂଶଗ୍ରହଣ କରିବା ସହିତ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ହକି ଦଳର ସଦସ୍ୟ ରହି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଏହି ଜିଲାର କେବଳ ଯେ ପୁରୁଷ ଖେଳାଳି ହକି ଖେଳି ଅନ୍ତର୍ଜାତୀୟ ସ୍ତରରେ ଜିଲାର ଗରିମାକୁ ବୃଦ୍ଧି କରିଛନ୍ତି ତାହା ନୁହେଁ, ମହିଳା ଖେଳାଳିମାନେ ମଧ୍ୟ ହକିରେ ଦେଶର ପ୍ରତିନିଧିତ୍ୱ କରି ଜିଲା ପାଇଁ ଗୌରବ ଆଣିଛନ୍ତି। ଏହି ଜିଲାର ମହିଳା ଖେଳାଳି ସୁଭଦ୍ରା ପ୍ରଧାନ, ଜ୍ୟୋତି ସୁନୀଲା କୁଲୁ, ବିନିତା ଟପ୍ପୋ, ମୁକ୍ତାପ୍ରଭା ବାର୍ଲା, ଦୀପଗ୍ରେସ୍ ଏକ୍କା, ନମିତା ଟପ୍ପୋ, ସୁନିତା ଲାକ୍ରା, ଲିଲିମା ମିଞ୍ଜ ପ୍ରମୁଖ ନିଜର ପ୍ରଦର୍ଶନ ଜରିଆରେ ଦେଶକୁ ଗୌରବାନ୍ୱିତ କରିଛନ୍ତି। ଏହା ଜିଲାର ହକି ଖେଳ ପ୍ରତି ସମର୍ପିତ ଭାବନାର ଚରମ ନିଦର୍ଶନ। ୨୦୧୮ରେ ବିଶ୍ୱକପ୍‌ର ସଫଳ ଆୟୋଜକ ଓଡ଼ିଶା ଏବେ ୨୦୨୩ର ପୁରୁଷ ହକି ବିଶ୍ୱକପ୍ ଆୟୋଜନ କରିଛି। ସୁନ୍ଦରଗଡ଼ ଜିଲାର ହକି ଖେଳାଳିଙ୍କ ଖେଳ ପ୍ରତି ଅବଦାନର ଫଳଶ୍ରୁତି ସ୍ୱରୂପ ଓଡ଼ିଶା ସରକାରଙ୍କ ପକ୍ଷରୁ ରାଉରକେଲାରେ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ହୋଇଛି ବୀର ବିର୍ସା ମୁଣ୍ଡା ଷ୍ଟାଡିୟମ। ହକି ଖେଳ ପ୍ରତି ସମସ୍ତଙ୍କ ଉତ୍ସାହ ଓ ଉଦ୍ଦୀପନା ଏହି କ୍ରୀଡ଼ାର ହୃତଗୌରବ ଫେରାଇ ଆଣିବ ବୋଲି ଆତ୍ମପ୍ରତ୍ୟୟ ଜାଗ୍ରତ ହୋଇଛି। ଏହି ଜିଲାର ୨ ଉଦୀୟମାନ ଖେଳାଳି ଅମିତ ରୋହିଦାସ ଓ ନୀଲମ ସଞ୍ଜୀପ ଖେସ ସମ୍ପ୍ରତି ବିଶ୍ୱକପ୍‌ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି। ସୁନ୍ଦରଗଡର ହକି କ୍ରୀଡ଼ାର ଗରିମାକୁ ବୃଦ୍ଧିମନ୍ତ କରି ପୁରୁଷ ହକି ଟିମ୍‌ରେ ଅମିତ ରୋହିଦାସ ଉପ-ଅଧିନାୟକ ଓ ମହିଳା ଦଳରେ ଦୀପ୍‌ଗ୍ରେସ ଏକ୍କା ଉପ-ଅଧିନାୟିକା ରହିଛନ୍ତି। ୧୯୭୫ରେ ଭାରତ ବିଶ୍ୱକପ୍ ହକିର ବିଜେତା ହୋଇଥିବା ବେଳେ ୪୭ ବର୍ଷ ହେବ ପଦକ ଲାଭରୁ ବଞ୍ଚିତ ହୋଇଛି। ଚଳିତ ବିଶ୍ୱକପ୍ ହକିରେ ଭାରତ ବିଜୟ ହାସଲ କରୁ ଏହା ପ୍ରତ୍ୟେକ ଭାରତୀୟଙ୍କ କାମନା।

**ଉପସ୍ଥାପନା: ଜୟନାରାୟଣ ମେଣ୍ଡୁଲି**

# ଆମ ଉପରେ ଚାପ ରହିବ: ରିଡ୍

ଭୁବନେଶ୍ୱର, ୨୧।୧ (କ୍ରୀଡ଼ା ପ୍ରତିନିଧି)

ହକି ବିଶ୍ୱକପର କ୍ରସ୍ ଓଭରରେ ଭାରତ ରବିବାର ନ୍ୟୁଜିଲାଣ୍ଡକୁ ଭେଟିବ। ବିଶ୍ୱ ର୍ୟାଙ୍କିଙ୍ଗରେ ଭାରତ ୬ ଓ ନ୍ୟୁଜିଲାଣ୍ଡ ୧୨ ନମ୍ବରରେ ରହିଛି। ଭାରତ ଘରୋଇ ପରିବେଶରେ ବିଶ୍ୱକପ ଖେଳୁଥିବାବେଳେ ନ୍ୟୁଜିଲାଣ୍ଡ ବାହାର ପରିବେଶରେ ଶ୍ରେଷ୍ଠ ପ୍ରଦର୍ଶନପାଇଁ ପ୍ରତିଶ୍ରୁତିବଦ୍ଧ। ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଯେଉଁ ଦଳ ବିଜୟୀ ହେବ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବ। ତେଣୁ ଏହି ମ୍ୟାଚପାଇଁ ନ୍ୟୁଜିଲାଣ୍ଡ ଅପେକ୍ଷା ଭାରତ ଉପରେ ଚାପ ରହିବ। ଏହା ସ୍ୱିକାର କରିଛନ୍ତି ଭାରତୀୟ ଦଳର ମୁଖ୍ୟ କୋଚ୍ ଗ୍ରାହାମ ରିଡ୍। ''ନ୍ୟୁଜିଲାଣ୍ଡ ହାରିଲେ ବିଶେଷ କିଛି ହରାଇବାର ନାହିଁ, ମାତ୍ର ଭାରତ ହାରିଲେ ଘରୋଇ ପରିବେଶରେ ଅନେକ କିଛି ହରାଇବ। ତେଣୁ ଆମ ଉପରେ ଚାପ ରହିବ'' ବୋଲି ଶନିବାର ଅନୁଷ୍ଠିତ ମ୍ୟାଚ ପୂର୍ବ ଖବରଦାତା ସମ୍ମିଳନୀରେ ରିଡ୍ ପ୍ରକାଶ କରିଛନ୍ତି। ୱେଲ୍ସ ବିପକ୍ଷ ଅନ୍ତିମ ଲିଗ୍ ମ୍ୟାଚରେ ଭାରତ ଦକ୍ଷତା ଅନୁରୂପ ପ୍ରଦର୍ଶନ କରିପାରି ନ ଥିଲା। ମାତ୍ର ଆଗାମୀ ମ୍ୟାଚରେ ଏହାର ପୁନରାବୃତ୍ତି ହେବନାହିଁ ବୋଲି ରିଡ୍ ଆଶା କରିଛନ୍ତି। ''ଜଣେ ଅଷ୍ଟ୍ରେଲୀୟ ଭାବେ ମୁଁ ଜାଣିଛି ଯେ ନ୍ୟୁଜିଲାଣ୍ଡ ସବୁବେଳେ ଏକ କଷ୍ଟସାଧ୍ୟ ପ୍ରତିଦ୍ୱନ୍ଦ୍ୱୀ। ଆମେ ଏହି ଦଳକୁ ସମ୍ମାନ କରିବା ଉଚିତ। ମାତ୍ର ଆମେ ଯେଉଁଦିନ ଶ୍ରେଷ୍ଠ ପ୍ରଦର୍ଶନ କରିବୁ ବିଶ୍ୱର ଯେ କୌଣସି ଦଳକୁ ହରାଇ ପାରିବୁ'' ବୋଲି ରିଡ୍ କହିଛନ୍ତି।

କିଛି ମାସ ପୂର୍ବରୁ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରୋ-ଲିଗ୍ ମ୍ୟାଚରେ ଭାରତ ୨ ଥର ନ୍ୟୁଜିଲାଣ୍ଡକୁ ପରାସ୍ତ କରିଥିଲା। ତେଣୁ ଏହି ଅଭିଜ୍ଞତା ଭାରତୀୟ ଖେଳାଳିଙ୍କ କାମରେ ଆସିବ ବୋଲି ରିଡ୍ ଆଶା ରଖିଛନ୍ତି। ଅନ୍ୟପକ୍ଷରେ ପୂର୍ବ ମ୍ୟାଚ ଗୁଡ଼ିକରେ କରିଥିବା ତ୍ରୁଟିରୁ ଦଳ ଅନେକ କିଛି ଶିକ୍ଷା କରିଛି। ଏହାର ଯେପରି ପୁନରାବୃତ୍ତି ନ ହେବ ସେଥିପ୍ରତି ଦୃଷ୍ଟିଦେବୁ। ଏପରିକି ହାଫ୍ ଚାନ୍ସକୁ ଚାନ୍ସରେ ପରିଣତ କରି ଗୋଲ ସ୍କୋର କରିବାକୁ ଚେଷ୍ଟା କରିବୁ ବୋଲି ଅଧିନାୟକ ହରମନପ୍ରୀତ ସିଂ ପ୍ରକାଶ କରିଛନ୍ତି। ''ଆମେ ଆରମ୍ଭରୁ ନ୍ୟୁଜିଲାଣ୍ଡ ଉପରେ ଚାପ ପକାଇବାକୁ ଚେଷ୍ଟା କରିବୁ। ଯଦି ଆମେ ତାହା କରିପାରିବୁ ତେବେ ଅଧିକରୁ ଅଧିକ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିପାରିବୁ। ଫଳରେ ଯଥାଶୀଘ୍ର ଗୋଲ ସ୍କୋର କରିପାରିବୁ'' ବୋଲି ହରମନପ୍ରୀତ କହିଛନ୍ତି।




କଳିଙ୍ଗ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭାରତୀୟ କୋଚ୍ ଗ୍ରାହାମ ରିଡ୍ ଓ ଅଧିନାୟକ ହରମନପ୍ରୀତ ସିଂ।

# ସିରିଜ ଜିତିଲା ଭାରତ



ଉଇକେଟ ନେବା ପରେ ଉଲ୍ଲସିତ ମହମ୍ମଦ ଶାମି।

**ରାୟପୁର,୨୧।୧(ପି.ଟି.)**

ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚକୁ ୮ ଉଇକେଟରେ ଜିତିନେଇଛି ଭାରତ। ଲଗାତର ଦ୍ୱିତୀୟ ମ୍ୟାଚ ଜିତିବା ସହିତ ୩ ମ୍ୟାଚ ବିଶିଷ୍ଟ ସିରିଜକୁ ଆଗୁଆ ଜିତିନେଇଛି ଭାରତ। ଫଳରେ ଇନ୍ଦୋରରେ ଖେଳାଯିବାକୁ ଥିବା ତୃତୀୟ ମ୍ୟାଚଟି ଗୁରୁତ୍ୱହୀନ ହୋଇପଡିଛି। ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ମାତ୍ର ୧୦୮ ରନ୍‌ରେ ସୀମିତ ରହିଥିବା ବେଳେ ଭାରତ ୨୦.୧ ଓଭରରେ ୨ ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ନେଇଥିଲା। ଭାରତ ପକ୍ଷରୁ ମହମ୍ମଦ ଶାମି ଘାତକ ବୋଲିଂ କରି ୩ ଉଇକେଟ ନେଇଥିବା ବେଳେ ଅଧିନାୟକ ରୋହିତ ଶର୍ମା ୫୧ ରନ୍ କରିଥିଲେ।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ଭାରତୀୟ ବୋଲରଙ୍କ ମୁକାବିଲା କରିବାରେ ବିଫଳ ହୋଇଥିଲା। ପ୍ରଥମ ଘଣ୍ଟାରେ ରାୟପୁର ପିଚ୍ ବୋଲିଂ ସହାୟକ ରହିଥିଲା। ମହମ୍ମଦ ଶାମିଙ୍କ ନେତୃତ୍ୱରେ ଭାରତୀୟ ବୋଲର ଅଗ୍ନିବର୍ଷୀ ବୋଲିଂ କରିଥିବା ବେଳେ କିୱି ଦଳ ୧୫ ରନରେ ୫ ଜଣ ଟପ୍ ଅର୍ଡର ବ୍ୟାଟରଙ୍କୁ ହରାଇଥିଲା। ଟପ୍-୫ ମଧ୍ୟରେ ଜଣେ ବି ଖେଳାଳି ଦୁଇ ଅଙ୍କ ଛୁଇଁବାରେ ଅସମର୍ଥ ରହିଥିଲେ। ଉଇକେଟକିପର ଗ୍ଲେନ୍ ଫିଲିପ୍ସ ଦଳ ପକ୍ଷରୁ ସର୍ବାଧିକ ୩୬ ରନ୍ କରିଥିଲେ। ଫିଲିପ୍ସ ଓ ଗତ ମ୍ୟାଚରେ ଶତକ ହାସଲକାରୀ ମାଇକେଲ ବ୍ରେସ୍‌ୱେଲ(୨୨)ଙ୍କ ମଧ୍ୟରେ ଷଷ୍ଠ ଉଇକେଟରେ ୪୧ ରନର ପାର୍ଟନରଶିପ୍ ହୋଇଥିଲା। ପ୍ରଥମ ସ୍ପେଲ୍‌ରେ ଦୁଇ ଉଇକେଟ ନେଇଥିବା ଶାମି ଦ୍ୱିତୀୟ ସ୍ପେଲ୍‌ରେ ଏକ ଶର୍ଟ ବଲରେ ବ୍ରେସ୍‌ୱେଲଙ୍କୁ ଆଉଟ କରିଥିଲେ। ଏହାପରେ ସପ୍ତମ ଉଇକେଟରେ ମିଚେଲ

## ଦ୍ୱିତୀୟ ଦିନିକିଆ

ସାଣ୍ଟନର(୨୭) ଓ ଗ୍ଲେନ ଫିଲିପ୍ସ ଯୋଡିଥିଲେ ୪୭ ରନ୍। ଏହି ୩ ଖେଳାଳିଙ୍କ ବ୍ୟତୀତ କେହି ବି ଦୁଇ ଅଙ୍କ ଛୁଇଁପାରି ନ ଥିଲେ। ସାଣ୍ଟନରଙ୍କୁ ଆଉଟ କରି ହାର୍ଦ୍ଦିକ ପାଣ୍ଡ୍ୟା ଏହି ଭାଗୀଦାରି ଶେଷ କରିଥିଲେ। ପରବର୍ତ୍ତୀ ଓଭରରେ ବଡ ଶଟ୍ ଖେଳିବାକୁ ଯାଇ ସୁନ୍ଦରଙ୍କ ବଲରେ ଫିଲିପ୍ସ ଆଉଟ ହେବା ସହିତ ଅନ୍ତିମ ୫ ଉଇକେଟ ୫ ରନରେ ହରାଇଥିଲା ନ୍ୟୁଜିଲାଣ୍ଡ। ଭାରତ ପକ୍ଷରୁ ମହମ୍ମଦ ଶାମି ୧୮ ରନରେ ୩ ଉଇକେଟ ନେଇଥିବା ବେଳେ ହାର୍ଦ୍ଦିକ୍ ପାଣ୍ଡ୍ୟା ଓ ୱାଶିଂଟନ୍ ସୁନ୍ଦର ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶାର୍ଦ୍ଦୂଳ ଠାକୁର, ମହମ୍ମଦ ସିରାଜ ଓ କୁଲଦୀପ ଯାଦବ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୦୯ ରନ୍ ଜବାବରେ ଦୁଇ ଭାରତୀୟ ଓପନର ପ୍ରଥମ ଉଇକେଟରେ ଯୋଡିଥିଲେ ୭୨ ରନ୍। ଅଧିନାୟକ ରୋହିତ ଶର୍ମା ୫୦ ବଲରୁ ୫୧ ରନ୍ କରି ଶିପ୍‌ଲିଙ୍କ ବଲରେ ଲେଗ୍ ବିଫୋର ହୋଇଥିଲେ। ଏହି ଇନିଂସରେ ୭ ଚୌକା ଓ ୨ ଛକା ସାମିଲ ଥିଲା। ବିରାଟ କୋହଲି ୧୧ ରନ୍ କରି ଷ୍ଟମ୍ପ ଆଉଟ ହୋଇଥିବା ବେଳେ ଶୁବମନ ଗିଲ୍(୪୦) ଓ ଇଶାନ କିଶନ(୯) ଦଳକୁ ବିଜୟୀ କରିଥିଲେ। ଗତ ମ୍ୟାଚର ଦ୍ୱିଶତକ ହାସଲକାରୀ ଗିଲ୍ ୫୩ ବଲ୍ ଖେଳି ୬ ଚୌକା ମାରିଥିଲେ। ଘାତକ ବୋଲିଂ ପାଇଁ ଶାମିଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ଘୋଷଣା କରାଯାଇଥିଲା।

### ସଂକ୍ଷିପ୍ତ ସ୍କୋର

**ନ୍ୟୁଜିଲାଣ୍ଡ:** ନ୍ୟୁଜିଲାଣ୍ଡ ୩୪.୩ ଓଭରରେ ୧୦୮/୧୦ (ଗ୍ଲେନ୍ ଫିଲିପ୍ସ-୩୬, ମିଚେଲ ସାଣ୍ଟନର-୨୭, ମାଇକେଲ ବ୍ରେସ୍‌ୱେଲ-୨୨, ମହମ୍ମଦ ଶାମି-୩/୧୮, ୱାଶିଂଟନ୍ ସୁନ୍ଦର-୨/୭, ହାର୍ଦ୍ଦିକ୍ ପାଣ୍ଡ୍ୟା-୨/୧୬)।

**ଭାରତ:** ୨୦.୧ ଓଭରରେ ୧୧୧/୨ (ରୋହିତ ଶର୍ମା-୫୧, ଶୁବମନ ଗିଲ୍-୪୦*, ବିରାଟ କୋହଲି-୧୧, ହେନ୍‌ରୀ ଶିପ୍‌ଲୀ-୧/୨୯, ମିଚେଲ ସାଣ୍ଟନର-୧/୨୮)।










1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ